# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, November 14/2023 | Page 18 | ₹ 7.00

୪୯ଶ ଭାଗ ୩୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 348 | ମୂଲ୍ୟ ₹୭/-




ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ନଭେମ୍ବର , ୨୦୨୩

## ସ୍ତ୍ରୀ ନୱାଜଙ୍କଠାରୁ ଅଲଗା ହେଲେ ଗୌତମ ସିଙ୍ଘାଣିଆ



ଅରବପତି ଗୌତମ ସିଙ୍ଘାଣିଆ ସୋମବାର ତାଙ୍କ ସ୍ତ୍ରୀ ନୱାଜଙ୍କ ସହ ବିବାହ ବିଚ୍ଛେଦ କରିଥିବା ଘୋଷଣା କରିଛନ୍ତି। ଦୁହେଁ ଅଲଗା ଅଲଗା ବାଟରେ ଯିବା ପାଇଁ ନିଷ୍ପତ୍ତି ନେଇଥିବା ୫୮ ବର୍ଷୀୟ ସିଙ୍ଘାଣିଆ କହିଛନ୍ତି। ଟେକ୍ସଟାଇଲରୁ ରିଅଲ ଇଷ୍ଟେଟ୍ ଶିଳ୍ପପୁଞ୍ଜ ରେମଣ୍ଡ ଲିଃର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସିଙ୍ଘାଣିଆ ୧୯୯୯ରେ ସଲିସିଟର ନାଦର ମୋଦିଙ୍କ ଝିଅ ନୱାଜ ମୋଦିଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ସେମାନେ ୮ ବର୍ଷ ରିଲେଶନରେ ରହିଥିଲେ।





କର୍ଣ୍ଣାଟକର ଉଡୁପି ଜିଲା ଅନ୍ତର୍ଗତ ଗଙ୍ଗୋଲି ବନ୍ଦରରେ ସୋମବାର କେତେକ ବୋଟ୍‌ରେ ନିଆଁ ଲାଗିଯାଇଥିବାବେଳେ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

# ସୁଏଲାଙ୍କୁ ବହିଷ୍କାର କଲେ ସୁନକ୍

## କ୍ୟାବିନେଟ୍‌କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଡାଭିଡ୍‌ଙ୍କ ପ୍ରତ୍ୟାବର୍ତ୍ତନ

**ଲଣ୍ଡନ,୧୩।୧୧**

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ସୋମବାର ତାଙ୍କ କ୍ୟାବିନେଟ୍‌ରୁ ଗୃହମନ୍ତ୍ରୀ ସୁଏଲା ବ୍ରେଭରମ୍ୟାନ୍‌ଙ୍କୁ ବହିଷ୍କାର କରିଛନ୍ତି। ତାଙ୍କ ସ୍ଥାନରେ ଜେମ୍ସ କ୍ଲେଭର୍ଲିଙ୍କୁ ଗୃହମନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଡାଭିଡ୍ କାମେରନ୍ ବ୍ରିଟିଶ କ୍ୟାବିନେଟକୁ ଫେରିଛନ୍ତି। ତାଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। ଆସନ୍ତାବର୍ଷ ବ୍ରିଟେନ୍‌ରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ତାହା ପୂର୍ବରୁ ପ୍ରଧାନମନ୍ତ୍ରୀ ସୁନକ ଶ୍ରେଷ୍ଠ ଟିମ୍ ବାଛିଥିବା କୁହାଯାଉଛି। ବ୍ରେକ୍‌ଜିଟ୍ ଉପରେ ଗଣଭୋଟରେ ହାରିଯିବା ପରେ ୫୭ ବର୍ଷୀୟ ଡାଭିଡ୍ ୨୦୧୬ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେହିବର୍ଷ ସେ ଏମ୍‌ପି ପଦରୁ ମଧ୍ୟ ଓହରିଯାଇଥିଲେ। ୨୦୨୧ରେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଯୋଗୁ ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଥିଲା। ଡାଭିଡ୍ ହାଉସ୍ ଅଫ୍ ଲର୍ଡସ୍‌ର ଜୀବନବ୍ୟାପୀ ସଦସ୍ୟ ରହିବେ ବୋଲି ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ଘୋଷଣା କରାଯାଇଛି। ତେଣୁ ହାଉସ୍ ଅଫ୍ ଲର୍ଡସ୍‌ର ସଦସ୍ୟ ଭାବେ ସେ ସରକାରରେ ରହିପାରିବେ।

ସୁଏଲା ଗତ କିଛିଦିନ ହେଲା ଦେଶରେ ପାଲେଷ୍ଟାଇନ୍ ସପକ୍ଷ ବିକ୍ଷୋଭକୁ ନେଇ



ସୁଏଲା ବ୍ରେଭରମ୍ୟାନ୍ ଡାଭିଡ୍ କାମେରନ୍

ବିବାଦୀୟ ମନ୍ତବ୍ୟ ଦେଇ ବିବାଦଘେରକୁ ଆସିଥିଲେ। ତାଙ୍କ ପାଇଁ ସୁନକ୍‌ଙ୍କ ଉପରେ ଚାପ ପଡୁଥିଲା। ଫଳରେ କ୍ୟାବିନେଟ୍‌ରେ ଅଦଳବଦଳ କରିବାକୁ ଯାଇ ସୁନକ୍ ସୁଏଲାଙ୍କୁ ବିଦା କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଜେମ୍ସ କ୍ଲେଭର୍ଲିଙ୍କୁ ନୂଆ ଗୃହମନ୍ତ୍ରୀ କରାଯାଇଛି। ଭାରତୀୟ ବଂଶୋଦ୍ଭବ ସୁଏଲା ଇମିଗ୍ରେଶନକୁ ବିରୋଧ କରି ସବୁବେଳେ ବିବାଦଘେରରେ ରହିଆସିଥିଲେ। ବିବାଦୀୟ ମନ୍ତବ୍ୟ ପାଇଁ ଗତବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ କ୍ୟାବିନେଟ୍‌ରୁ ମଧ୍ୟ ସୁଏଲାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା।

## ସଂକ୍ଷେପରେ

### ହାଇଦ୍ରାବାଦ ବିଲ୍ଡିଂରେ ନିଆଁ: ୯ ମୃତ

**ହାଇଦ୍ରାବାଦ,୧୩।୧୧:** ହାଇଦ୍ରାବାଦର ଏକ ବିଲ୍ଡିଂରେ ସୋମବାର ବ୍ୟାପକ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ବହୁ ମହଲାବିଶିଷ୍ଟ ଉକ୍ତ ଆପାର୍ଟମେଣ୍ଟ କମ୍ପ୍ଲେକ୍ସର ତଳ ମହଲାରେ ଥିବା ତେଲ ଡ୍ରମ୍‌ରେ ନିଆଁ ଲାଗି ପରେ ଅନ୍ୟ ମହଲାକୁ ବ୍ୟାପିଥିଲା। ବିଲ୍ଡିଂରୁ ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଓ ଦ୍ୱିତୀୟ ମହଲାରେ ଭଡ଼ାରେ ରହିଥିଲେ। ତୃତୀୟ ଓ ଚତୁର୍ଥ ମହଲାରେ ଥିବା କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ଆପାର୍ଟମେଣ୍ଟର ମାଲିକ ରମେଶ ଜୟସ୍ୱାଲ ଫେରାର ହୋଇଯାଇଛନ୍ତି। ସେ ତଳ ମହଲାକୁ ଏକ ଗୋଦାମ ଭାବେ ବ୍ୟବହାର କରିବା ସହ ସେଠାରେ ତେଲ ଡ୍ରମ୍ ଗଚ୍ଛିତ କରି ରଖିଥିଲେ।

### ଆଗ୍ରାରେ ମହିଳା କର୍ମଚାରୀଙ୍କୁ ଗଣବଳାତ୍କାର: ୫ ଗିରଫ

**ନୂଆଦିଲ୍ଲୀ,୧୩।୧୧:** ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ଏକ ଷ୍ଟେ ହୋମ୍‌ରେ ରହୁଥିବା ଜଣେ ମହିଳା କର୍ମଚାରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ୍ ବଳାତ୍କାର ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରିଛି। ଅନ୍ୟ ୩ ଜଣ ସନ୍ଦିଗ୍ଧ ଫେରାର ହୋଇଯାଇଥିବା ପୋଲିସ୍ କହିଛି। ବାରମ୍ବାର ମୁଣ୍ଡ ବାଡ଼େଇ କାନ୍ଦୁଥିବା ପୀଡ଼ିତାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତାଙ୍କର ୪ ଜଣ ଛୋଟ ଝିଅ ଥିବାରୁ ତାଙ୍କୁ ବଞ୍ଚାଇ ଦେବାକୁ ସେ ଆକୁଳ ନିବେଦନ କରୁଛନ୍ତି। ରିତୁ, ରିୟା, ଲଳିତା, ସୋନୁ ଏବଂ ବିକ୍ରମଙ୍କ ନାଁ ସେ କହୁଛନ୍ତି, ଯେଉଁମାନେ ବଳାତ୍କାର ସହ ସମ୍ପୃକ୍ତ ଥିଲେ। ସେମାନଙ୍କୁ ଜେଲ ପଠାଇବାକୁ ସେ ଦାବି କରିଛନ୍ତି। ମହିଳା ଜଣକ ଏକ ଗେଷ୍ଟ ହାଉସ୍‌ରେ ୧୮ ମାସ ହେଲା କାମ କରୁଥିଲେ। ଅଭିଯୁକ୍ତମାନେ ତାଙ୍କୁ ଗେଷ୍ଟରୁମ୍‌କୁ ଡାକିନେଇ ବ୍ଲାକ୍‌ମେଲିଂ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

# ଧନୀ-ଗରିବ ଆୟ ବ୍ୟବଧାନ ବଢୁଛି

## ୧୦% ଅତି ଧନୀଙ୍କ ସମ୍ପତ୍ତି ବଢ଼ିଛି

## ଅନ୍ୟମାନେ ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ

**ନୂଆଦିଲ୍ଲୀ,୧୩।୧୧**

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଗତ ଅକ୍ଟୋବରର ଆର୍ଥିକ ରିପୋର୍ଟ ଅନୁଯାୟୀ ପ୍ରଥମତଃ ଘରୋଇ ଚାହିଦା ଓ ଉପଭୋଗ ବଢ଼ିଥିବାରୁ ଭାରତର ଅଭିବୃଦ୍ଧି ସମ୍ଭାବନା ମଜଭୁତ ହୋଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ସରକାରୀ ଭାବେ ସକଳ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ଅଧିକାଂଶ ସ୍ୱାଧୀନ ସଂସ୍ଥା ସମାନ ପୂର୍ବାନୁମାନ କରିଛନ୍ତି। ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତି ବୋଲି ଏହି ରିପୋର୍ଟଗୁଡ଼ିକରେ କୁହାଯାଇଛି। ଚାହିଦା ବଢୁଥିବାର ଏକ ବିଶ୍ୱସନୀୟ ତଥ୍ୟ ଦେଖାଯାଇଛି। ଅକ୍ଟୋବରରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ଦ୍ୱିତୀୟ ସର୍ବାଧିକ। ଗତ କିଛି ମାସ ହେଲା କାର୍ ବିକ୍ରି ଯଥେଷ୍ଟ ବଢ଼ିଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ନିର୍ମାଣ ବାବଦ ଖର୍ଚ୍ଚ ମଧ୍ୟ ସର୍ବାଧିକ ରହିଛି। ଘରୋଇ ସେକ୍ଟରର ପୁଞ୍ଜି ସୃଷ୍ଟି ମଧ୍ୟ ଶୀର୍ଷରେ ରହିଛି।



ତେବେ ବାସ୍ତବ ସ୍ଥିତି ଅନୁଧ୍ୟାନ କଲେ ଦେଖାଯାଉଛି ଯେ, ଚାହିଦାକୁ ନେଇ ଯାହା କୁହାଯାଉଛି, ସେଥିରେ କେତେକ ଦୁର୍ବଳତା ରହିଛି। କାରଣ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଉଚ୍ଚମଧ୍ୟବିତ୍ତ ଆୟକର ଓ ତଦୂର୍ଦ୍ଧ୍ୱ ବର୍ଗଙ୍କ ଉପରେ ଆଧାରିତ। ସମଗ୍ର ଦେଶର ସ୍ଥିତି ସମାନ ନୁହେଁ। କାରଣ ଗ୍ରାମୀଣ ଭାରତ ଏବେ ମାନ୍ଦାବସ୍ଥାରେ ବୁଡ଼ିରହିଛି। ଏପରିକି ସହରାଞ୍ଚଳର କେତେକ ବେତନଭୋଗୀ ଗୋଷ୍ଠୀ ମଧ୍ୟ ମାନ୍ଦାବସ୍ଥାରୁ ବାଦ୍ ପଡ଼ିନାହାନ୍ତି। କୋଭିଡ୍-୧୯ ମହାମାରୀ ପରଠାରୁ ସୁଧାର ଇଂଲିଶ 'କେ' ଆକୃତିର ହୋଇଛି। ଧନୀ ଅଧିକ ଧନୀ ହେଉଥିବାବେଳେ ଗରିବ ଅଧିକରୁ ଅଧିକ ଦାରିଦ୍ର୍ୟ ମଧ୍ୟକୁ ଠେଲିହୋଇଯାଉଛନ୍ତି। ଆକଳନ ଅନୁଯାୟୀ ୨୦୨୬ ବେଳକୁ ଭାରତରେ ଅତି ଧନୀ (ନିୟୁତପତି)ଙ୍କ ସଂଖ୍ୟା ଦୁଇଗୁଣ ହେବା ଆଶା କରାଯାଉଥିବାବେଳେ ବିଳାସ ସାମଗ୍ରୀ ବଜାର ୨୦୩୦ ବେଳକୁ ୩ ଗୁଣା ହେବ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଖାଉଟି ବ୍ୟବହାର ଓ ମଜୁରି ସ୍ଥିର ରହିଛି। ଏପରିକି ଦରଦାମ୍ ବୃଦ୍ଧି (ମୁଦ୍ରାସ୍ଫୀତି) ସହ ତାଳଦେଇ ସହରାଞ୍ଚଳ ଆୟ ମଧ୍ୟ ବଢ଼ିପାରି ନାହିଁ।

ଭାରତର ଜିଡିପି ଅଭିବୃଦ୍ଧି ଭଲ ରହିଛି, ତେବେ ଏହା କେବଳ ଶୀର୍ଷ ଧନୀମାନଙ୍କୁ ଯାଉଛି। ଏଥିରେ ସୁଧାର ଆଣିବାକୁ ହେବ। ବିଶ୍ୱ ଅସମାନତା ରିପୋର୍ଟ, ୨୦୨୨ ଅନୁଯାୟୀ ଭାରତରେ ଆୟ ଏବଂ ସମ୍ପତ୍ତିରେ ଅସମାନତା ଅତ୍ୟଧିକ ବଢ଼ିଛି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କୌଶିକ ବସୁ 'ଏକ୍ସ'ରେ ଏହା ଲେଖିଛନ୍ତି। ରିପୋର୍ଟରେ ଭାରତକୁ ସବୁଠୁ ଅସମାନ ଦେଶ ଭାବେ ଉଲ୍ଲେଖ କରାଯାଇଛି। ମହାମାରୀ ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ଧନୀ-ଗରିବଙ୍କ ମଧ୍ୟରେ ଆୟ ବ୍ୟବଧାନ ଯଥେଷ୍ଟ ବଢ଼ିଛି। ରିପୋର୍ଟ ଅନୁଯାୟୀ ୧୦ ପ୍ରତିଶତ ଅତି ଧନୀଙ୍କ ଆୟ ସବାତଳେ ଥିବା ୫୦ ପ୍ରତିଶତଙ୍କ ଆୟର ୨୦ ଗୁଣରୁ ଅଧିକ। ଦେଶର ଶୀର୍ଷ ୧ ପ୍ରତିଶତଙ୍କ ପାଖରେ ୨୨ ପ୍ରତିଶତ ସମ୍ପତ୍ତି ଥିବାବେଳେ ତଳ ଭାଗରେ ଥିବା ୫୦ ପ୍ରତିଶତଙ୍କ ପାଖରେ କେବଳ ଅବଶିଷ୍ଟ ସମ୍ପତ୍ତିର ୧୩ ପ୍ରତିଶତ ରହିଛି। ଦେଶର ଶୀର୍ଷ ୧୦ ପ୍ରତିଶତ ମୋଟ ଆୟର ୫୭%ରୁ ଅଧିକ କରୁଥିବାବେଳେ ସେମାନେ ହିଁ ଚାହିଦା ଓ ବ୍ୟବହାରକୁ ବଢ଼ାଉଛନ୍ତି।

ଦୁଇଟି କ୍ଷେତ୍ରକୁ ଦେଖିଲେ ଚାହିଦା ତାରତମ୍ୟର ପ୍ରମାଣ ମିଳିଯିବ। ତାହା ହେଲା ଗାଡ଼ି ଏବଂ ରିଅଲ ଇଷ୍ଟେଟ୍ ସେକ୍ଟର। ଚଳିତ ଆର୍ଥିକ ବର୍ଷରେ କାର୍ ବିକ୍ରି ଯଥେଷ୍ଟ ବଢ଼ିଛି। ଏହା ୪୦ ଲକ୍ଷ ୟୁନିଟ୍ ଅତିକ୍ରମ କରିବା ଆଶା ରହିଛି। ବିଶେଷ କରି ୧୦ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ କାର୍ ବିକ୍ରି ଅଧିକ ବଢ଼ିଛି, ଯାହା ଧନୀମାନେ ହିଁ କିଣିଥାନ୍ତି। ଅନ୍ୟପକ୍ଷରେ ଦୁଇଚକିଆ ଯାନ ବିକ୍ରି ମହାମାରୀ ପରେ କମିଛି। ୨୦୧୯ ଆର୍ଥିକ ବର୍ଷରେ ୨.୧୨ କୋଟି ବାଇକ୍ ବିକ୍ରି ହୋଇଥିବାବେଳେ ୨୦୨୩ ଆର୍ଥିକ ବର୍ଷରେ ତାହା ୫୩ ଲକ୍ଷ ହ୍ରାସ ପାଇଁ ୧.୫୯ କୋଟି ରହିଥିବା ଆଇସିଆର୍‌ଏ ତଥ୍ୟରୁ ଜଣାପଡ଼ିଛି। ସାଧାରଣ ବର୍ଗର ଲୋକେ ଦୁଇଚକିଆ ଯାନ କିଣିଥାନ୍ତି। ସେହିପରି ରିଅଲ ଇଷ୍ଟେଟ୍ ସେକ୍ଟର, ଯାହା ଦ୍ୱିତୀୟ ସର୍ବାଧିକ ନିଯୁକ୍ତି ସୃଷ୍ଟି କରିଥାଏ, ତାହା ୨୦୩୦ ବେଳକୁ ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ତେବେ ଲକ୍ସୁରି ଘର ଚାହିଦା ବଢୁଥିବାବେଳେ ଶସ୍ତା ଘର ପାଇଁ ଚାହିଦା ହ୍ରାସ ପାଇଚାଲିଛି। ପ୍ରପର୍ଟି କନ୍‌ସଲ୍ଟାଣ୍ଟ ଆନାରକ୍‌ର ତଥ୍ୟ ଅନୁଯାୟୀ ୧.୫ କୋଟି ଟଙ୍କା ଓ ତଦୂର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ ଘର ବିକ୍ରି ୨୦୨୩ର ପ୍ରଥମ ୯ ମାସରେ ଗତବର୍ଷ ଏହି ସମୟ ତୁଳନାରେ ୧୧୫ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ୮୦ ଲକ୍ଷରୁ କମ୍ ମୂଲ୍ୟର ଘର ବିକ୍ରି ୫୧ ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୨୨ରେ ୬୮ ପ୍ରତିଶତ ଥିଲା। ସେହିପରି ୫୦ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ଘର ବିକ୍ରି ଚଳିତ ବର୍ଷର ପ୍ରଥମ ୯ ମାସରେ ଦଶନ୍ଧିର ସବୁଠୁ କମ୍ ହୋଇଥିବା କନ୍‌ସଲ୍ଟାନ୍ସି ସଂସ୍ଥା ନାଇଟ୍ ଫ୍ରାଙ୍କ ଇଣ୍ଡିଆ ତଥ୍ୟରୁ ଜଣାପଡ଼ିଛି।

# ଟିଏମ୍‌ସି ନେତାଙ୍କୁ ଗୁଳିକରି ହତ୍ୟା

## ଆକ୍ରମଣକାରୀଙ୍କୁ ଲୋକେ ପିଟି ମାରିଦେଲେ

**କୋଲକାତା,୧୩।୧୧**

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲା ଅନ୍ତର୍ଗତ ଜୟନଗରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ସ୍ଥାନୀୟ ନେତାଙ୍କୁ ସୋମବାର ସକାଳେ ଗୁଳିକରି ହତ୍ୟା କରାଯାଇଛି। ଉତ୍ତ୍ୟକ୍ତ ଲୋକେ ଉକ୍ତ ଆକ୍ରମଣକାରୀଙ୍କୁ ପିଟି ମାରିଦେଇଛନ୍ତି। ଜୟନଗରର ବାମୁଗାଚିର ଟିଏମ୍‌ସି ସଭାପତି ଥିବା ସୈଫୁଦ୍ଦିନ ଲସ୍କରଙ୍କୁ ତାଙ୍କ ବାସଭବନ ନିକଟରେ ଅଜଣା ବ୍ୟକ୍ତି ଗୁଳି ଚଳାଇବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସୈଫୁଦ୍ଦିନ୍‌ଙ୍କ ସମର୍ଥକମାନେ ଗୋଡ଼ାଇ ଜଣେ ଆକ୍ରମଣକାରୀଙ୍କୁ ଧରିବା ପରେ ତାଙ୍କୁ ନିର୍ଘାତ ପିଟିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖିଛି। ସିପିଆଇ(ଏମ୍)ର ସମର୍ଥକମାନେ ସୈଫୁଦ୍ଦିନ୍‌ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସୈଫୁଦ୍ଦିନଙ୍କ ସମର୍ଥକମାନେ ଆକ୍ରମଣକାରୀଙ୍କ ଘର ଭାଙ୍ଗିବା ସହ ନିଆଁ ଲଗାଇଦେଇଥିବା ସିପିଆଇ (ଏମ୍) ସମର୍ଥକମାନେ କହିଛନ୍ତି।

# କରାଚୀରେ ଚାଇନା ଯୁଦ୍ଧଜାହାଜ

**ନୂଆଦିଲ୍ଲୀ,୧୩।୧୧**

ପାକିସ୍ତାନର କରାଚୀ ପୋତାଶ୍ରୟରେ ଚାଇନାର ଅନେକ ଯୁଦ୍ଧଜାହାଜ, ବୁଡ଼ାଜାହାଜ ଓ ସହାୟକ ଜାହାଜର ଉପସ୍ଥିତି ହାଇ ରିଜୋଲ୍ୟୁଶନ ସାଟେଲାଇଟ୍ ଫଟୋରୁ ଦେଖିବାକୁ ମିଳିଛି। ଚାଇନା ଏବଂ ପାକିସ୍ତାନ ସର୍ବବୃହତ୍ ନୌସେନା ସମରାଭ୍ୟାସ ଆରମ୍ଭ କରିଛନ୍ତି। ଭାରତ ମହାସାଗରରେ ବେଜିଂ ଏହାର ଉପସ୍ଥିତି ଯଥେଷ୍ଟ ବଢ଼ାଇଥିବାବେଳେ ସି' ଗାର୍ଡିଆନ୍-୩ ସମରାଭ୍ୟାସ ଆରମ୍ଭ ହୋଇଛି। ଏଥିସହିତ ଚାଇନା ଆଫ୍ରିକାର ଜିବୌଟିଠାରେ ଏକ ବଡ଼ ଘାଟି ନିର୍ମାଣ କରିବା ସହ ପାକିସ୍ତାନ ସମେତ କେତେକ ଆଞ୍ଚଳିକ ନୌସେନାକୁ ଆଧୁନିକ ପ୍ଲାଟ୍‌ଫର୍ମ ବିକ୍ରି କରୁଛି। ନିକଟରେ ପାକିସ୍ତାନ ନୌସେନାକୁ ବେଜିଂ ୪ଟି ଟାଇପ୍-୦୫୪ଏ/ପି ଜାହାଜ ଯୋଗାଇଦେଇଛି। ଚଳିତ ମାସ ଆରମ୍ଭରେ କଲମ୍ବୋରେ ଚାଇନାର ସାମୁଦ୍ରିକ ଗବେଷଣା ଜାହାଜ ଶି ୟାନ୍ ୬ ଅଟକି ରହିଥିଲା। ପୂର୍ବରୁ ଏହି ଜାହାଜ କେବେ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ପ୍ରବେଶ କରି ନ ଥିଲା। ଏଥିରୁ ଜଣାପଡୁଛି ଚାଇନା ଆଗକୁ ବଡ଼ ବୁଡ଼ାଜାହାଜ ଚଳାଚଳ ପାଇଁ ବଙ୍ଗୋପସାଗର ସମେତ ଭାରତ ମହାସାଗରର ଜଳରାଶିକୁ ସକ୍ରିୟ ଭାବେ ଅନୁଧ୍ୟାନ କରୁଛି।



# ମଣିପୁରର ୯ ମେଇତି ଉଗ୍ରପନ୍ଥୀ ସଂଗଠନ ବେଆଇନ ଘୋଷିତ

**ନୂଆଦିଲ୍ଲୀ,୧୩।୧୧**

ମଣିପୁରର ୯ଟି ମେଇତି ଉଗ୍ରପନ୍ଥୀ ସଂଗଠନକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ବେଆଇନ ଘୋଷଣା କରିଛି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଅନୁଯାୟୀ ଉକ୍ତ ସଂଗଠନ ଓ ଏହାର ଶାଖା ଓ ଛାମୁଆ ଗ୍ରୁପ୍‌ଗୁଡ଼ିକୁ ୫ ବର୍ଷ ପାଇଁ ବେଆଇନ ଘୋଷଣା କରାଯାଇଛି। ବେଆଇନ ଘୋଷିତ ଉଗ୍ରପନ୍ଥୀ ସଂଗଠନଗୁଡ଼ିକ ହେଲେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଓ ଏହାର ରାଜନୈତିକ ଶାକା ରିଭଲ୍ୟୁଶନାରି ପିପୁଲ୍ସ ଫ୍ରଣ୍ଟ (ଆର୍‌ପିଏଫ୍), ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ ଫ୍ରଣ୍ଟ (ୟୁଏନ୍‌ଏଲ୍‌ଏଫ୍) ଏବଂ ଏହାର ସଶସ୍ତ୍ର ଶାଖା ମଣିପୁର ପିପୁଲ୍‌ସ ଆର୍ମି (ଏମ୍‌ପିଏ), ପିପୁଲ୍ସ ରିଭଲ୍ୟୁଶନାରି ପାର୍ଟି ଅଫ୍ କାଙ୍ଗଲେଇପାକ୍ ଓ ଏହାର ସଶସ୍ତ୍ର ଶାଖା ରେଡ୍ ଆର୍ମି। ୟୁଏପିଏ ଆଇନର ଧାରା ୩ର ଉପଧାରା(୧)ରେ ପ୍ରଦତ୍ତ କ୍ଷମତା ବଳରେ କେନ୍ଦ୍ର ସରକାର ଉପରୋକ୍ତ ସଂଗଠନଗୁଡ଼ିକୁ ବେଆଇନ ଘୋଷଣା କରିଛନ୍ତି। ସେହିପରି କଙ୍ଗଲେଇ ୟାଓଲ କନ୍‌ବା ଲୁପ୍, କୋର୍ଡିନେଶନ କମିଟି, ଆଲିଆନ୍ସ ଫର୍ ସୋସିଆଲିଷ୍ଟ ୟୁନିଟି କଙ୍ଗଲେଇପାକ୍‌କୁ ବେଆଇନ କରାଯାଇଛି।

# ଦୀପାବଳି ପାଳନବେଳେ ଘରେ ନିଆଁ ଲାଗି ପରିବାରର ୫ ମୃତ

**ଲଣ୍ଡନ,୧୩।୧୧**

ପଶ୍ଚିମ ଲଣ୍ଡନର ହୋଉନ୍ସଲୋଠାରେ ଥିବା ଏକ ବିଲ୍ଡିଂରେ ନିଆଁ ଲାଗିଯିବାରୁ ସେଠାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ପରିବାରର ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଜଣ ଛୋଟ ପିଲା ଅଛନ୍ତି। ଲଣ୍ଡନ ମେଟ୍ରୋପଲିଟାନ୍ ପୋଲିସ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ ଚଳାଇଛି। ରବିବାର ରାତିରେ ଉକ୍ତ ପରିବାର ଘରେ ଦୀପାବଳି ପାଳୁଥିବାବେଳେ ନିଆଁ ଲାଗିଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ସେଠାରୁ ୫ଟି ମୃତଦେହ ମିଳିଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଖ ଘରଗୁଡ଼ିକୁ ମଧ୍ୟ ଖାଲିକରି ଦିଆଯାଇଥିଲା। ପରିବାରର ଅନ୍ୟ ଜଣେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମଞ୍ଚେଷ୍ଟରରେ ରହୁଥିବା ଦିଲୀପ ସିଂଙ୍କ କହିବା ଅନୁଯାୟୀ ତାଙ୍କ ଭିଣୋଇ, ଭିଣୋଇଙ୍କ ସ୍ତ୍ରୀ ଓ ୩ ପିଲାଙ୍କ ସମେତ ୨ ଜଣ ଅତିଥି ଉକ୍ତ ବିଲ୍ଡିଂରେ ରହୁଥିଲେ।

# କାଟାଲାନ୍ ବିଦ୍ରୋହୀଙ୍କୁ କ୍ଷମାଦାନ ପ୍ରତିବାଦରେ ସ୍ପେନ୍‌ରେ ବିଶାଳ ବିକ୍ଷୋଭ

**ମାଡ୍ରିଡ୍,୧୩।୧୧**

୨୦୧୭ରେ ଗଣଭୋଟ ଜରିଆରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ର ଗଠନ ଉଦ୍ୟମ କରି ବିଫଳ ହୋଇଥିବା କାଟାଲାନ୍ ବିଚ୍ଛିନ୍ନତାବାଦୀମାନଙ୍କୁ କ୍ଷମାଦାନ ପାଇଁ ସ୍ପେନ୍‌ର ସୋସିଆଲିଷ୍ଟ ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ବିରୋଧ କରି ଦକ୍ଷିଣପନ୍ଥୀ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ରବିବାର ଦେଶବ୍ୟାପୀ ବିଶାଳ ରାଲିର ଆୟୋଜନ କରାଯାଇଥିଲା। ଏଥିରେ ଲକ୍ଷ ଲକ୍ଷ ସ୍ପେନ୍ ବାସିନ୍ଦା ଯୋଗଦେଇଥିଲେ। ଦେଶରେ ରାଜନୈତିକ ମତଭେଦ ଜୋର୍ ଧରିଥିବାବେଳେ ନୂଆ ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ ସମର୍ଥନ ଯୋଗାଡ଼ କରିବା ସକାଶେ ବିଚ୍ଛିନ୍ନତାବାଦୀମାନଙ୍କୁ କ୍ଷମାଦାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଦକ୍ଷିଣପନ୍ଥୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ସ୍ୱାଧୀନ ରାଷ୍ଟ୍ର ଗଠନ ପାଇଁ ଉଦ୍ୟମ ଚଳାଇଥିବା ବିଦ୍ରୋହୀଙ୍କୁ କ୍ଷମା ଦେବାକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି। ଏହା ଆଇନର ଶାସନ ପ୍ରତି ଆକ୍ରମଣ ବୋଲି ସେମାନେ କହିଥିବାବେଳେ ଦେଶରେ ରାଜନୈତିକ ସଙ୍କଟ ଦେଖାଦେଇଛି। ଦେଶର ୫୨ଟି ବୃହତ୍ ସହରରେ ବିକ୍ଷୋଭକାରୀମାନେ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ ଜଣାଇଛନ୍ତି। ରକ୍ଷଣଶୀଳ ମୁଖ୍ୟ ବିରୋଧୀ ଦଳ ପପୁଲାର ପାର୍ଟି ଓ ଏହାର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ବିକ୍ଷୋଭ ଡାକରା ଦିଆଯାଇଥିଲା। ନୂଆ ନିର୍ବାଚନ ନ ହେବା ପର୍ଯ୍ୟନ୍ତ ଆମେ ଚୁପ୍ ବସିବୁ ନାହିଁ ବୋଲି ପପୁଲାର ପାର୍ଟି ନେତା ଆଲବେର୍ଟୋ ନୁନେଜ୍ ଫେଇଜୁ ମାଡ୍ରିଡ୍‌ଠାରେ ଉଦ୍‌ବୋଧନ ଦେଇ କହିଛନ୍ତି। ଗତ ଜୁଲାଇରେ ହୋଇଥିବା ନିର୍ବାଚନରେ ଫେଇଜୁଙ୍କ ଦଳ ପ୍ରଥମ ସ୍ଥାନରେ ରହିଥିଲେ ମଧ୍ୟ ପାର୍ଲାମେଣ୍ଟରେ ଆବଶ୍ୟକ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିଲା। ଫଳରେ ସାନ୍‌ଚେଜ୍ ସରକାର ଗଢ଼ିବା ପାଇଁ କ୍ଷମାଦାନକୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଚାହୁଁଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ | Bhubaneswar, Tuesday, November 14/2023


## ଉତ୍ତରକାଶୀରେ ସୁଡ଼ଙ୍ଗ ଭୁଶୁଡ଼ିଲା

### ୫ ଓଡ଼ିଆଙ୍କ ସମେତ ୪୦ ଫସିଛନ୍ତି



- ଉଦ୍ଧାର କାର୍ଯ୍ୟ ଜାରି
- ଖାଦ୍ୟ, ଅକ୍ସିଜେନ୍ ପଠାଗଲା

ଡେରାଡୁନ୍, ୧୩।୧୧

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଅନ୍ତର୍ଗତ ଯମୁନେତ୍ରୀ-ଉତ୍ତରାଖଣ୍ଡ ଜାତୀୟ ରାଜପଥ କାମ ଚାଲିଥିବାବେଳେ ରବିବାର ଭୋର ସମୟରେ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବାରୁ ୫ ଓଡ଼ିଆଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ଫସି ରହିଛନ୍ତି। ଉତ୍ତରକାଶୀର ସିଲ୍‌କ୍ୟାରା ସହ ଡଙ୍ଗାଲଗାଓଁକୁ ଏହି ସୁଡ଼ଙ୍ଗ ଯୋଡୁଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାରକାରୀମାନେ ସୁଡ଼ଙ୍ଗ ଖୋଳି ସେଥିରେ ଫସିରହିଥିବା ଲୋକମାନଙ୍କୁ ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ସେଥିପାଇଁ ଓଜନଦାର ଏକ୍ସାଭେଟର ମେସିନ୍‌ଗୁଡ଼ିକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଫସିଥିବା ଶ୍ରମିକମାନଙ୍କ ସହ ଯୋଗାଯୋଗ ହୋଇପାରିଛି ଓ ସେମାନେ ☞ ପୃଷ୍ଠା-୯

### ମୟୂରଭଞ୍ଜର ୩, ନବରଙ୍ଗପୁରର ୨ ଶ୍ରମିକ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲ), ୧୩।୧୧

ଉତ୍ତରାଖଣ୍ଡରେ ଭୁଶୁଡ଼ିଥିବା ସୁଡ଼ଙ୍ଗ ତଳେ ଫସିରହିଥିବା ଶ୍ରମିକଙ୍କ ମଧ୍ୟରେ ୫ଜଣ ଓଡ଼ିଆ ଅଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ମୟୂରଭଞ୍ଜ ଜିଲାର ଏବଂ ୨ଜଣ ନବରଙ୍ଗପୁର ଜିଲାର ବୋଲି ଜଣାପଡ଼ିଛି। ମୟୂରଭଞ୍ଜ ଜିଲାର ୩ଜଣ ହେଲେ ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ବେଢ଼ାକୁନ୍ଦର ଗ୍ରାମର ଧୀରେନ ନାଏକ, ଯୋଗୀବନ୍ଧ ଗ୍ରାମର ବିଶ୍ୱେଶ୍ୱର ନାଏକ ଏବଂ ତିରିଂ ବ୍ଲକ କୁଳଦିଆ ବଡ଼କେଡମ ଗ୍ରାମର ☞ ପୃଷ୍ଠା-୯

# ଅସମ୍ଭାଳ ବାୟୁ ପ୍ରଦୂଷଣ

## ଭୁବନେଶ୍ୱର, କଟକ ସ୍ଥିତି ଅତି ବିପଜ୍ଜନକ

**ଦିଲ୍ଲୀର ଭୟାବହ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ନିକଟରେ ସବୁ ରାଜ୍ୟରେ ରାସାୟନିକ ବାଣଫୁଟା ଉପରେ ରୋକ ଲଗାଇଥିଲେ। ବିଶେଷକରି ପ୍ରଦୂଷଣ ସୃଷ୍ଟିକାରୀ ବାଣ ଯେଭଳି ଫୁଟା ନ ଯିବ ସେଥିଲାଗି ରାଜ୍ୟ ସରକାରମାନେ ପଦକ୍ଷେପ ନେବେ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଓଡ଼ିଶାରେ ତାହା ପାଳନ ହୋଇ ନ ଥିବା ରବିବାର ଦୀପାବଳି ଅବସରରେ ହୋଇଥିବା ବାଣଫୁଟାରୁ ସ୍ପଷ୍ଟ ହୋଇଛି। ଏତେ ସଂଖ୍ୟାରେ ବାଣଫୁଟା ଯାଇଥିଲା ଯେ, ଭୁବନେଶ୍ୱର ଏବଂ କଟକ ଟୁଇନ୍ ସିଟିର ସହରର ବାୟୁ ପ୍ରଦୂଷଣ ରେକର୍ଡ ଭାଙ୍ଗିଛି। ଫଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ଅତି ବିପଜ୍ଜନକ ସ୍ଥିତିକୁ ଚାଲିଯାଇଛି।**



ଭୁବନେଶ୍ୱର, ୧୩।୧୧ (ଅନିଲ ଦାସ)

ଗତ କିଛିଦିନ ହେବ ଦେଶର ରାଜଧାନୀ ନୂଆଦିଲ୍ଲୀବାସୀ ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଉଛନ୍ତି। ପ୍ରଦୂଷଣକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ଅଦାଲତ ଅଧିକ ପ୍ରଦୂଷଣ କରୁଥିବା ବିପଜ୍ଜନକ ବାଣକୁ ସମଗ୍ର ଦେଶରେ ନିଷେଧ କରିଥିଲେ। ହେଲେ ଏହାର ପ୍ରଭାବ ତିଳେ ମାତ୍ର ପଡ଼ିବା ଭଳି ମନେ ହେଲା ନାହିଁ। ଅଧରାତି ଯାଏ ସ୍ୱାଭାବିକ ଭାବେ ବାଣଫୁଟା ଚାଲିଲା। ଚାରିଆଡ଼ ଧୂଆଁମୟ ହୋଇଗଲା। ବଢ଼ିଚାଲିଲା ବାୟୁ ପ୍ରଦୂଷଣର ପାରାମିଟର। ବେଳକୁ ବେଳ ବାୟୁ ପ୍ରଦୂଷଣ ଘାତକ ହେବାରେ ଲାଗିଛି। କଳକାରଖାନା ଓ ଯାନବାହନ ପ୍ରଦୂଷଣରେ ଜୀବନ ଘାଣ୍ଟି ହେଉଛି। ସ୍ୱଚ୍ଛ ବାୟୁଟିକେ ପାଇବା ଏକପ୍ରକାର ଅସମ୍ଭବ ହୋଇପଡ଼ିଲାଣି। ପରିବେଶ ବିଗୁଡୁ ଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ସଚେତନତା ଆସୁନାହିଁ। ଦୀପାବଳିରେ ଏହି ପ୍ରଦୂଷଣ ହାର ଅନେକ ମାତ୍ରାରେ ବଢ଼ିଯାଇଛି। ପ୍ରଦୂଷଣ ସ୍ତର ଏତେ ବଢ଼ି ଯାଇଥିଲା ଯେ ଏକ ପ୍ରକାର ଅଣନିଃଶ୍ୱାସୀ ପରିବେଶ ସୃଷ୍ଟି ହୋଇଥିଲା। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି। କେବଳ ଦୀପାବଳି ନୁହେଁ, ଏହାର ପରଦିନ ସୋମବାର ମଧ୍ୟ ପ୍ରଦୂଷଣ ଜ୍ୱାଳାରୁ ମୁକ୍ତ ନ ଥିଲା।

ରାଜ୍ୟର ପ୍ରମୁଖ ସହର କଟକ, ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ପ୍ରଦୂଷଣ ସ୍ଥିତି ଭୟଙ୍କର ଅବସ୍ଥାକୁ ଚାଲିଯାଇଛି। ରବିବାର ରାତି ୧ଟାରେ ପ୍ରଦୂଷଣ ମାତ୍ରା ରେକର୍ଡ ଛୁଇଁଥିଲା। ସେହି ସମୟରେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଅଞ୍ଚଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୯୯୯ ଥିଲା ବେଳେ ପଟିଆ ଅଞ୍ଚଳରେ ୬୭୬ ରେକର୍ଡ କରାଯାଇଛି। ସେହିପରି କଟକରେ ରାତି ୧ଟାରେ ପ୍ରଦୂଷଣ ସ୍ତର ୮୮୨ ରେକର୍ଡ ହୋଇଥିଲା। ଶନିବାର ଅପେକ୍ଷା ରବିବାର ଦୀପାବଳିରେ ରାଜ୍ୟର ବିଭିନ୍ନ ସହରରେ ପ୍ରଦୂଷଣ ମାତ୍ରା ବଢ଼ିଥିଲା। ୧୧ ତାରିଖରେ ବାଲେଶ୍ୱରରେ ହାରାହାରି ପ୍ରଦୂଷଣ ୧୨୩ ଥିଲା ବେଳେ ୧୨ ତାରିଖରେ ୧୯୩.୭୯ ରହିଥିଲା। ସେହିପରି ଅନୁଗୋଳରେ ପ୍ରଦୂଷଣ ୧୧ ତାରିଖରେ ୧୩୦ ଥିବା ବେଳେ ୧୨ ତାରିଖରେ ଏହା ୩୪୮କୁ ବୃଦ୍ଧି ପାଇଥିଲା। ତାଳଚେରର ପ୍ରଦୂଷଣ ମାତ୍ରା ୧୧ ତାରିଖରେ ୧୧୭ ରହିଥିବା ବେଳେ ☞ ପୃଷ୍ଠା-୯

# ଅଭିନେତ୍ରୀ ମୌସୁମୀ ନାୟକ ଗିରଫ

### ଲେଖିକାଙ୍କୁ ଧମକ ଦେଇ ଟଙ୍କା ଆଦାୟ ମାମଲା

ଭୁବନେଶ୍ୱର, ୧୩।୧୧ (ସତ୍ୟଜିତ୍ ରାଉତ)

ଧମକ ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ଅଭିନେତ୍ରୀ ମୌସୁମୀ ନାୟକଙ୍କୁ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ପୋଲିସ ସୋମବାର ଗିରଫ କରିଛି। ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳରେ ଅଭିଯୁକ୍ତା ମୌସୁମୀଙ୍କ ଘର। ଲେଖିକା ବନସ୍ମିତା ପତିଙ୍କ ଏତଲା ଆଧାରରେ ପୋଲିସ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ମୌସୁମୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ☞ ପୃଷ୍ଠା-୯







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୁଆ ଧରିବାକୁ ପାଞ୍ଚଜଣ, ଗୀତ ବୋଲିବାକୁ ଜଣେ ।**

ପାଲାରେ ଗାହାଣ ବା ଗାୟକ ଗୀତ ବୋଲୁଥିବା ବେଳେ ପାଳିଆମାନେ ତା'ର ପାଳି ଧରୁଥିବାର ଦେଖିବାକୁ ମିଳିଥାଏ। ଅନ୍ୟ ଅର୍ଥରେ ଜଣେ ନେତା ବା କାମିକା ଲୋକଙ୍କର ଅନେକ ଅନୁଚର ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ କାନ୍ଧରେ ପଡ଼ିଲେ ବଜାଇ ଶିଖନ୍ତି ।**

ସାଧାରଣତଃ କୌଣସି ଦାୟିତ୍ୱ ନ ଥିଲେ ସମସ୍ତେ ଫୁଲାଫାଙ୍କିଆ ହୋଇ ରହିଥା'ନ୍ତି, ନିଜ କାର୍ଯ୍ୟକଳାପ ପ୍ରତି ଆଦୌ ସଚେତନ ହୋଇ ନ ଥା'ନ୍ତି। ତେବେ ଯେତେବେଳେ କିଛି ଦାୟିତ୍ୱ ପଡ଼େ, ସେତେବେଳେ ସେମାନେ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବା ସହ ତାକୁ ସୁଚାରୁ ରୂପେ ତୁଲାଇବାକୁ ପ୍ରସ୍ତୁତ ହୋଇଯାଆନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# କାର୍ ପଛୁଆ ମାଡ଼ିଯିବାରୁ ଶିକ୍ଷୟିତ୍ରୀ ମୃତ

## ଦୀପାବଳିରେ ଲିଙ୍ଗରାଜ ମନ୍ଦିର ନିକଟରେ ଅଘଟଣ

■ ସ୍ୱାମୀ ଗୁରୁତର, ଡ୍ରାଇଭର ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ପୁରୁଣା ଭୁବନେଶ୍ୱର, ୧୩।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଜୀବନ ନେଇଛି। ବ୍ୟାକ୍ ଗିୟର ପକାଇ ଦେବାରୁ କାର୍‌ଟି ପଛୁଆ ଗଡ଼ି ଜଣେ ଶିକ୍ଷୟିତ୍ରୀଙ୍କୁ ଧକ୍କା ଦେବା ପରେ କାନ୍ଥରେ ଚାପି ମାରିଦେଇଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଦୀପାବଳି ସନ୍ଧ୍ୟାରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଉତ୍ତର ଦ୍ୱାର ନିକଟରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତା ଶିକ୍ଷୟିତ୍ରୀ ହେଲେ ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଗେଟ୍ ବଜାରରେ ରହୁଥିବା ସୁଲୋଚନା ମହାନ୍ତି(୫୩) ଓ ଆହତ ହୋଇଥିବା ତାଙ୍କ ସ୍ୱାମୀ ହେଉଛନ୍ତି ଜ୍ୟୋତିରାମ ଦେବର୍ତ୍ତା। ସେମାନେ ପୟା ଶ୍ରାଦ୍ଧ ଦେବାରୁ ଏଠାକୁ ଆସିଥିଲେ। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ପୁରୀ କଣାସ ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ବେହେରାଙ୍କୁ ଗିରଫ କରାଯିବା ସହ କାରକୁ ଜବତ କରାଯାଇଛି ବୋଲି ଜୋନ୍-୨ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ସୁଲୋଚନା ଓ ତାଙ୍କ ସ୍ୱାମୀ ଜ୍ୟୋତିରାମ ପୟା ଶ୍ରାଦ୍ଧ ଦେବାକୁ ରବିବାର ଭୁବନେଶ୍ୱର ଆସି ଲିଙ୍ଗରାଜ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ସୋମବାର ସକାଳେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତେ। ହେଲେ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିସାରିବା ପରେ ରବିବାର ରାତି ପ୍ରାୟ ୯ଟାରେ ମନ୍ଦିରର ଉତ୍ତର ଫାଟକ ପଟେ ବାହାରି ଠିଆ ହୋଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଉକ୍ତ କାର୍ (ଓଡି଼୦୨ସିଏନ୍୬୭୨୬)ଟି ପାର୍କିଂରେ ଥିଲା। କାର୍ ମାଲିକ ଫୋନ୍‌ରେ କଥା ହେଉଥିବା ସମୟରେ ଅଭିଯୁକ୍ତ ଡ୍ରାଇଭର କୃଷ୍ଣଚନ୍ଦ୍ର ବେପରୁଆ ଭାବେ ବ୍ୟାକ ଗିୟର ପକାଇ ଦେବାରୁ କାର୍‌ଟି ଜୋର୍‌ରେ ପଛୁଆ ଗଡ଼ି ସୁଲୋଚନା ଓ ଜ୍ୟୋତିରାମଙ୍କୁ ଧକ୍କା ଦେଇଥିଲା। ଜ୍ୟୋତିରାମ ବାହାରକୁ ଛିଟିକି ପଡିଥିବାବେଳେ ସୁଲୋଚନାଙ୍କୁ କାର୍‌ଟି ସିଧା ପଛରେ ଥିବା ଏକ କାନ୍ଥରେ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଆହତ ସ୍ୱାମୀ ଜ୍ୟୋତିରାମଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲରେ ଭର୍ତ୍ତିକରିଥିଲେ। ପରେ ସେଠାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତରଣ କରାଯାଇଥିଲା। ଦୁର୍ଘଟଣା ପରେ ଚାଳକ କୃଷ୍ଣଚନ୍ଦ୍ର ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ପୋଲିସ ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୦୯/୨୩) ରୁଜୁ କରି କୃଷ୍ଣଚନ୍ଦ୍ରଙ୍କୁ ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।


ମୃତା ଶିକ୍ଷୟିତ୍ରୀ ସୁଲୋଚନା ମହାନ୍ତି


ଆହତ ଜ୍ୟୋତିରାମ ଦେବର୍ତ୍ତା


ଗିରଫ ଡ୍ରାଇଭର କୃଷ୍ଣଚନ୍ଦ୍ର ବେହେରା

# କବୟିତ୍ରୀ ନିର୍ମଳା ମହାନ୍ତିଙ୍କ ପରଲୋକ



**ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ):** କବୟିତ୍ରୀ ନିର୍ମଳା ମହାନ୍ତିଙ୍କ ସୋମବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ସେ ସ୍ନାୟୁଜନିତ ରୋଗରେ ପୀଡିତ ଥିଲେ। ୧୯୪୬ରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅନ୍ତର୍ଗତ ପୋଦରୁଆଁ ଗ୍ରାମରେ ଜନ୍ମ ନେଇଥିବା କବୟିତ୍ରୀ ମହାନ୍ତି ଦୀର୍ଘ ୬ଦଶନ୍ଧି ଧରି ସାହିତ୍ୟ ସାଧନାରେ ବ୍ରତୀ ଥିଲେ। ଜଣେ ବରିଷ୍ଠ ତଥା ପ୍ରତିଷ୍ଠିତ ସୁସାହିତ୍ୟିକା ଭାବେ ସାହିତ୍ୟର ବିଭିନ୍ନ ବିଭବ ତଥା ଗଳ୍ପ, କବିତା, ପ୍ରବନ୍ଧ, ଶିଶୁସାହିତ୍ୟ ଓ ଗୀତିକବିତା ରଚନା କରି ସେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ଅନୁବାଦ ସାହିତ୍ୟରେ ମଧ୍ୟ ତାଙ୍କର ଖୁବ୍ ଦକ୍ଷତା ଥିଲା। ୨୦୧୩ରେ ତାଙ୍କୁ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ରଚିତ ପ୍ରାୟ ୧୫ଖଣ୍ଡ ପୁସ୍ତକ ପାଠକୀୟ ଆଦୃତିଲାଭ କରିଛି। ସେଗୁଡିକ ମଧ୍ୟରେ କବିତା-ଅନେକ ନିଦାଘ ପରେ, ନୀରବ ନିର୍ଯାସ, ଅମୃତ ମଣୋହି, ସ୍ୱପ୍ନମୟ ଚିରକାଳ, ଜୀବନପାତ୍ର ମୋ, ଗଳ୍ପ ସଂକଳନ-ଆଳାପ, ଅନୁବାଦ କବିତା-ଛାଡ଼ପତ୍ର, ଶିଶୁସାହିତ୍ୟ-ରୁନିରୁନି ସପନ, ନୀଳୁର ଗପଲେଖା, ଆଇସ୍କ୍ରିମ୍‌ର ପାଲା, ଆଠ କାହାଣୀ ଏବଂ ଗୀତିକବିତା-ତୁମେ ଅମୃତମୟ ଆଦି ରହିଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଦୀପକ କୁମାର ମହାନ୍ତି, ଜ୍ୱାଇଁ ଇଂ. ପ୍ରଭାତ କୁମାର ବେହୁରିଆ, ଝିଅ ସମିତା, ସରିତା ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ୟାରେଜଛକ ନିକଟସ୍ଥ ବାସଭବନକୁ ମୃତଦେହ ଅଣାଯିବା ପରେ ସେଠାରେ ସ୍ୱାମୀ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ କୁମାର ମହାନ୍ତି ଓ ଭାଇ, ଭଉଣୀଙ୍କ ସହିତ ଲେଖିକା ବନଜ ଦେବୀ, ସଂଯୁକ୍ତା ମହାନ୍ତି, ତନୟାଦାସ ଗୋସ୍ୱାମୀଙ୍କ ପରିବାର ସମେତ ଆତ୍ମୀୟସ୍ୱଜନ ତଥା ବନ୍ଧୁ ପରିଜନ ଶେଷଦର୍ଶନ କରିଥିଲେ। ପରେ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଦୀପକ ମୁଖାଗ୍ନି ଦେଇଥିଲେ।

# ସଙ୍ଗୀତା ରଥ ପାଇବେ 'ଝୁମୁକା ପୁରସ୍କାର'

## ରଘୁନନ୍ଦନ ଓ ଶ୍ରୁତକୀର୍ତ୍ତିଙ୍କୁ ସାରସ୍ୱତ ସମ୍ମାନ

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

ଓଡ଼ିଶାର ମନସ୍ତତ୍ତ୍ୱବିତ୍ ଓ ସାହିତ୍ୟିକା ପ୍ରଫେସର ସଙ୍ଗୀତା ରଥଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାଜନକ ଶିଶୁ ସାହିତ୍ୟ ସମ୍ମାନ 'ଝୁମୁକା ପୁରସ୍କାର' ପ୍ରଦାନ କରାଯିବ। ସେହିପରି ପତ୍ରିକା ପୃଷ୍ଠାର ସଫଳ ଲେଖକ ରଘୁନନ୍ଦନ ମହାପାତ୍ର ଓ ପିଲାଙ୍କ ସାହିତ୍ୟ ଲେଖିକା ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କୁ ଚଳିତ ବର୍ଷର 'ଝୁମୁକା ସାରସ୍ୱତ ସମ୍ମାନ' ମିଳିବ। ଆସନ୍ତା ୧୮ ତାରିଖରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ 'ଝୁମୁକା' ପତ୍ରିକାର ୩୭ତମ ସାରସ୍ୱତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସମ୍ପାଦକ ମାନସ ରଞ୍ଜନ ସାମଲ ସୂଚନା ଦେଇଛନ୍ତି। ଏହି ଅବସରରେ 'ପିଲାଙ୍କ ସାହିତ୍ୟ: ସେଦିନ ଓ ଆଜି' ଶୀର୍ଷକ ଏକ ରାଜ୍ୟସ୍ତରୀୟ ସମ୍ପାନ ଅନୁଷ୍ଠିତ ହେବ। ଏହି ସାଂସ୍କୃତିକ ସମାରୋହକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ସଭାପତି ମାଧବ କୌଶିକ ଉଦ୍‌ଘାଟନ କରିବେ।

# ଶରୀର ଦାନ ପାଇଁ ପଦ୍ମଶ୍ରୀ ବାବା ବଳିଆଙ୍କ ଘୋଷଣା

ତିର୍ତ୍ତୋଲ, ୧୩।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିକଟ ବୀଣାପାଣି ମଣ୍ଡପ ପରିସରରେ ପଦ୍ମଶ୍ରୀ ବାବା ବଳିଆ ସୋମବାର ଏକ ଖବରଦାତା ସମ୍ମିଳନୀ ଡାକି ଶରୀର ଦାନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଜୀବନରେ ପାରିବାରିକ ପ୍ରୀତି ନ ରହିଲେ ସମାଜରେ ସୁଧାର ଆସିବା ଅସମ୍ଭବ। ତେଣୁ ମା'ବାପା ନିଜ ପରିବାରରୁ ପିଲାମାନଙ୍କୁ ସଂସ୍କାରୀ ଭାବେ ଗଢ଼ିବା ଉଚିତ। ଏଥିସହ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭଳି ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଏହାର ବିଲୋପ ଲାଗି ସେ ଆହ୍ୱାନ ଦେଇଥିଲେ। ସ୍ୱାମୀହରା ମା'ମାନଙ୍କୁ ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟରେ ସାମିଲ କରିବା ଅମଙ୍ଗଳ ନୁହେଁ ବୋଲି ବାବା ବଳିଆ କହିଥିଲେ। ସେ ଆହୁରି କହିଥିଲେ, ନିଶା ଓ ମାଦକ ଦ୍ରବ୍ୟ ସେବନ ଯୁବପିଢ଼ିଙ୍କୁ ପଥ ଭ୍ରଷ୍ଟ କରୁଛି। ଏଣୁ ସାରା ଦେଶରେ ନିଶା ଓ ମାଦକ ଦ୍ରବ୍ୟ ବିକ୍ରି ବନ୍ଦ ଦିଗରେ ସରକାର ଦୃଷ୍ଟି ଦିଅନ୍ତୁ। ସେ ସମାଜର ମଙ୍ଗଳ ପାଇଁ ସବୁବେଳେ ନିଜକୁ ନିୟୋଜିତ କରିଛନ୍ତି। ସମାଜର ହିତ ସାଧନ ଲାଗି ତାଙ୍କ ଆତ୍ମା ଶରୀର ଛାଡ଼ିବା ପରେ ଶରୀରକୁ ଦାନ କରାଯିବ ବୋଲି ବାବା ବଳିଆ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଶିଶୁ ଅନନ୍ତ ଆଶ୍ରମର ସଚିବ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଏବଂ ଆଶ୍ରମର ଅନ୍ତେବାସୀ ଓ ବହୁ ଅନୁଗାମୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପ୍ରଦ୍ମଶ୍ରୀ ବାବା ବଳିଆ।

# ମହଲତ ପାଇଁ ବିଧାୟକଙ୍କୁ ୧୦ ହଜାର ଜରିମାନା

## ବାରବାଟୀ-କଟକ ନିର୍ବାଚନୀ ମାମଲା

କଟକ,୧୩।୧୧ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ନିର୍ବାଚନୀ ମାମଲାର ବିଧାୟକ ମହମ୍ମଦ ମୋକିମ୍‌ଙ୍କ ପକ୍ଷରୁ ଯୁକ୍ତି ବାଢ଼ିବାକୁ ଓକିଲ ମହଲତ ମାଗିବାରୁ ହାଇକୋର୍ଟ ୧୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ସୋମବାର ଶୁଣାଣିରେ ବିଧାୟକଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ନିମନ୍ତେ ମହଲତ ନେବାକୁ ଆବେଦନ କରାଯାଥିଲା। ହାଇକୋର୍ଟରେ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୨୦ ତାରିଖକୁ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ବିଧାୟକ ମୋକିମ୍‌ଙ୍କ ସାକ୍ଷ୍ୟଗ୍ରହଣ ଶେଷ ହୋଇଥିବାରୁ ତାଙ୍କ ପକ୍ଷରୁ ପ୍ରଥମେ ଯୁକ୍ତି ଉପସ୍ଥାପନ ଆରମ୍ଭ କରିବାକୁ କୋର୍ଟ ଆଦେଶ ଦିଅନ୍ତୁ ବୋଲି ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଦାଖଲ ପିଟିଶନ୍‌ରେ ଆବେଦନ କରାଯାଇଥିଲା। ଦେବାଶିଷଙ୍କ ଏହି ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟ ବିଧାୟକ ମୋକିମ୍‌ଙ୍କୁ ପ୍ରଥମେ ଯୁକ୍ତି ଉପସ୍ଥାପନ କରିବାକୁ ଆଦେଶ ଦେଇଥିଲେ। ବିଧାୟକ ମୋକିମ୍‌ଙ୍କ ପକ୍ଷରୁ ତତ୍‌କାଳୀନ ରିଟର୍ଣ୍ଣିଂ ଅଫିସର୍ ତଥା ସବ୍ କଲେକ୍ଟର୍ ସୁକାନ୍ତ କୁମାର ପ୍ରଧାନଙ୍କୁ ଜେରା କରାଯାଇସାରିଛି। ଉଲ୍ଲେଖଯୋଗ୍ୟ, ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀ କଂଗ୍ରେସ ବିଧାୟକ ମହମ୍ମଦ୍ ମୋକିମ୍‌ଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ବିଧାୟକ ମୋକିମ୍ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ଆବେଦନକାରୀ ଅଭିଯୋଗ କରଛନ୍ତି। ମୋକିମ୍‌ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

# ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଟିକିରି, ୧୩।୧୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ଖଣି ଅଞ୍ଚଳ ଭାବେ ପରିଚିତ କାଶୀପୁର ବ୍ଲକ୍ ବାଙ୍କମ୍ବ ଗାଁରେ ଦାଦନ ଦୁଃଖ ଦେଖିବାକୁ ମିଳିଛି। ବାଙ୍କମ୍ବ ଗାଁର ଜକ୍କୁ ମାଝୀ(୨୪) ଆନ୍ଧ୍ରପ୍ରଦେଶରେ ଏକ କ୍ରଶରରେ କାମ କରୁଥିବାବେଳେ ଶନିବାର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ଜକ୍କୁଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

ସାମ ମାଝୀଙ୍କ ପୁଅ ଜକ୍କୁ ଆନ୍ଧ୍ରପ୍ରଦେଶର ଓରେଙ୍ଗଲ କ୍ରିଷ୍ଣା ଜିଲାରେ ଏକ ପଥର କ୍ରସରରେ ହିଟାଚି ମେଶିନ ଡ୍ରାଇଭର ଭାବେ କାମ କରୁଥିଲେ। କୌଣସିକାରଣ ବଶତଃ ହିଟାଚି ମେଶିନ୍ ପାହାଡ଼ର ୩ ଶହ ଫୁଟ ତଳକୁ ଖସି ପଡ଼ିଥିଲା। ଫଳରେ ମେଶିନ ତଳେ ଚାପି ହୋଇ ଜକ୍କୁଙ୍କ ମୃତ୍ୟୁ ଘଟିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ଆନ୍ଧ୍ରପ୍ରଦେଶରେ କାମ କରୁଥିବାବେଳେ ବାଙ୍କାମ୍ବ ଗ୍ରାମର ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି। କାଶୀପୁର ବ୍ଲକ୍ ଖଣିଖାଦାନ ପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ଜିଲାରେ ବଡ଼ ବଡ଼ କମ୍ପାନୀ ରହିଛି। ଏହାସତ୍ତ୍ୱେ ସ୍ଥାନୀୟ ଲୋକେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ବାଙ୍କାମ୍ବ ପଞ୍ଚାୟତର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଆନ୍ଧ୍ରପ୍ରଦେଶ ଚିଙ୍ଗୁଡି ଫ୍ୟାକ୍ଟ୍ରି ଏବଂ ବିଜୟୱାଡା ଅଞ୍ଚଳରେ କାମ କରୁଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଲୋକଙ୍କ କାମ ଯୋଗାଇ ଦିଆଯିବା ସହ ଦାଦନ ଶ୍ରମିକ ରୋକାଯିବା ନେଇ ସାଧାରଣରେ ଦାବି ହୋଇଛି।

# ଫୁଟ୍‌ବଲରେ ନିଆଁ ଲଗାଇ ଖେଳିଲେ

## ଦୀପାବଳି ପାଳନର ନିଆରା ପରମ୍ପରା

ରେଢ଼ାଖୋଲ,୧୩।୧୧ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ସହରରେ ଦୀପାବଳି ପାଳନର ଏକ ସ୍ୱତନ୍ତ୍ରତା ରହିଛି। ଦୀପାବଳି ଅବସରରେ ରେଢ଼ାଖୋଲ ଯଦୁମଣି ପାଟଣା ଲକ୍ଷ୍ମୀପୂଜା କମିଟି ସଭ୍ୟମାନେ ରବିବାର ସନ୍ଧ୍ୟାରେ ଫୁଟ୍‌ବଲରେ ନିଆଁ ଲଗାଇ ଖେଳିଥିଲେ। ସ୍ଥାନୀୟ ମିନି ଷ୍ଟାଡିୟମରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଅଖାରେ ପ୍ରସ୍ତୁତ ଏହି ଫୁଟ୍‌ବଲକୁ ସ୍ୱତନ୍ତ୍ର ଭାବେ ୩ ଦିନ ପୂର୍ବରୁ ପ୍ରସ୍ତୁତ କରାଯାଇ କିରୋସିନରେ ଭିଜାଇ ରଖାଯାଏ। ଦୀପାବଳି ସନ୍ଧ୍ୟାରେ ପ୍ରଥମେ ପୂଜାର୍ଚ୍ଚନା ପରେ ବଲରେ ନିଆଁ ଲଗାଯାଏ ଓ କମିଟି ସଭ୍ୟମାନେ ଏଥିରେ ଅଧଘଣ୍ଟା ଧରି ଖେଳିଥାନ୍ତି। ଖେଳ ପାଇଁ ୨ଟି ବଲ୍ ପ୍ରସ୍ତୁତ କରାଯାଇଥାଏ। ତେବେ ନିଆଁ ଜଳୁଥିବା ବଲ୍ ଖେଳିବାକୁ ଛୋଟ ଛୁଆମାନଙ୍କୁ ବାରଣ କରାଯାଇଛି। ସମସ୍ତେ ହାପ୍ ପ୍ୟାଣ୍ଟ ଓ ଜୋତା ପିନ୍ଧି ପଡ଼ିଆକୁ ଓହ୍ଲାଇଥାନ୍ତି। ନିଆଁ ଲାଗିଥିବା ବଲ୍ ଯେପରି ଆଣ୍ଠୁ ଉପରକୁ ନ ଉଠେ ସେଥିପାଇଁ ସତର୍କ ରହିବାକୁ ସମସ୍ତଙ୍କୁ କୁହାଯାଇଥାଏ। ଖେଳିବା ସମୟରେ ସୁରକ୍ଷା ଦୃଷ୍ଟିରୁ ପାଣିଟ୍ୟାଙ୍କର ଓ ବାଲିବସ୍ତା ପ୍ରସ୍ତୁତକରି ରଖାଯାଏ। ତେବେ ଖେଳ ସରିବାପରେ ସମସ୍ତ ସଭ୍ୟ ଅଗ୍ନିଦେବତାଙ୍କୁ କ୍ଷମା ପ୍ରାର୍ଥନା ମାଗିଥାନ୍ତି। ୪୦ବର୍ଷ ହେବ ଏଭଳି ଏକ ନିଆରା ପରମ୍ପରା ଏଠାରେ ଅନୁଷ୍ଠିତ ହୋଇଆସୁଛି। ଆଇନଜୀବୀ ସ୍ୱର୍ଗତ ପ୍ରଦୀପ ସାମନ୍ତ ପ୍ରଥମେ ଏଭଳି ଏକ ନିଆରା ଖେଳ ଖେଳିବା ଆରମ୍ଭ କରିଥିଲେ। ପରେ ଏହାକୁ ଅନୁକରଣକରି ଯଦୁମଣି ପାଟଣା ଲକ୍ଷ୍ମୀପୂଜା କମିଟି ସଭ୍ୟମାନେ ପ୍ରତିବର୍ଷ ଦୀପାବଳି ଦିନ ଏହି ଖେଳ ଖେଳିଆସୁଛନ୍ତି। କମିଟି ସଭାପତି ସୁଶାନ୍ତ ସାମନ୍ତ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ପ୍ରଶାନ୍ତ ରାଉତ, ମନୋଜ ରାଏଙ୍କ ସମେତ ଅନ୍ୟ ସଭ୍ୟମାନେ ଏହି ନିଆରା ପରମ୍ପରାରେ ସାମିଲ ହୋଇଥିଲେ।


କମିଟି ସଦସ୍ୟମାନେ ଫୁଟ୍‌ବଲରେ ନିଆଁ ଲଗାଇ ଖେଳୁଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** - ଏକାଦଶସ୍ଥ ଶନିଙ୍କ ଯୋଗୁ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ। ଆଜିର ଯାତ୍ରା, ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମାଦିରେ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧି ଆଶଙ୍କା ରହିଛି। ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** - ମାନସିକ ସ୍ଥିତି ବଳବତ୍ତର ରହିବା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ବଳହୀନ ରବିଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ ହେବେ। ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିବା ଫଳରେ ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ।

**ମିଥୁନ** - ଚନ୍ଦ୍ରଙ୍କ ସହ ବୁଧଙ୍କ ସଂଯୋଗରୁ ଅର୍ଥ ପ୍ରାପ୍ତି ଲାଳସାରେ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବା ସମ୍ଭାବନା ରହିଛି। ମାନସିକ ସ୍ଥିତି ପୂର୍ବବତ୍ ରହିବା ହେତୁ ପ୍ରତ୍ୟେକ ପରିସ୍ଥିତିକୁ ସମ୍ଭାଳିନେବେ।

**କର୍କଟ** - ଚତୁର୍ଥସ୍ଥ ଏକାଧିକ ଗ୍ରହଜନିତ ଆତ୍ମୀୟସ୍ୱଜନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ଭଲ ସମ୍ପର୍କ ରହିଥିବା ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହ ଯୋଗର ହାତ ବଢ଼ାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ** - ଆଜି ଶୁକ୍ରଙ୍କ ପ୍ରଭାବରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଭାବରେ ଆଶ୍ୱସ୍ତି ଲାଭକରିବେ।

**କନ୍ୟା** - ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାରକଲେ ମଧ୍ୟ ସେମାନେ ତାହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଧନସ୍ଥାନସ୍ଥ ପାପଗ୍ରହ ପ୍ରଭାବରେ ଅସାବଧାନତା କାରଣରୁ ଧନହାନି ସମ୍ଭାବନା ରହିଛି। ସାମାଜିକ ସ୍ତରରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା,ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** - ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷକରିପାରିବେନି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବା ଅନୁଭବ କରିବେ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** - ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ,ଯାହାକି କାମକୁ ଆସିବ। ଜମିଜମା କାରଣକୁ ନେଇ କୌଣସି ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** - ପାପଯୁକ୍ତ ବୃହସ୍ପତିଜନିତ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ହଇରାଣରେ ପଡ଼ିପାରନ୍ତି। ହାତକୁ ନେଇଥିବା ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** - ସ୍ୱଗୃହୀ ଶନି ଯୋଗୁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଚନ୍ଦ୍ରମଙ୍ଗଳ ଯୋଗ ହେତୁ ଅଟକି ରହିଥିବା କାମଗୁଡ଼ିକ ତ୍ୱରାନ୍ୱିତ ହେବ। ଘରେ ବନ୍ଧୁମିଳନ ଜନିତ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ମନ ବୁଝିଲା ଭଳି କଥା କହି ପଡ଼ୋଶୀ କାର୍ଯ୍ୟ ହାସଲ କରିନେବେ।

**କୁମ୍ଭ** - ଆଜିର ଯାତ୍ରା ପ୍ରୀତିପ୍ରଦ ସାଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ତୃତୀୟ ସ୍ଥାନ ପାପଯୁକ୍ତ କାରଣରୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ,ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ** - ଧନସ୍ଥାନକୁ ଧନାଧିପଙ୍କ ଦୃଷ୍ଟି ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ହେତୁ କେତେକାଂଶରେ ମନୋବଳ ବଢ଼ିଯିବ। ପାରିବାରିକ ଜୀବନରେ ଛୋଟ ବଡ଼ ଘଟଣାକୁ ବାଦ୍ ଦେଲେ ପ୍ରାୟତଃ ବିଶେଷ ଅସୁବିଧା ରହିବ ନାହିଁ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

ଆଜି ନଭେମ୍ବର ୧୪ ତାରିଖ, ଶିଶୁ ଦିବସ, ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହ, କାର୍ତ୍ତିକ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୮ ଗତେ, ଘ. ୦୬।୪୨ ମଧ୍ୟେ, ଘ.୦୮।୪୪ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ | Bhubaneswar, Tuesday, November 14/2023 | ପୃଷ୍ଠା-୧




ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

## ଆଉ ଫେରିବେନି

**ଆଜିର ମନ୍ତବ୍ୟ**

“ ୪ବର୍ଷ ମଧ୍ୟରେ ବାବର ଆଜମ ପାକିସ୍ତାନ କ୍ରିକେଟ୍ ଟିମ୍‌ର କ୍ୟାପ୍‌ଟେନ୍ ତଥା ନେତୃତ୍ୱ ନେବାର ଦକ୍ଷତା ଅର୍ଜନ କରିପାରିଲେ ନାହିଁ।

– ସାହିଦ ଆଫ୍ରିଦି, ପାକିସ୍ତାନର ପୂର୍ବତନ କ୍ରିକେଟର୍

# ୨୪ ଘଣ୍ଟାରେ ଲଘୁଚାପ

## ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୩।୧୧**
**(ଅନିଲ ଦାସ)**

ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ୧୫ ତାରିଖରେ ଏହା ପଶ୍ଚିମ- ଉତ୍ତର ପଶ୍ଚିମଦିଗକୁ ଗତି କରିବ। ୧୬ ତାରିଖରେ ଏହା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଡିପ୍ରେସନ (ଅବପାତ)ରେ ପରିଣତ ହେବ।

ଲଘୁଚାପ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ଉପକୂଳ ଅତିକ୍ରମ କରିବା ବେଳେ ଏହା ବାତ୍ୟାରେ ପରିଣତ ହେବ ବୋଲି ଅନୁମାନ କରାଯାଉଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହେବ। ଲଘୁଚାପ ଓଡ଼ିଶା ଉପକୂଳ ଦେଇ ଗଲାବେଳେ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବ। ଏହାର ପ୍ରଭାବରେ ଆସନ୍ତା ୧୫ ତାରିଖ ରାତ୍ରିରୁ ବର୍ଷା ଆରମ୍ଭ ହେବ। ୧୬ ରୁ ୧୮ ତାରିଖରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ, ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ☞ପୃଷ୍ଠା-୯


DSPL - 364

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର



**ଶିଶୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

**ଶିଶୁ ଦିବସ ଅବସରରେ ପିଲାମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।**

ଶିଶୁ ଇଶ୍ୱରଙ୍କ ସ୍ୱରୂପ। ସମାଜର ଭବିଷ୍ୟତ। ଆଶା ଓ ଭରସା। ଯେଉଁ ସମାଜ ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ସହିତ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦିଏ, ସେ ସମାଜର ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଶିଶୁ ପ୍ରତିଭାର ସର୍ବାଙ୍ଗୀନ ବିକାଶ ପାଇଁ ପରିବାର ଓ ବିଦ୍ୟାଳୟ ସହିତ ସମାଜର ପ୍ରତ୍ୟେକ ବ୍ୟକ୍ତି ଯତ୍ନବାନ ହେବା ଉଚିତ।

ଆସନ୍ତୁ, ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ସହଯୋଗର ହାତ ବଢ଼ାଇ କାମ କରି ଚାଲିବା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



**“ପବିତ୍ର ଶିଶୁ ଦିବସ-୨୦୨୩” ଉପଲକ୍ଷେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡିଙ୍କ ବାର୍ତ୍ତା**

**‘ପବିତ୍ର ଶିଶୁ ଦିବସ-୨୦୨୩’** ଅବସରରେ ପିଲାମାନଙ୍କୁ ମୋର ଶ୍ରଦ୍ଧା ଏବଂ ଶୁଭେଚ୍ଛା। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ‘ସଂପର୍କ’- ‘ସହଯୋଗ’ - ‘ସାହାଯ୍ୟ’ - ‘ସୃଷ୍ଟି’ ଏବଂ ‘ସମାରୋହ’ ଭଳି ୫- ‘ସି’ ଉପାଦାନକୁ ନେଇ ଗଠିତ ଆମର ଶିକ୍ଷା ବ୍ୟବସ୍ଥା ସହଭାଗୀତା ଏବଂ ସମୟାନୁବର୍ତ୍ତିତା ମନ୍ତ୍ରରେ ନିଜକୁ ଦୀକ୍ଷିତ କରି ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ସତତ ଚେଷ୍ଟିତ। ଆଗାମୀ ଦିନରେ ଶିଶୁମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ସଭିଏଁ ହେବା ସଂକଳ୍ପବଦ୍ଧ - “ଏହା ହିଁ ହେଉ ପବିତ୍ର ଶିଶୁ ଦିବସର ଅନୁଚିନ୍ତା।”

(ଶ୍ରୀ ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା,
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

OIPR-27068/13/0033/2324

DSPL-365

Mukhyamantri Sampoorna Pushti Yojana

ଆମ ଓଡ଼ିଶା ନବୀନ ଓଡ଼ିଶା

# ଆମ କୁନି ପିଲା

**ଶିଶୁଙ୍କ ସାମୁହିକ ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ**

ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ କୋମଳମତି ଶିଶୁମାନଙ୍କର ସୁନ୍ଦର ଭବିଷ୍ୟତ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଅଭିନବ ଉପହାର

- ପିତା ମାତା ତଥା ପରିବାର ସଦସ୍ୟଙ୍କ ଦ୍ୱାରା ଶିଶୁର ସୁଖଦ ଲାଳନ ପାଳନ କାର୍ଯ୍ୟକ୍ରମ
- ଜନ୍ମରୁ ତିନି ବର୍ଷ ବୟସ ପର୍ଯ୍ୟନ୍ତ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କ ସଂପୂର୍ଣ୍ଣ ବିକାଶ



“ସ୍ନେହ ଯତନେ ପାଳିଲେ ଆମ ଶିଶୁଙ୍କୁ ଚିନ୍ତା ରହିବନି ଆଉ ଭବିଷ୍ୟତକୁ”
**ଶ୍ରୀ ନବୀନ ପଟ୍ଟନାୟକ**



**ମହିଳା ଓ ଶିଶୁ ବିକାଶ ବିଭାଗ**
**ଓଡିଶା ସରକାର**

OIPR-46005/13/0012/2324

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ନଭେମ୍ବର, ୨୦୨୩

> କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। –ଶ୍ରୀଅରବିନ୍ଦ



# ଆଉ ଫେରିବେନି

ଭାରତରୁ ଛାତ୍ରମାନେ ବିଦେଶ ଯାଇ ପଢ଼ିବାର ଧାରା ପୂର୍ବ ଶତାବ୍ଦୀଗୁଡ଼ିକରୁ ଲାଗିରହିଛି। ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ବି.ଆର୍.ଆମ୍ବେଡ୍କର, ଜବାହରଲାଲ ନେହେରୁ ଏବଂ ଅମର୍ତ୍ତ୍ୟ ସେନ୍ଙ୍କ ପର୍ଯ୍ୟନ୍ତ ବହୁ ଭାରତୀୟ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇଥିଲେ । ଏପରି କି ଓଡ଼ିଶାରୁ ସାରଙ୍ଗଧର ଦାସ ୧୯୦୭ରେ ଜାପାନ ଯାଇ ଟୋକିଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିରେ ପଢ଼ିଥିଲେ। ସେତେବେଳେ ଏହି ସଂଖ୍ୟା ସୀମିତ ରହୁଥିବାବେଳେ ବର୍ତ୍ତମାନ ଏହା ଅନେକ ଗୁଣ ବୃଦ୍ଧି ପାଇଛି। ବିଶେଷକରି ଆମେରିକା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଛି। ଅନ୍ୟପଟେ ସେଠାରେ ଚାଇନାର ଛାତ୍ରୀଛାତ୍ର ସଂଖ୍ୟା ଅଧିକ ଥିଲା ବୋଲି ଯାହା କୁହାଯାଇଆସୁଥିଲା ତାହା ଏବେ ହ୍ରାସ ହୋଇଥିବା ଜଣାପଡ଼ିଛି। ନିକଟରେ ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ହୋମ୍‌ଲାଣ୍ଡ ସିକ୍ୟୁରିଟି ତଥ୍ୟ ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ଆମେରିକାରେ ୩,୨୦,୦୦୦ରୁ ଅଧିକ ଭିଜାଧାରୀ ଭାରତୀୟ ଛାତ୍ରୀଛାତ୍ର ଥିବାବେଳେ ଚାଇନାର ଏହି ସଂଖ୍ୟା ୨,୫୪,୦୦୦ । ଗତ ଦଶନ୍ଧିରେ ମୋଟ ୧୮ ଲକ୍ଷ ଭାରତୀୟ ବିଭିନ୍ନ ଆମେରିକୀୟ ବିଶ୍ୱବିଦ୍ୟାଳୟରେ ଯୋଗଦେଇଛନ୍ତି। ଗତବର୍ଷ ୬୪,୩୦୦ ଭାରତୀୟ ଛାତ୍ରୀଛାତ୍ର ଆମେରିକା ଯାଇଥିବାବେଳେ ଚାଇନାରୁ ଯାଇଛନ୍ତି ୨୪,୭୯୬ ବୋଲି ରିପୋର୍ଟ ସ୍ପଷ୍ଟ କରିଛି। ଆମେରିକା ବ୍ୟତୀତ ବ୍ରିଟେନ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, କାନାଡ଼ା ଏବଂ ଆୟର୍ଲାଣ୍ଡକୁ ଭାରତୀୟ ଛାତ୍ରୀଛାତ୍ରମାନେ ଅଧିକ ସଂଖ୍ୟାରେ ପଢ଼ିବାକୁ ଯାଉଛନ୍ତି। ମହାମାରୀ ପୂର୍ବରୁ ପାଖାପାଖି ୮ ଲକ୍ଷ ଛାତ୍ରୀଛାତ୍ର ବିଦେଶରେ ପଢୁଥିଲେ ଓ ସେମାନେ ବିଦେଶ ଅର୍ଥ ବ୍ୟବସ୍ଥାରେ ୨୪ ବିଲିୟନ ଡଲାର ବ୍ୟୟ କରିଥିଲେ, ଯାହା ଭାରତ ଜିଡିପିର ୧% ଏବଂ ଏହି ପ୍ରତିଶତ ଏବେ ବୃଦ୍ଧି ପାଇବା ସ୍ୱାଭାବିକ। ଭାରତରେ ଚାହିଦା ମୁତାବକ ଗୁଣବତ୍ତା ଶିକ୍ଷାର ଅଭାବ ସହିତ ବିଦେଶରେ ନାମ ଲେଖାରେ ସହଜ ପ୍ରକ୍ରିୟା, ଗବେଷଣା ପାଇଁ ବିଭିନ୍ନ ବିକଳ୍ପ, ମେଧାବୃତ୍ତି ଉପଲବ୍ଧତା ଏବଂ ଉଚ୍ଚ ବେତନର ଚାକିରି ସମ୍ଭାବନା ବିଦେଶରେ ଉଚ୍ଚଶିକ୍ଷା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରୁଥାଇପାରେ।

ଚିନ୍ତାଜନକ ବିଷୟ ହେଉଛି, ଭାରତରେ ଅତୀତରୁ ଏଯାବତ୍ ଯେଉଁସବୁ ଶିକ୍ଷାନୀତି ଗ୍ରହଣ କରାଯାଇଆସୁଛି ତାହା ସଫଳ ହେବା ଦେଖାଯାଇନାହିଁ। ଅନ୍ୟପକ୍ଷରେ ଶିକ୍ଷାର ଘରୋଇକରଣ ବ୍ୟାପକ ହୋଇଥିଲେ ମଧ୍ୟ ବିଦେଶ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ଶିକ୍ଷା ଓ ଗବେଷଣାରେ ସମକକ୍ଷ ହୋଇପାରିନାହାନ୍ତି। ୨୫ ବର୍ଷରୁ କମ୍ ବୟସ୍କଙ୍କ ସଂଖ୍ୟା ଭାରତ ଜନସଂଖ୍ୟାର ଅଧାରୁ ଅଧିକ ବୋଲି କୁହାଯାଉଛି। କିନ୍ତୁ ଶିକ୍ଷାର ମାନକୁ ଦେଖିଲେ ବିଶ୍ୱସ୍ତରୀୟ ଶୀର୍ଷ ୧୦୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ଗୋଟିଏ ମଧ୍ୟ ନାହିଁ। ଆମର ବାହାବା ନିଆଯାଉଛି ଯେ, ପୃଥିବୀର ଏକ ଯୁବଦେଶ ଭାବେ ଭାରତ ଅନ୍ୟତମ। କେବଳ ବୟସରେ ଯୁବକ ହେଲେ ହେବନାହିଁ, ସେଥିପାଇଁ ଶିକ୍ଷାର ମାନ ଏବଂ ଶିକ୍ଷା ପାଇବାର ସୁବିଧା ଯୁବପିଢ଼ିଙ୍କୁ ମିଳିବା ଦରକାର। ତାହାର ଘୋର ଅଭାବ ଭାରତରେ ଦେଖାଯାଉଛି। ମନେହେଉଛି, ଯେପରି ଏଠାରେ ଉଚ୍ଚ ଶିକ୍ଷିତ ଯୁବପିଢ଼ି ପାଇଁ ଜାଗା ଛାଡ଼ିବାକୁ ବ୍ୟବସ୍ଥା ଅନିଚ୍ଛୁକ। ଏହାଫଳରେ ପଛ୍କେ ଗୁଣ୍ଡାଶ୍ରେଣୀର କିମ୍ବା ଅକାମୀ ଯୁବପିଢ଼ି ଏହି ଦେଶରେ ରହିଯିବେ ଏବଂ ଯେଉଁମାନେ କୌଣସି କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣ କରିପାରିବେ, ସେମାନେ ଦେଶଛାଡ଼ି ଯିବେ। ଏହି ସମସ୍ୟାର ପ୍ରଭାବ ତତ୍‌କ୍ଷଣାତ୍ ପଡ଼ିବ ନାହିଁ, କିନ୍ତୁ ଆସନ୍ତା କେତୋଟି ଦଶନ୍ଧିରେ ଏହାର କୁପ୍ରଭାବ ସମସ୍ତଙ୍କୁ ଜଣାପଡ଼ିବ। କିନ୍ତୁ ଏହାଠାରୁ ଅଧିକ ଗୁରୁତ୍ୱ ଧାରଣ କରୁଛି ଭାରତୀୟ ଅଭିଭାବକମାନଙ୍କର ଏବକାର ମାନସିକ ଚିନ୍ତା। ଏହି ଦେଶରେ ଉଚ୍ଚଶିକ୍ଷିତ ଏବଂ ଉଚ୍ଚ ଅର୍ଥନୈତିକ ଶ୍ରେଣୀର ନାଗରିକ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ସବୁ ମାସରେ ଖବର ପଢ଼ିବାକୁ ମିଳୁଛି, ଯେଉଁଥିରେ ଉଲ୍ଲେଖ ରହିଛି ପୂର୍ବ ମାସରେ କେତେ ହଜାର ଧନୀ କୋଟିପତି ଭାରତୀୟ ବିଦେଶରେ ବସବାସ କରିବା ପାଇଁ ଦେଶ ଛାଡୁଛନ୍ତି। ଭାରତରେ ବ୍ୟବସାୟ କରିବା ଅଧିକରୁ ଅଧିକ କଷ୍ଟକର ହୋଇପଡୁଛି। ଏହା ବ୍ୟତୀତ ଭାରତୀୟ ଟିକସ ଆଇନ ମଧ୍ୟ ଅତ୍ୟନ୍ତ ଜଟିଳ ହୋଇପଡ଼ିବାରୁ ମଧ୍ୟଶ୍ରେଣୀର ବ୍ୟବସାୟୀ ଏବଂ ଶିଳ୍ପୋଦ୍ୟୋଗୀ ଦେଶ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏହି ପ୍ରଚ୍ଛଦପଟରେ ଦେଖିଲେ ଭାରତରୁ ପାଠପଢ଼ା ଆଳରେ ଯେଉଁ ଛାତ୍ରୀଛାତ୍ର ବିଦେଶ ଯାଉଛନ୍ତି ସେମାନେ ନିଜ ଦେଶକୁ ଫେରିବାର କୌଣସି ଉଦ୍ଦେଶ୍ୟ ରଖୁନାହାନ୍ତି। ଏଥିରୁ ବୁଝିବାକୁ ହେବ ଯେଉଁ ପରିବାର ନିଜ ପିଲାଙ୍କୁ ବିଦେଶରେ ପଢ଼ାଇବାକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ, ସେମାନେ ସମସ୍ତେ ପିଲାଙ୍କର ଭବିଷ୍ୟତକୁ ଦେଖି ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଗୋଷ୍ଠୀ ହୁଏତ ରାଜନୈତିକ ଆଲୋଚନାରେ ମତଦେବା ପାଇଁ ଆଗେଇ ଆସନ୍ତି ନାହିଁ। କିନ୍ତୁ ସମସ୍ତେ ଭାରତର ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତିକୁ ଭଲ ଭାବେ ବୁଝିପାରୁଛନ୍ତି। ଅଶାନ୍ତ ଦେଶରେ ରହି ତାଙ୍କର ପିଲାମାନେ ସୁଖରେ ଜୀବନ ବିତେଇପାରିବେ ବୋଲି ବିଶ୍ୱାସ ହରାଇ ବସିଲେଣି ଏହି ମାତାପିତା।

କେବଳ ବୟସରେ ଯୁବକ ହେଲେ ହେବନାହିଁ, ସେଥିପାଇଁ ଶିକ୍ଷାର ମାନ ଏବଂ ଶିକ୍ଷା ପାଇବାର ସୁବିଧା ଯୁବପିଢ଼ିଙ୍କୁ ମିଳିବା ଦରକାର। ତାହାର ଘୋର ଅଭାବ ଭାରତରେ ଦେଖାଯାଉଛି। ମନେହେଉଛି, ଯେପରି ଏଠାରେ ଉଚ୍ଚ ଶିକ୍ଷିତ ଯୁବପିଢ଼ି ପାଇଁ ଜାଗା ଛାଡ଼ିବାକୁ ବ୍ୟବସ୍ଥା ଅନିଚ୍ଛୁକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 4 |
| | | 7 | | 1 | 6 | | | |
| | | | | | 8 | | | |
| | | | | | | 8 | | 3 |
| 9 | | | | 4 | | 1 | | |
| | | 3 | 7 | 6 | | | | 9 |
| 5 | 8 | | | | 1 | | | |
| | | | | | 2 | 3 | | |
| | 9 | | | | | | 5 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 1 | 3 | 4 | 5 | 2 | 8 |
| 5 | 4 | 3 | 7 | 2 | 8 | 6 | 1 | 9 |
| 1 | 2 | 8 | 5 | 9 | 6 | 7 | 4 | 3 |
| 2 | 3 | 7 | 9 | 8 | 1 | 4 | 6 | 5 |
| 6 | 5 | 9 | 3 | 4 | 7 | 1 | 8 | 2 |
| 8 | 1 | 4 | 6 | 5 | 2 | 3 | 9 | 7 |
| 9 | 6 | 1 | 8 | 7 | 3 | 2 | 5 | 4 |
| 4 | 7 | 5 | 2 | 1 | 9 | 8 | 3 | 6 |
| 3 | 8 | 2 | 4 | 6 | 5 | 9 | 7 | 1 |

ଗତ ସଂସ୍କରଣର ଉତ୍ତର

# ମଣିଷ, ପରିବେଶ ଓ ଭଗବାନ୍



ସହଦେବ ସାହୁ

ଯଦି ଗଡ୍ ହାଜ୍ କ୍ରିଏଟେଡ୍ ମାନ୍ ଇନ୍ ହିଜ୍ ଓନ୍ ଇମେଜ୍ (ଭଗବାନ୍ ମଣିଷକୁ ତାଙ୍କ ପ୍ରତିଛବି ରୂପେ ଗଢ଼ିଛନ୍ତି) ତେବେ କାହିଁକି ମଣିଷ ଗଛଲତା ନ ଥିବା ସ୍ଥାନରେ, ଉପଯୋଗୀ ପାଣି ପବନ ନ ଥିବା ଜାଗାରେ ଚଳିପାରୁ ନାହିଁ? ଅନୁକୂଳ ପରିବେଶ ନ ପାଇଲେ କାହିଁକି ନିଶ୍ଚିହ୍ନ ହୋଇଯାଉଛି? ଗଛଲତା ହେଉ କି ଅଣୁଜୀବ, ଅଣ୍ଡଜ ହେଉ କି ସ୍ତନ୍ୟପାୟୀ, କୌଣସି ଜୀବନ୍ତ ବସ୍ତୁ ଖାଦ୍ୟ ବିନା ବଞ୍ଚିପାରିବ ନାହିଁ। ଖାଦ୍ୟ ଯୋଗାଡ଼ କରିବା ଦୃଷ୍ଟିରୁ ଜୀବଜଗତ ୨ଶ୍ରେଣୀର – ଗୋଟିଏ ଆତ୍ମଜୀବୀ (ଅଟୋଟ୍ରଫିକ୍), ଅନ୍ୟଟି ପରଜୀବୀ (ହେଟେରୋଟ୍ରଫିକ୍)। ଅଟୋଟ୍ରଫିକ୍ ଜୀବଟି ନିଜେ ଅଖାଦ୍ୟ ନିର୍ଜୀବ ବସ୍ତୁରୁ ଖାଦ୍ୟ ତିଆରିକରେ । ମଣିଷ ହେଟେରୋଟ୍ରଫିକ୍ ଅର୍ଥାତ୍ ଅନ୍ୟ ଜୀବନ୍ତ ଜିନିଷମାନେ ନିଜ ଅଭିବୃଦ୍ଧି ପାଇଁ ଯେଉଁ ଖାଦ୍ୟ ତିଆରି କରିଥାନ୍ତି ତାକୁ ଖାଏ, ନିଜେ କୌଣସି ନିର୍ଜୀବ ବସ୍ତୁକୁ ଖାଇପାରେନାହିଁ କି ତାକୁ ଖାଇବା ଉପଯୋଗୀ କରିପାରେନାହିଁ। ଅଟୋଟ୍ରଫିକ୍ ଜୀବନ୍ତ ବସ୍ତୁ, ଯଥା ଉଦ୍ଭିଦ, ବାହାରୁ ଶକ୍ତି ଗ୍ରହଣକରି ଅଙ୍ଗାରକାମ୍ଳ ଓ ଜଳ ଭଳି ନିର୍ଜୀବ ସାମଗ୍ରୀରୁ ଖାଦ୍ୟ ତିଆରିକରେ, ତାକୁ ଖାଏ ଓ ଅନ୍ୟକୁ ଯୋଗାଏ। ସୂର୍ଯ୍ୟରୁ ମିଳୁଥିବା ଉର୍ଜାକୁ ଜାଳେଣି ଭାବେ ବ୍ୟବହାରକରି ପାଣି, ଖଣିଜଦ୍ରବ୍ୟ ଓ ଅଙ୍ଗାରକାମ୍ଳ ଭଳି ଅଜୈବ ସାମଗ୍ରୀକୁ ମିଶାଇ ଉଦ୍ଭିଦ ତା'ର ପୋଷକ ବା ପୁଷ୍ଟି (ଷ୍ଟାର୍ଚ) ତିଆରିକରେ । ଏହି ଭାଶ୍ଳେଷଣ ପ୍ରକ୍ରିୟାରେ ଲିପିଡ୍ ଓ ପ୍ରୋଟିନ୍ ଭଳି ବଡ଼ ବଡ଼ ଜଟିଳ ଅଣୁ ବି ତିଆରି ହୁଏ। ସବୁ ପ୍ରାଣୀ ହେଟେରୋଟ୍ରଫିକ୍ – ଗଛଲତାକୁ ଖାଆନ୍ତି କିମ୍ବା ଗଛଲତାକୁ ଖାଇ ବଞ୍ଚିଥିବା ପ୍ରାଣୀକୁ ବି ଖାଆନ୍ତି। ଭଗବାନ୍ ତ ସବୁଠି ଅଛନ୍ତି ବୋଲି ଆମେ ଭାବୁ, ତେବେ ମଣିଷ କାହିଁକି ସବୁଠି ତିଷ୍ଠିପାରୁନାହିଁ, ସେ କାହିଁକି ପରଜୀବୀ?

ଅଟୋଟ୍ରୋଫ୍‌ମାନେ ଯେକୌଣସି ପରିବେଶରେ ବଢ଼ିପାରନ୍ତି, ଯଥା ଆମ ପାଉଁରୁଟିରେ ଥିବା ଇଷ୍ଟ ଯାହା ଦେହରେ ସବୁ ପ୍ରକାର ଏନ୍‌ଜାଇମ୍ ବା ପାଚକ ଅଛି (ଶର୍କରା ଓ ବାୟୋଟିନ୍ ନାମକ କେବଳ ଦୁଇଟି ପାଚକକୁ ଛାଡ଼ି)। ଜୀବ ଯେତେ ଜଟିଳତର ହୋଇଛି ବା ହେଉଛି ସେତେ ପରିମାଣରେ ଏନ୍‌ଜାଇମ୍ ହରାଉଛି। ମଣିଷ ସବୁଠାରୁ ବେଶି ଏନ୍‌ଜାଇମ୍ ହରାଇଛି। ଇତରରୁ ଉଚ୍ଚତର ଶ୍ରେଣୀର ଜୀବକୁ ଦେଖିଲେ ଆମେ ଜାଣିବା ପ୍ରତ୍ୟେକ ପ୍ରଜାତି ଅଧିକରୁ ଅଧିକ ଏନ୍‌ଜାଇମ୍ ହରାଇଛି। ତାହା ବିବର୍ତ୍ତନର ଅର୍ଥାତ୍ ପରିବେଶ ସହ ମିଳିମିଶି ରହିବାର ଫଳ ; ଭଗବାନ୍‌ଙ୍କ ସୃଷ୍ଟି ନୁହେଁ ; କାରିଗର ଯେପରି ମୂର୍ତ୍ତି ତିଆରିକରେ ଭଗବାନ୍ ସେମିତି ପ୍ରତି ମଣିଷକୁ (ଅନ୍ୟ ଜୀବକୁ ବି) ତିଆରି କରୁନାହାନ୍ତି। ମଣିଷର ବିଭିନ୍ନ ପ୍ରକାର ଆବଶ୍ୟକତା ମଧ୍ୟରେ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରଧାନ, ସେଗୁଡ଼ିକ ମଣିଷକୁ ରେଡିମେଡ୍ (ଅନ୍ୟ ଦ୍ୱାରା ପ୍ରସ୍ତୁତ ହୋଇ) ମିଳିବା ଦରକାର । ଗଛଲତା ହିଁ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରସ୍ତୁତ କରିଥାଏ।



ପ୍ରାଣୀ ଯେତେ ଉଚ୍ଚତର, ପ୍ରକୃତିଠାରୁ ସେତେ ଦୂର ; ଖାଦ୍ୟ ଦୃଷ୍ଟିରୁ ସେତେ ପରମୁଖାପେକ୍ଷୀ। ଜଟିଳତର ପ୍ରାଣୀ ହେବା ମାନେ ପରିବେଶ ଉପରେ ନିର୍ଭରକରିବା – ପରିବେଶ ସନ୍ତୁଳିତ ନ ରହିଲେ ପ୍ରାଣୀମାନଙ୍କର ବିନାଶ, ଧର୍ମାତ୍ମମାନଙ୍କ ଭାଷାରେ ପ୍ରଳୟ ଘଟିବ । ଶରୀର ଗଠନ ଲାଗି ପରିବେଶରୁ ସବୁ ଜିନିଷ ଆଣିପାରୁଥିବାରୁ ସେସବୁ ଜିନିଷ ତିଆରି କରିବାର ଯନ୍ତ୍ରପାତି ବା ଏନ୍‌ଜାଇମ୍ ମଣିଷ ଦେହର କୋଷଗୁଡ଼ିକ ବୋହୁନାହାନ୍ତି । ବରଂ ନିଜର ବୋଝ ହାଲୁକା କରି ବିଶେଷ ଉଦ୍ଦେଶ୍ୟରେ ଓ ସୂକ୍ଷ୍ମତର କାମ ପାଇଁ କୋଷଗୁଡ଼ିକ ଶକ୍ତି ଓ ସ୍ଥାନ, ତେଣୁ ମସ୍ତିଷ୍କକୁ ଖୋରାକ ଯୋଗାଉଛନ୍ତି ; ଫଳରେ ଯେଉଁ ବିଶ୍ରାମ ମିଳୁଛି ତାକୁ ବ୍ୟାବହାରିକ କୌଶଳ ବା କାରିଗରି ବିଦ୍ୟାର ବିକାଶରେ ଲଗାଉଛନ୍ତି। ମଣିଷ ଦର୍ଶନ ବା ବିଜ୍ଞାନରେ ମଜି ଯିବାକୁ ସମୟ ପାଉଛି। ପରିବେଶକୁ ପୂରାପୂରି ବ୍ୟବହାର କରିପାରିଲେ ମଣିଷ ଖାଇବା ଲାଗି ଡିନରଟେବୁଲରେ ସମୟ ବିତାନ୍ତା ନାହିଁ, ତା' ଶରୀରର କୋଷଗୁଡ଼ିକ ଆପେ ଆପେ ଖାଦ୍ୟ ସଂଗ୍ରହ କରିନିଅନ୍ତେ ଏବଂ ମଣିଷ ଏକ 'ଜ୍ଞାନ ଅସ୍ତିତ୍ୱ', ସେନ୍‌ସିଏଣ୍ଟ ବିଇଂ ହୋଇଯାଆନ୍ତା, ଆମର ଉପସ୍ଥିତ ଭାଷାରେ ଦେବତା ହୋଇଯାନ୍ତା । ଅବଶ୍ୟ ବିବର୍ତ୍ତନର ନିୟମ ତିଆରି କରିଥିବା ଶକ୍ତିକୁ ଆମେ ଭଗବାନ୍ କହିବା ତ ପ୍ରତି ନିୟମ ମାନିବାକୁ ଧର୍ମ କହିବା। ଭଗବାନ୍ ମୋତେ ରକ୍ଷାକର ପ୍ରାର୍ଥନା କରିବା ବେଳେ ଆମେ କହୁନାହୁଁ କି ଏଣିକି ମୁଁ ପାପ କରିବି ନାହିଁ (ଅର୍ଥାତ୍ ବିବର୍ତ୍ତନର ନିୟମ ଭାଙ୍ଗିବି ନାହିଁ)।

ଧର୍ମ ମାନେ ଅହିଂସ ହେବା କାହିଁକି ଦରକାର? କେବଳ ଖାଦ୍ୟ ଆହରଣରେ ପ୍ରତିଦ୍ୱନ୍ଦ୍ୱୀକୁ ଦୂରେଇଦେବା ଲାଗି ନୁହେଁ, ପ୍ରକୃତିର ଫାଷ୍ଟ ଫୁଡ୍ ପାଇବା ପାଇଁ: ଭୋଜୀର ଅନ୍ତ୍ରରେ ପହଞ୍ଚିଲା କ୍ଷଣି ଭୋଜ୍ୟ ଜୀବର ଟୁକୁରା ଟୁକୁରା ମାଂସ ଓ ରକ୍ତ ଆଦିରୁ ଅଣୁଗୁଡ଼ିକ ଏନ୍‌ଜାଇମ୍-କ୍ରିୟା ଦ୍ୱାରା ଚୂର୍ମାର ହୋଇ ଉଚ୍ଚତର ପ୍ରାଣୀର ଦେହରେ ମିଶେ: ଏଭଳି ପ୍ରସେସିଂ ବା ପ୍ରକ୍ରିୟାକରଣ (ହଜମ କ୍ରିୟା) ଆମ ଦେହରେ ଥିବା ଅଣୁଜୀବମାନେ କରନ୍ତି। ଯଦି ସମସ୍ତେ ମାଂସାଶୀ ହୋଇଥାନ୍ତେ ପୃଥିବୀ ପ୍ରାଣୀଶୂନ୍ୟ ହୋଇସାରନ୍ତାଣି: ଏ ପ୍ରବନ୍ଧଟି ଲେଖିବାକୁ ମୁଁ କି ପଢ଼ିବାକୁ ଆପଣ ନ ଥାନ୍ତେ । ବିବର୍ତ୍ତନର ଏ ନିୟମ ବୁଝିଥିବା ଲୋକ ଧର୍ମର ଦୁହାଇଦେଇ ନିରାମିଷାଶୀ ହୁଅନ୍ତି ।

ଆଉ ଗୋଟିଏ ଦିଗରୁ ଦେଖନ୍ତୁ। ଆମେ ଯାହା ଖାଉ ସବୁଯାକ ଆମ ଦେହରେ ଲାଗେ ନାହିଁ। ଭୋଜ୍ୟ ଉଦ୍ଭିଦ/ପ୍ରାଣୀର ବିଭିନ୍ନ ତନ୍ତୁରେ ଥିବା ଶକ୍ତିର ୧୦% ମାତ୍ର ଭୋଜୀ/ଖାଦକର ଦେହକୁ ଆସେ, ବାକି ୯୦% ମଳମୂତ୍ର ବା ବର୍ଜ୍ୟବସ୍ତୁ ଆକାରରେ ବାହାରିଯାଏ। ହୁଣ୍ଡା ହିସାବରେ ଗୋଟିଏ ବୟସ୍କ ମାଂସାଶୀ ପ୍ରାଣୀ ବଞ୍ଚିବା ଲାଗି ବର୍ଷକୁ ୧୦ଟି ପ୍ରାଣୀ ମାରିବାକୁ ବାଧ୍ୟ ; ଏହି କାରଣରୁ ବେଶି ସଂଖ୍ୟକ ପ୍ରାଣୀ ତୃଣଭୋଜୀ। ମଣିଷ, ଭାଲୁ, ଘୁଷୁରି ଭଳି କେତେକ ପ୍ରାଣୀ ଉଭୟ ତୃଣଭୋଜୀ ଓ ମାଂସାଶୀ। ଓଜନ ହିସାବରେ ବୁଝିବା ସହଜ । ସବୁ ତୃଣଭୋଜୀ ପ୍ରାଣୀଙ୍କୁ ଓଜନ କଲେ ମାଂସାଶୀ ପ୍ରାଣୀମାନଙ୍କ ମୋଟ ଓଜନର କୋଟି କୋଟି ଗୁଣ ହେବ । ତୃଣଭୋଜୀମାନେ ବି ଗଛପତ୍ର ଖାଇବାରେ ବହୁ କିଛି ନଷ୍ଟ କରନ୍ତି, କେବଳ ଦଳାଦଳିରେ ନୁହେଁ, ଦେହ ଭିତରେ ହଜମ ପ୍ରକ୍ରିୟା ଭିତରେ ବି। ୧୦୦ କିଲୋ ଘାସ ଖାଇଲେ ଗାଈକୁ ମାତ୍ର ୨ କିଲୋ ପ୍ରୋଟିନ ମିଳେ। ଶୁଖିଲା ନଡ଼ା ଖାଉଥିବା ଗାଈ ନଡ଼ାରୁ ଯାହା ଶକ୍ତ ପାଏ ତାହା ଚୋବାଇବାରେ ହିଁ ଖର୍ଚ୍ଚ କରିଦିଏ, ଦେହ ବୃଦ୍ଧି ପାଇଁ ନାମମାତ୍ର ପାଏ। ସୁଖର କଥା ଯେ ଗଛଲତାମାନେ ଯେତେ ପରିମାଣରେ ଖାଦ୍ୟ ତିଆରି କରନ୍ତି ପ୍ରାଣୀମାନେ ସେତେ ପରିମାଣରେ ଡକାୟତି କରିପାରନ୍ତି ନାହିଁ। ତେଣୁ ଉଦ୍ଭିଦ ଜଗତର ଗୁରୁତ୍ୱ ଏତେ ବେଶି। ଗଛଲତାଶୂନ୍ୟ ହୋଇଗଲେ ପୃଥିବୀରେ ଜୀବସତ୍ତା ରହିବ ନାହିଁ।

ମଣିଷ ଗୋଟିଏ ଅସମ୍ପୂର୍ଣ୍ଣ ଜୀବ। ଯଦି ଭଗବାନ୍ ମଣିଷକୁ ତାଙ୍କ ରୂପରେ ଗଢ଼ିଛନ୍ତି, ଅର୍ଥାତ୍ ମଣିଷ ରୂପ ଭଗବାନ୍‌ଙ୍କ ପରି, ତେବେ ତାହା ଦେହର ଗଠନ କାହିଁକି ସ୍ୱୟଂସମ୍ପୂର୍ଣ୍ଣ ନୁହେଁ? ମଣିଷର ବଂଶାଣୁ ବା ଡିଏନ୍ଏ ଅନୁଧ୍ୟାନ ପ୍ରକଳ୍ପ – ଜିନୋମ୍ – ୨୦୦୩ରେ ସରିଯାଇଛି। ଗଣଗଣିଆ ମାଛିର ୧୪,୦୦୦ ଜିନ୍, ନେମାଟୋଡ୍ ପୋକର ୨୦,୦୦୦ ଜିନ୍। ମଣିଷର ଲକ୍ଷାଧିକ ଜିନ୍ ବାହାରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବାହାରିଛି ୨୦ ରୁ ୨୫ ହଜାର ଭିତରେ ; ପୋକଠାରୁ ହୀନ। ଏତେ ବୁଦ୍ଧିଆ ପ୍ରାଣୀର ହଜିଲା ଜିନ୍ ସବୁ କେଉଁଠି ଅଛି? ସେସବୁ ଅଣୁଜୀବମାନଙ୍କଠାରେ ରହିଛି, ଆମ ଦେହ କୋଷଗୁଡ଼ିକ ଯେତିକି ପ୍ରୋଟିନ୍ ତିଆରି କରିପାରୁଛନ୍ତି ତାହାର ୩୬୦ ଗୁଣ ତିଆରି କରୁଛନ୍ତି ଆମ ଦେହ ଭିତରେ ଥିବା ଅଣୁଜୀବମାନଙ୍କ ଦେହରେ ଥିବା ୧୦ ଲକ୍ଷ କୋଟି କୋଷ । ପ୍ରତି ମଣିଷକୁ ଗୋଟିଏ ଗୋଟିଏ ସ୍ମାର୍ଟଫୋନ୍ ଭାବିଲେ ଅଣୁଜୀବମାନେ ହେବେ ଭିନ୍ନ ଭିନ୍ନ ଆପ୍ଲିକେଶନ ; ଆମ ଦେହର (ବନ୍ଧୁ) ଅଣୁଜୀବମାନେ ଯଥେଷ୍ଟ ସଂଖ୍ୟାରେ ନ ରହିଲେ ବାହାରର (ଶତ୍ରୁ) ଅଣୁଜୀବମାନେ ସହଜରେ ଦେହରେ ପ୍ରବେଶକରି ଦେହ କୋଷକୁ ନଷ୍ଟ କରିବେ, ତାହା ହିଁ ତ ରୋଗ ଓ ମୃତ୍ୟୁ ଆଣେ! ତେଣୁ ଭଗବାନ୍‌ଙ୍କୁ ପୂଜା କରିବାର ଅନ୍ତର୍ନିହିତ ଅର୍ଥ ପରିବେଶକୁ ସୁସ୍ଥ ରଖିବାର ନିୟମସବୁ ମାନିବା ।

sahadevas@yahoo.com

# ଧର୍ମ ପାଇଁ ରକ୍ତପାତ ବାଞ୍ଛନୀୟ କି



ଡ. ଜୟଦେବ ସାହୁ

ଧର୍ମ ହିଁ ମଣିଷକୁ ପଶୁ ପରିହାର କରି ମାନବୀୟ ଗୁଣରେ ପରିପୂର୍ଣ୍ଣ କରିଛି। ଜୀବନର ମୂଳ ଲକ୍ଷ୍ୟ ମୋକ୍ଷପ୍ରାପ୍ତି ପାଇଁ ବାଟ ଦେଖେଇଛି। ଧର୍ମ ମଣିଷକୁ ଅଧର୍ମ କାର୍ଯ୍ୟରୁ ନିବୃତ୍ତ କରିବାର ଏକ ମାଧ୍ୟମ। ସେଥିପାଇଁ କହନ୍ତି ଧାରୟତି ଇତି ଧର୍ମ। ଅନ୍ୟ ଏକ ସଂସ୍କୃତ ଶ୍ଳୋକ ଧର୍ମର ସଂଜ୍ଞା ପ୍ରଦାନ କରି କହେ :'ଅଥାହିଂସା କ୍ଷମା ସତ୍ୟମ୍ ହିଶ୍ରଦ୍ଧେନ୍ଦ୍ରୀୟ ସଂଯମ /ଦାନମିଜ୍ୟା ତପୋଧ୍ୟାନମ୍ ଦଶକମ୍ ଧର୍ମ ସାଧନମ୍।'

ଅହିଂସା, କ୍ଷମା, ସତ୍ୟ, ଲଜ୍ଜା, ଶ୍ରଦ୍ଧା, ଇନ୍ଦ୍ରିୟ ସଂଯମ, ଦାନ, ଯଜ୍ଞ, ତପ ଏବଂ ଧ୍ୟାନ ଧର୍ମର ଦଶଟି ଗୁଣ। ଏହା କେବଳ ହିନ୍ଦୁଧର୍ମର ସଂଜ୍ଞା ନୁହେଁ ବରଂ ବିଶ୍ୱର ସବୁ ଧର୍ମର ଏହା ଆଚରଣ। କୌଣସି ଧର୍ମ ହିଂସା କିମ୍ବା ଅସତ୍ୟରେ ବିଶ୍ୱାସ କରେନାହିଁ। ମଣିଷକୁ ସତ୍ କର୍ମ, ଅନ୍ୟକୁ ସମ୍ମାନ ଦେବା, ବିପଦରେ ସାହାଯ୍ୟ କରିବା, ନାରୀମାନଙ୍କ ଇଜ୍ଜତ ରକ୍ଷା କରିବାକୁ ଧର୍ମ ଉପଦେଶ ଦିଏ। କିନ୍ତୁ କାଳକ୍ରମେ ଧର୍ମ ନାମରେ ହିଂସା କରିବା, ଅନ୍ୟ ଧର୍ମାବଲମ୍ବୀଙ୍କୁ କାଫିର କହି ବିଦ୍ୱେଷ କରିବା ଏବଂ ଜୋରଜବରଦସ୍ତ ଧର୍ମାନ୍ତର କରିବା ମଣିଷ ପାଇଁ ସ୍ୱାଭାବିକ୍ ହୋଇପଡ଼ିଛି। ପ୍ରେମ ବଦଳରେ ଘୃଣା ଏବଂ ଅହିଂସା ବଦଳରେ ହିଂସା ପ୍ରାୟ ସବୁ ଧର୍ମର ଆଚାର ହେବା ଲକ୍ଷ୍ୟ କରାଯାଏ। ଖ୍ରୀଷ୍ଟ ଧର୍ମ ଦୟା ଓ ପ୍ରେମର ନିଦର୍ଶନ। କିନ୍ତୁ ଆମେରିକାର ମୂଳ ବାସିନ୍ଦାମାନଙ୍କୁ ୟୁରୋପରୁ ଖ୍ରୀଷ୍ଟିୟାନ୍‌ମାନେ ଆସି ଜୋରଜବରଦସ୍ତ ଧର୍ମାନ୍ତର କଲେ ଏବଂ ଯେଉଁମାନେ ଅମଙ୍ଗ ହେଲେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କଲେ। ଇସ୍‌ଲାମ ଧର୍ମ ଶାନ୍ତି ଓ ନ୍ୟାୟରେ ବିଶ୍ୱାସ କରେ। କିନ୍ତୁ ଜିହାଦ ନାମରେ ଏବଂ ଇସ୍‌ଲାମିକ୍ ଦେଶ ସ୍ଥାପନ ପାଇଁ ଆଇଏସ୍‌ଆଇଏସ୍ ଏବଂ ହମାସ୍ ଭଳି ଉଗ୍ରପନ୍ଥୀ ଗୋଷ୍ଠୀ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ହତ୍ୟା, ଅତ୍ୟାଚାର ଓ ବଳାତ୍କାର କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ବୌଦ୍ଧଧର୍ମ ଅହିଂସା ପାଇଁ ବିଶ୍ୱବିଦିତ। କିନ୍ତୁ ଆଶ୍ଚର୍ଯ୍ୟର କଥା ମ୍ୟାନ୍‌ମାରରେ କିଛି ବୌଦ୍ଧ ଧର୍ମାବଲମ୍ବୀ ରୋହିଙ୍ଗ୍ୟାମାନଙ୍କ ପ୍ରତି ହିଂସା ଆଚରଣ କରୁଛନ୍ତି। ହିନ୍ଦୁ ଧର୍ମ ଶାଶ୍ୱତ ପ୍ରେମ, ଦୟା, କ୍ଷମା ଓ ଅହିଂସାରେ ବିଶ୍ୱାସ ରଖେ। ଭାରତରେ ଏବେ କିଛି ରକ୍ଷଣଶୀଳ ହିନ୍ଦୁ ଅନ୍ୟ ଧର୍ମାବଲମ୍ବୀମାନଙ୍କ ସହିତ ବିଦ୍ୱେଷ ଓ ହିଂସା ଆଚରଣ କରୁଥିବା ଦେଖାଯାଏ। ଏମିତି ପ୍ରାୟ ସବୁ ଧର୍ମ ନିଜ ନୀତି ନିୟମରୁ ବିଚ୍ୟୁତ ହୋଇଥିବା ଉପଲବ୍ଧି ହୁଏ।

ଧର୍ମ ଧର୍ମ ଭିତରେ ତିକ୍ତତା ନୂଆ ନୁହେଁ। ଇତିହାସରୁ ଜଣାଯାଏ, ମାନବ ସଭ୍ୟତା ଯେତିକି ପୁରୁଣା ଓ ଯେଉଁ ଦିନରୁ ବିଭିନ୍ନ ଧର୍ମର ଅଭ୍ୟୁଦୟ ଘଟିଛି, ସେହିଦିନଠାରୁ ଧର୍ମମାନେ ନିଜର ପତିଆରା ଜାହିର କରିବାର ପ୍ରୟାସ କରିଛନ୍ତି। ଏଥିପାଇଁ ଧର୍ମଯୁଦ୍ଧ ସଂଗଠିତ ହୋଇଛି ଓ ଅନେକ ଧନ ଜୀବନ ନଷ୍ଟ ହୋଇଛି। ୧୦୯୫ରୁ ୧୨୯୧ ମସିହା ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ୍ ଓ ମୁସଲମାନ୍‌ମାନଙ୍କ ମଧ୍ୟରେ ଅନେକ ଯୁଦ୍ଧ ହୋଇଥିଲା। ଏହାକୁ ଇଂଲିଶ୍‌ରେ 'କୃସେଡ୍' ବୋଲି କୁହାଗଲା। ଇସ୍‌ଲାମ ଧର୍ମର ବ୍ୟାପ୍ତିକୁ ରୋକିବା ଓ ଖ୍ରୀଷ୍ଟ ଧର୍ମର ପବିତ୍ର ସ୍ଥାନକୁ ନିଜ ଅକ୍ତିଆରକୁ ଆଣିବା ଥିଲା ଏହି ଯୁଦ୍ଧର ଲକ୍ଷ୍ୟ। ଜେରୁଜେଲମ୍‌କୁ ପାଇବା ପାଇଁ ଖ୍ରୀଷ୍ଟିୟାନ୍‌ମାନଙ୍କ ଏହି ଯୁଦ୍ଧରେ ଉଭୟ ପକ୍ଷର ପ୍ରଭୂତ କ୍ଷତି ହୋଇଥିଲା। ପ୍ରତି ୨୦ ଖ୍ରୀଷ୍ଟିୟାନ୍‌ଙ୍କ ମଧ୍ୟରୁ ମାତ୍ର ଜଣେ ଜେରୁଜେଲମ୍‌କୁ ପହଞ୍ଚି ଥିବାର ହିସାବ ଅଛି। ଏହି ଯୁଦ୍ଧସମୂହରେ ପ୍ରାୟ ୧୭ ଲକ୍ଷ ଲୋକ ହତାହତ ହୋଇଥିଲେ। ସ୍ପେନ୍‌ରେ ପଞ୍ଚଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ଭିତରେ କ୍ୟାଥୋଲିକ୍‌ମାନେ ନିଜ ଧର୍ମର ବଡ଼ିମା ରକ୍ଷା ପାଇଁ ଅନେକ ଇହୁଦୀ ଏବଂ ମୁସଲମାନ୍‌ମାନଙ୍କୁ ଅତ୍ୟାଚାର କରିଥିବା ଇତିହାସରୁ ଜଣାଯାଏ। ଯେଉଁମାନେ କ୍ୟାଥୋଲିକ୍‌ମାନଙ୍କ ଧର୍ମକୁ ମହାନ୍ ବୋଲି ମାନୁ ନ ଥିଲେ ସେମାନଙ୍କୁ ଭୋକରେ ରଖାଯାଉଥିଲା, ବହୁତ ପାଣି ପିଇବାକୁ ଦିଆଯାଉଥିଲା ଏବଂ ଜଳନ୍ତା ଅଙ୍ଗାର ଦେହର ବିଭିନ୍ନ ଅଙ୍ଗରେ ରଖି ଦିଆଯାଉଥିଲା। ଏହି ପ୍ରକ୍ରିୟାରେ ପ୍ରାୟ ୩୨ ହଜାର ଇହୁଦୀ ଓ ମୁସଲମାନ୍‌ମାନଙ୍କୁ ହତ୍ୟା କରାଯାଇଥିଲା। ଆଉ ଏକ ଧର୍ମଯୁଦ୍ଧ ୧୬୧୮ରୁ ୧୬୪୮ ମଧ୍ୟରେ ୟୁରୋପରେ ସଂଗଠିତ ହୋଇଥିଲା। ଏହାକୁ ୩୦ ବର୍ଷର ଯୁଦ୍ଧ ବୋଲି କୁହାଯାଏ। ଏହା କ୍ୟାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟସମାନଙ୍କ ଭିତରେ ହୋଇଥିଲା, ଯାହା ଜର୍ମାନୀ, ଫ୍ରାନ୍ସ, ସ୍ପେନ୍, ସ୍ୱିଡେନ ପ୍ରଭୃତି ରାଷ୍ଟ୍ରରେ ବ୍ୟାପିଥିଲା। ପ୍ରାୟ ୮୦ ଲକ୍ଷ ଲୋକଙ୍କୁ ହତ୍ୟା କରାଯାଇଥିଲା। ବର୍ତ୍ତମାନ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଧର୍ମ ଏବଂ ଜେରୁଜେଲମ୍‌କୁ ନେଇ ଭୟଙ୍କର ଯୁଦ୍ଧ ଚାଲିଛି, ଯେଉଁଥିରେ ହଜାର ହଜାର ଇହୁଦୀ ଓ ମୁସଲମାନ ମୃତ୍ୟୁବରଣ କରୁଛନ୍ତି। ହମାସ୍ ଭଳି ଆତଙ୍କ ଗୋଷ୍ଠୀ ଧର୍ମ ନାମରେ ଆକ୍ରମଣ କରୁଥିବାରୁ ମଣିଷମାନେ ମରୁଛନ୍ତି।



ଭାରତକୁ ମୁସଲମାନ ଶାସକମାନେ ଅନେକବାର ଆକ୍ରମଣ କରି ମନ୍ଦିର ଧ୍ୱଂସ କରିଛନ୍ତି ଏବଂ ଇସ୍‌ଲାମ ଧର୍ମ ଗ୍ରହଣ ପାଇଁ ବାଧ୍ୟ କରିଛନ୍ତି। ବର୍ତ୍ତମାନ ଭାରତ ବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଲେ ମଧ୍ୟ ଧର୍ମ ନାମରେ ସ୍ୱାର୍ଥସର୍ବସ୍ୱ ମଣିଷମାନେ ଦଙ୍ଗା ସୃଷ୍ଟି କରୁଛନ୍ତି। ୧୮୫୭ର ଭରୁଚ ଦଙ୍ଗା, ୧୯୨୭ର ନାଗପୁର ଦଙ୍ଗା, ୧୯୬୪ର କଲିକତା ଦଙ୍ଗା ପ୍ରଭୃତି ଘଟଣାମାନ ଅନେକ ଧନଜୀବନ ନଷ୍ଟ କରିଛନ୍ତି। କେବଳ ୧୯୪୭ର ଦଙ୍ଗାରେ ୨୦ ଲକ୍ଷ ଲୋକ ଜୀବନ ହରାଇଥିବା ଅନୁମାନ କରାଯାଏ।

ଏତେ ରକ୍ତପାତରୁ ଧର୍ମକୁ ମିଳୁଛି କ'ଣ? ଧର୍ମ ନାମରେ ମଣିଷ ପଶୁ ପାଲଟି ଯାଉଛି। ମନେରଖିବା ଉଚିତ ଯେ, କୌଣସି ଧର୍ମ ସାନ ନୁହେଁ କି ବଡ଼ ନୁହେଁ। ଯେ କୌଣସି ଧର୍ମ ବିନାଶ କିମ୍ବା ଅତ୍ୟାଚାରକୁ ପ୍ରୋତ୍ସାହନ ଦିଏନାହିଁ। ମଣିଷ ଏତେ ଶିକ୍ଷିତ ହୋଇ ମଧ୍ୟ ନିଜ ଧ୍ୱଂସକୁ ଡାକିଆଣୁଛି ଧର୍ମ ପାଇଁ। ଯେଉଁ ଧର୍ମ ଅନ୍ୟ ଧର୍ମକୁ ନ୍ୟୂନ ମନେକରେ ତାହା ଧର୍ମ ପଦବାଚ୍ୟ ନୁହେଁ। ଯେଉଁମାନେ ଧର୍ମାନ୍ଧ ସେମାନେ ପ୍ରକୃତରେ ଶିକ୍ଷିତ ନୁହନ୍ତି। ସେମାନଙ୍କୁ ସାହିତ୍ୟ ହିଁ ଠିକ୍ ରାସ୍ତାକୁ ଆଣିପାରିବ। କାରଣ ସାହିତ୍ୟ ମାନବବାଦ୍‌ରେ ବିଶ୍ୱାସ କରେ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ,
ଭବାନୀପାଟଣା, ମୋ– ୭୯୭୮୯୯୦୦୧୬

## ଏଇ ଭାରତରେ

ଦୀପାବଳି ପାଳନ ହେଲା ସାରା ଦେଶରେ। କେଉଁଠି ପରିବେଶ ପ୍ରଦୂଷଣ ଭୟ ଯୋଗୁ ବାଣଫୁଟା ଉପରେ କଟକଣା ଲଗାଯାଇଥିବାବେଳେ କେଉଁଠି ପରିବେଶ ଉପଯୋଗୀ ଅନ୍ୟ ବ୍ୟବସ୍ଥା ସବୁ ଗ୍ରହଣ କରାଯିବା ଦେଖିବାକୁ ମିଳିଲା। ସେହି କ୍ରମରେ ଗୋବରରେ ତିଆରି ଦୀପର ବ୍ୟବହାର ନଜରକୁ ଆସିଲା ଉତ୍ତରପ୍ରଦେଶରେ। ଗ୍ରାମୀଣ ଉତ୍ତରପ୍ରଦେଶରେ ମହିଳାମାନେ ଗୋବରରେ ଦୀପ ତିଆରି କରି ବେଶ୍ ଭଲ ରୋଜଗାର କରିଛନ୍ତି। ଏଭଳି ଦୀପ ତିଆରି କରିବାର ବିଧାଣୀ ହେଉଛନ୍ତି ଆଇଏଏସ୍ ଅଧିକାରୀ ଦୁର୍ଗା ଶକ୍ତି ନାଗପାଲ। ସେ ବନ୍ଦାର ଜିଲାପାଳ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ବନ୍ଦାର ଦୁର୍ଗମ ଗାଁଗୁଡ଼ିକରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ଏହି ଦୀପ ତିଆରି କରିପାରିଛନ୍ତି। ଏହା ଦୀପାବଳି ବ୍ୟତୀତ ଅନ୍ୟ କାର୍ଯ୍ୟରେ ବି ବ୍ୟବହାର କରାଯାଇପାରିବ ବୋଲି କହନ୍ତି ନାଗପାଲ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ନଭେମ୍ବର ୧୯୯୮

- ସମ୍ବଲପୁରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପ୍ରଭାବତୀ ଦେବୀଙ୍କ ୮୯ ବର୍ଷ ବୟସରେ ପରଲୋକ।
- ୯୫୦ କୋଟି ଟଙ୍କାର ଗୋଖାଦ୍ୟ ଦୁର୍ନୀତି ଷଡ଼ଯନ୍ତ୍ର ମାମଲାରେ ନିୟମିତ ଜାମିନ ଆବେଦନ କରି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଏବଂ ଡଃ ଜଗନ୍ନାଥ ମିଶ୍ର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ।
- କାମ୍ବୋଡିଆରେ ଏକ ମିଳିତ ସରକାର ଗଠନ ପାଇଁ ଏହାର ପ୍ରଧାନମନ୍ତ୍ରୀ ତଥା ପ୍ରଭାବଶାଳୀ ନେତା ହୁନସେନ ଏବଂ ବିରୋଧୀ ନେତା ଯୁବରାଜ ନରୋଦ୍ଦମ ରଣରିଧଙ୍କ ସହ ବୁଝାମଣା।

## ଚିରନ୍ତନୀ

ଗୋପେ ଉଠୁଥିଲା ଯେ ସ୍ୱନ ଲହରୀ
ଆଜି ଶୁଭେ ସେ ଧ୍ୱନି ଭୁବନ ଭରି,
ନବ ନବ ଛନ୍ଦେ ସେ ଉଠଇ ବାଜି
ନବ ନବ ସ୍ପନ୍ଦନ ରଚଇ ଆଜି!
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାନସିକ ରୋଗୀଙ୍କ ପ୍ରତି ଧ୍ୟାନ ଦିଆଯାଉନି

ମହାଶୟ,

ବିଶ୍ୱ ମାନସିକ ରୋଗ ଦିବସରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ଓଡ଼ିଆ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଓଡ଼ିଶାର ସମସ୍ତ ଡାକ୍ତରଖାନାରେ ମାନସିକ ଚିକିତ୍ସକ ଅଛନ୍ତି ଓ ମାନସିକ ରୋଗୀଙ୍କ ପରିବାର ଯୋଗାଯୋଗ କରନ୍ତୁ ବୋଲି କୁହାଯାଇଥିଲା। କିନ୍ତୁ ପ୍ରକୃତ ପକ୍ଷେ, କଟକ ବଡ଼ ଡାକ୍ତରଖାନା, ବ୍ରହ୍ମପୁର ଓ ସମ୍ବଲପୁର ବଡ଼ଡାକ୍ତରଖାନାରେ ମାନସିକ ରୋଗର ଚିକିତ୍ସକ ଅଛନ୍ତି, ଅନ୍ୟଠାରେ ନାହାନ୍ତି।ଏହି ଡାକ୍ତରମାନେ ଓଡ଼ିଶାର ବିଭିନ୍ନ ଘରୋଇ କ୍ଲିନିକ ଯାଇ ରବିବାର ପରାମର୍ଶ ଫିସ୍ ୪୦୦ ଟଙ୍କା ନେଇ ଦେଖନ୍ତି। ମାନସିକ ରୋଗୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ସାହାଯ୍ୟ ଯୋଜନା ଅଛି। କିନ୍ତୁ ରୋଗୀଙ୍କ ପରିବାର ପାଆନ୍ତି ନାହିଁ। ତେଣୁ ରାସ୍ତାରେ ରୋଗୀମାନେ ବୁଲୁଛନ୍ତି।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂଖ୍ୟାଲଘୁଙ୍କ ପାଇଁ ୧୫୦ ସାଂସ୍କୃତିକ-ଗୋଷ୍ଠୀ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ୪୫ କୋଟି ମଞ୍ଜୁର**

ଭୁବନେଶ୍ୱର,(ଅନିଲଦାସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୨ଟି ଜିଲାରେ ସଂଖ୍ୟା ଲଘୁ ସମ୍ପ୍ରଦାୟଙ୍କ ଲାଗି ୧୫୦ଟି ବହୁମୁଖୀ ସାଂସ୍କୃତିକ-ଗୋଷ୍ଠୀ କେନ୍ଦ୍ରକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଗୋଷ୍ଠୀ କେନ୍ଦ୍ର ଖ୍ରୀଷ୍ଟିୟାନ, ମୁସଲମାନ, ବୌଦ୍ଧ ଏବଂ ଶିଖ୍ ସମୁଦାୟ ପାଇଁ ନିର୍ମାଣ କରାଯିବ। ଏଥିରେ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡ଼ିକ ସେମାନଙ୍କର ବିଭିନ୍ନ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହାଦ୍ୱାରା ଆମ ରାଜ୍ୟର ସଂଖ୍ୟା ଲଘୁ ସମ୍ପ୍ରଦାୟ ଲୋକମାନଙ୍କର ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ହୋଇ ପାରିବ।

# ଏମ୍ସରେ ରାଜ୍ୟର ପ୍ରଥମ ଟ୍ରାଭେଲ୍ ହେଲ୍‌ଥ କ୍ଲିନିକ୍

■ ବିଦେଶ ଯାତ୍ରୀଙ୍କ ପାଇଁ ମିଳିବ ସମସ୍ତ ସୂଚନା
■ ସପ୍ତାହକୁ ଦୁଇଥର ଖୋଲିବ କ୍ଲିନିକ୍

ଭୁବନେଶ୍ୱର, ୧୩।୧୧
(ଅସମାପିକା ସାହୁ)

ନିରାପଦ ତଥା ସୁସ୍ଥ ଭ୍ରମଣ ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ସୁରକ୍ଷା ଦେବାରେ ଟ୍ରାଭେଲ ମେଡିସିନର ଭୂମିକା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। ତେଣୁ ବିଦେଶ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଗୋଟିଏ ସ୍ଥାନରେ ପୂର୍ଣ୍ଣାଙ୍ଗ ସୂଚନା ଉପଲବ୍ଧ ହେବା ନିହାତି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଏମ୍ସ ଭୁବନେଶ୍ୱର ପକ୍ଷରୁ ସୋମବାର ରାଜ୍ୟର ପ୍ରଥମ ଟ୍ରାଭେଲ୍ ହେଲ୍‌ଥ କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି। ଏମ୍ସର କମ୍ୟୁନିଟି ମେଡିସିନ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଟ୍ରାଭେଲ ହେଲ୍‌ଥ କ୍ଲିନିକ୍ ସପ୍ତାହର ପ୍ରତି ସୋମବାର ଏବଂ ଗୁରୁବାର ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ବାହାର ଦେଶରେ ଥିବା ବିଭିନ୍ନ ସଂକ୍ରାମକ ରୋଗ ସହିତ ଅନ୍ୟାନ୍ୟ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ନିମନ୍ତେ ଏହି କ୍ଲିନିକ୍‌ର ସହଯୋଗ ନିମନ୍ତେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଜୀବିକା ଅନ୍ୱେଷଣରେ ବାହାର ଦେଶକୁ ଯାଉଥିବା ବ୍ୟକ୍ତିଙ୍କ ପାଇଁ ଏହି କ୍ଲିନିକ୍ ଅଧିକ ସହାୟକ ହେବ ବୋଲି ଡା. ବିଶ୍ୱାସ ଆଶାବ୍ୟକ୍ତ କରିଛନ୍ତି। ଏହି ସ୍ୱତନ୍ତ୍ର କ୍ଲିନିକ ୟେଲୋ ଫିଭର ଟିକା ଭଳି କେତେକ ଦେଶ ଆବଶ୍ୟକ କରୁଥିବା ନିର୍ଦ୍ଦିଷ୍ଟ ଟିକା ସହିତ ଅତ୍ୟାବଶ୍ୟକ ଟିକାକରଣ ସେବା, ଯାତ୍ରା ସମୟରେ ସୁସ୍ଥ ଆଚରଣ, ଜରୁରିକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ କଷ୍ଟୋମାଇଜ୍‌ଡ ମେଡିକାଲ କିଟ୍ ଏବଂ ଅନ୍ୟାନ୍ୟ ପରାମର୍ଶ ଯୋଗାଇଦେବ।

ଉଦ୍‌ଘାଟନୀ ସମାରୋହରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ, ଭାରତ ସରକାରଙ୍କ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶିକା ଡା. ସୁଚିତ୍ରା ସାସ୍‌ମଲ, ରାଜ୍ୟ ଟିକାକରଣ ଅଧିକାରୀ ଡା. ତାପସ ପାତ୍ର, ଭୁବନେଶ୍ୱର ବିମାନବନ୍ଦର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ଦାଶ, କମ୍ୟୁନିଟି ଏବଂ ଫ୍ୟାମିଲି ମେଡିସିନ ବିଭାଗ ମୁଖ୍ୟ ଡା. ସୋନୁ ହାଙ୍ଗମା ସୁବା ପ୍ରମୁଖ ଉପସ୍ଥିତ ଥିଲେ।

ଅତିରିକ୍ତ ପ୍ରଫେସର ତଥା ଇମ୍ୟୁନାଇଜେଶନ୍ କ୍ଲିନିକ୍ ମୁଖ୍ୟ ଡା. ସ୍ୱୟଂପ୍ରଜ୍ଞା ପରିଡ଼ା ଏହି ଅଭିନବ ପ୍ରୟାସ ନିମନ୍ତେ କ୍ଲିନିକର ସଦସ୍ୟ ଡା.ଅରବିନ୍ଦ ସିଂ ଏବଂ ଡା.ଅଭିଷେକ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ।



ଟ୍ରାଭେଲ୍ ହେଲଥ୍ କ୍ଲିନିକର ଶୁଭାରମ୍ଭ ଅବସରରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

# ଆଜିଠୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

■ ଯୋଗଦେବେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର
■ ମୁଖ୍ୟ ଆକର୍ଷଣ ସାଜିବ 'ଆକାଂକ୍ଷୀ ପାଭିଲିୟନ୍'

ଭୁବନେଶ୍ୱର, ୧୩।୧୧
(ଅସମାପିକା ସାହୁ)

ଶିଶୁ ଦିବସ ଅବସରରେ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆରମ୍ଭ ହେବ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବ୍ଲକ୍ ଓ ଜିଲାସ୍ତରରୁ ବିଜୟୀ ହୋଇଥିବା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିବ 'ଆକାଂକ୍ଷୀ ପାଭିଲିୟନ୍'। ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଆକାଂକ୍ଷୀ ପାଠ୍ୟକ୍ରମ ଏବଂ କ୍ଲବ୍ କାର୍ଯ୍ୟକ୍ରମଗୁଡ଼ିକ ଏହି ପାଭିଲିୟନ୍‌ରେ ପ୍ରଦର୍ଶିତ ହେବ। ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ ଅଧୀନରେ ଗ୍ରହଣ କରାଯାଇଥିବା ବିଭିନ୍ନ ଅଭିନବ ପଦକ୍ଷେପକୁ ଛାତ୍ରୀଛାତ୍ର, ଶିକ୍ଷକ ଓ




ଦର୍ଶକମାନେ ଦେଖିପାରିବେ। ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ। ଏହା ବ୍ୟତୀତ ଛାତ୍ରୀଛାତ୍ରଙ୍କ ପାଇଁ ମହୋତ୍ସବରେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉତ୍ସବର ଦ୍ୱିତୀୟ ଦିନରେ ଛାତ୍ରୀଛାତ୍ର ଖଣ୍ଡଗିରି, ଉଦୟଗିରି, ଧଉଳିଗିରି, ନନ୍ଦନକାନନ, କଳାଭୂମି, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଓ ନାଚୁରାଲ ହିଷ୍ଟ୍ରି ଅଫ୍ ମ୍ୟୁଜିୟମ୍ ପରିଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି। ଅପରାହ୍ନରେ ମୁଖ୍ୟ ଆକର୍ଷଣ ସାଜିବ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ 'ଛାୟା ମିଳିତ ଜାତିସଂଘ'।

ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହାକୁ ଉଦ୍‌ଘାଟନ କରିବେ। ମୁଖ୍ୟ ଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେବାର କାର୍ଯ୍ୟକ୍ରମ ରହିଥିବା ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ହଷ୍ଟେଲରେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

**ବିଭାଗୀୟ ତଦନ୍ତ ଆରମ୍ଭ, ରୋଷେୟା ଫେରାର**

କେନ୍ଦୁଝର, ୧୩।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଗୋନାସିକା ପଞ୍ଚାୟତ ଯନ୍ତାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ରୋଷେୟା ଅସଦାଚରଣ କରିଛନ୍ତି। ଛାତ୍ରୀ ବିରୋଧ କରିବାରୁ ରୋଷେୟା ମାଡ଼ ମାରିଥିବା ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଅଭିଯୋଗ ଆଧାରରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟ ପରିସରରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ହଷ୍ଟେଲ ରହିଛି। ୧୪ ଆଦିବାସୀ ବାଳିକା ଓ ୨୬ ବାଳକ ରହି ପାଠ ପଢୁଛନ୍ତି। ହଷ୍ଟେଲ ରୋଷେୟା ଭଗବାନ ବେହେରା ରବିବାର ରାତିରେ ଜଣେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ଡାକି ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ମାରି ଗେଟ୍ ବାହାରକୁ ବାହାର କରିଦେଇଥିଲେ। ଅନ୍ୟ ଛାତ୍ରୀଛାତ୍ର ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ଛାତ୍ରୀ ଜଣକ ଭୟରେ ହଷ୍ଟେଲ ଗାଧୁଆଘରେ ଲୁଚିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ପହଞ୍ଚିବାରୁ ରୋଷେୟା ଫେରାର ହୋଇଯାଇଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ତୃପ୍ତିମୟୀ ପାତ୍ର କହିଛନ୍ତି, ଏବିଇଓଙ୍କୁ ପଠାଇ ତଦନ୍ତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଘଟଣାର ସତ୍ୟତା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ବିଭାଗକୁ ରିପୋର୍ଟ କରାଯାଇଛି। ଘଟଣା ପରେ ଛାତ୍ରୀଛାତ୍ର ଭୟରେ ବିଦ୍ୟାଳୟ ଛାଡ଼ିବାକୁ କହୁଛନ୍ତି।

# କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନରେ ମହିଳା ମୃତ

**ଥାନାରେ ଅଭିଯୋଗ କଲେ ପରିବାର ଲୋକେ**

କୋଡ଼ିଙ୍ଗା, ୧୩।୧୧
(ସମରେନ୍ଦ୍ର ପଟ୍ଟନାୟକ)

କ୍ୱାକ୍‌ଙ୍କ ଭୁଲ୍ ଚିକିତ୍ସାରେ ମହିଳା ମୃତ। ସାମାନ୍ୟ ମୁଣ୍ଡବ୍ୟଥାର ଚିକିତ୍ସା ପାଇଁ ଯାଇଥିବା ଜଣେ ମହିଳାଙ୍କୁ କ୍ୱାକ୍ ଭୁଲ୍ ଇଞ୍ଜେକ୍ସନ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରି ଘଟଣା ସୋମବାର ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ମୃତକ ହେଲେ କୋଷାଗୁମୁଡ଼ା ବ୍ଲକ ଚିର୍ମା ଗ୍ରାମର ବକ୍ସି ବିଷୋୟୀଙ୍କ ସ୍ତ୍ରୀ ଦୟାମଣୀ (୫୦)। ଘଟଣା ପରଠାରୁ କ୍ୱାକ୍ ସମାରୁ ହରିଜନ ଫେରାର ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଦୟାମଣୀଙ୍କ ସୋମବାର ସକାଳେ ମୁଣ୍ଡବ୍ୟଥା ଆରମ୍ଭ ହୋଇଥିଲା। ଦିନ ୧୦ଟାରେ ପରିବାର ଲୋକେ ତାଙ୍କୁ କର୍ଚ୍ଚାମାଳ ଗ୍ରାମର କ୍ୱାକ୍ ସମାରୁ ହରିଜନଙ୍କ ଘରକୁ ନେଇ ଦେଖାଇଥିଲେ। ସମାରୁ କୌଣସି ପରୀକ୍ଷା ନ କରି ଦୟାମଣୀଙ୍କୁ କିଛି ଔଷଧ ଓ ଏକ ଇଞ୍ଜେକ୍ସନ ଦେଇଥିଲ। ଇଞ୍ଜେକ୍ସନ ଦେବାର ୫ମିନିଟ୍ ମଧ୍ୟରେ ଘଟଣାସ୍ଥଳରେ ହିଁ ଦୟାମଣୀଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବକ୍ସିଙ୍କ ସାନ ଭାଇ ଗୁଣନିଧି କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ କୋଡିଙ୍ଗା ପୋଲିସ ୨୧୯/୨୩ରେ ଏକ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି। କୋଷାଗୁମୁଡ଼ା ବ୍ଲକ୍‌ରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି।

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ** kotak

ପଞ୍ଜୀକୃତ କାର୍ଯ୍ୟାଳୟ: ୨୭-ବିକେସି, ସି-୨୭, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ଇ), ମୁମ୍ବାଇ-୪୦୦୦୫୧
ଶାଖା କାର୍ଯ୍ୟାଳୟ: ୧ମ ମହଲା-ନରୁଲା ବିଲ୍‌ଡିଂ, ୟୁନିଟ୍-୩, ଖାରବେଳ ନଗର, ଶ୍ରୀୟା ଛକ ନିକଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧

**ପରିଶିଷ୍ଟ IV [ନିୟମ ୮(୧) ଦେଖନ୍ତୁ] ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ, ବ୍ୟାଙ୍କିଙ୍ଗ୍ ବିନିମୟ ଅଧିନିୟମ, ୧୯୪୯ର ଅର୍ଥର ପରିସର ମଧ୍ୟରେ ଆସୁଥିବା ଏକ ବ୍ୟାଙ୍କିଙ୍ଗ୍ କମ୍ପାନୀ ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ ୨୭ବିକେସି, ସି୨୭, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ଇ), ମୁମ୍ବାଇ – ୪୦୦୦୫୧ ଏବଂ ଶାଖା କାର୍ଯ୍ୟାଳୟ ସ୍ଥାନ "କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ, ୧ମ ମହଲା–ନରୁଲା ବିଲ୍‌ଡିଂ, ୟୁନିଟ୍–୩, ଖାରବେଳ ନଗର, ଶ୍ରୀୟା ଛକ ନିକଟ, ଭୁବନେଶ୍ୱର, ଓଡ଼ିଶା–୭୫୧୦୦୧ ତଥା ୪ର୍ଥ ମହଲା, ବ୍ଲକ୍–ଏ, ୨୨ କାମାକ୍ ଷ୍ଟ୍ରୀଟ୍, କୋଲକାତା–୭୦୦୦୧୬ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ("ସରଫାଏସି ଅଧିନିୟମ") ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହିତ ପଠନପୂର୍ବକ ଧାରା ୧୩(୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଋଣ ଖାତା ନଂ.- ୪୧୧୨୨୮୯୭୮୦ ଏବଂ ୦୪୯୩ସିଏଲ୍୦୧୦୦୦୦୦୦୦୧ ନିମନ୍ତେ ତା୨୫।୦୧।୨୦୨୩ରିଖ ଦିନ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା/ଗଣ / ପକ୍ଷବୃନ୍ଦ ନୋବଲ୍ ଆଗ୍ରୋଟେକ୍ ପ୍ରା. ଲିଃ (ଋଣଗ୍ରହୀତା), ପ୍ରତାପ କୁମାର ମହାନ୍ତି (ଗ୍ୟାରେଣ୍ଟିଦାତା), ସୂର୍ଯ୍ୟ ନାରାୟଣ ରଥ (ଗ୍ୟାରେଣ୍ଟିଦାତା), ବିଦ୍ୟାଧର ମହାନ୍ତି (ଗ୍ୟାରେଣ୍ଟିଦାତା), ସବିତା ମହାନ୍ତି (ଗ୍ୟାରେଣ୍ଟିଦାତା ଓ ବନ୍ଧକଦାତା)ଙ୍କୁ ଉକ୍ତ ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ ଋଣ ଖାତା ନଂ. ୪୧୧୨୨୮୯୭୮୦ ଅଧୀନରେ ଟ.୪୫,୬୬,୮୩୯.୩୩/- ଏବଂ ଋଣ ଖାତା ନଂ. ୦୪୯୩ସିଏଲ୍୦୧୦୦୦୦୦୦୦୧ ଅଧୀନରେ ଟ.୭,୨୦୩୮୩.୯୭/-, ସର୍ବମୋଟ ଟ.୫୨,୮୭,୨୨୩.୩୦/- (ବାଉନ ଲକ୍ଷ ସତାଅଶୀ ହଜାର ଦୁଇଶହ ତେଇଶି ଟଙ୍କା ଓ ତିରିଶ ପଇସା ମାତ୍ର)କୁ କଥିତ ଡିମାଣ୍ଡ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

ଉପରୋକ୍ତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକଦାତା ଉକ୍ତ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକଦାତା ତଥା ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ କଥିତ ନିୟମାବଳୀର ନିୟମ ୮ ସହିତ ପଠନପୂର୍ବକ କଥିତ ଅଧିନିୟମର ଧାରା ୧୩(୪) ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୦୮।୧୧।୨୦୨୩ରିଖ ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିର ସାଙ୍କେତିକ ଦଖଲ ନେଇଛନ୍ତି।

ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮) ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି।

ବିଶେଷକରି, ଉପରଦର୍ଶିତ ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକଦାତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସମ୍ପତ୍ତି ସହିତ କୌଣସି ନେଣଦେଣ ନ କରିବା ପାଇଁ ସତର୍କ କରିଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି ନେଣଦେଣ କରାଗଲେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ତା୨୬।୦୧।୨୦୨୩ରିଖରୁ ମୋଟ ଟ.୫୨,୮୭,୨୨୩.୩୦/- (ବାଉନ ଲକ୍ଷ ସତାଅଶୀ ହଜାର ଦୁଇଶହ ତେଇଶି ଟଙ୍କା ଓ ତିରିଶ ପଇସା ମାତ୍ର)ର ଚାର୍ଜ ସହିତ ଚୁକ୍ତିମୂଳକ ଦର ଓ ବିକଳ୍ପ ସୁଧ ହାରରେ ଭବିଷ୍ୟତ ସୁଧ, ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ ଓ ଶୁଳ୍କ ଇତ୍ୟାଦି ଲାଗୁ କରାଯିବ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ହାଲ୍ ମ୍ୟୁଟେସନ ଖାତା ନଂ.୬୪/୫୧, ପ୍ଲଟ୍ ନଂ.୭୭/୫୬୦, ରକବା ଏ.୦.୦୨୫ ଡେସିମିଲ, ସ୍ଥିତି– ସ୍ଥିତିବାନ, କିସମ– ଘରବାରି (ହୋମ୍‌ଷ୍ଟିଡ)ରେ ସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ନିର୍ମିତ ଢାଞ୍ଚା ସହ, ହାଲ୍ ମ୍ୟୁଟେସନ ଖାତା ନଂ. ୬୪/୩୬, ମୌଜା– ମହାଭୋଇଶାସନ, ତହସିଲ: ଭୁବନେଶ୍ୱର, ଥାନା– ଲିଙ୍ଗରାଜ, ଥାନା ନଂ. ୭୩, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା ଅନୁରୂପ।

ତାରିଖ: ୦୮।୧୧।୨୦୨୩ ସ୍ଥାନ: ଭୁବନେଶ୍ୱର (ପ୍ରାଧିକୃତ ଅଧିକାରୀ), କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ

## ଶୋଇଥିବା ଅବସ୍ଥାରେ ଜଳିଗଲେ ବୃଦ୍ଧ

ଝରିଗାଁ, ୧୩।୧୧
(କିଶୋର ଚନ୍ଦ୍ର ମଣ୍ଡଳ)

ଶୀତଦାଉରୁ ରକ୍ଷାପାଇବା ପାଇଁ ଜାଳିଥିବା ନିଆଁରେ ଜଳିଗଲେ ଜଣେ ବ୍ୟକ୍ତି। ଏପରି ଘଟଣା ନବରଙ୍ଗପୁର ଜିଲା ଝରିଗାଁ ଅଞ୍ଚଳରେ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ବେଲଗାଁ ପଞ୍ଚାୟତ ବୁଟିସର୍ଗି ଗ୍ରାମର ଭିକାରୀ ମାଳୀ (୫୯)। ସୂଚନାନୁଯାୟୀ, ରବିବାର ରାତ୍ରିଭୋଜନ ପରେ ଘରର ସମସ୍ତେ ଚାଷ ଜମିରେ ଶୋଇବାକୁ ଯାଇଥିଲେ। ଭିକାରୀ କିନ୍ତୁ ଘରେ ଶୋଇଥିଲେ। ଅତ୍ୟଧିକ ଶୀତ ହେଉଥିବାରୁ ନିଜ ଶୋଇବା ବିଛଣା ପାଖରେ ସେ ନିଆଁ ଲଗାଇଥିଲେ। ସେ ଘୋଡ଼େଇ ହୋଇଥିବା କମ୍ବଳ ନିଆଁସଂସ୍ପର୍ଶରେ ଆସିବାରୁ ବୃଦ୍ଧ ଜଣକ ଜଳିଯାଇଥିଲେ। ସୋମବାର ସକାଳୁ ପୁଅ ଭୁବନ ଓ ବୋହୂ ଘରକୁ ଫେରି ଭିକାରୀଙ୍କୁ ନିଆଁରେ ପୋଡ଼ି ଯାଇଥିବା ଦେଖି ଝରିଗାଁ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବନବାସୀ କଲ୍ୟାଣ ଆଶ୍ରମକୁ ହନୁମାନ ବାଟିକା ଦାନକଲେ ଦମ୍ପତି

ଭୁବନେଶ୍ୱର,୧୩।୧୧ (ଅନୁରାଧା ମହାରଣା): କଳାହାଣ୍ଡି ଜିଲା ମଦନପୁର ରାମପୁର ତହସିଲ ଅନ୍ତର୍ଗତ କୁସୁମନଗର ପଡା ଗ୍ରାମ ନିବାସୀ ବିପ୍ର ଚରଣ ବେହେରା ଓ ତାଙ୍କ ସ୍ତ୍ରୀ କବିତା ବେହେରା ବନବାସୀ କଲ୍ୟାଣ ଆଶ୍ରମକୁ ଶୁକ୍ରବାର ୩ ଡିସିମିଲ୍ ଭୂମି ଦାନ କରିଛନ୍ତି। ଉକ୍ତ ଜମିରେ ହନୁମାନ ବାଟିକା ରହିଛି। ଏହି ଭୂମି ଦାନ କାର୍ଯ୍ୟକ୍ରମରେ ଆଶ୍ରମର ପ୍ରାନ୍ତ ସଂଗଠନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ଭାଟି, ଜିଲା ସଭାପତି ମେଦିନୀଧର ଜାନି, ଶ୍ରୀକାନ୍ତ ହୋତା, ତୁସୁଲା ସରପଞ୍ଚ ମନୋଜ ସେଠୀ, ନଗର ସମ୍ପାଦକ ଜିତ୍ ମହାନ୍ତି, କଳାହାଣ୍ଡି ଜିଲା ସଂଗଠନ ମନ୍ତ୍ରୀ ରମାଦେବୀ ଜାନି, ଭୁବନେଶ୍ୱର ମାଝୀ, ଜିଲା ସଂଯୋଜକ ମନୋରଞ୍ଜନ ସାହୁ, ନର୍ଲା ବ୍ଲକ୍ ସଂଯୋଜକ ରାଜୀବ ଲୋଚନ ପୋଡଙ୍କ ସହ ଆଶ୍ରମର ସଦସ୍ୟ ଓ ଭକ୍ତମାନେ ଉପସ୍ଥିତ ଥିଲେ।

# ୨୦ ଓ ୨୬ରେ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)

ଚଳିତ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୨୦ ତାରିଖରେ ରାଷ୍ଟ୍ରପତି ୩ ଦିନିଆ ଗସ୍ତରେ ଆସି କୋଲକାତାର କୋଲାଇକୁଣ୍ଡାଠାରେ ପହଞ୍ଚି ସେଠାରୁ ହେଲିକପ୍ଟର ଯୋଗେ ବାରିପଦା ଆସିବେ। ବାରିପଦାଠାରେ ପହଞ୍ଚିବା ପରେ ଶାନ୍ତାଳୀ ଲେଖକମାନଙ୍କ ଲିଟେରାରି ମହୋତ୍ସବରେ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମ ସାରି ରାଇରଙ୍ଗପୁର ସ୍ଥିତ ତାଙ୍କ ଗାଁରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ୨୧ ତାରିଖରେ ଏଲ୍ ଆଣ୍ଡ ଟିର ସ୍କିଲ୍ ଅପ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ବାରିପଦାଠାରେ ୩ଟି ଟ୍ରେନ୍‌ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ବୁର୍ଲାର ଭିସୁଟ୍ ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହେବେ। ବୁର୍ଲାରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ୨୨ ତାରିଖରେ ବ୍ରହ୍ମାକୁମାରୀମାନଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଝାରସୁଗୁଡାରୁ ଦିଲ୍ଲୀ ଫେରିଯିବେ ବୋଲି ସେ କହିଛନ୍ତି। ସେହିପରି ୨୬ ତାରିଖରୁ ରାଷ୍ଟ୍ରପତି ପୁଣିଥରେ ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ଆସୁଛନ୍ତି। ୨୬ରେ ରାଷ୍ଟ୍ରପତି ଓଡ଼ିଶାରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିବେ। ୨୭ରେ ରାଜଭବନଠାରୁ ସିଧାସଳଖ ପାରାଦୀପ ଗସ୍ତ କରିବେ। ସେଠାରେ ବୋଇତବନ୍ଦାଣ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିଯିବେ। ଭୁବନେଶ୍ୱରରୁ ପୁଣି ସେହିଦିନ ହିଁ ଦିଲ୍ଲୀ ଫେରିବେ ବୋଲି ଜଣାପଡ଼ିଛି।

# ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଭେଟିଲେ ୩୦ ସଂଘର କର୍ମକର୍ତ୍ତା


୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ସୋମବାର ନବୀନ ନିବାସଠାରେ ବିଜେଡି ମହିଳା ନେତ୍ରୀମାନେ ସାକ୍ଷାତ କରିଛନ୍ତି।

ଭୁବନେଶ୍ୱର, ୧୩।୧୧(ଅନିଲଦାସ)

୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ସୋମବାର ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭିଜନକୁ ସଫଳ କରିବା ସକାଶେ ନବୀନ ଓଡ଼ିଶା ଅଧ୍ୟକ୍ଷ ରାଜ୍ୟର ରୂପାନ୍ତୀକରଣ ପ୍ରକ୍ରିୟାକୁ ଆଗକୁ ନେଇଛନ୍ତି ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଏଥିପାଇଁ ପାଣ୍ଡିଆନ ବିଭିନ୍ନ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସମସ୍ତେ ମିଳିତ ହୋଇ ଏକାଠି କାମ କରିବାକୁ ପାଣ୍ଡିଆନ ସମସ୍ତ ସଂଘକୁ ଆହ୍ୱାନ ଦେଇଛନ୍ତି। ୫-ଟି ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର ମହାନଗର ନିଗମର ମେୟର, ଡେପୁଟି ମେୟର ଏବଂ ସମସ୍ତ କର୍ପୋରେଟର, ଓଡ଼ିଶା ଏକଲବ୍ୟ ମଡେଲ ଆବାସିକ ସ୍କୁଲ କର୍ମଚାରୀ ସଂଘ, କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ, ଭୁବନେଶ୍ୱରର ଚର୍ଚ୍ଚ ଅଫ ଖ୍ରୀଷ୍ଟ, ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲ ଅଫିସର ଆସୋସିଏଶନ, ଓଡ଼ିଶା ପବ୍ଲିଶର ଆଣ୍ଡ ବୁକ୍ ସେଲର ଆସୋସିଏଶନ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ଓଡ଼ିଶା ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ, ଓଡ଼ିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘ, ଓଏସ୍‌ଆର୍‌ଟିସି କର୍ମଚାରୀ ସଂଘ, କଟକ ମହାନଗର ନିଗମ ମେୟର, ଡେପୁଟି ମେୟର ଓ କର୍ପୋରେଟରଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଂଘ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।



**ଦୟନୀୟ ସ୍ଥିତିରେ ଗାଜା ହସ୍ପିଟାଲ**

# ମରଣମୁହଁରେ ନବଜାତକ



## ହସ୍ପିଟାଲରେ ୨୧ ଆତଙ୍କବାଦୀ ନିହତ

ଗାଜା ସିଟିର ଅଲ୍-କୁଡ୍ସ ହସ୍ପିଟାଲରେ ଇସ୍ରାଏଲ୍ ସେନା ଆକ୍ରମଣରେ ୨୧ ହମାସ ଆତଙ୍କବାଦୀ ନିହତ ହୋଇଛନ୍ତି। କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲ୍ ଡିଫେନ୍ସ ଫୋର୍ସ (ଆଇଡିଏଫ୍)ର ଏକ ଟ୍ୟାଙ୍କ ଧ୍ୱଂସ ହେବା ପରେ ହସ୍ପିଟାଲରେ ଲୁଚିଥିବା ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଇସ୍ରାଏଲୀ ସୈନ୍ୟ ଆକ୍ରମଣ କରିଥିଲେ। ସାଧାରଣ ନାଗରିକଙ୍କ ମଧ୍ୟରେ ଆତଙ୍କବାଦୀ ଲୁଚିରହି ଆଇଡିଏଫ୍ ସୈନ୍ୟମାନଙ୍କ ଉପରକୁ ଘୁଞ୍ଚିଆରପିଜି ଲଞ୍ଚରରେ ଆକ୍ରମଣ କରିଥିଲେ। ଏହାର ପାଳଟା ଜବାବରେ ସେଲ୍ ମାଡ଼ କରିବାରୁ ୨୧ ଆତଙ୍କବାଦୀ ନିହତ ହୋଇଥିବା ଆଇଡିଏଫ୍ କହିଛି। ଇସ୍ରାଏଲ୍ ସୈନ୍ୟ ଇତିମଧ୍ୟରେ ୩୦୦ ଆତଙ୍କବାଦୀ ସୁଡ଼ଙ୍ଗ ସମେତ ୪,୩୦୦ଟି ଟାର୍ଗେଟରେ ଆକ୍ରମଣ କଲେଣି। ହମାସର ଶହ ଶହ ଟ୍ୟାଙ୍କ ବିଧ୍ୱଂସୀ ଲଞ୍ଚରକୁ ନଷ୍ଟ କରିଦିଆଯାଇଛି। ଇସ୍ରାଏଲର ଏୟାରଷ୍ଟ୍ରାଇକରେ ହମାସ୍‌ର ଜଣେ ବରିଷ୍ଠ କମାଣ୍ଡର ନିହତ ହୋଇଛନ୍ତି। ଅହମଦ ସିଆମ୍ ନାମକ ଏହି କମାଣ୍ଡର ଗାଜାର ରାଣ୍ଟିସି ହସ୍ପିଟାଲରେ ରୋଗୀଙ୍କ ସମେତ ୧,୦୦୦ ଲୋକଙ୍କୁ ବନ୍ଧକ ରଖିଥିଲେ।

**ଗାଜା ସିଟି,୧୩।୧୧**

ଗାଜା ସିଟିରେ ଇସ୍ରାଏଲର ଆକ୍ରମଣ ଜାରି ରହିଥିବାବେଳେ ହସ୍ପିଟାଲଗୁଡ଼ିକୁ ଟାର୍ଗେଟ କରାଯାଉଥିବାରୁ ସେଠାରେ ଦୟନୀୟ ସ୍ଥିତି ସୃଷ୍ଟି ହୋଇଛି। ଉତ୍ତର ଗାଜାର ଅନେକ ହସ୍ପିଟାଲରେ ବିଜୁଳି ଓ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବରୁ ରୋଗୀସେବା ବନ୍ଦ ହୋଇଯାଇଛି। ମୁଖ୍ୟ ହସ୍ପିଟାଲ ଅଲ୍-ଶିଫାକୁ ହମାସ୍ ଆତଙ୍କବାଦୀମାନେ ସେମାନଙ୍କର କମାଣ୍ଡ ଘାଟି ଭାବେ ବ୍ୟବହାର କରୁଥିବା ଓ ସେଠାରେ ଆତ୍ମଗୋପନ କରିଥିବା ଅଭିଯୋଗ କରି ଇସ୍ରାଏଲ୍ ସେନା ଏହା ନିକଟରେ ଆକ୍ରମଣ ଜାରି ରଖିଛି। ବିଜୁଳି ଯୋଗାଣ ବିଚ୍ଛିନ୍ନ ହୋଇଯାଇଥିବାରୁ ହସ୍ପିଟାଲରେ ନବଜାତକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସବୁଜ ରଙ୍ଗର କପଡ଼ାରେ ଗୁଡ଼ାଯାଇ ବିପଜ୍ଜନକ ସ୍ଥିତିରେ ଛାଡ଼ିଦିଆଯାଇଛି। ସେମାନଙ୍କ ପାଇଁ ହସ୍ପିଟାଲରେ ଔଷଧ ମଧ୍ୟ ଶେଷ ହୋଇଯାଇଛି। ବିଜୁଳି, ପାଣି, ଖାଦ୍ୟ, ଔଷଧ, ଡାକ୍ତରୀ ଉପକରଣ ଅଭାବରୁ ରୋଗୀମାନେ ଭଗବାନଙ୍କ ଭରସାରେ ପଡ଼ିରହିଛନ୍ତି। ଦିନକ ପୂର୍ବରୁ ସେଠାରେ ୩୯ ନବଜାତକ ଥିବାବେଳେ ସୋମବାର ତାହା ୩୬କୁ ହ୍ରାସ ପାଇଥିବା ଶିଶୁରୋଗ ବିଭାଗ ମୁଖ୍ୟ ଡ. ମହମ୍ମଦ ତବାଶା କହିଛନ୍ତି। ସୋମବାର ମଧ୍ୟ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ହରାଇବାକୁ ପଡ଼ିଛି। ଅନ୍ୟମାନେ କେତେ ସମୟ ତିଷ୍ଠିବେ ତାହା କୁହାଯାଇପାରିବ ନାହିଁ ବୋଲି ତବାଶା କହିଛନ୍ତି। ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁମାନଙ୍କୁ ଇନ୍‌କ୍ୟୁବେଟରରେ ରଖାଯିବା ଜରୁରୀ। ବିଜୁଳି ନ ଥିବାରୁ ସେମାନଙ୍କୁ ସାଧାରଣ ଶଯ୍ୟାରେ ପାଖାପାଖି ଶୁଆଇ ଦିଆଯାଇଛି। ସଂକ୍ରମଣ ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବାରୁ ସେମାନଙ୍କ ମଧ୍ୟରେ ବିଭିନ୍ନ ଭୂତାଣୁ ସଂକ୍ରମଣର ଯଥେଷ୍ଟ ସମ୍ଭାବନା ରହିଛି। ଦୁଗ୍ଧ ଓ ବୋତଲର ଟିକ୍କୁ ଉପଯୁକ୍ତ ବିଶୋଧନ କରାଯାଇ ପାରୁ ନ ଥିବାରୁ ଗ୍ୟାସ୍ଟ୍ରିକ୍ ସଂକ୍ରମଣ କରିବା ସହ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେଣି। ଫଳରେ ଶିଶୁଙ୍କଠାରେ ଜଳହୀନତା ଦେଖାଦେବା ସହ ଔଷଧ ଓ ଡାକ୍ତରୀ ଉପକରଣ ବିନା ଶ୍ୱାସକ୍ରିୟା ସମସ୍ୟା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ଶିଶୁମାନଙ୍କ ଦାୟିତ୍ୱରେ ଥିବା ଡାକ୍ତର ଓ ନର୍ସମାନଙ୍କ ପାଖରେ ସେମାନଙ୍କୁ ବଞ୍ଚାଇ ରଖିବାର କୌଣସି ଉପାୟ ନାହିଁ।

# ସଲ୍‌ମାନଙ୍କ ଫିଲ୍ମ ଚାଲିଥିବାବେଳେ ହଲ୍‌ରେ ବାଣ ଫୁଟାଇଲେ ଦର୍ଶକ



**ମାଲେଗାଁଓ,୧୩।୧୧**

ବଲିଉଡ୍ ଷ୍ଟାର ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ 'ଟାଇଗର ୩' ଚଳଚ୍ଚିତ୍ର ହଲ୍‌ରେ ମୁକ୍ତିଲାଭ କରିବାର ପ୍ରଥମ ଦିନରେ ଏହାକୁ ଦେଖିବା ପାଇଁ ଉତ୍ସୁକତାରେ ଦର୍ଶକ ଭିଡ଼ ଲଗାଇଥିଲେ। ଭାଇଜାନ୍‌ଙ୍କ ପ୍ରଥମ ଦୃଶ୍ୟ ବେଳେ ହଲ୍ ଭିତରେ ତାଙ୍କର କେତେଜଣ ପ୍ରଶଂସକ ବାଣ ଫୁଟାଇଥିଲେ। ମହାରାଷ୍ଟ୍ରର ମାଲେଗାଁଓ ଜିଲାରେ ଥିବା ମୋହନ ସିନେମା ପ୍ରେକ୍ଷାଳୟରେ ଏହି ଘଟଣା ଘଟିଛି। ସୋସିଆଲ ମିଡିଆରେ ଏହି ଦୃଶ୍ୟ ପ୍ରସାରିତ ହେବା ପରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଣରୁ ବର୍ତ୍ତିବା ପାଇଁ ଦର୍ଶକମାନେ ନିରାପଦ ସ୍ଥାନକୁ ଧାଉଁଥିବା ଦେଖାଯାଇଥିଲା। ପ୍ରଶଂସକମାନଙ୍କ ଏଭଳି ବିଶୃଙ୍ଖଳିତ କାର୍ଯ୍ୟକୁ ଜନସାଧାରଣ ତୀବ୍ର ନିନ୍ଦା କରିଛନ୍ତି। ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଦାଏର ହେବା ଆବଶ୍ୟକ ବୋଲି ଜଣେ ୟୁଜର ଲେଖିଛନ୍ତି।

# ମହୁଆଙ୍କୁ ଟିଏମ୍‌ସିର ନୂଆ ଦାୟିତ୍ୱ

**କୋଲକାତା,୧୩।୧୧**

ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ସଂସଦୀୟ କମିଟି ତଦନ୍ତ ଚଳାଇଥିବାବେଳେ ତାଙ୍କୁ କ୍ରିଷ୍ଣନଗର (ନଦିଆ ଉତ୍ତର)ର ଜିଲା ସଭାପତି ଭାବେ ଦଳ ନିଯୁକ୍ତି ଦେଇଛି। ନୂଆ ପଦବୀ ପାଇ ମହୁଆ ଦଳ ଅଧ୍ୟକ୍ଷା ମମତା ବାନାର୍ଜୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମହୁଆଙ୍କ ସମେତ ୧୫ ଜଣଙ୍କୁ ବିଭିନ୍ନ ଜିଲାର ମୁଖ୍ୟ ଭାବେ ନିଯୁକ୍ତି ମିଳିଛି।

# ବାଇଡେନ୍‌ଙ୍କ ନାତୁଣୀଙ୍କ ସୁରକ୍ଷା ଗାଡ଼ିରେ ପ୍ରବେଶ ଉଦ୍ୟମ: ଗୁଳି ଚଳାଇଲେ ସୁରକ୍ଷା କର୍ମୀ

**ୱାଶିଂଟନ,୧୩।୧୧**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନାତୁଣୀ ନାଓମି ବାଇଡେନ୍‌ଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏକ କାର୍ ଭିତରେ ପ୍ରବେଶ ଉଦ୍ୟମ କରୁଥିବା ୩ ଜଣଙ୍କୁ ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ କର୍ମଚାରୀମାନେ ଗୁଳି ଚଳାଇଥିଲେ। ରବିବାର ବିଳମ୍ବିତ ରାତିରେ ନାଓମିଙ୍କୁ ନେଇ ସୁରକ୍ଷା ଏଜେଣ୍ଟର କର୍ମଚାରୀମାନେ ନିକଟସ୍ଥ ଜର୍ଜ ଟାଉନ୍ ଯାଇଥିବାବେଳେ ସେଠାରେ ଥିବା ଏକ ଏସ୍‌ୟୁଭିର ୱିଣ୍ଡୋକୁ ୩ ଜଣ ଭାଙ୍ଗୁଥିବା ଦେଖିଥିଲେ। ଉକ୍ତ ଏସ୍‌ୟୁଭି ସିକ୍ରେଟ୍ ସର୍ଭିସ୍‌ର ଥିଲା। ଜଣେ କର୍ମଚାରୀ ସେମାନଙ୍କ ଉପରକୁ ଗୁଳି ଚଳାଇବାରୁ ସେମାନେ ଏକ ଲାଲ୍ ରଙ୍ଗର କାର୍‌ରେ ଖସି ପଳାଇଥିଲେ। ଘଟଣାର ତଦନ୍ତ ଜାରି ରହିଥିବାରୁ ସିକ୍ରେଟ୍ ସର୍ଭିସ୍ ଏଜେନ୍ସି ସବିଶେଷ ତଥ୍ୟ ଦେଇନାହିଁ।


**OFFICE OF THE DIVISIONAL FOREST OFFICER, NAYAGARH FOREST DIVISION**

**Officer Order No.340, Date:8.11.23**

**RESULT OF BID IDENTIFICATION NO.02/2023**

**No.MM-267:**The bid for the following work was opened on dtd.06.11.2023 through e-tender portal and the result is as follows.

| Sl. No. | Name of the Work | Tender ID | Result |
|---|---|---|---|
| 1 | 2 | 3 | 4 |
| 1 | Construction of Range Officers Residence at Daspalla | 2023_DFONA_96002_1 | Cancelled due to single responsive bid in the 1st time Tender Call |
| 2 | Construction of Forested Quarter at Daspalla | 2023_DFONA_95999_1 | |
| 3 | Construction of Forester Quarter at Godipada | 2023_DFONA_95998_1 | Cancelled due to non submission of proper document |
| 4 | Construction of Range Office at Nayagarh | 2023_DFONA_96003_1 | Cancelled due to No responsive bid in the 1st time Tender Call |
| 5 | Construction of Forest Guard Quarter at Badruma | 2023_DFONA_95984_1 | |
| 6 | Construction of Forest Guard Quarter at M.I. Colony, Nayagarh | 2023_DFONA_95983_1 | |
| 7 | Construction of Forest Guard Quarter at Adakata, Gania | 2023_DFONA_95979_1 | |
| 8 | Construction of Forest Guard Quarter at Kumbharapada | 2023_DFONA_95995_1 | |
| 9 | Construction of Forest Guard Quarter at Godibida | 2023_DFONA_95996_1 | |

Sd./- (Smt. Kshama Sarangi, OFS (SAG)
Divisional Forest Officer
Nayagarh Division
OIPR-08026/11/0004/2324

No.A-826

**GOVERNMENT OF ODISHA, DEPARTMENT OF WATER RESOURCES**

**OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR**

**'e' Procurement Notice No. ACECIC - 12/2023-24**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | PRD-7/ 2023-24 | Improvement to Left Bank of Puri Main Canal from RD.22.00 Km to 29.00 Km (Working RD.20.400 Km to 29.000 Km) | 597.46 | 597500/- (On Line) | 10000/- (Online) | "A" Class | 14.11.2023 At 10.00 Hours | 28.11.2023 At 17.00 Hours | 29.11.2023 At 11.00 Hours | 12 (Twelve Calendar Months) |
| | PRD-8/ 2023-24 | Improvement to Service Road on Right Bank of Kakatpur Branch Canal from RD.50.300 to 56.400 Km | 608.25 | 608300/- (On Line) | 10000/- (Online) | "A" & "Special" Class | 14.11.2023 At 10.00 Hours | 28.11.2023 At 17.00 Hours | 29.11.2023 At 11.00 Hours | 12 (Twelve Calendar Months) |
| | NID-11/ 2023-24 | Improvement to Service Bank of Khandasahi Disty. from RD.0.00 Km to 13.00 Km. | 668.91 | 668900/- (On Line) | 10000/- (Online) | "A" & "Special" Class | 14.11.2023 At 10.00 Hours | 28.11.2023 At 17.00 Hours | 29.11.2023 At 11.00 Hours | 12 (Twelve Calendar Months) |

e-mail ID:- secic_dowr@yahoo.com. Further details conditions can be seen from Govt. website www.tendersodisha.gov.in
OIPR-32160/11/0014/2324
Sd./- Additional Chief Engineer, Central Irrigation Circle

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
e-Mail: eeolicdivn.bbsr@ymail.com Tel. 0674-2391847

**e-Procurement Notice**

**Bid Identification No. 3500/2023-24 Dt. 13.11.2023**

**No. CAD-2833:-** The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **Percentage Rate Bids in online mode** for installation & Energisation of Lift Irrigation Projects in Puri & Khordha district under **BKVY (RIDF-XXIX) 2023-24** in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O., Odisha and Civil license as mentioned below.

1. Nature of work : Execution of work for installation & Energisation of 50 Nos. L.I. Projects in different blocks of Puri & Khordha district.
2. Estimated Cost : Varies from **Rs.24 Lakhs** to **Rs.48 lakhs**
3. Period of Completion : 90 days.
4. Date & Time of availability of bid documents in the portal : 23.11.2023 at 10.00 A.M.
5. Last date & time for receipt of bids in the portal : 30.11.2023 upto 5.00 P.M.
6. Date & time of seeking clarification : 23.11.2023 at 10.00 A.M. to 29.11.2023 upto 5.00 P.M.
7. Opening date & time : **01.12.2023** at 11 A.M.
8. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. www.tendersorissa.gov.in and other related documents are available in the DTCN for bidding. Any Addendum/ Corrigendum/ Cancellation of tender will be available in the said website.

Sd./- Executive Engineer, L.I. Division, Bhubaneswar
OIPR-32155/11/0023/2324

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com

**Bid Identification No.S.E.E.C (R&B) 19/2023-24**
**No. 2315/Date08.11.2023**

No. B-1243:- The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from dt. 14.11.2023 at 05.00 P.M. to dt.29.11.2023 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.11.2023 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in

Addendum / Corrigendum, if required, will be available only in the website.

Sd./- Superintending Engineer
Electrical Circle (R&B), Odisha, BBSR
OIPR-34006/11/0025/2324

**OFFICE OF SUPERINTENDING ENGINEER MINOR IRRIGATION DIVISION, NABARANGPUR**
No.A-825: Letter No.1226, Dt.09.11.2023
GOVERNMENT OF ODISHA e-Procurement Notice
Bid Identification No.SEMIDNGPUR-03/2023-24
E-mail ID: mingpur@yahoo.in, Ph.No.06858-222130

1. Name of Work : Construction of Different Check Dams in Papadahandi Blocks of Nabarangpur District.
2. Total Number of Work : 03 (Three)
3. Estimated Cost : From Rs.35.71 lakhs to Rs.70.39 lakhs.
4. Class of Contractor : "C" & "B" Class Contractor
5. Tender paper Cost (Online) : From Rs.6000/- to Rs.10000/-
6. Bid Security (Online) : From Rs.35,800/- to Rs.70,400/- as per DTCN.
7. Period of Completion : 06 (Six) Calendar Months
8. Availability of Bid document : From 20.11.2023, 10.00 AM to 02.12.2023 5.00 PM in website (www.tendersorissa.gov.in)
9. Last date & Time of Receipt of Bid : 02.12.2023 at 5.00 PM through online
10. Date of Opening of Technical Bid Documents : 04.12.2023 at 11.00 A.M. in the Office of the S.E.,M.I. Division, Nabarangpur
11. Name and address of the OIT : Superintending Engineer, M.I. Division, Nabarangpur, At/Po- Nabarangpur, District- Nabarangpur, PINCODE- 764059
12. Further details can be seen: from the Government of Odisha Website www.tendersorissa.gov.in.

Sd./-Superintending Engineer
M.I.Division, Nabarangpur
OIPR-32294/11/0009/2324

No.CAD-2835

**INTEGRATED TRIBAL DEVELOPMENT AGENCY, RAYAGADA**
E-mail-itdarayagada@gmail.com, Contact No.06856-235165, Pin Code-765001
No. 4169/2023 / VII-52/23 Dated: 13 November, 2023

**e-Procurement Notice**

**Bid Identification No. ITDA RGDA-06/2023-24**

1. The **Project Administrator, ITDA, RAYAGADA** on behalf of Governor of Odisha invites **Percentage Rate bids** through **online mode in Double & Single Cover System** for the type of works given in the table, from the eligible contractors of Class (D, C, B & A Class) or of equivalent range registered with the state Governments and Central Government / MES / Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under state Government has to register under the state PWD in appropriate class of eligibility before signing of the agreement. The bid should be submitted only online on the website **www.tendersodisha.gov.in**

| | | |
|---|---|---|
| Type of works | : | Construction of Buildings |
| No. of works | : | 03 Nos. (Three) |
| Amount put to Tender | : | As laid down in the DTCN |
| Tender paper cost | : | As laid down in the DTCN |
| E.M.D Amount Required | : | As laid down in the DTCN |
| Period of completion | : | As laid down in the DTCN for each work. |
| Date & time of availability of bid document in the portal | : | From 10.00 A.M of 15.11.2023 to 02.12.2023 up to 5.00 P.M. |
| Last Date/ time for receipt of bid in the portal | : | From 10.00 A.M of 15.11.2023 to 02.12.2023 up to 5.00 P.M. |
| Last Date/ time for submission of paper cost & other documents | : | From 10.00 AM of 16.11.2023 to 05.12.2023 up to 5.00 P.M. (During office hours in working days) through Registered Post |
| Date of opening of Tender | : | 07.12.2023 (at 11.00 A.M ) |

Further details can be seen from the e-procurement portal www.tendersodisha.gov.in

Sd./- PROJECT ADMINISTRATOR, ITDA, RAYAGADA
OIPR-26020/11/0009/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, PADAMPUR**
At/PO-Padampur, Dist-Baragarh, PIN-768036
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID:P163533)
No.A-827: REQUEST FOR BIDS (RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No.OIIPCRA-BGH/W2/01/2023-24, Date:10.11.2023

| | |
|---|---|
| Name of Work: | Modernization works of MIPs under M.I.Division, Padampur |
| Total No. of Works: | 2 Nos. (Individual MIP & Individual Package) |
| Estimated Cost of Works (s): | Varies Approximately from 13.81 Lakh to 33.45 Lakh (Total estimated cost of the 2 Nos. of Works 47.26 Lakh) |
| Cost of Bid document: | Free of Cost. |
| Time for Completion: | Refer to DTCN |
| Availability of Bid documents: | From 15.11.2023 10.00 Hrs. to 14.12.2023 upto 15.00 Hrs. in the e-procurement website (https://tendersodisha.gov.in) through online |
| Date of Pre-Bid Meeting: | On 21.11.2023 From 11.30 Hrs. To 14.00 Hrs. |
| Last date & time of receipt of bid | Upto 14.12.2023, 15.00 Hrs. through online |
| Payment of bid cost/ bid security | Shall be paid Online through the e-Procurement portal of Govt. of Odisha |
| Date of Opening of Technical bid (s): | On dt.14.12.2023 at 15.30 Hrs. onwards |
| Date of Opening of Financial bid (s) | To be intimated online after offline evaluation of Technical Bids |
| Digital Signature Certificate of Bidders: | The bidder must posses compatible Digital Signature Certificate (DSC) of Class-II or III. |
| Details about the tender | Available in website of www.dowrodisha.gov.in and www.tendersodisha.gov.in. |
| Name/Address of the OIT: | Superintending Engineer, M.I.Division, Padampur, At/PO-Padampur/Dist-Bargarh, PIN-768036, Email:eemipad@yahoo.co.in. |

Sd./- Superintending Engineer
M.I.Division, Padampur
OIPR-32037/11/0004/2324

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**

**TENDER CALL NOTICE**

**Notice No. LXVII-424/2022/R.S./TC-16953 Dated: 13.11.2023**

No. JJ-38: Sealed tenders are invited for selection of vendor for upgradation of existing Command Control Center to Unified Command Control Center and implementation of Intelligent Enforcement Management System (IEMF) in the Request for Proposal (RFP) floated by the Office of the Transport Commissioner, Odisha latest by 12.12.2023. Please refer the website: **www.odishatransport.gov.in** for details.

By the Orders of
Transport Commissioner, Odisha
Sd./- Joint Commissioner Transport (R.S)
Odisha, Cuttack
OIPR-38003/11/0034/2324

**OFFICE OF THE EXECUTIVE ENGINEER, RWS&S DIVISION, BARIPADA** No.O-1512
Tel. No.06792-254029,Fax No.06792-259464,
E-Mail :eerwss_bpd@rediffmail.com, eerwss_bpd@ori.nic.in

**Govt. of Odisha e-procurement Notice**

**Bid Identification No.14 of 2023-24, Date: 09.11.2023.**

1. **Nature of the work:** Execution of Rural Piped Water Supply work under Morada Block of Mayurbhanj District. (BASUDHA) **in Percentage rate contract.** (02 packages).
2. Estimated Cost: **70.36 lakhs & 83.68 lakhs**
3. Period of Completion: **(180) days.**
4. Date and time of availability of bid document in portal: **From 11 hour of 17.11.2023 to 30.11.2023 upto 17 hours.**
5. Last Date / Time for receipt of bids in the portal: Both Technical & Financial Bid for each Package **Upto 17 hours of 30.11.2023.**
6. Name and address of the O.I.T.: **Executive Engineer, RWS&S Division, Baripada.**
7. **Date & Time for Opening of Tender: 01.12.2023 at 11.00 A.M.**
8. Corrigendum and addendum if any shall only be published in the above website http://www.tenderodisha.gov.in

**Further details can be seen from the e-procurement Portal: "https://tendersodisha.gov.in"**

Sd./- Executive Engineer,
RWS&S Division, Baripada
OIPR-25014/11/0011/2324

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE: C/2, NAYAPALLI, BHUBANESWAR-751012
CIN:U51211OR1980SGC000894
Tel.No:0674-239539, Fax No.0674-2395291,Website:www.oscsc.in

**Tender No.16739/P-II/91/2023/PDS Dt.13.11.23**

**No.CAD-2831:**Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transporation of Custom Milled Rice (CMR) from source district Subarnapur (Sonepur-2, Panisiali Depot) to receipient district Kandhamal in the State of Odisha. |
| 2 | Availability of bid document in the portal | From 15.11.2023 |
| 3 | Last Date/Time for receipt of bids in the portal | Dt.22.11.2023 upto 5.00 PM |
| 4 | Date/Time of Opening of Technical Bid | Dt.23.11.2023 at 11.00 AM |
| 5 | Name and address of the Officer Inviting Tender | Managing Director, OSCSC Ltd., C/2, Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments/corrigendum/cancellation/ retender etc. If any shall be published only in above websites.

By Order of Managing Director
Sd./-General Manager (PDS)
OIPR-07002/11/0001/2324

**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ରାୟଗଡ଼ା**

**ବିଜ୍ଞପ୍ତି**

ନଂ.୩୪୪/୨୦୨୩ ତାରିଖ-୦୯.୧୧.୨୦୨୩



No.g-111:ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶିକରପାଇ ଗ୍ରାମର ଗ୍ରାମବାସୀଙ୍କ ସହାୟତାରେ ସେହି ଗ୍ରାମର ଦୋରା ସାହି ନିକଟରୁ ଗତ ତା.୨୩.୦୯.୨୦୨୩ରିଖ ଦିନ ଏକ ପରିତ୍ୟକ୍ତ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯିବା ପରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ସେହି ଦିନ ହାଜର କରାଯାଇ କମିଟିର ନିର୍ଦ୍ଦେଶନାମା ସଂଖ୍ୟା ୨୫୫ ତା.୨୩.୦୯.୨୦୨୩ରିଖ ଅନୁସାରେ ରାୟଗଡା ସଦର ମହକୁମାସ୍ଥିତ ଆଇ.ଡି.ଏସ. ସଂସ୍ଥା ଦ୍ୱାରା ପରିଚାଳିତ SAA ଜିମାରେ ଅସ୍ଥାୟୀ ଭାବେ ରଖାଯାଇଅଛି ।

ଉକ୍ତ ଶିଶୁଟିର ଯଦି କେହି ପିତା, ମାତା, ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ଶିଶୁ ମଙ୍ଗଳ କମିଟି, ରାୟଗଡ଼ାଙ୍କ କାର୍ଯ୍ୟାଳୟ, କୋଅପରେଟିଭ କଲୋନୀ, ଡି.ଆଇ.ସି. ଅଫିସ ରୋଡ, ରାୟଗଡ଼ା, ଫୋନ ନଂ. ୦୬୮୫୬-୨୨୩୬୫୬/୨୨୨୬୫୬/୮୨୪୯୧୧୭୧୫୧ କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ଉକ୍ତ ଶିଶୁକୁ ନେଇଯିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ଓ ଶିଶୁଟିକୁ ନ ନିଅନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ- ୨୦୧୫ ଧାରା ୩୮ (୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ ।

ସ୍ୱା./-ଜିଲ୍ଲାପାଳ, ରାୟଗଡ଼ା
OIPR-24169/11/0023/2324


ଦୀପାବଳି ଅବସରରେ ଭୁବନେଶ୍ୱର ପୁରୁଣା ଷ୍ଟେଶନବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମା'କାଳୀଙ୍କ ପୂଜାର୍ଚ୍ଚନା।


ଶହୀଦନଗର କାଳୀପୂଜା।


କଟକ ରୋଡ଼ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ କାଳୀପୂଜା।


ଝାରପଡା ଦୁର୍ଗାପୂଜା ସମିତି ପକ୍ଷରୁ ଅନୁଷ୍ଠିତ କାଳୀପୂଜା।


ଲକ୍ଷ୍ମୀସାଗର ବେଙ୍ଗଲୀ କଲୋନୀ ସଂଘ।


କଟକରୋଡ଼ ରିଫ୍ୟୁଜି କଲୋନୀ ମୋଚିସାହି।


ଅଶୋକନଗର କାଳୀବାଡି।

# 'ମୋ ଆଶା'ର ଦୀପାବଳି ସଂଖ୍ୟା ଉନ୍ମୋଚିତ



**ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)** ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଦୀପାବଳି ସଂଖ୍ୟା ସୋମବାର ଉନ୍ମୋଚିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ କହିଲେ, ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ନିଷ୍ଠାର ସହ ୨୦ ବର୍ଷ ହେବ ଏହା ପ୍ରକାଶ କରି ଆସୁଛନ୍ତି, ଯାହାକି ଅତ୍ୟନ୍ତ ପ୍ରଶଂସନୀୟ। 'ମୋ ଆଶା'ର ଚଳିତ ସଂଖ୍ୟା ଓଡ଼ିଶାର ବହୁ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକଙ୍କ ଲେଖାରେ ସମୃଦ୍ଧ ହୋଇଛି ବୋଲି ସେ କହିଥିଲେ। ବିଭାଗର ଉପନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ, ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ସେକ୍ ସୁଲେମାନ୍ ଅଲ୍ଲୀ, ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ସ୍ତମ୍ଭକାର ଶ୍ରୁତିକୀର୍ତ୍ତି ତ୍ରିପାଠୀ, ସଂସ୍କୃତି ବିଭାଗ ଅନ୍ୟତମ ଅଧିକାରୀ ତ୍ରିଲୋଚନ ବରାଳ ପ୍ରମୁଖ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ।

# ଦୀପାବଳିରେ ଉଡ଼ାଗଲା ଶହେ ଆକାଶଦୀପ

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)- ଓଡ଼ିଆ କନେକ୍ଟ ଏବଂ ଆମ ଡ୍ରୁମୁଡ୍ରୁମା ପକ୍ଷରୁ ସବୁଜ ଦିୱାଲୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧ଶହ ଆକାଶ ଦୀପ ଉଡାଯାଇ ବାଣମୁକ୍ତ, ପ୍ରଦୂଷଣମୁକ୍ତ ଦିପାବଳି ପାଳନ କରାଯାଇଥିଲା। ଏଥିରେ ଡ୍ରୁମୁଡ୍ରୁମା ସହିତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ପ୍ରଥମଥର ପାଇଁ ଦିପାବଳିରେ ରାତିର ଆକାଶକୁ ଆକାଶଦୀପରେ ସୁସଜ୍ଜିତ କରାଯାଇ ଅନ୍ଧାର ଉପରେ ଆଲୋକର ବିଜୟ ପର୍ବପାଳନ କରାଯାଇଥିଲା। ଏଥିସହ ପରିବେଶ ଅନୁକୂଳ ତଥା ସବୁଜ ଦୀପାବଳି ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।


ସବୁଜ ଦୀପାବଳି ପାଳନ ଅବସରରେ ଡ୍ରୁମଡ୍ରୁମାଠାରେ ଆକାଶଦୀପ ଛଡାଯାଉଛି।



ଭୁବନେଶ୍ୱର ସତ୍ୟନଗର କାଳୀମନ୍ଦିରରେ ମା'ଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼।

# ବାଣ ବଦଳରେ ବେଲୁନ୍ ଫୁଟାଇଲେ

## ଆଦିବାସୀ ପଲ୍ଲୀରେ ସ୍ୱଚ୍ଛ ଓ ସବୁଜ ଦୀପାବଳି

**ପୁରୁଣା ଭୁବନେଶ୍ୱର, ୧୩।୧୧**
**(ସୁବାସ ଚନ୍ଦ୍ର ପ୍ରଧାନ)**

ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ମଧ୍ୟରେ ରହିଥିବା କନ୍ଦଳେଇ ଆଦିବାସୀ ପଲ୍ଲୀର ବନବାସୀମାନେ ସ୍ୱଚ୍ଛ ଓ ସବୁଜ ଦୀପାବଳି ପାଳନ କରି ପ୍ରକୃତିପ୍ରେମର ବାର୍ତ୍ତା ଦେଇଛନ୍ତି। 'ପ୍ରଦୂଷଣ ମୁକ୍ତ ଶବ୍ଦ ଓ ବାୟୁ, ସବୁଜ ଦୀପାବଳି ବଢ଼ାଏ ଆୟୁ'ର ସନ୍ଦେଶ ଦେଇଥିଲେ। ବାଣ ବଦଳରେ ବେଲୁନ୍ ଫୁଟାଇବା ସହ ଦୀପ ଜାଳି ଉତ୍ସବକୁ ପାଳନ କରିଥିଲେ। ସାମାଜିକ ଅନୁଷ୍ଠାନ ଚିନ୍ମୟୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ପଲ୍ଲୀରେ ଏହି ସବୁଜ ଦୀପାବଳି ଉତ୍ସବର ଆୟୋଜନ କରାଯାଇଥିଲା। ପରିବେଶବିତ୍ ସୁଶାନ୍ତ ସାହୁଙ୍କ 'ବାଣ ବଦଳରେ ବେଲୁନ୍' ଚିନ୍ତାଧାରାକୁ ବନବାସୀମାନେ ସ୍ୱାଗତ କରିବା ସହ ପ୍ରଶଂସା କରିଥିଲେ। ଅନୁଷ୍ଠାନ ପକ୍ଷରୁ ମିଠେଇ, ଜିଲାପି, ଚକୋଲେଟ୍, ବିସ୍କୁଟ ଆଦି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିନ୍ମୟୀ ଫାଉଣ୍ଡେଶନର ପ୍ରତିଷ୍ଠାତା ସନ୍ତୋଷୀ ଜୈନ, ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ, 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ସୁବାସ ଓଝା ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀଙ୍କ ଭବିଷ୍ୟତ କାମନା କରିଥିଲେ।


ବନବାସୀମାନେ ବେଲୁନ୍ ଫୁଟାଇ ପ୍ରକୃତିପ୍ରେମର ବାର୍ତ୍ତା ଦେଉଛନ୍ତି।

# ମା’ ଶ୍ୟାମାକାଳୀଙ୍କୁ ଆବାହନ


ସାଲେପୁରରେ ମା’ କାଳୀଙ୍କୁ ପୂଜାର୍ଚ୍ଚନା କରାଯାଉଛି ।


ମଙ୍ଗଳାବାଗ


ମହମ୍ମଦିୟା ବଜାର


ଚୌଧୁରୀବଜାର


ଶେଖ୍ ବଜାର


ଆଲିଶା ବଜାର


ଚାନ୍ଦିନୀଚୌକ


ଖାନନଗର


ରାଣୀହାଟ



ବିଡ଼ାନାସୀ


ଚୌଦ୍ୱାର


ହାଇକୋର୍ଟ ରୋଡ୍


ଦରଘାବଜାର


ଖାନନଗର ଦକ୍ଷିଣକାଳୀ ମନ୍ଦିର


ଚାଉଳିଆଗଞ୍ଜ


ଖଟବିନ୍ ସାହି


ମାହାଙ୍ଗା

## ସଂକ୍ଷେପରେ

### ଜଳିଗଲା ୬ ବଖରା

**କୃଷ୍ଣପ୍ରସାଦ,୧୩।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବାଲିପାଟପୁର ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୬ବଖରା ଜଳିଯାଇଛି। ଜଳନ୍ଧର ଜେନା, ହରିବନ୍ଧୁ ଜେନାଙ୍କ ଘର ପୋଡ଼ିଯିବା ସହ ଧାନ, ଚାଉଳ, ଆସବାବପତ୍ର ପୋଡ଼ିପାଉଁଶ ହୋଇଯାଇଛି। ଗୁହାଳରେ ଥିବା ୧୨ଟି ଗାଈ ବାଛୁରି ଆହତ ହୋଇଛନ୍ତି। ଦୀପାବଳି ପାଳିବା ପରେ ଉଭୟ ପରିବାର ଲୋକେ ଶୋଇଥିବା ବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପ୍ରଶାସନ ପକ୍ଷରୁ ଅଗ୍ନି ବିପନ୍ନ ପରିବାରଙ୍କୁ ପାଲ ଯୋଗାଇ ଦିଆଯାଇଥିବା ବେଳେ ତୁରନ୍ତ ଖାଦ୍ୟ, ବସ୍ତ୍ର, ଗୃହ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

### ଟ୍ରକ୍ ଧକ୍କାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

**ଖୋର୍ଦ୍ଧା,୧୩।୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଟାଉନ ଥାନା ଶିଳ୍ପାଞ୍ଚଳ ଫାଣ୍ଡି ଅନ୍ତର୍ଗତ ମୁକୁନ୍ଦପ୍ରସାଦ ଛକଠାରେ ସୋମବାର ଟ୍ରକ୍ ଧକ୍କାରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରର ସବିରା ସାହା (୨୨)। ସେ ମୁକୁନ୍ଦପ୍ରସାଦ ଅଞ୍ଚଳରେ ଭଡ଼ାରେ ରହି ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ସୂଚନା ମୁତାବକ, ମଧ୍ୟାହ୍ନରେ ବଜାରରୁ ପରିବା ନେଇ ସବିରା ଭଡାଘରକୁ ଚାଲି ଚାଲି ଫେରୁଥିଲେ। ଏହି ସମୟରେ ମୁକୁନ୍ଦପ୍ରସାଦରୁ ଜାତୀୟ ରାଜପଥ ଅଭିମୁଖେ ଯାଉଥିବା ଏକ ଟ୍ରକ (ଓଆର୨୧ସି ୩୬୬୩) ମୁକୁନ୍ଦପ୍ରସାଦ ଛକ ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସବିରାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ବାସୁଦେବ ଜୟସିଂ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି।

### ପେଟ୍ରୋଲ ପମ୍ପରେ ନିଆଁ, ଲୋକେ ଭୟଭୀତ



**ଖୋର୍ଦ୍ଧା,୧୩।୧୧(ପ୍ରଭାତ ପାଣିଗ୍ରାହୀ):** ଗୁରୁଜଙ୍ଗସ୍ଥିତ ଏକ ପେଟ୍ରୋଲ ପମ୍ପରେ ରବିବାର ସନ୍ଧ୍ୟାରେ ହଠାତ୍ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପେଟ୍ରୋଲ ପମ୍ପରୁ ଧୂଆଁ ବାହାରୁଥିବା ଦେଖି ଲୋକେ ଭୟଭୀତ ହୋଇ ଦୌଡିଥିଲେ। କିଛି ସମୟ ପାଇଁ ପେଟ୍ରୋଲ ପମ୍ପ ଧୂଆଁମୟ ହୋଇଯାଇଥିଲା। କୌଣସି ବଡ଼ଧରଣର ଅଘଟଣ ଘଟି ନ ଥିବା ବେଳେ କର୍ମଚାରୀ ଫାୟାର ସେଫ୍ଟି ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରିଥିଲେ। ଶର୍ଟ ସର୍କିଟ କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଥିଲା, ତାହା ଅସ୍ପଷ୍ଟ ରହିଛି। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ନିୟମିତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉ ନ ଥିବାରୁ ଆଗାମୀ ଦିନରେ କୌଣସି ଅଘଟଣଙ୍କୁ ଏଡାଇ ଦିଆଯାଇ ନ ପାରେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ବୋଲଗଡ଼: ଗଡ଼ଦାରସ୍ଥିତ ଗଣେଶବଜାର ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା’ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।



କୃଷ୍ଣପ୍ରସାଦ ପଞ୍ଚାୟତ ଇପିଙ୍ଗ ଶ୍ୟାମାକାଳୀ ପୂଜା କମିଟି।



ବାଲୁଗାଁ ବଜାର ରଞ୍ଜନ ମାର୍କେଟ କାଳୀପୂଜା।

# ଚାଷୀଙ୍କ କାମରେ ଆସୁନି ଜଳଉତ୍ସ

## ମଲାଗୁଣୀ ବ୍ୟାରେଜ କାର୍ଯ୍ୟକ୍ଷମ ଦାବି

■ ଜିଲାପାଳଙ୍କୁ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

**ଖୋର୍ଦ୍ଧା,୧୩।୧୧(ପ୍ରଭାତ ପାଣିଗ୍ରାହୀ)**

ଜଳ ଉତ୍ସ ରହିଛି, ହେଲେ ଅଚଳ ପଡିଛି। ଚାଷୀ ଏହାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଖରିଫ ଓ ରବି ଫସଲ ସମୟରେ ଜମିକୁ ଜଳସେଚନ ଉଦ୍ଦେଶ୍ୟରେ ମଲାଗୁଣୀ ବ୍ୟାରେଜ ନିର୍ମାଣ ହୋଇଥିଲା। ବର୍ଷାର ଅର୍ଦ୍ଧାଧିକ ସମୟରେ ବ୍ୟାରେଜରେ ପାଣି ରହୁନାହିଁ। ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାରି ସ୍ଥାୟୀ ପ୍ରତିକାର କରାଯାଉନାହିଁ। ନିକଟରେ ଚାଷୀ ଏହାର ପ୍ରତିବାଦରେ ଜଗନ୍ନାଥ ସଡକରେ ଧାରଣା ଦେଇଥିଲେ। ସୋମବାର ଆଞ୍ଚଳିକ ଚାଷୀ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଏହାର ସମାଧାନ ନେଇ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଟାଙ୍ଗୀ ବ୍ଲକ ଅଧୀନ ରାମେଶ୍ୱର, ନିରାକାରପୁର, ଲେଣ୍ଡୋ ଓ ଡିଆ ପଞ୍ଚାୟତର ଚାଷୀ କମିଟିର ସଦସ୍ୟ ଏବଂ ସ୍ଥାନୀୟ ଜନପ୍ରତିନିଧି ଏନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

ଚଳିତବର୍ଷ ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି, ବିଳମ୍ବିତ ମୌସୁମୀ ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଏବେ ଧାନଥୋଡ଼ ସମୟରେ ବର୍ଷା ଦେଖାନାହିଁ। ଜମି ଫାଟି ଆଁ କଲାଣି। କେନାଲ ଶୁଖିଲା ପଡ଼ିଛି। ଜଳସେଚନର ସୁବିଧା ନ ଥିବାରୁ ଚାଷୀ ନିରାଶ ହୋଇପଡିଛି। ଏଥିସହ ରାମେଶ୍ୱରଠାରେ ନିର୍ମିତ ବ୍ୟାରେଜରୁ ଜଳଯୋଗାଣ ବନ୍ଦ ଯୋଗୁ ଚାଷଜମି ଶୁଖିଲା ପଡ଼ିଛି। ଏହାର ସ୍ଥାୟୀ ପ୍ରତିକାର ଲାଗି ପ୍ରତିନିଧି ମଣ୍ଡଳୀ ଦାବି କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଉଠା ଜଳସେଚନ ମାଧ୍ୟମରେ ରାମେଶ୍ୱରସ୍ଥିତ ବ୍ୟାରେଜ ଦ୍ୱାରା ଚାଷଜମିକୁ ଜଳଯୋଗାଣ, ମରୁଡ଼ି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆର୍ଥିକ ସହାୟତା ଦିଆଯାଉ। ସେହିପରି ପାଣି ସମସ୍ୟା ଦୂର ଲାଗି ମଲାଗୁଣୀ ନଦୀକୁ ମହାନଦୀ ସହିତ ସଂଯୋଗ କରାଯାଉ। ବ୍ୟାରେଜରେ ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ପୋତି ହୋଇ ରହିଥିବା ମାଟି, ପଙ୍କ ସଫା କରାଯାଇ ଜଳଧାରଣ କ୍ଷମତା ବୃଦ୍ଧି କରାଯାଉ। ବ୍ୟାରେଜରୁ ବାହାରିଥିବା ସମସ୍ତ ମୁଖ୍ୟ କେନାଲ ଓ ଶାଖା କେନାଲଗୁଡ଼ିକୁ ସିମେଣ୍ଟ କଂକ୍ରିଟ ୱାଲ କରାଯାଉ। କେନାଲ ବନ୍ଧରେ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଉ। ମଲାଗୁଣୀ ବ୍ୟାରେଜର ସମସ୍ତ ଗେଟ୍ ମରାମତି କରାଯାଉ। ସାହାଡାଯୋଡ଼ି ନାଳର ପୁନରୁଦ୍ଧାର କରାଯିବା ସହିତ ମଲୁଖଆଡିଆ ଏବଂ ନିଆଖାଇ ଆଡ଼ିଆର ପୁନରୁଦ୍ଧାର କରାଯାଇ ଚାଷୀଙ୍କ ଗମନାଗମନ ନିମନ୍ତେ ବ୍ରିଜ୍ ତିଆରି କରାଯାଉ। ରାମେଶ୍ୱର ପଞ୍ଚାୟତ ଅଧୀନ କାଞ୍ଜିଆ ନାଳର ପୁନରୁଦ୍ଧାର ହେଉ। ସାହାଡାଯୋଡ଼ି ନାଳର ଲେଣ୍ଡୋ ବ୍ରିଜ ନିକଟରେ ଚେକ୍ଡ୍ୟାମ କରାଯିବା ସହିତ ସାହାଡ଼ାଯୋଡି ନାଳର କପିଳେଶ୍ୱର ମୌଜାରେ ଚେକ୍ଡ୍ୟାମ ସହ ଚାଷୀମାନଙ୍କ ଗମନାଗମନ ସୁବିଧା କରାଯାଉ। ଯାଜପୁର ଆରଡି ରୋଡ୍‌ଠାରୁ ନୂଆ ଜଗନ୍ନାଥ ସଡ଼କ ପର୍ଯ୍ୟନ୍ତ କେନାଲ ବନ୍ଧକୁ ପକ୍କା ରାସ୍ତା ଓ ବ୍ରିଜ ନିର୍ମାଣର ଆବଶ୍ୟକତା ରହିଛି। ତାଳପଡା ଆରଡି ରୋଡ୍‌ଠାରୁ ଖଜୁରିପଡ଼ା ପେଟ୍ରୋଲପମ୍ପ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତାକୁ ପକ୍କା କରାଯାଉ। ମଲାଗୁଣୀ ବ୍ୟାରେଜ ଓ କେନାଲର ଉନ୍ନତୀକରଣ ନିମନ୍ତେ ଆଞ୍ଚଳିକ ଚାଷୀ କମିଟି ମାଧ୍ୟମରେ ଏକ ନୂତନ ଚାଷୀ କମିଟି ଗଠନ କରାଯାଇ ପ୍ରସ୍ତାବ ଗୁଡ଼ିକର କାର୍ଯ୍ୟକାରିତା ଓ ତଦାରଖ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜିଲାପାଳ ଚକ୍ରବର୍ତ୍ତୀ କହିଛନ୍ତି, କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ସମାଧାନ ପାଇଁ ଚେଷ୍ଟା କରାଯିବ। ଏହି ଆଲୋଚନା ବେଳେ ଚାଷୀ କମିଟି ସଭାପତି ବିପିନ ଜୟସିଂ, ଧନଞ୍ଜୟ ପାଟଶାଣୀ, କୈଳାସ ଚନ୍ଦ୍ର ସାହୁ, ବିଜୟ ବଳିୟାରସିଂ, ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାସ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ଲମ୍ବୋଦର ପରିଡା, ରବି ମାଝି, ହୃଷୀକେଶ ରାଉତରାୟ, ପ୍ରଭାତ ସ୍ୱାଇଁ, ବିକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ ଓ ଜନପ୍ରତିନିଧିମାନେ।

## ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ବାଲୁଗାଁ,୧୩।୧୧(ସଂଗ୍ରାମ ପାଇକରାୟ):** ବାଲୁଗାଁ ରେଳ ସୁରକ୍ଷା ବଳ ରବିବାର ଚଢ଼ାଉ କରି ୪ନଂ. ପ୍ଲାଟଫର୍ମରୁ ଜଣେ ଯୁବକଙ୍କୁ ଗିରଫ କରିବା ସହ ଟ୍ରଲି ବ୍ୟାଗ ଭର୍ତ୍ତି ୧୪କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଧୀନ ଖତାଡି ଗ୍ରାମର ରବି ମହାନ୍ତି(୪୦)। ସୂଚନା ମୁତାବକ, ଦୀପାବଳି ଉତ୍ସବ ଉପଲକ୍ଷେ ବାଲୁଗାଁ ରେଳ ଷ୍ଟେଶନରୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ରେଳବାଇ ପୋଲିସକୁ ଖବର ମିଳିଥିଲା। ଆରପିଏଫ୍ ଅଧିକାରୀ ଜିତେନ୍ଦ୍ର କୁମାର ମୌର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକାଧିକ ଟିମ୍ ରବିବାର ସକାଳେ ବିଭିନ୍ନ ଟ୍ରେନ ଏବଂ ବାଲୁଗାଁ ସମେତ ଆଖପାଖ ଷ୍ଟେଶନରେ ସାଦା ପୋଷାକରେ ନିଶା ବେପାରୀଙ୍କ ଉପରେ ନଜର ରଖିଥିଲେ। ଏପରିସ୍ଥଳେ ବାଲୁଗାଁ ୪ନଂ. ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷାରତ ଲାଲ ରଙ୍ଗର ଏକ ଟ୍ରଲି ବ୍ୟାଗ୍ ଧରିଥିବା ଜଣେ ଯୁବକଙ୍କୁ ସନ୍ଦେହ କରି ଉକ୍ତ ବ୍ୟାଗ୍‌କୁ ତଲାସିବାରେ ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ଲକ୍ଷ ୪୦ହଜାର ଟଙ୍କା ହେବ। ଏ ସଂକ୍ରାନ୍ତରେ ଖୋର୍ଦ୍ଧା ଜିଆରପି ପକ୍ଷରୁ ନଂ.୧୨୩/୨୩ରେ ଏକ ମାମଲା ରୁଜୁ ହୋଇଛି।

## ବାଣ ଜବତ, ଜଣେ ମହିଳାଙ୍କ ସମେତ ୩ ଗିରଫ

**ନିରାକାରପୁର,୧୩।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ବାଣ ବେପାରୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ବାଣ ଓ ରାସାୟନିକ ଦ୍ରବ୍ୟ ଜବତ କରିଛି। ଗିରଫ ବାଣ ବେପାରୀମାନେ ଲେଣ୍ଡୋ, ଡିଆ ଓ ନୂଆଗଡ଼ ପଞ୍ଚାୟତ ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ତେବେ ଜବତ ବାଣର ମୂଲ୍ୟ ୪୨ହଜାର ଟଙ୍କା ହେବ। ଏନେଇ ଥାନାରେ ପୃଥକଭାବେ ୩ଟି ମାମଲା (ନଂ.୨୯୨, ୨୯୩, ୨୯୪/୨୩) ରୁଜୁ ହୋଇଛି। ୪୧ ସିଆର୍‌ପିସିରେ ଗିରଫ ବାଣ ବେପାରୀମାନଙ୍କୁ ଛଡା ଯାଇଥିବା ଏଏସ୍ଆଇ ତପନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ନିରାକାରପୁର ଅଞ୍ଚଳରେ ବେଆଇନଭାବେ ବାଣ ବେପାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ତାଳଫଟକା, କୁମ୍ଭି, ଚକ୍ରି, ଗନପାଉଡର, ହାତବମ, ପେପରବମ ଆଦି ଜବତ କରିଥିଲା। ଏହି ଚଢ଼ାଉରେ ସବ୍‌ଇନ୍‌ସ୍ପେକ୍ଟର ଦୀପାଳିଶା ନାୟକ, ଏସ୍ଆଇ ବସନ୍ତ ପଟ୍ଟନାୟକ, ଏଏସ୍ଆଇ ଶରତ ବେହେରା, କନ୍‌ଷ୍ଟେବଲ ମିଟୁ ପାଲ ପ୍ରମୁଖ ସାମିଲ ଥିଲେ।



ଜବତ ହୋଇଥିବା ବାଣ।

## ଖବରକାଗଜ ବିକ୍ରେତାଙ୍କ ମାତୃ ବିୟୋଗ

**ବେଗୁନିଆ,୧୩।୧୧(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ ବାଘମାରୀ ଅଞ୍ଚଳର ଖବରକାଗଜ ବିକ୍ରେତାଭାବେ ପରିଚିତ କୟୁମ ଖାନଙ୍କ ମା’ମରୀୟମ ବିବିଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ତାଙ୍କ ମତ୍ୟୁ ଖବର ପାଇବା ପରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ନବନିତା ମହାନ୍ତି, ପୂର୍ବତନ ସରପଞ୍ଚ ମଧୁସୂଦନ ସୁବୁଦ୍ଧି, ସାମାଜିକକର୍ମୀ ପ୍ରେମାନନ୍ଦ ମହାନ୍ତି, ଅଶୋକ ପୃଷ୍ଟି, କବି ପ୍ରସନ୍ନ କହଲ ସିଂହ, ଗୋପୀନାଥ ସେଠୀ, ଶିକ୍ଷକ ରବୀନ୍ଦ୍ର ନାଥ ସାହୁଙ୍କ ସମେତ ଅଞ୍ଚଳର ବିଭିନ୍ନ ଖବରକାଗଜ ଏଜେଣ୍ଟ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ମାନିଲେନି ନିର୍ଦ୍ଦେଶ, ଉଚ୍ଚଶବ୍ଦ ବାଣ ଫୁଟାଇଲେ

**ଖୋର୍ଦ୍ଧା,୧୩।୧୧(ପ୍ରଭାତ ପାଣିଗ୍ରାହୀ):** ଦିପାବଳୀରେ ଶବ୍ଦଭେଦୀ ବାଣ ଫୁଟିବା ଯୋଗୁ ଏହାର ରାସାୟନିକ ପ୍ରଭାବରେ ପ୍ରଦୂଷଣ ସୃଷ୍ଟି ହେଉଛି। ସେହିପରି ଉଚ୍ଚଶବ୍ଦ ବାଣ ପ୍ରଭାବରେ ଶିଶୁ, ଗର୍ଭବତୀ, ବୃଦ୍ଧାବୃଦ୍ଧ, ହୃଦରୋଗୀ ଏପରିକି ଜୀବଜନ୍ତୁ ମଧ୍ୟ ପ୍ରଭାବିତ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସୁପ୍ରିମିକୋର୍ଟ ଚଳିତ ବର୍ଷ ଶବ୍ଦଭେଦୀ ବାଣ ଫୁଟାଇବା ଉପରେ କଟକଣା ଜାରି କରିଥିଲେ। ଏହାକୁ କଡାକଡି ପାଳନ ଲାଗି ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଦେଶ ସତ୍ତ୍ୱେ ଦୀପାବଳି ରାତି ସାରା ଉଚ୍ଚଶବ୍ଦ ବାଣ ଫୁଟିଥିଲା। ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ସନ୍ଧ୍ୟା ୬ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଣ ଫୁଟିଥିଲା। ଏନେଇ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଏଭଳି ଉଚ୍ଚଶବ୍ଦ ବାଣ ଫୁଟାଇବା ଦ୍ୱାରା କେବଳ ପରିବେଶ ନଷ୍ଟ ହେଉନି ବରଂ ଜୀବଜଗତ ଉପରେ ପ୍ରଭାବ ପଡିଥାଏ। ଲୋକେ ଏଥିପ୍ରତି ସଚେତନ ହେବା ଜରୁରୀ। ଏଭଳି ପରିବେଶ ନଷ୍ଟ କଲ, ଆଗାମୀ ଦିନରେ ଦିଲ୍ଲୀ ଭଳି ପରିସ୍ଥିତି ସୃଷ୍ଟି ହୋଇଯିବ। ଦାୟିତ୍ୱ ସମ୍ପର୍ଣ୍ଣ ନାଗରିକ ଭାବେ ଏଥିପ୍ରତି ଯଥେଷ୍ଟ ଯତ୍ନବାନ ହେବା ଜରୁରୀ। ସେହିପରି ବୁଦ୍ଧିଜୀବୀ ଜ୍ଞାନରଞ୍ଜନ ଦାଶ କହିଛନ୍ତି, ୧୨୫ ଡେସିବଲ ସ୍ତରରୁ ଉର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ସରକାରଙ୍କ ପକ୍ଷରୁ ନିଷେଧ କରାଯାଇଛି। ଏହି ନିୟମ ଖିଲାପ ହେଲେ ଓଡ଼ିଶା ସରକାରଙ୍କ ଆତସବାଜି ଓ ଡାକବାଜି ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ୨୦୦୦ ଅନୁଯାୟୀ ଦଣ୍ଡନୀୟ। ତେବେ ଏହାକୁ କାର୍ଯ୍ୟକାରିତା ଉପରେ ଶୀଥିଳତା ଯୋଗୁ ଲୋକେ ଏହାକୁ ମାନିବାକୁ ନାରାଜ।

## ‘ମାୟାଧର ମାନସିଂହ ଅପ୍ରତିଦ୍ୱନ୍ଦ୍ୱୀ କବି ଥିଲେ’

**କୃଷ୍ଣପ୍ରସାଦ,୧୩।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ମାନସିଂହ ପାଠାଗାରର ମିଳିତ ଆନୁକୂଲ୍ୟରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳାଠାରେ ସୋମବାର କବି ଡ.ମାୟାଧର ମାନସିଂହଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବିଷ୍ଣୁ ପ୍ରସାଦ ଦଳେଇ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା, ସାହିତ୍ୟିକ ଜ୍ଞାନାନନ୍ଦ ସାଗର କୁମାର ବେହେରା, ସାହିତ୍ୟିକ ସଚ୍ଚିଦାନନ୍ଦ ବେହେରା, ମାଲୁଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଖିଳ କୁମାର ନାୟକ, କିଶୋର ଚନ୍ଦ୍ର ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମାନସିଂହଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ସ୍ମୃତିସଭା ଆରମ୍ଭ ହୋଇଥିଲା। ମାୟାଧର ମାନସିଂହ ଜଣେ ଅପ୍ରତିଦ୍ୱନ୍ଦ୍ୱୀ କବି ଥିଲେ ବୋଲି ମତପ୍ରକାଶ ପାଇଥିଲା। ସମସ୍ତ ଅତିଥି ମାନସିଂହଙ୍କ କବିତା, ସାହିତ୍ୟ ଉପରେ ଆଲୋଚନା କରିବା ସହ କବିତା ପାଠ କରିଥିଲେ।



ଡ.ମାୟାଧର ମାନସିଂହଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ମରୁଡ଼ି ଅଞ୍ଚଳ ଘୋଷଣା ଦାବିକଲେ ଚାଷୀ

## ଜନଶୁଣାଣି ଶିବିରରେ ୯୯ ଅଭିଯୋଗ

**ବେଗୁନିଆ,୧୩।୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲା ପରିଷଦ)ବାଦଲ ମହାନ୍ତି, ଜିଲାପାଳଙ୍କ ଗ୍ରୀଭାନ୍ସ ସେଲର ଅଧିକାରୀ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ୍ ୯୯ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ତନ୍ମଧ୍ୟରୁ ସାମୂହିକ ୫, ବ୍ୟକ୍ତିଗତ ସମସ୍ୟା ୮୭ଟି ରହିଥିବା ବେଳେ ୪ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି। ସେହିପରି ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ୩ ହଜାର ଟଙ୍କା ଲେଖାଏ ଏବଂ ଅନ୍ୟ ଜଣଙ୍କୁ ୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ତେବେ ପୂର୍ବ ଅଭିଯୋଗ ଶୁଣାଣି ଶିବିରରେ ହୋଇଥିବା ଅଭିଯୋଗର ବର୍ତ୍ତମାନ ପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବା କେତେଜଣ ଅଭିଯୋଗ କରିଥିଲେ। ମଧୁବାବୁ ପେନ୍‌ସନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନି ବୋଲି ଦାବି କରିଥିଲେ। ମେଗା ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ଓ ବିଳମ୍ବ ନେଇ ଜିଲାପାଳଙ୍କୁ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଅଭିଯୋଗ କରିଥିଲେ। ସେହିପରି ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଜମିରେ ଧାନ ଫସଲ ଉଜୁଡି ଯାଉଛି। ବିଭାଗ ପକ୍ଷରୁ ଅନୁଧାନ କରାଯାଇ ବେଗୁନିଆ ବ୍ଲକ ଅଞ୍ଚଳକୁ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଉ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ସରକାର ଜଳସେଚନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ବେଗୁନିଆ ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ ଏବଂ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୋଗର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶି, ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିପିଇଓ ନୀଳକଣ୍ଠ ମାନସିଂହ ଶିବିର ପରିଚାଳନା କରିଥିଲେ।




ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ।

## ବୀର ଶହୀଦ ଯବାନଙ୍କ ପାଇଁ ଦୀପ ଦାନ

କାକଟପୁର,(ଶୁଭଦର୍ଶନ ମିଶ୍ର): ବୀର ଶହୀଦ ଯବାନ ପ୍ରତାପ ରଞ୍ଜନ ପରିଡ଼ା ଓ ଶହୀଦ ପ୍ରକାଶ ଚନ୍ଦ୍ର ଶିଅଳଙ୍କ ପାଇଁ ପବିତ୍ର ଦୀପାବଳିରେ ଦୀପ ଦାନ କରାଯାଇଛି। ଏହି ଅବସରରେ ଓଡ଼ିଶା ଜନ କଲ୍ୟାଣ ସଂଗଠନ ତରଫରୁ ବାଣ ନ ଫୁଟାଇ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ମନ୍ଦିର ସାମ୍ନାରେ ଦୀପଦାନ କରାଯାଇଛି। ଏହି ଦୀପଦାନ କାର୍ଯ୍ୟକ୍ରମରେ ସହସମ୍ପାଦକ ମୃତ୍ୟୁଞ୍ଜୟ ପାଢ଼ୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

### ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର

**ପୁରୀ, ୧୩।୧୧(ଅଜିତ ମହାନ୍ତି):** ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି କରି ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଙ୍ଗଠନ ପକ୍ଷରୁ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଙ୍ଗଠନର ସଭାନେତ୍ରୀ ଗଜଲକ୍ଷ୍ମୀ ରାୟ କହିଛନ୍ତି, ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରୁ ଦିବ୍ୟାଙ୍ଗ ଭକ୍ତମାନେ ପୁରୀ ଆସୁଛନ୍ତି। ମାତ୍ର ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ନାହିଁ। ଫଳରେ ଦିବ୍ୟାଙ୍ଗ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ନ କରିପାରି ମନଦୁଃଖରେ ଫେରୁଛନ୍ତି। ଦିବ୍ୟାଙ୍ଗମାନେ ଯେପରି ଶ୍ରୀମନ୍ଦିରକୁ ଯାଇ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି।



ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଦିବ୍ୟାଙ୍ଗ ଭକ୍ତମାନେ ଧାରଣା ଦେଇଛନ୍ତି ।

ପୂର୍ବରୁ ଉତ୍ତରଦ୍ୱାର ପଟେ ବ୍ୟବସ୍ଥା କରାଯାଇଥିବାରୁ ତାହା କାର୍ଯ୍ୟକାରୀ କରାଯାଉ। ଦିବ୍ୟାଙ୍ଗମାନଙ୍କୁ ନେବା ଆଣିବା ପାଇଁ କିଛି ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରିବା ପାଇଁ ରାୟ ଦାବି କରିଛନ୍ତି। ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍ଘାଟନ ପରେ ଉତ୍ତର ଦ୍ୱାର ଦେଇ ଦିବ୍ୟାଙ୍ଗଙ୍କ ନିମନ୍ତେ ଦର୍ଶନ ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରାକୁ ନଜରରେ ରଖି ଦିବ୍ୟାଙ୍ଗଙ୍କ ଦର୍ଶନ ସ୍ୱତନ୍ତ୍ର ଏସ୍ଓପି ଦ୍ୱାରା କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଦାସ ସୂଚନା ଦେଇଛନ୍ତି। ଦର୍ଶନ ବ୍ୟବସ୍ଥା ସହ ଅନ୍ୟ ସୁବିଧା ମଧ୍ୟ ଦିବ୍ୟାଙ୍ଗଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୁରୀ ଆଇଟିଆଇରେ ଆପ୍ରେଣ୍ଟିଶିପ୍ ମେଳା

**ପୁରୀ, ୧୩।୧୧(ଅଜିତ୍ ମହାନ୍ତି):** ପୁରୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ସୋମବାର ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ୍ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା କର୍ମନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ମେଳାର ଉଦ୍ଦେଶ୍ୟ ଓ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ତାଲିମ କେନ୍ଦ୍ର ଅଧକ୍ଷ ଇଂ. ଅରୋବିନ୍ଦ ଘୋଷଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଭିନ୍ନ ସଂସ୍ଥାର କର୍ମଚାରୀଙ୍କୁ ଆପ୍ରେଣ୍ଟିଶିପ୍‌ର ଗୁରୁତ୍ୱ ବୁଝାଇବା ସହିତ ଛାତ୍ରୀଛାତ୍ରଙ୍କୁ ଆପ୍ରେଣ୍ଟିଶିପ୍‌ରେ ସୁଯୋଗ ଦେବାକୁ ଅଧକ୍ଷ ଅନୁରୋଧ କରିଥିଲେ।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ, ୧୩।୧୧(ଅଜିତ୍ ମହାନ୍ତି)** ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୬ଟି ଅଭିଯୋଗ ଆସିଥିଲା। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗଗୁଡ଼ିକର ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ବିଭିନ୍ନ ବିଭାଗକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ଅଭିଷେକ ଦାଶ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ, ଜିଲା ଜରୁରିକାଳୀନ ଅଧିକାରୀ ଆଶୁତୋଷ ଦେ ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ବ୍ଲକ ଅଧକ୍ଷଙ୍କ ପରଲୋକ

**ଡେଲାଙ୍ଗ, ୧୩।୧୧(ରଶ୍ମିରଞ୍ଜନ ପ୍ରଧାନ):** ରବିବାର ଡେଲାଙ୍ଗ ବ୍ଲକର ପୂର୍ବତନ ଅଧକ୍ଷ ସତ୍ୟବାଦୀ ସ୍ୱାଇଁ(୮୨)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ସାମାଜିକକର୍ମୀ, ରାଜନେତା ଓ ପରପୋକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପରିବାର ଲୋକେ ତାଙ୍କୁ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ବି ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ତାଙ୍କ ମରଶରୀରକୁ ଡେଲାଙ୍ଗ ହାକପଡ଼ା ଗ୍ରାମର ନିଜସ୍ୱ ବାସଭବନକୁ ଅଣାଯାଇଥିଲା। ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହଯୋଗରେ ଡେଲାଙ୍ଗ ବଜାର, ପୋଷଲ, ସାଦପଡ଼ା, ମଉନିମଠ ପ୍ରଭୃତି ବଜାର ଓ ଗ୍ରାମ ପରିକ୍ରମା କରାଯାଇ ସ୍ୱର୍ଗଦ୍ୱାର ଅଭିମୁଖେ ନିଆଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥି, ଜିଲାପରିଷଦ ପ୍ରସନ୍ନ ସାହୁ, ଧରଣୀଧର ସାହୁ, ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ପ୍ରାକ୍ତନ ଶିକ୍ଷକ ବିଭୂତି ଭୂଷଣ ହୋତା, ଶିକ୍ଷକ ପ୍ରଶାନ୍ତ ମହାରଣା, ଦ୍ୱିଜବର ବେହେରା, ଅଭୟଚରଣ ସାହୁ, ପ୍ରାକ୍ତନ ବ୍ୟାଙ୍କ ପରିଚାଳକ ନିତ୍ୟାନନ୍ଦ ସ୍ୱାଇଁ, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ପୁରୀ ସ୍ୱର୍ଗଦ୍ୱାରରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଅନ୍ତିମ ସଂସ୍କାର ସମୟରେ ଜ୍ୟୋଷ୍ଠପୁତ୍ର ତପନ ସ୍ୱାଇଁ ମୁଖାଗ୍ନି ଦେଇଥିବା ବେଳେ ପୁଅ ସୁଶାନ୍ତ ସ୍ୱାଇଁ, ଶାନ୍ତନୁ ସ୍ୱାଇଁ ଓ କନ୍ୟା ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ଉପସ୍ଥିତ ଥିଲେ।

### ନାଟକ 'ଭାଗ୍ୟର ଦୋଷ ନା କର୍ମର ଦୋଷ' ମଞ୍ଚସ୍ଥ

**ବ୍ରହ୍ମଗିରି, ୧୩।୧୧(ସ୍ୱାଧୀନ ଚମ୍ପତିରାୟ)** ବ୍ରହ୍ମଗିରି ଗ୍ରାମରେ ମା' ଶାନ୍ତି ଦୁର୍ଗା କ୍ରୀଡ଼ା ଓ ସାଂସ୍କୃତିକ ସେବା ସଂଘ ପକ୍ଷରୁ ସୋମବର ବାର୍ଷିକ ନାଟ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପାଳନ ଅବସରରେ ଅନୁଷ୍ଠାନର ସୌଖିନୀ କଳାକାରଙ୍କୁ ନେଇ 'ଭାଗ୍ୟର ଦୋଷ ନା କର୍ମର ଦୋଷ' ନାଟକ ପରିବେଷଣ କରାଯାଇଥିଲା। କେଦାରନାଥ ପ୍ରଧାନ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧକ୍ଷା ରତ୍ନବାଳା ବେହେରା ଯୋଗଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଦିଲିପ ବଳିଆରସିଂ, ସୁମନ୍ତ ସ୍ୱାଇଁ, ମନୋଜ ମହାପାତ୍ର, ରମାଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ନାଟକରେ ଅବିନାଶ ପାତ୍ର, ମୃତ୍ୟୁଞ୍ଜୟ ପ୍ରଧାନ, ଚିଣ୍ଟୁ ବିଶ୍ୱାଳ, କାବୁଲି ପ୍ରଧାନ, ସୂର୍ଯ୍ୟ ନାୟକ, ଲକ୍ଷ୍ମୀଧର ସାହୁଙ୍କ ଅଭିନୟ ଦର୍ଶକଙ୍କୁ ବିଭୋର କରିଥିଲା।


ଓଡ଼ିଶା ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳା ଓ ପିଲାମାନେ ।

## ବସ୍ତି ପିଲାଙ୍କୁ ମିଠା ବାଣ୍ଟିଲା ଓଡ଼ିଶା ମାରୱାଡ଼ି ଯୁବା ମଞ୍ଚ

**ପିପିଲି, ୧୩।୧୧(ପ୍ରଭାତ ମହାପାତ୍ର)** ଦୀପାବଳି ଉତ୍ସବ ତଥା ଧନ୍ୱନ୍ତରୀ ଦିବସ ଅବସରରେ ଶନିବାର ପିପିଲି ବ୍ଲକ ହାଟସାହି ପଞ୍ଚାୟତ ଭୂଇଁଗୁଣ୍ଡୁ ଗ୍ରାମ ସେବା ବସ୍ତିରେ ଓଡ଼ିଶା ମାରୱାଡି ଯୁବା ମଞ୍ଚ ପିପିଲି ଶାଖା ପକ୍ଷରୁ 'ଖୁସି ବାଣ୍ଟିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶଥାଉ କି, ରାଷ୍ଟ୍ରୀୟ ସେବା ଭାରତୀ ପ୍ରେରଣାରେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଦ୍ୱାରା ଦୈନିକ ଦୁଇ ବେଳା ସେହି ଗ୍ରାମର ତଫସିଲଭୁକ୍ତ ଶ୍ରମଜୀବୀଙ୍କ ପିଲାଙ୍କୁ ଶିକ୍ଷା ଓ ସଂସ୍କାର ମାଧ୍ୟମରେ ମାଗଣା ଶିକ୍ଷା ପ୍ରଦାନ ସହିତ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ କରାଯାଇଥାଏ। ଅତିଥି ଭାବେ ବାଣପୁର ନେହେରୁ ସେବାସଂଘ କୋଷାଧକ୍ଷ ଓମ୍ ପ୍ରକାଶ ଅଗ୍ରୱାଲ, ସାମାଜିକ କର୍ମୀ ତଥା ଖବରଦାତା ପ୍ରଭାତ ମହାପାତ୍ର, ମାରୱାଡି ମହିଳା ମଞ୍ଚ ସଭାନେତ୍ରୀ ନିଲମ ଅଗ୍ରୱାଲ ଓ ସମ୍ପାଦିକା ଉମା ଯୋଶୀ, ମାରୱାଡ଼ି ଯୁବମଞ୍ଚ ପିପିଲି ସଭାପତି ମୁନୁ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ମାରୱାଡି ମଞ୍ଚର ସଞ୍ଜୀବ ଅଗ୍ରୱାଲ, ରୂପେଶ ଅଗ୍ରୱାଲ, ଯଶ ଅଗ୍ରୱାଲ ପିଲାଙ୍କୁ ମିଠା ଓ ଦୀପାବଳି ସାମଗ୍ରୀ ବଣ୍ଟନ କରିଥିଲେ। ମା' ଭାରତୀ ଶିକ୍ଷା ଓ ସଂସ୍କାର କେନ୍ଦ୍ରର ପିଲାମାନେ ସ୍ୱାଗତ ସଙ୍ଗୀତ, ପ୍ରାର୍ଥନା ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ସତ୍ୟଭାମା ବେହେରା, ସୁଶ୍ରୀ ସସ୍ମିତା, ସୁଶ୍ରୀ ସୁନିତା, ରଘୁନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲେଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ

**ଗୋପ, ୧୩।୧୧(ଭାରତୀ ଭୂଷଣ ଉପାଧ୍ୟାୟ):** ନିଜର ପରିଚୟ ସୃଷ୍ଟି କରିବାକୁ ହେଲେ କଠିନ ପରିଶ୍ରମ ଆବଶ୍ୟକ। ପରିଚୟ ସୃଷ୍ଟି କରିପାରିଲେ ସଫଳତା ମିଳିବ ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ସୋମବାର ଗୋପ ବ୍ଲକ ଅନ୍ତର୍ଗତ ଦଳନଇସ୍ଥିତ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦାଶ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ସୁରତ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ବନ୍ତଳି ସରପଞ୍ଚ ମହେଶ୍ୱର ସ୍ୱାଇଁ, ଅଧ୍ୟାପକ ବିରାଟ କିଶୋର ନାୟକ, ଗଣେଶ କୁମାର ଜେନା, ଅଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଦାଶଙ୍କୁ ଛାତ୍ରଛାତ୍ରୀମାନେ ସ୍ୱାଗତ କରିବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୧ କୋଟି ୧୬ ହଜାର ଟଙ୍କା ଅନୁଦାନରେ ନୂତନ ଗୃହ ନିର୍ମାଣ ଲାଗି ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ୩୦ ଲକ୍ଷ ଟଙ୍କାରେ ନିର୍ମିତ ଏକ ନୂତନ ଗୃହକୁ ସେ ଉଦ୍‌ଘାଟନ କରିଥିଲେ। ଗୋପ ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣ ଲାଗି ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ବିଧାୟକ ଦାଶଙ୍କୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ଅଧକ୍ଷା ପ୍ରିୟମ୍ବଦା ପଣ୍ଡା, ଅଧ୍ୟାପକ ବିଭୂତି ଭୂଷଣ ସେନାପତି ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

## ପତ୍ରିକା 'ମୋ ଆଶା'ର ଦୀପାବଳି ସଂଖ୍ୟା ଉନ୍ମୋଚିତ

**ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)** ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଦୀପାବଳି ସଂଖ୍ୟା ସୋମବାର ଉନ୍ମୋଚିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ କହିଲେ, ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ନିଷ୍ଠାର ସହ ୨୦ ବର୍ଷ ହେବ ଏହା ପ୍ରକାଶ କରି ଆସୁଛନ୍ତି, ଯାହାକି ଅତ୍ୟନ୍ତ ପ୍ରଶଂସନୀୟ। 'ମୋ ଆଶା'ର ଚଳିତ ସଂଖ୍ୟା ଓଡ଼ିଶାର ବହୁ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକଙ୍କ ଲେଖାରେ ସମୃଦ୍ଧ ହୋଇଛି ବୋଲି ସେ କହିଥିଲେ। ବିଭାଗର ଉପନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ, ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ସେକ୍ ସୁଲେମାନ୍ ଅଲ୍ଲୀ, ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ସ୍ତମ୍ଭକାର ଶ୍ରୁତିକୀର୍ତ୍ତି ତ୍ରିପାଠୀ, ସଂସ୍କୃତି ବିଭାଗ ଅନ୍ୟତମ ଅଧିକାରୀ ତ୍ରିଲୋଚନ ବରାଳ ପ୍ରମୁଖ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ।


ମୋ ଆଶା ପତ୍ରିକା ଉନ୍ମୋଚନ କରାଯାଉଛି ।

# ମହିଳାଙ୍କ ବେକ କାଟିଲେ ଦୁର୍ବୃତ୍ତ

**ଗୋପ, ୧୩।୧୧(ଭାରତୀ ଭୂଷଣ ଉପାଧ୍ୟାୟ):** ଗୋପ ଥାନା ଅନ୍ତର୍ଗତ ବଡତରା ଗାଁ ନିକଟରେ କେହି ଦୁର୍ବୃତ୍ତ ସୋମବାର ପିଙ୍କି ବେହେରା (୩୬) ନାମ୍ନୀ ଜଣେ ମହିଳାଙ୍କ ବେକ କାଟି ଦେଇଥିବା ଗୋପ ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ରକ୍ତାକ୍ତ ଅବସ୍ଥାରେ ପିଙ୍କିଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ଡାକ୍ତରଖାନାକୁ ଅଣାଯିବା ପରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୁନା ଅଳଙ୍କାର ଲୁଟିବା ଲାଗି ଦୁର୍ବୃତ୍ତ ଏପରି କରିଥିବା ଆଶଙ୍କା କରାଯାଉଛି। ତେବେ ଏ ସମ୍ପର୍କରେ ଗୋପ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

ପ୍ରକାଶ ଯେ, ସନ୍ଧ୍ୟାରେ ପ୍ରତାପ ବେହେରାଙ୍କ ସ୍ତ୍ରୀ ପିଙ୍କି ଘର ବାଡ଼ି ପଛପଟ ଥିବା ଶୌଚାଳୟକୁ ଯାଇଥିବାବେଳେ ଅନ୍ଧାରର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ସେ ଚିତ୍କାର କରି ତଳେ ପଡ଼ିଯାଇଥିବା ବେଳେ ପୁର୍ନବାର ଦୁର୍ବୃତ୍ତ ଜଣଙ୍କ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପିଙ୍କି ଯନ୍ତ୍ରଣାରେ ଛଟପଟ ହୋଇ କୌଣସିମତେ ନିଜ ବେକକୁ ଧରି ଘରକୁ ପଳାଇ ଆସିଥିଲେ। ଦୁର୍ବୃତ୍ତ ତାଙ୍କ ବେକରେ ପ୍ରାୟ ୮/୧୦ ଇଞ୍ଚର ୩/୪ଟି ସ୍ଥାନରେ କଟାଯାଇଥିବା ଡା. ଶିବପ୍ରସାଦ ମଙ୍ଗରାଜ କହିଛନ୍ତି। ସୂଚନାଯୋଗ୍ୟ, ନାଗପୁର, ବଡତରା ପଞ୍ଚାୟତରେ ନିଶା କାରବାର ଯୋଗୁ ଏପରି କାଣ୍ଡ ସହିତ ଚୋରି, ଡକାୟତି, ହିଂସା ଆଦି ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।

## ମିଶନ ଶକ୍ତି ପକ୍ଷରୁ ଦୁବାଇ ଯିବେ ସଂଯୁକ୍ତା


ସଞ୍ଜୁକ୍ତା ମେକାପଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ପୁରୀ, ୧୩।୧୧(ଅଜିତ ମହାନ୍ତି):** ଆସନ୍ତା ୧୫ ତାରିଖରେ ପୁରୀ ସଦର ନରସିଂହପୁର ମିଶନ ଶକ୍ତି ମହିଳା ମହାସଂଘର ସଭାନେତ୍ରୀ ସଞ୍ଜୁକ୍ତା ମେକାପ ଦୁବାଇ ଯିବେ। ମିଶନ ଶକ୍ତି ପକ୍ଷରୁ ଦୁବାଇ ଗସ୍ତ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମିଶନ ଶକ୍ତି ସଚିବଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ମହିଳାମାନଙ୍କୁ ସଶକ୍ତୀକରଣ କରିବା ଲାଗି ମିଶନ ଶକ୍ତି ମାଧ୍ୟମରେ ରାଜ୍ୟ ସରକାର ନେଉଥିବା ସମସ୍ତ ପଦକ୍ଷେପ ସଫଳ ରୂପାୟନ ହେଉଥିବା ସଞ୍ଜୁକ୍ତା କହିଛନ୍ତି। ମିଶନ ଶକ୍ତି ପକ୍ଷରୁ ଗସ୍ତର ସମସ୍ତ ଖର୍ଚ୍ଚ ବହନ କରାଯିବ। ଓଡ଼ିଶାରୁ ମନୋନୀତ ୧୦ ଜଣଙ୍କ ମଧ୍ୟରେ ସଞ୍ଜୁକ୍ତାଙ୍କ ନାମ ରହିଥିବାରୁ ସେ ନିଜକୁ ସୌଭାଗ୍ୟବାନ ମଣିଛନ୍ତି। ଏହି ଅବସରରେ ସୋମବାର ପୁରୀ ସଦର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ସମ୍ବିତ୍ ଶତପଥି ସଞ୍ଜୁକ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ଘର ସହ ବାଇକ୍ ପୋଡ଼ିଗଲା

**ଚାରିଛକ, ୧୩।୧୧(ଶିଶିର ସ୍ୱାଇଁ)** ଚାରିଛକ ଥାନା ଅଧୀନ ଛଣିଜଙ୍ଗ ପଞ୍ଚାୟତ କେଉଟ ସାଲଦା ଗ୍ରାମର ବନମାଳୀ ଦାସଙ୍କ ଘରେ ରବିବାର ରାତ୍ର ୨ଟା ସମୟରେ ହଠାତ୍ ନିଆଁ ଲାଗିଯିବାରୁ ଘର ସହିତ ଏକ ବାଇକ୍ ପୋଡ଼ିଯାଇଛି। ନିଆଁ ଲାଗିବା ପରେ ପରିବାର ଲୋକେ ଗାଁ ଲୋକଙ୍କୁ ଡାକିବାରୁ ସେମାନେ ଆସି ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। ଏହାପରେ ନିମାପଡ଼ା ଅଗ୍ନିଶମ ବିଭାଗ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ଟମ୍ ସହ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ଏକ ବାଇକ୍, ସାଇକେଲ ସହ ଘରର ଦୈନିକ ଆସବାବ ପ୍ରାୟ ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ିଯାଇଥିବା ସରପଞ୍ଚ ଅଜୟ ପରିଡ଼ା କହିଛନ୍ତି। ଖବରପାଇ ସରପଞ୍ଚ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ। ତଦନ୍ତ ସମୟରେ ଗ୍ରାମର ୱାର୍ଡ ସଭ୍ୟ ପ୍ରତାପ ମଲ୍ଲିକଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ। ଦୀପାବଳିରେ ବାଣରୁ ନିଆଁ ଲାଗି ଏପରି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି ଅଗ୍ନିଶମ ଅଧିକାରୀ କହିଥିଲେ।

## ସାମନ୍ତ ଗଙ୍ଗାଧର ମହାପାତ୍ରଙ୍କ ପରଲୋକ

**ପୁରୀ, ୧୩।୧୧(ଅଜିତ ମହାନ୍ତି):** ପୁରୀ ଷୋଳଶାସନ ବୀରନରସିଂହପୁର ଗ୍ରାମର ସାମନ୍ତ ଗଙ୍ଗାଧର ମହାପାତ୍ର (ମୂଷା ମାଷ୍ଟ୍ରେ)ଙ୍କର ୧୦୫ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ବର୍ଷ ଧରି ଖଡ଼ଗପୁରରେ ରେଳ ବିଭାଗରେ କାମ କରି ଅବସର ନେବା ପରେ ନିଜ ଗ୍ରାମରେ ରହି ଆସୁଥିଲେ। ଶେଷ ପର୍ଯ୍ୟନ୍ତ ନିଜ କାମ ନିଜେ କରିପାରୁଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁତ୍ର ସିଦ୍ଧାର୍ଥ, ବୋହୂ ସୁଧା, ନାତି ବିବେକ, ନାତୁଣୀ ଚାନ୍ଦିନୀ, ନାତୁଣୀ ଜ୍ୱାଇଁ ଶ୍ରୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ଦୁଇ ଝିଅ ପ୍ରତିମା, ପ୍ରଭାତୀ, ପୁତୁରା ରମାବଲ୍ଲଭ ରଥ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଓ ବରିଷ୍ଠ ଆଡଭୋକେଟ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅଶୋକ ମହାପାତ୍ରଙ୍କ ସମେତ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ସଞ୍ଜୟ ଦାସବର୍ମାଙ୍କ ବ୍ରହ୍ମଗିରି ଗସ୍ତ


ସଞ୍ଜୟ ଦାସ ବର୍ମା ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

**ପୁରୀ, ୧୩।୧୧(ଅଜିତ୍ ମହାନ୍ତି):** ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ବ୍ରହ୍ମଗିରି ବ୍ଲକ କଡ଼ାଜିତ୍ ପଞ୍ଚାୟତରେ 'ଆମ ଓଡ଼ିଶା ଓ ନବୀନ ଓଡ଼ିଶା' ମାଧ୍ୟମରେ ଢେଙ୍ଗ ଗ୍ରାମରେ ଯୁବକ ସଂଘ ଏବଂ ରାଏଘାଟ ଗ୍ରାମରେ ମହାବୀର ଗୋଷ୍ଠୀ କେନ୍ଦ୍ର ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନବାଳା ବେହେରା, ଉପାଧକ୍ଷା ମାଳିନୀ ଦାଳାଇ, ପୂର୍ବତନ ବ୍ଲକ ଉପାଧକ୍ଷ ଯୁଧିଷ୍ଠିର ନାୟକ, କଡ଼ାଜିତ୍ ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣଲତା ବେହେରା, ସମିତି ସଭ୍ୟ ସୁବାସ କୁମାର ନାୟକ, ଗୋରୁଆଳ ପଞ୍ଚାୟତ ସମିତି ସଭ୍ୟ ଜିତେନ୍ଦ୍ର ବେହେରା, ପଲଙ୍କ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସୁମନ୍ତ ସ୍ୱାଇଁ ଏବଂ ଆମ୍ବପଡ଼ା ପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ କୁମାର ପ୍ରଧାନ ଏବଂ ଦୁଇ ଗ୍ରାମର ବାସିନ୍ଦା ଉପସ୍ଥିତ ଥିଲେ।

# ୨୩ରେ ଭକ୍ତ ଦାସିଆଙ୍କ ଜୟନ୍ତୀ ଉତ୍ସବ

**ପିପିଲି, ୧୩।୧୧: (ଦୁର୍ଗାମାଧବ ମିଶ୍ର):** ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ ଚଳିତ ମାସ ୨୩ ତାରିଖରେ ପାଳନ ହେବ। ଏ ନେଇ ଭକ୍ତ ଦାସିଆ ପୀଠ ସ୍ମୃତି କମିଟି ପକ୍ଷରୁ ସଭାପତି ଡ. ପ୍ରତିଭା ମହାରଥୀଙ୍କ ଅଧକ୍ଷତାରେ ଭକ୍ତଦାସିଆଙ୍କ ଜନ୍ମ ତଥା ସାଧନା ପୀଠ ବାଲିଗାଁଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ମୃତି କମିଟିର ପରିଚାଳନା ପରିଷଦ, ପରାମର୍ଶଦାତା ବୋର୍ଡ, ଆଞ୍ଚଳିକ କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଚଳିତବର୍ଷ ଭୁବନେଶ୍ୱର ଡୁମୁଡୁମାର ଶ୍ରୀଜଗନ୍ନାଥ ମନ୍ଦିର ସହଯୋଗରେ ଗୀତିନାଟ୍ୟ 'ଭକ୍ତ ଦାସିଆ' ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏସ୍ଥ ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର ରାଜ୍ୟର ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ଉକ୍ତ ନାଟକ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ନୀତି, ଜାଉ ଓ ଶାଗ ପ୍ରସାଦ ବିତରଣ, ଅଖଣ୍ଡ ନାମ ସଂକୀର୍ତ୍ତନ ଓ ସ୍ମୃତି ସଭା ଆୟୋଜନ କରାଯିବ ବୋଲି ସଦସ୍ୟ ତଥା କିଟ୍+୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୂଚନା ଦେଇଥିଲେ। ପବିତ୍ର କାର୍ତ୍ତିକ ମାସ ବ୍ୟାପୀ ଜିନ୍ଦଲ ଷ୍ଟିଲ କମ୍ପାନୀ ସହଯୋଗରେ ପ୍ରସାଦ ସେବା ଏବଂ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ଆର୍ଥିକ ସହାୟତାରେ ପାନୀୟ ଜଳ ଯୋଗାଣ ଓ ପଦ ପ୍ରକ୍ଷାଳନ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ, ଇଂ. ବସନ୍ତ କୁମାର ମିଶ୍ର, ପ୍ରତାପ ଚନ୍ଦ୍ର ସିଂ, ମନୋରଞ୍ଜନ ମହାନ୍ତି, ଅଜୟ କେତନ ମହାନ୍ତି, ଡୁମୁଡୁମା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ପରିଷଦର ସଦସ୍ୟ କବିରାଜ ମହାନ୍ତି, ଗଦାଧର ପାତ୍ର, ଉତ୍କଳ ସାହିତ୍ୟ ସଂସଦର ଉପସଭାପତି ବେଣୁଧର ପାତ୍ର, ଡଃ ପ୍ରସନ୍ନ କୁମାର ସାମନ୍ତ, କୁମାର ଚନ୍ଦ୍ର ସେଠୀ, ଶିଶୁ ଦରବାର ସମ୍ପାଦକ ଡ. ଶରତ ଚଉରି, ଆଞ୍ଚଳିକ କମିଟି ସଦସ୍ୟ ଚିତ୍ତରଞ୍ଜନ ସେନାପତି, ସ୍ୱୟଂପ୍ରକାଶ ପରିଡା, ଜୟକୃଷ୍ଣ ରାଉତ, ଲକ୍ଷ୍ମୀଧର ଲେଙ୍କା, ଗିରିଧାରୀ ପଲାଇ, କୃଷ୍ଣଚନ୍ଦ୍ର ଲେଙ୍କା, ବାଲିଗାଁ ଅଧିବାସୀ ଉପସ୍ଥିତ ଥିଲେ। ପ୍ରଦୀପ ମହାରଥୀ ସ୍ମୃତି କମିଟି ଆନୁକୁଲ୍ୟରେ ଡେଲାଙ୍ଗ ଓ ପିପିଲି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭକ୍ତ ଦାସିଆ ସ୍ମୃତି କମିଟି ଓ ଭୁବନେଶ୍ୱର ରୋଟାରୀ କ୍ଲବ ନର୍ଥର ସହଯୋଗରେ ନିଶୁଳ୍କ ହୋମିଓପାଥିକ ଔଷଧ ବିତରଣ କରାଯାଇଥିଲା।



ବୈଠକରେ ଭକ୍ତ ଦାସିଆ ପୀଠ ସ୍ମୃତି କମିଟିର ସଦସ୍ୟମାନେ ।

## ସଂକ୍ଷେପରେ

### ଦୁଇ ଲୁଟେରାଙ୍କୁ ନିସ୍ତୁକ ପିଟି ପୋଲିସ ଜିମା ଦେଲେ ଲୋକେ

ଭୁବନେଶ୍ୱର,୧୩।୧୧(ସୂର୍ଯ୍ୟକାନ୍ତ ବେହେରା)

ସ୍ପିଡ୍ ବାଇକରେ ଆସି ଲୁଟ୍ କରୁଥିବା ଦୁଇ ଯୁବକଙ୍କୁ ସ୍ଥାନୀୟ ଲୋକେ ଗୋଡାଇ ଧରିବା ପରେ ନିସ୍ତୁକ ମାଡ ମାରି ଖାରବେଳନଗର ଥାନା ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଭିଏସ୍ଏସ୍ନଗରରେ ରହୁଥିବା ରାକେଶ ସ୍ୱାଇଁ ଓ ୟୁନିଟ-୪ ଅଞ୍ଚଳର କାହ୍ନା ତ୍ରିପାଠୀ। ଉଭୟଙ୍କଠାରୁ ଗୋଟିଏ ମୋବାଇଲ ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅଭିଯୁକ୍ତଦ୍ୱୟ ଆହତ ହୋଇଛନ୍ତି। ସୂଚନାନୁସାରେ, ଦୀପାବଳି ସନ୍ଧ୍ୟାରେ ଅଭିଯୋଗକାରୀ କୈଳାସ ରଥ ଘରକୁ ଫେରୁଥିବାବେଳେ ୟୁନିଟ-୯ ହାଇସ୍କୁଲ ନିକଟରେ ଅଭିଯୁକ୍ତଦ୍ୱୟ ଏକ ବାଇକ୍‌ରେ ଆସି ତାଙ୍କ ହାତରୁ ମୋବାଇଲ ଛଡାଇ ନେଇ ଫେରାର ହେଉଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଗୋଡାଇ ଧରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲଣ କରିଛି।

### ଆକ୍ରମଣ ଘଟଣା: ଉଭୟ ପକ୍ଷର ୫ ଗିରଫ

ଭୁବନେଶ୍ୱର,୧୩।୧୧(ସୂର୍ଯ୍ୟକାନ୍ତ ବେହେରା)

ଘରେ ପଶି ମା' ପୁଅଙ୍କୁ ଗାଳିଗୁଲଜ କରିବା ସହ କାଚ ବୋତଲ ଓ ପ୍ଲାଷ୍ଟିକ ପାଇପ୍‌ରେ ଆକ୍ରମଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ସୁବ୍ରତ ସେନାପତି, ଦୀପକ ବିଶ୍ୱାଳ, ଅମ୍ଳାନ ପରିଡା ଓ ସୁଧାଂଶୁ କୁମାର ସାହୁ। ଅଭିଯୁକ୍ତଙ୍କ ଆକ୍ରମଣରେ ପବିତ୍ର ଦଳେଇ ଓ ତାଙ୍କ ମା' ଆହତ ହୋଇଛନ୍ତି। ଅପରପକ୍ଷେ ଆକ୍ରମଣ କରି ଲୁଟ୍ କରିଥିବା ଅଭିଯୋଗରେ ପୋଲିସ ଆଉଏକ ମାମଲା ରୁଜୁ କରି ପବିତ୍ର ଦଳେଇଙ୍କୁ ଗିରଫ କରିଛି।

### 'ମାୟାଧର ମାନସିଂହ ଅପ୍ରତିଦ୍ୱନ୍ଦ୍ୱୀ କବି ଥିଲେ'

କୃଷ୍ଣପ୍ରସାଦ,୧୩।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ମାନସିଂହ ପାଠାଗାରର ମିଳିତ ଆନୁକୂଲ୍ୟରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳାଠାରେ ସୋମବାର କବି ଡ.ମାୟାଧର ମାନସିଂହଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବିଷ୍ଣୁ ପ୍ରସାଦ ଦଳେଇ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା, ସାହିତ୍ୟିକ ଜ୍ଞାନାନନ୍ଦ ସାଗର କୁମାର ବେହେରା, ସାହିତ୍ୟିକ ସଚ୍ଚିଦାନନ୍ଦ ବେହେରା, ମାଲୁଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଖିଳ କୁମାର ନାୟକ, କିଶୋର ଚନ୍ଦ୍ର ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମାନସିଂହଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ସ୍ମୃତିସଭା ଆରମ୍ଭ ହୋଇଥିଲା। ମାୟାଧର ମାନସିଂହ ଜଣେ ଅପ୍ରତିଦ୍ୱନ୍ଦ୍ୱୀ କବି ଥିଲେ ବୋଲି ମତପ୍ରକାଶ ପାଇଥିଲା। ସମସ୍ତ ଅତିଥି ମାନସିଂହଙ୍କ କବିତା, ସାହିତ୍ୟ ଉପରେ ଆଲୋଚନା କରିବା ସହ କବିତା ପାଠ କରିଥିଲେ।

### ମା' ମଙ୍ଗଳାଙ୍କ ନିକଟରେ ପ୍ରଜ୍ୱଳିତ ହେଲା ୧୬ ଫୁଟ୍‌ର ମହମବତୀ

ଅସ୍ତରଙ୍ଗ, ୧୩।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପବିତ୍ର ଦୀପାବଳି ଅବସରରେ କାକଟପୁର ମା' ମଙ୍ଗଳାଙ୍କ ନିକଟରେ ପ୍ରଜ୍ୱଳିତ ହେଲା ୧୬ ଫୁଟ୍‌ର ମହମବତୀ। କରୋନା ମହାମାରୀ ସମୟରୁ ଅସ୍ତରଙ୍ଗ ବ୍ଲକ କୁଣ୍ଡେଶ୍ୱର ଗ୍ରାମର ସତ୍ୟପ୍ରିୟ ଦାସ, ପ୍ରତାପ ମହାନ୍ତି ଓ କିଛି ସହଯୋଗୀ ମାନସିକ ରଖି ୨୦୨୦ ମସିହାରୁ କାକଟପୁର ମଙ୍ଗଳାଙ୍କ ନିକଟରେ ଦୀପାବଳି ଦିନ ମହମବତୀ ପ୍ରଜ୍ୱଳନ କରିଆସୁଛନ୍ତି। ଚଳିତ ବର୍ଷ ସେମାନେ ମା' ମଙ୍ଗଳାଙ୍କ ମନ୍ଦିର ପରିସରରେ ୧୬ ଫୁଟ୍‌ର ମହମବତୀ ପ୍ରଜ୍ୱଳନ କରିଛନ୍ତି। ଏହାକୁ ତିଆରି କରିବାକୁ ୭୫ କେଜି ମହମ ସହ ୧୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୦ ମସିହାରେ ୪ ଫୁଟ, ୨୦୨୧ରେ ୮ ଫୁଟ, ୨୦୨୨ରେ ୧୨ ଫୁଟ୍‌ର ମହମବତୀ ପ୍ରଜ୍ୱଳନ କରାଯାଇଥିଲା। ମନ୍ଦିର ସେବାୟତ ତାପସ ଦୀକ୍ଷିତ ବିରାଟ ମହମବତୀରେ ଦୀପ ପ୍ରଜ୍ୱଳନ କରିଥିଲେ।

# ଓଲ୍ଡିଂବେଳେ ନିଆଁଲାଗି ଜଳିଗଲା ୫ ବସ୍

ଭୁବନେଶ୍ୱର,୧୩।୧୧ (ସତ୍ୟଜିତ୍ ରାଉତ)



ପାତ୍ରପଡ଼ାସ୍ଥିତ ଏକ ଗ୍ୟାରେଜ୍‌ରେ ବସ୍‌ଗୁଡିକରେ ଲାଗିଥିବା ନିଆଁକୁ ଅଗ୍ନିଶମ ବାହିନୀ ଲିଭାଉଛନ୍ତି।

ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡ଼ାସ୍ଥିତ ଏକ ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ ଘଟି ୫ଟି ବସ୍ ଜଳିଯାଇଛି। ରବିବାର ଅପରାହ୍ନ ପ୍ରାୟ୨ଟା ବେଳେ ଏହି ଘଟଣା ଘଟିଥିଲା। ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ସେତେବେଳକୁ ବସ୍‌ଗୁଡିକ ପୋଡ଼ିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏପରିକି ଗ୍ୟାରେଜ୍‌ରେ ଥିବା ଅନ୍ୟ ସାମଗ୍ରୀ ମଧ୍ୟ ଆଂଶିକ ଜଳିଯାଇଥିବା ଜଣାପଡିଛି। ତେବେ ଏକ ବସ୍‌ରେ ଓଲଡିଂବେଳେ ନିଆଁ ଲାଗି ଅନ୍ୟ ବସ୍‌କୁ ବ୍ୟାପିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବସ୍‌ଗୁଡ଼ିକ ଗ୍ୟାରେଜ୍‌ରେ ମରାମତି ହେବା ପାଇଁ ରଖାଯାଇଥିଲା। କେତେକ ବସ୍‌ର ମରାମତି ଚାଲୁଥିଲା। ଏହି ସମୟରେ ହଠାତ୍ ଏକ ବସ୍‌ରେ ନିଆଁ ଲାଗିଯିବାରୁ କର୍ମଚାରୀମାନେ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ବସ୍‌ରେ ଥିବା ଦହନୀୟ ସାମଗ୍ରୀ ଓ ତେଲ ଆଦି ଯୋଗୁ ନିଆଁ ଭୟଙ୍କର ରୂପ ନେଇଥିଲା। ପ୍ରାୟ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବସ୍‌ଗୁଡ଼ିକ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏପରିକି ଏହି ନିଆଁରୁ ନିର୍ଗତ ଧୂଆଁ ଆଖପାଖ ଅଞ୍ଚଳରେ ବ୍ୟାପି ଯାଇଥିଲା। ଖବର ପାଇ ତମାଣ୍ଡୋ ଫାୟାର ଷ୍ଟେଶନର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ।



ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ଶିଶୁ ସାଂସ୍କୃତିକ ବିଚିତ୍ରାରେ ଅତିଥିଙ୍କ ସହ ଶିଶୁ କଳାକାରମାନେ।

## ପ୍ରୋତ୍ସାହିତ କଲା ଶିଶୁ ସାଂସ୍କୃତିକ ବିଚିତ୍ରା

ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶିଶୁ ଦିବସ ଅବ୍ୟବହିତ ପୂର୍ବରୁ ଶିଶୁ ସାଂସ୍କୃତିକ ବିଚିତ୍ରା ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର, ବନାନୀ ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସନାତନ ପଣ୍ଡା, ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା ପ୍ରମୁଖ ଯୋଗଦେଇ ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବର୍ତ୍ତିତ ସମୟର ତାଳ ଦେଇ ଶିଶୁଙ୍କୁ ଏଥିସହ ପରିଚିତ କରାଇ ଭବିଷ୍ୟତ ପାଇଁ ପ୍ରସ୍ତୁତି କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଶିଶୁ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାକୁ ବିଦ୍ୟାଳୟଗୁଡ଼ିକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଓଡ଼ିଆ ପୁସ୍ତକ, ପୁଷ୍ପ ଗୁଚ୍ଛ ଓ ଚକୋଲେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ସଂଗ୍ରାହଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ ପରିଚାଳନା କରିଥିଲେ।

## ବାଇକ୍ ଧକ୍କାରେ ଯୁବକ ଗୁରୁତର

ଭୁବନେଶ୍ୱର,୧୩।୧୧ (ସତ୍ୟଜିତ୍ ରାଉତ)

ବଡ଼ଗଡ଼ ଥାନା ଅନ୍ତର୍ଗତ ମହିଁଷାଖାଲ ଅଞ୍ଚଳରେ ରବିବାର ବାଇକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ନୃସିଂହ ଚରଣ ଦାସ (୪୫)। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଯୁବକଙ୍କ ବିରୋଧରେ ନୃସିଂହଙ୍କ ସାନ ଭାଇ ଗୌତମ ଚରଣ ସୋମବାର ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ନୃସିଂହ ମହିଁଷାଖାଲ ଅଞ୍ଚଳରେ ରହୁଛନ୍ତି। ରବିବାର ରାତି ପ୍ରାୟ ୧୦ରେ ସେ ଘର ସାମ୍ନାରେ ଅନ୍ୟମାନଙ୍କ ସହ ଦୀପାବଳି ପାଳୁଥିଲେ। ଏହି ସମୟପରେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ନୃସିଂହଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଡାହାଣ ଗୋଡ଼ ଭାଙ୍ଗିଯାଇଥିଲା। ତେବେ ଏନେଇ ପୋଲିସକୁ ନ ଜଣାଇବାକୁ ଯୁବକଦ୍ୱୟ ଧମକ ଦେଇଥିବା ଗୌତମ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

## ଜଳିଗଲା ଗୁହାଳ, ୨ ଗାଈ ଜୀବନ୍ତ ଦଗ୍ଧ

ବାଲିଅନ୍ତା,୧୩।୧୧(ନୀଳମାଧବ ସାହୁ)

ଦୀପାବଳି ସନ୍ଧ୍ୟାରେ ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ପାରିବାସୁଦେଇପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି କୁନିଆ ମଲ୍ଲିକଙ୍କ ଏକ ବଖରା ଗୁହାଳ ପୋଡ଼ି ଯାଇଛି। ହଠାତ୍ ନିଆଁ ଲାଗିଯିବାରୁ ଘର ଭିତରେ ଥିବା ୨ଟି ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଆଉ ଏକ ଗାଈ ଦେହରେ ନିଆଁ ଲାଗି ପୋଡ଼ିଯାଇଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଖବରପାଇ ବାଲିଅନ୍ତା ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୋମବାର ଭିଙ୍ଗାରପୁର ରାଜସ୍ୱ ନିରୀକ୍ଷକ ସୁଜିତ ବେହେରା ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧେୟା ଜେନା ଓ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଜେନା ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ପଲିଥିନ ପ୍ରଦାନ କରିଥିଲେ।

## ବାଣ ଫୁଟାକୁ କେନ୍ଦ୍ର କରି ଗଣ୍ଡଗୋଳ, ୭ ଗିରଫ

ଭୁବନେଶ୍ୱର,୧୩।୧୧ (ସୂର୍ଯ୍ୟକାନ୍ତ ବେହେରା)

ଦୀପାବଳିରେ ବାଣଫୁଟାକୁ କେନ୍ଦ୍ର କରି ଏୟାରପୋର୍ଟ ଥାନା ଅନ୍ତର୍ଗତ କାରଗିଲ ବସ୍ତିର କେଳାସାହିରେ ଗଣ୍ଡଗୋଳ ଘଟିଛି। ଦୁଇ ପରିବାର ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଯୋଗୁ ଏକାଧିକ ବ୍ୟକ୍ତି ଆହତ ହୋଇଛନ୍ତି। ଉଭୟ ପକ୍ଷର ଅଭିଯୋଗକ୍ରମେ ପୋଲିସ ପୃଥକ ମାମଲା ରୁଜୁକରି ଉଭୟ ପକ୍ଷରୁ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୩ଜଣ ମହିଳା ଥିବାବେଳେ ୪ଜଣ ପୁରୁଷ ରହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଗୋଟିଏ ପକ୍ଷର ବିଜୟ ଦାସ, ଅଜୟ ଦାସ, ଅର୍ଚ୍ଚନା ଦାସ, ରଚନା ବିଶ୍ୱାସ ଏବଂ ଅନ୍ୟପକ୍ଷର ହେଲେ ପ୍ରଦୀପ ଦାଶ, ପ୍ରତିମା ଦାଶ, ଚିରଞ୍ଜୀବ ଦାଶ। ତେବେ ଏହି ଘଟଣାରେ ଫେରା ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

## ବୀମାଧାରୀଙ୍କ ଅଭିଯୋଗର ତୁରନ୍ତ ସମାଧାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

### ବୀମା ଲୋକପାଳ ଦିବସ

ବୀମା ଲୋକପାଳ ଦିବସ ସୋମବାର ପାନ୍ଥନିବାସଠାରେ ପାଳିତ ହୋଇଯାଇଛି। ବୀମା ନିୟନ୍ତ୍ରକଙ୍କ ଉପଦେଷ୍ଟା ବିଭୁ ପ୍ରସାଦ ଆଚାର୍ଯ୍ୟ, ରିଜର୍ଭ ବ୍ୟାଙ୍କ ଲୋକପାଳ ଏନ୍. ମୋହନା, ପୂର୍ବତନ ମହାନିର୍ଦ୍ଦେଶକ ଅଭୟ, ଜୀବନ ବୀମା ବରିଷ୍ଠ ମଣ୍ଡଳ ପ୍ରବନ୍ଧକ, ଭୁବନେଶ୍ୱର ମଣ୍ଡଳ ମନୋରଞ୍ଜନ ଦାସ, ବୀମା ଲୋକପାଳ କାର୍ଯ୍ୟାଳୟ ସଚିବ ଅଜୟ କୁମାର ଦାସ, ବିରୂପାକ୍ଷ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବୀମା ଲୋକପାଳ ମନୋଜ ପରିଡ଼ା ଯୋଗଦେଇ, ବୀମାଧାରୀଙ୍କ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ଏହାର ସମାଧାନ କରିବାକୁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଉପଦେଷ୍ଟା ଆଚାର୍ଯ୍ୟ ବୀମା କ୍ଷେତ୍ରର ପ୍ରସାର ତଥା ବୀମା ଲୋକପାଳ କାର୍ଯ୍ୟାବଳୀର ପ୍ରଚାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀର ବାଳିକାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତି କରିଥିଲେ। ଓଡ଼ିଶାର ବୀମା ଲୋକପାଳ ଦ୍ରୁତ ନିଷ୍ପତ୍ତି ନେଇ ବୀମାଧାରୀଙ୍କ ଅଭିଯୋଗଗୁଡ଼ିକ ଆବଣ୍ଟିତ ସମୟ ପୂର୍ବରୁ ସମାଧାନ କରିଥିବାରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଗୃହସ୍ଥମାନେ ଭାଗବତର ମନନ କରିବା ଆବଶ୍ୟକ



ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଓ ମା' ଶାନ୍ତାନାରାୟଣୀ ମନ୍ଦିର ପରିଚାଳନା ନ୍ୟାସ ମଣ୍ଡଳୀ ଭିଏସ୍ଏସ୍ନଗର ପକ୍ଷରୁ ଭାଗବତ ସପ୍ତାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଡ. ରାଧାନାଥ ପଣ୍ଡା ଯୋଗଦେଇ ଉପସ୍ଥିତ ଭକ୍ତଙ୍କୁ ଭାଗବତର ସାରମର୍ମ ତଥ୍ୟ ପରିବେଷଣ କରିଥିଲେ। ଭାଗବତର ଅନୁଗାମୀ ଇହଲୋକ ତଥା ପରଲୋକରେ ସୁଖ ଶାନ୍ତି ଲାଭ କରିଥାନ୍ତି। ପ୍ରତ୍ୟେକ ଗୃହସ୍ଥ ପ୍ରତିଦିନ ଏହାର ଅଧ୍ୟୟନ ମନନ କରି ଆଚରଣ ସିଦ୍ଧି ହେବା ଉଚିତ ବୋଲି ଡ. ପଣ୍ଡା କହିଥିଲେ। ମନ୍ଦିର ପରିଚାଳନା ସଭାପତି ଦେବବ୍ରତ ପଟ୍ଟନାୟକଙ୍କ ସମେତ ଡ. ଗୋବିନ୍ଦ ଚନ୍ଦ୍ର ନାୟକ, ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର, ସଭ୍ୟ ହୃଦୟରାମ ବ୍ରହ୍ମା, ଇଂ ଶିବ ପ୍ରସାଦ ମିଶ୍ର, ମହେଶ୍ୱର ହୋତା, ବିଜୟ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ଉମେଶ ରଥଙ୍କ ସମେତ ଶରତ ଦିକ୍ଷୀତ, ଭାଗ୍ୟ ମହାପାତ୍ର, ସନ୍ତୋଷ ମିଶ୍ର ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। କୈଳାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ଖଣ୍ଡ-ସାନମାଛପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିପାଟଣା,୧୩।୧୧(ଅଭିମନ୍ୟୁ ନାୟକ)




ବାଲିପାଟଣା ବ୍ଲକ ଅନ୍ତର୍ଗତ ଓଡ଼ଖଣ୍ଡ-ସାନମାଛପୁର ଭାୟା କୁରୁଞ୍ଜିପୁର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ ଓଡ଼ଖଣ୍ଡ ମହାବିଦ୍ୟାଳୟ ଠାରେ ପହଞ୍ଚି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗ୍ରାମ୍ୟ ନିର୍ମାଣ ବିଭାଜନ ଯୋଜନା ଅନ୍ତର୍ଭୁକ୍ତ ଉକ୍ତ ରାସ୍ତା ୬.୩୦୦ କି.ମି ରାସ୍ତା ପାଇଁ ୫ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଓକିଲ ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ବସନ୍ତ ଦଳେଇ, ବରିଷ୍ଠ ବିଜେଡି ନେତା ପ୍ରତାପ କେଶରୀ ନାୟକ, ବୁଦ୍ଧନାଥ ବାରିକ, ସନାତନ ନାୟକ, କରୁଣା କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଧାୟକ ପାଣ୍ଠିରୁ ନରଦା ବିଦ୍ୟାଳୟଠାରୁ ପଡିଆ ଭଙ୍ଗା ଗ୍ରାମକୁ ୩ ଲକ୍ଷ ଟଙ୍କା ଅନୁଦାନ ରାସ୍ତାର ବିଧାୟକ ଢାଲି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ଥିଙ୍କଜୋନ୍‌ର ପ୍ରତିଷ୍ଠା ଦିବସ, ଶିକ୍ଷକ ସମ୍ମିଳନୀ




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଥିଙ୍କଜୋନ୍ ପକ୍ଷରୁ ନିଯୁକ୍ତ ଶିକ୍ଷକମାନେ।

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

ଥିଙ୍କଜୋନ୍‌ର ୯ମ ପ୍ରତିଷ୍ଠା ଦିବସ ସୋମବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଶିକ୍ଷକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ନିଜ ଅଞ୍ଚଳରେ ଥିଙ୍କଜୋନ୍ ସହାୟତାରେ ପାଠ ପଢାଉଥିବା ରାଜ୍ୟର ବିଭିନ୍ନ ସ୍ଥାନରୁ ଯୁବତୀଯୁବକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ ପ୍ରଫେସର ଡି.ଭି ରମଣ, ଥିଙ୍କଜୋନ୍‌ର ବୋର୍ଡ ଆଡ୍‌ଭାଇଜର ଚନ୍ଦ୍ରଶେଖର ଚିତ୍ରଲା, କଥାସାଗର ଏକାଡେମୀ ପ୍ରତିଷ୍ଠାତା ଖାଞ୍ଜି ଦାସ, ପ୍ରଣାମ ଅନୁଷ୍ଠାନର କୋ-ଫାଉଣ୍ଡର ବିଶ୍ୱରଞ୍ଜନ ଦେହୁରୀ ଏବଂ ୟୁପିଏଲ୍‌ର ଏରିଆ ମ୍ୟାନେଜର ଜ୍ୟୋତି ସେନାପତି ପ୍ରମୁଖ ଯୋଗଦେଇ ନିଜର ଅଭିଜ୍ଞତା ଓ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଏଥିସହ ନିଜ ଅଞ୍ଚଳର ଗରିବ ପିଲାଙ୍କୁ ଯେପରି ଶିକ୍ଷାଦାନ କରି ପାରିବେ ସେ ନେଇ ପ୍ରେରଣା ଦେଇଥିଲେ।

## ଆର୍ଯ୍ୟସମାଜ ପକ୍ଷରୁ ଋଷି ନିର୍ବାଣ ଉତ୍ସବ

ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)

ଆର୍ଯ୍ୟସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୧୪୦ତମ ଋଷି ନିର୍ବାଣ ଉତ୍ସବ ଆର୍ଯ୍ୟ ସମାଜ ଓଡ଼ିଶା ପକ୍ଷରୁ ଚନ୍ଦ୍ରଶେଖରପୁର ଶ୍ରୀ ଅରବିନ୍ଦନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଆଚାର୍ଯ୍ୟ ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ଦ୍ୱାରା ବୈଦିକ ଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର କହିଲେ, ମହର୍ଷି ୨୦୦ବର୍ଷ ତଳେ ଜନ୍ମହୋଇ ଭାରତରେ କୁସଂସ୍କାର ଓ ଜାତିପ୍ରଥା ବିରୋଧରେ କଠୋର ଭାବେ ସ୍ୱର ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବରୁଣ ରାଜ ସ୍ୱାଗତ ଭାଷଣ ଓ ଟ୍ରଷ୍ଟି ନଳିନୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଜନ୍ମେଜୟ ନାୟକ ଓ ଅଭିମନ୍ୟୁ ପାଢ଼ୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ।



ଋଷି ନିର୍ବାଣ ଉତ୍ସବରେ ଆର୍ଯ୍ୟ ସମାଜ କର୍ମକର୍ତ୍ତାଙ୍କ ସହ ଅତିଥିମାନେ।

# ନିଶାମୁକ୍ତ ହୋଇ ସୁସ୍ଥ ଜୀବନ ବିତାଇବାକୁ ଆହ୍ୱାନ

ଭୁବନେଶ୍ୱର, ୧୩।୧୧(ଅସମାପିକା ସାହୁ)



ନିଶାମୁକ୍ତି କେନ୍ଦ୍ରଠାରେ ପ୍ରଫେସର ଡା. ମନୋଜ ସାହୁ ଅନ୍ତେବାସୀଙ୍କୁ ସଚେତନ କରୁଛନ୍ତି।

ଦୀପାବଳି ଓ କାଳୀ ପୂଜା ଅବସରରେ ଗ୍ୟାଷ୍ଟ୍ରୋ ଓ ଲିଭର୍ କେୟାର୍ ଫାଉଣ୍ଡେଶନ ଏବଂ ଜେନେସିସ୍ ହିଲିଂ ସେଣ୍ଟର ପକ୍ଷରୁ ପଟିଆସ୍ଥିତ ନିଶାମୁକ୍ତି କେନ୍ଦ୍ରଠାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲିଭର କେୟାର ଫାଉଣ୍ଡେଶନର ମୁଖ୍ୟ ପ୍ରଫେସର ଡା. ମନୋଜ ସାହୁ ଏବଂ ଜେନେସିସ୍ ହିଲିଂ ସେଣ୍ଟର୍‌ର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱଜିତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନ ଅନ୍ତେବାସୀଙ୍କ ଫାଇବର-ସ୍କାନ୍, ହେପାଟାଇଟିସ୍ ଆଦି ପରୀକ୍ଷା କରାଯାଇଥିଲା। ଏଥିସହିତ ଡ୍ରଗ୍‌ସ ଓ ମଦ୍ୟପାନ ଆଦି ନିଶା ସେବନ ଦ୍ୱାରା କିଭଳି ମଣିଷ ଶରୀର ଓ ଯକୃତ ବା ଲିଭର୍ କ୍ଷତିଗ୍ରସ୍ତ ହୋଇଥାଏ ଡା. ସାହୁ ସେ ନେଇ ଅନ୍ତେବାସୀଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ନିଶାରୁ ମୁକ୍ତ ହୋଇଥିବା ଅନ୍ତେବାସୀମାନେ ଡା. ସାହୁଙ୍କ ସହିତ ସିଧାସଳଖ ଆଲୋଚନା କରି ସୁସ୍ଥ ଜୀବନଚର୍ଯ୍ୟା ପାଇଁ ଆବଶ୍ୟକ ଜୀବନଶୈଳୀ ଉପରେ ବୁଝିଥିଲେ। ନିଶାରୁ ଆରୋଗ୍ୟ ହୋଇଥିବା ହିଲିଂ ସେଣ୍ଟରର କେତେଜଣ ଅନ୍ତେବାସୀ ନିଶା ଦ୍ୱାରା ହେଉଥିବା ବିଭିନ୍ନ ଅସୁବିଧା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଏଥିସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ 'ସୁସ୍ଥ ଲିଭର ପାଇଁ ଆମେ ଛାଡ଼ିବା ନିଶା.....ମିଳିମିଶି ଗଢ଼ିବା ସମୃଦ୍ଧ ଓଡ଼ିଶା....'କୁ ସମସ୍ତେ ଏହାକୁ ବେଶ୍ ଉପଭୋଗ କରିଥିଲେ। ନିଶାମୁକ୍ତ ହୋଇ ସୁସ୍ଥ ଜୀବନ ଅତିବାହିତ କରିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବାକୁ ଡା. ସାହୁ ଆହ୍ୱାନ ଦେଇଥିଲେ।

# ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହଇଗୋଳ


ସିଏମ୍‌ସି ବୈଠକରେ କର୍ପୋରେଟର ଓ ସିଏମ୍‌ସି କର୍ତ୍ତୃପକ୍ଷ ମୁହାଁମୁହିଁ।


କାଉନସିଲ୍ ସମ୍ମିଳନୀ କକ୍ଷରେ କଂଗ୍ରେସ ଓ ଭାଜପା କର୍ପୋରେଟରଙ୍କ ଧାରଣା।

- କାଉନସିଲ ସମ୍ମିଳନୀ କକ୍ଷରେ ବିରୋଧୀଙ୍କ ଅହୋରାତ୍ର ଧାରଣା
- ଗୃହ ତ୍ୟାଗ କଲେ ମେୟର, କମିଶନର

କଟକ,୧୩।୧୧(ସୁପ୍ରିୟା ପ୍ରିୟଦର୍ଶିନୀ):

ଛତ୍ରବଜାର ସ୍ଥିତ ଅର୍ବାନ ହାଟ ପିଣ୍ଡିରେ ଆବଣ୍ଟନ ଅନଧିତତା ନେଇ ସୋମବାର କଟକ ମହାନଗର ନିଗମ (ସିଏମ୍‌ସି) କାଉନ୍‌ସିଲ ବୈଠକରେ ତୁମ୍ବିତୋଫାନ ଦେଖିବାକୁ ମିଳିଥିଲା। ଏପରିକି କଂଗ୍ରେସର ଜଣେ କର୍ପୋରେଟର ଓ ସିଏମ୍‌ସି କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଶେଷରେ ସ୍ଥିତି ବିଗିଡିବାରୁ ମେୟର ଓ କମିଶନର ଗୃହ ତ୍ୟାଗ କରି ପଳାଇବା ସହ ବୈଠକ ଭଙ୍ଗ ହୋଇଥିଲା। ଅପରପକ୍ଷେ ବୈଠକ ଅଧାରୁ ମେୟର, କମିଶନର ଓ ସମସ୍ତ ଅଧିକାରୀଙ୍କ ସମେତ ଶାସକ କର୍ପୋରେଟରମାନେ ପଳାଇଯିବାକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା କର୍ପୋରେଟର ମିଳିତ ଭାବେ କାଉନସିଲ୍ ସମ୍ମିଳନୀ କକ୍ଷରେ ଅହୋରାତ୍ର ଧାରଣାରେ ବସିରହିଛନ୍ତି। ମେୟର ନ ଆସିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି।

ସୋମବାର ବିଜୁ ଭବନ ପରିସରରେ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଛତ୍ରବଜାର ଅର୍ବାନହାଟରେ ବ୍ୟବସାୟୀଙ୍କୁ ଥଇଥାନ ପାଇଁ କମିଟି ଗଠନ କରାଯାଇଥିଲା। ହେଲେ ଉକ୍ତ କମିଟି ବିନା ଅନୁମତିରେ କିଭଳି ହାଟପିଣ୍ଡି ବାଣ୍ଟି ଦିଆଗଲା ବୋଲି ପ୍ରଶ୍ନ କରିଥିଲେ କଂଗ୍ରେସ କର୍ପୋରେଟର ଶୁଭାଶିଷ ପଟ୍ଟନାୟକ ଓ ସନ୍ତୋଷ ଭୋଳ। ଏହି ଘଟଣାକୁ ନେଇ କଂଗ୍ରେସ କର୍ପୋରେଟରମାନେ ମେୟର ଓ କମିଶନରଙ୍କୁ ଘେରିଥିଲେ। କାହିଁକି କର୍ପୋରେଟରଙ୍କୁ ନ ଡକାଯାଇ କିପରି ପିଣ୍ଡି ମନଇଚ୍ଛା ବାଣ୍ଟି ଦିଆଗଲା ଓ କମିଟି ଗଠନ କରିବାର ଗୁରୁତ୍ୱ କ'ଣ ବୋଲି ସେମାନେ ପ୍ରଶ୍ନ କରିଥିଲେ। କମିଶନର ଏନେଇ ସମ୍ପୃକ୍ତ ଅଧିକାରୀଙ୍କୁ ଉତ୍ତର ଦେବାକୁ କହିଥିଲେ। ହେଲେ ଅଧିକାରୀଙ୍କ ଉତ୍ତରରେ ସହମତ ନ ହୋଇ ବିରୋଧି। କିଛି ସମୟ ପାଇଁ ବୈଠକ ଶାନ୍ତ ପଡ଼ିବା ପରେ ପୁଣି ହୋହାଲ୍ଲା ଆରମ୍ଭ ହୋଇଥିଲା। ଭାଜପା କର୍ପୋରେଟର ଗଗନ ଓଝା ଓ ଦୀପକ ଦାସ ଶୌଚାଳୟ ସମସ୍ୟାକୁ ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ କଂଗ୍ରେସ କର୍ପୋରେଟର ଓ ଯୁଗ୍ମ କମିଶନରଙ୍କ ମଧ୍ୟରେ ବଚସା ହୋଇଥିଲା। ପରିସ୍ଥିତି ବିଗିଡ଼ିବାରୁ ପ୍ରଥମେ କମିଶନର ଓ ପରେ ମେୟର ଉଠି ପଳାଇଥିଲେ। ଫଳରେ ବୈଠକ ଭଙ୍ଗ ହୋଇଥିଲା ଏବଂ ବହୁ ଗରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରି ନଥିଲା। ଏ ନେଇ ମେୟର ସିଂ କହିଛନ୍ତି, ଯାହା ଅଭିଯୋଗ ଓ ସମସ୍ୟା ଅଛି ସେଥିପାଇଁ ଆଲୋଚନାକୁ ଆସିବାକୁ ଅନୁରୋଧ କରିବା ପରେ ମଧ ହୋହଲ୍ଲା କରିବା ଯୁକ୍ତିଯୁକ୍ତ ନୁହେଁ। ଏହାଦ୍ୱାରା ଅନ୍ୟ କର୍ପୋରେଟରମାନେ ସମସ୍ୟା ଉପସ୍ଥାପନ କରିପାରୁ ନାହାନ୍ତି।

### ୩ ମାସ ପରେ ପ୍ରକୃତ ହିତାଧିକାରୀଙ୍କୁ ମିଳିବ ପିଣ୍ଡି

ଛତ୍ରବଜାର ଅର୍ବାନହାଟରେ ପିଣ୍ଡି ଆବଣ୍ଟନ କରାଯାଇ ନାହିଁ। କେବଳ ପରୀକ୍ଷାମୂଳକ ଭାବେ ବ୍ୟବସାୟୀଙ୍କୁ କେବଳ ସେଠାରେ ଥଇଥାନ କରାଯାଇଛି। ୧୧୫୭ ଜଣ ବ୍ୟବସାୟ ଥିଲେ, ହେଲେ ପିଣ୍ଡି ସଂଖ୍ୟା ୫୪୦ ଥିଲା। ୩ ମାସ ପରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ପିଣ୍ଡି ପ୍ରଦାନ କରାଯିବ। ବ୍ୟବସାୟୀମାନେ କେନାଲ କଡ଼ରେ ବସିବା ଦ୍ୱାରା ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ଏଥିପାଇଁ ହାଟ ପିଣ୍ଡିରେ ସମସ୍ତଙ୍କୁ ବସାଯାଇଛି ବୋଲି ମେୟର କହିଥିଲେ। କମିଟି ନିଷ୍ପତ୍ତି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

### ଆରଟିଆଇରେ ମିଥ୍ୟା ତଥ୍ୟ ଦିଆଯିବା ଅଭିଯୋଗ

ପ୍ରତିଷ୍ଠାନ ବିଭାଗ ସ୍ଥାୟୀ କମିଟି ଅଧକ୍ଷା ପୂର୍ଣ୍ଣିମା ସ୍ୱାଇଁ ଅଭିଯୋଗ କରିଥିଲେ ଯେ ତାଙ୍କ କମିଟିକୁ ପ୍ରତିଷ୍ଠାନ ସଂକ୍ରାନ୍ତ ସୂଚନା ଦିଆଯାଉ ନାହିଁ। ବାରମ୍ବାର କୁହାଯିବା ସତ୍ତ୍ୱେ ଏଭଳି ମନମୁଖି କାର୍ଯ୍ୟ ନ କରିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ନେଇ କଂଗ୍ରେସ କର୍ପୋରେଟର ଶୁଭାଶିଷ ପଟ୍ଟନାୟକ କହିଥିଲେ, ପ୍ରତିଷ୍ଠାନ ବିଭାଗ ତଥ୍ୟ ସୂଚନା ଅଧିକାର ଆଇନ ଜରିଆରେ ମଗାଯାଇଥିଲା। ହେଲେ ତଥ୍ୟ ନ ଥିବା ଉତ୍ତର ଦିଆଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଥିଲେ। କର୍ପୋରେଟର ଭୋଳ ସ୍ୱର୍ଣ୍ଣଦେବୀ ଏଜେନ୍ସି ଓ ମଞ୍ଜୁ ଏଜେନ୍ସି ସଂକ୍ରାନ୍ତରେ ମଗାଯାଇଥିବା ତଥ୍ୟ ଆର୍‌ଟିଆଇରେ ମିଥ୍ୟା ଦିଆଯାଇଥିବା ଘଟଣା ସାମ୍ନାକୁ ଆଣିଥିଲେ।

### ବନ୍ଦ କକ୍ଷରେ ବୈଠକ

ଅଧାରୁ ବୈଠକ ସ୍ଥଗିତ ହେବା ପରେ ସମ୍ମିଳନୀ କକ୍ଷରୁ କମିଶନ ଓ ତାଙ୍କ ସହ ସିଏମ୍‌ସି କର୍ତ୍ତୃପକ୍ଷ ଏବଂ ମେୟରଙ୍କ ସହ ଶାସକ ଦଳ କର୍ପୋରେଟର ଉଠି ଚାଲିଯାଇଥିଲେ। ପରେ କମିଶନର ସମସ୍ତ ଅଧିକାରୀଙ୍କୁ ନେଇ ବନ୍ଦ କକ୍ଷରେ ବୈଠକ କରିବା ସହ ମେୟର ମଧ ତାଙ୍କ ସମ୍ମିଳନୀ କକ୍ଷରେ ଶାସକ ଦଳ କର୍ପୋରେଟରଙ୍କ ସହିତ ବୈଠକ କରିଥିଲେ। ତେବେ ବିରୋଧୀ କଂଗ୍ରେସ ଓ ଭାଜପା ସମ୍ମିଳନୀ କକ୍ଷରେ ବସିରହିଥିଲେ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ

ମାଣିଆବନ୍ଧ, ୧୩।୧୧ (ଅଖିଳ କୁମାର ସାହୁ):

ବଡ଼ମ୍ବା ଥାନା ଅନ୍ତର୍ଗତ କୁଆଁରପାଳସ୍ଥିତ ହରିଜନ ସାହିରେ ଶନିବାର ବିଳମ୍ବିତ ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଏହି ଗ୍ରାମର ଧନେଶ୍ୱର ନାଏକ (୬୫)। ଏନେଇ ଥାନାରେ ପଡୋଶୀ ଜିତୁ ନାୟକଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ତାଙ୍କ ଘର ବାରଣ୍ଡାରୁ ପୋଲିସ ମଦ ବୋତଲ ଓ ଗ୍ଲାସ ଜବତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଧନେଶ୍ୱର ନିଜ ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ କୌଣସି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡର ପଛପାଖକୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଛି। ରବିବାର ସକାଳୁ ଖବର ପାଇ ମାଣିଆବନ୍ଧ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଥାନା ଅଧିକାରୀ ଶତପଥୀ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହାୟତାରେ ତଦନ୍ତ ଜାରି ରଖିଛନ୍ତି । ମୃତକଙ୍କ ପୁଅ ସୁଧାକରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (୧୦୭/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କ ପରଲୋକ



କଟକ,୧୩।୧୧ (କାର୍ତ୍ତିକ ସାହୁ) :

ସାଲେପୁର ଚନ୍ଦ୍ରାଦେଇପୁରର ସ୍ୱାଧୀନତା ସଂଗ୍ରାମୀ ଦେବେନ୍ଦ୍ର ନାଥ ଜେନାଙ୍କ ସ୍ତ୍ରୀ ରସଲତା ଜେନାଙ୍କର କଟକ ଶକ୍ତିନଗରରେ ରବିବାର ପରଲୋକ ହୋଇଯାଇଛି। ସେ ତାଙ୍କ ବଡ଼ଜ୍ୱାଇଁ ବିଜୟ କୁମାର ପଢ଼ିହାରୀଙ୍କ ଶକ୍ତିନଗରସ୍ଥିତ ବାସଭବନରେ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଝିଅ ପ୍ରଭାତୀ, ହେଲି, କଲି, ସେଲି, ଜ୍ୱାଇଁ ଶଙ୍କର ଓ ଟୁକୁଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂ, ସ୍ଥାନୀୟ କର୍ପୋରେଟର ଯତୀନ ବେହେରା ତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି।

### ଯୁବ ସାମାଜିକ କର୍ମୀଙ୍କ ପରଲୋକ



ନିଶ୍ଚିନ୍ତକୋଇଲି/ନେମାଳ, ୧୩।୧୧(ଅଶୋକ କୁମାର ମହାପାତ୍ର/କିରଣ ଶଙ୍କର ନାୟକ ):

କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତର ଯୁବ ବିଜେଡି ନେତା ପ୍ରବୀଣ କୁମାର ଦାସ(୪୩)ଙ୍କ ରବିବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଅକାଳ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦାସ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ରହିବା ସହ ଦୀର୍ଘ ବର୍ଷ ହେଲା ଦ୍ୱିପାଞ୍ଚଳରେ ଦଳ ପାଇଁ ବିଭିନ୍ନ କାର୍ଯ୍ୟ କରୁଥିଲେ। ସେ ଅବିବାହିତ ଥିବାବେଳେ କିଛି ଦିନ ହେବ ମଧୁମେହ ଓ ମସ୍ତିଷ୍କ ଆଘାତ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ନିଶ୍ଚିନ୍ତକୋଇଲି ବ୍ଲକ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ପୈତୃକ ଗ୍ରାମ ପାଳଦାକୁ ନିଆଯାଇଥିଲା। ଏହାପରେ ଗ୍ରାମ ପରିକ୍ରମା କରାଯାଇ ଚିତ୍ରୋତ୍ପଳା ନଦୀ ପାଖରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବିକେ ଷ୍ଟିଲ୍‌ରେ ପୁନଃ ନିଯୁକ୍ତି ଆରମ୍ଭ

### ପ୍ରଥମ ଦିନରେ ୭ଙ୍କୁ ନିଯୁକ୍ତି

ଖୁଣ୍ଟୁଣୀ,୧୩।୧୧(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀରେ ୨୦୧୧ରୁ ବନ୍ଦ ଥିବା ମାହେଶ୍ୱରୀ ଇସ୍ପାତ କାରଖାନା ଏବେ ବିକେ ଷ୍ଟିଲ୍ ହାତକୁ ନେବା ପରେ ପୁନଃ ନିଯୁକ୍ତି ଆରମ୍ଭ ହୋଇଛି। ଛଟେଇ ହୋଇ ବେକାର ବସିଥିବା ଶତାଧିକ ଶ୍ରମିକ କର୍ମଚାରୀଙ୍କ ମଧ୍ୟରୁ ସୋମବାର ପ୍ରଥମ କରି ୭ ଜଣଙ୍କୁ ନିଯୁକ୍ତି ପତ୍ର ମିଳିଛି। ରାଜ୍ୟର ଅଗ୍ରଣୀ ଶ୍ରମିକ ସଂଘ ହିନ୍ଦ ମଜଦୁର ସଭା ଦ୍ୱାରା ଆୟୋଜିତ ଏକ ଉତ୍ସବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାରଖାନା ପକ୍ଷରୁ ପ୍ରଦାନ କରାଯାଇଥିବା ନିଯୁକ୍ତିପତ୍ର ୭ ଜଣ ପୂର୍ବତନ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ନିଯୁକ୍ତିପତ୍ର ପାଇଥିବା କର୍ମଚାରୀଙ୍କୁ ନିଷ୍ଠା ଓ କର୍ମଠ ଭାବେ କାର୍ଯ୍ୟ କରିବାକୁ କହିଥିଲେ। ଏଥିରେ ହିନ୍ଦ୍ ମଜଦୁର ସଭା ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ବିରଜା କିଙ୍କର ନାୟକ, ବରିଷ୍ଠ ଶ୍ରମିକ ନେତା ଲକ୍ଷ୍ମୀଧର ସାହୁ, ଆଠଗଡ଼ ଶାଖା ସମ୍ପାଦକ ଅଶୋକ ରାଉତ, ଶ୍ରମିକ ନେତା ସନ୍ତୋଷ ବେହେରା, ବିକେ ଷ୍ଟିଲ୍ ପ୍ଲାଣ୍ଟ ମୁଖ୍ୟ ରାଜେଶ ଶର୍ମା ଓ ରାଜେଶ ସିଂ, ମାନବ ସମ୍ବଳ ଅଧିକାରୀ ତଥା ଜେନେରାଲ ମ୍ୟାନେଜର ସନ୍ଦୀପ ବେହେରା, ଯୁବନେତା ନୃସିଂହ ଚରଣ ସାହୁ, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିକେ ଷ୍ଟିଲ୍ କାରଖାନା ଶ୍ରମିକ ୟୁନିୟନ ସମ୍ପାଦକ ଗଗନ ବିହାରୀ ପରିଡ଼ା ପରିଚାଳନା କରିଥିଲେ। ରାଜ୍ୟ ହିନ୍ଦ୍ ମଜଦୁର ଶ୍ରମିକ ସଭା ମାଧମରେ କୃଷିମନ୍ତ୍ରୀ ରଣେନ୍ଦ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଡିସେମ୍ବର ୩୧ ସୁଦ୍ଧା ଆଉ ୪୬ ଜଣ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି କାରଖାନା ମ୍ୟାନେଜର ବେହେରା କହିଥିଲେ।

## ଧବଳେଶ୍ୱରଙ୍କୁ ଦର୍ଶନ କଲେ ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୧୩।୧୧(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଅନ୍ୟତମ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ପବିତ୍ର ମହାପୁଣ୍ୟ ମାସ କାର୍ତ୍ତିକର ତୃତୀୟ ସୋମବାର ଅବସରରେ ପ୍ରତ୍ୟୁଷରୁ ଚଳଚଞ୍ଚଳ ହୋଇ ଉଠିଥିଲା। ନୀତି ପାଳିଆ ସେବକଙ୍କ ସହିତ ପୂଜକ ସମାଜ ରାତି ୪ଟାରୁ ମନ୍ଦିର ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି, ସ୍ନାନ ନୀତିକାନ୍ତି ସମ୍ପନ୍ନ କରି ବାବାଙ୍କୁ ବିଭିନ୍ନ ପୁଷ୍ପ, ତୁଳସୀ ମଞ୍ଜରୀ, ବେଲପତ୍ର ଓ କେତକୀ ଫୁଲରେ ସଜ୍ଜିତ କରିଥିଲେ। ଦୈନନ୍ଦିନ ଘର୍ଷଣ ଅପେକ୍ଷା ଏକ ସ୍ୱତନ୍ତ୍ର ଘର୍ଷଣରେ କ୍ଷୀର, ଗୁଡ଼, କଦଳୀ, ଭାଙ୍ଗ, ମହୁ, ଛେନା ଓ ଲହୁଣି ସମେତ ବିଭିନ୍ନ ଫଳ ପଡ଼ି ମହାପ୍ରଭୁଙ୍କ ଲିଙ୍ଗରେ ଘର୍ଷଣ କରାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ଭୋର ୫ଟାରେ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିଲା ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ କହିଛନ୍ତି। ଭୋରୁ ଭିଡ଼ ଲାଗିଥିଲେ ମଧ ସକାଳ ୯ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଭିଡ଼ ଏତେ ଅସମ୍ଭବ ଥିଲା ଯେ, ଉପସ୍ଥିତ ପୋଲିସ ପ୍ରଶାସନକୁ ନୟାନ୍ତ ହେବାକୁ ପଡ଼ିଥିଲା। ବିଭିନ୍ନ ଜିଲାରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବାବା ଧବଳେଶ୍ୱରଙ୍କ ଦର୍ଶନ ଲାଭ କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଜିଲା ତଥା ପୋଲିସ ପ୍ରଶାସନ ପକ୍ଷରୁ ଗୁରୁଡ଼ିଝାଟିଆ ଥାନା ଆଇଆଇସି ସୁମନ୍ତ କିଷାନ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଧବଳେଶ୍ୱର ଫାଣ୍ଡି ଅଧିକାରୀ ପ୍ରଦୀପ ସେଠୀ ଓ ଦେଡ଼ ସେକଶନ ଫୋର୍ସ ମୁତୟନ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ମାନସ ବେହେରା ପୀଠରେ ଉପସ୍ଥିତ ଥିଲେ।


ବାବା ଧବଳେଶ୍ୱର ପୀଠ।

## ବାଲିଯାତ୍ରା: ଡିଜିଟାଲ ଶୋ' ପାଇଁ ସର୍ବାଧିକ ୧କୋଟି ୮୧ ଲକ୍ଷ ୭୨ ହଜାର ଟଙ୍କାର ବଜେଟ

କଟକ,୧୩।୧୧(ସୁପ୍ରିୟା ପ୍ରିୟଦର୍ଶିନୀ):

ଏଥର ବାଲିଯାତ୍ରାରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରିବା ପାଇଁ ଯୋଜନା କରାଯାଉଛି। ବାଲିଯାତ୍ରା ପ୍ରଚାର ପ୍ରସାର ତଥା ଲୋକଙ୍କ ମନୋରଞ୍ଜନ ଇତ୍ୟାଦି ପାଇଁ ସିଏମ୍‌ସି ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ଟେଣ୍ଡର ପାଇଥିବା ସଂସ୍ଥା ୩ କୋଟି ୩୨ ଲକ୍ଷ ୭୮ ହଜାର ଟଙ୍କା ସିଏମ୍‌ସି ଠାରୁ ନେବେ। ସ୍ୱାଗତ ତୋରଣ, ସବୁଜ ବାଣ, ଶୋଭାଯାତ୍ରା, ଡିଜିଟାଲ ଶୋ, ସେଲ୍ଫି ପଏଣ୍ଟ ସହିତ ଲୋକଙ୍କୁ ଆକର୍ଷଣ କରିବାକୁ ଆର୍ଟ ୱାଲ କରିବା ବାବଦକୁ ୩ଟି ସଂସ୍ଥା ଟେଣ୍ଡରରେ ଭାଗ ନେଇଥିଲେ। ସେଥିମଧ୍ୟରୁ ୨ଟି ସଂସ୍ଥା ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ନେଇ ବ୍ୟୟ ଅଟକଳ ଦେଇଥିଲେ। ମୁମ୍ବାଇର ଏକ ସଂସ୍ଥା ଏହି ଟେଣ୍ଡର ନେଇଛି। ତେବେ ସଂସ୍ଥା ଦେଇଥିବା ବଜେଟ ଅନୁଯାୟୀ ଶୋଭାଯାତ୍ରା ପାଇଁ ୬୮ ଲକ୍ଷ ୪୪ ହଜାର ଟଙ୍କା ଖର୍ଚ୍ଚ ହେବ। ସେହିପରି ସ୍ୱାଗତ ତୋରଣ ପାଇଁ ୩୨ ଲକ୍ଷ ୪୫ ହଜାର, ଆର୍ଟ ୱାଲ୍ ପାଇଁ ୧୦ ଲକ୍ଷ ୩ ହଜାର, ସେଲ୍ଫି ପଏଣ୍ଟ ପାଇଁ ୮ ଲକ୍ଷ ୨୬ ହଜାର, ରୋଡ୍ ସାଇଡ ବ୍ରାଣ୍ଡିଂ ପାଇଁ ୪ ଲକ୍ଷ ୧୩ ହଜାର, ୨ ଦିନ ସବୁଜ ବାଣ ଶୋ' ପାଇଁ ୨୭ ଲକ୍ଷ ୭୩ ହଜାର ଟଙ୍କା ଖର୍ଚ୍ଚ ହେବ। ସର୍ବାଧିକ ଡିଜିଟାଲ ଶୋ' ପାଇଁ ୧ କୋଟି ୮୧ ଲକ୍ଷ ୭୨ ହଜାର ଟଙ୍କାର ବଜେଟ ରହିଛି।

## ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

ଆଠଗଡ, ୧୩।୧୧(ସତ୍ୟ ପ୍ରସାଦ ରଥ)

ଆଠଗଡ ଟାଉନର ଅଶୋକ ନଗରଠାରେ ଥିବା ଫ୍ଲିପ୍ କାର୍ଡର ଆଠଗଡ ଶାଖା କାର୍ଯ୍ୟାଳୟରୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଲକ୍ଷାଧିକ ଲୁଟିନେଇଛନ୍ତି। ପ୍ରକାଶଯୋଗ୍ୟ ସୋମବାର ପ୍ରାତଃ ପ୍ରାୟ ୪ ଟା ସମୟରେ ଫ୍ଲିପ କାର୍ଡ କାର୍ଯ୍ୟାଳୟକୁ ଦୁଇଟି ଗାଡ଼ିରେ ମାଲ ଆସିଥିଲା। ଗାଡ଼ିରୁ ମାଲ ଖଲାସ ହେଉଥିବାବେଳେ ହଠାତ୍ ୨ ଜଣ ଦୁର୍ବୃତ୍ତ ମୁହଁ ଘୋଡ଼ାଇ ବାଇକ୍‌ରେ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେମାନଙ୍କୁ ଦେଖି ଜନୈକ କର୍ମଚାରୀ ସଟର ପକାଇବାକୁ ଉଦ୍ୟମ କରୁଥିବାବେଳେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ବାକ୍ସକୁ ନେଇ ପଳାଇଥିଲେ। ସେଥିରେ ୧ ଲକ୍ଷ ୨୮ ହଜାର ଟଙ୍କା ଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଖବରପାଇ ଆଠଗଡ ଆଇଆଇସି ଅନିରୁଦ୍ଧ ମୁଦୁଲି, ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଘଟଣା ସମ୍ପର୍କରେ କମ୍ପାନୀ ପକ୍ଷରୁ ସୀତାଂଶୁ ପଣ୍ଡା ଆଠଗଡ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୨୪୬/୨୩ ) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, କଟକ ଜିଲା ତିଗିରିଆ ଥାନା ଅଞ୍ଚଳରୁ ୧୦ ତାରିଖରେ ୨ ସ୍ଥାନରୁ ଟଙ୍କା ଲୁଟ୍ ହୋଇଥିଲା। ଉକ୍ତ ଥାନା ଅନ୍ତର୍ଗତ ଗୋଡ଼ିଝରିଆ ନିକଟସ୍ଥ ରାସ୍ତାରୁ ଅପରାହ୍ନରେ ଏଟିଏମକୁ ଟଙ୍କା ନେଇ ଯାଉଥିବା ଏକ ଭ୍ୟାନ୍‌କୁ ଅଟକାଇ ଦୁର୍ବୃତ୍ତମାନେ ୧ କୋଟି ୭୩ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ସେହିପରି ତିଗିରିଆ ଥାନା ଅନ୍ତର୍ଗତ ସୋମପଡାଠାରୁ ପାଞ୍ଚଗାଁ ମଧ୍ୟରେ ଏକ ନିଛାଟିଆ ରାସ୍ତାରେ ଜଣେ ଘରୋଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୩ ହଜାର ଟଙ୍କା ଲୁଟି ନେଇଥିଲେ। ଏଭଳି ସ୍ଥିତିରେ ଜିଲାରେ ପୁଣି ଏକ ଲୁଟ୍ ଘଟଣା ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି।

## ବାଣ ବିସ୍ଫୋରଣରେ ଛାତ୍ର ଗୁରୁତର

ନିଶ୍ଚିନ୍ତକୋଇଲି,୧୩।୧୧ (ଅଶୋକ କୁମାର ମହାପାତ୍ର)

ଦୀପାବଳୀରେ ବାଣ ଫୁଟାଉଥିଲା ବେଳେ ଆକସ୍ମିକ ବିସ୍ଫୋରଣ ଘଟିବାରୁ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ଏହି ବ୍ଲକର ସରପଡ଼ା ପଞ୍ଚାୟତ ଅନ୍ତର୍ଗତ ହନୁପୁର ଗ୍ରାମର ଲୋକନାଥ ଜେନାଙ୍କ ପୁତ୍ର ସୋହନ(୧୨)। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ରବିବାର ରାତିରେ ଘରେ ବାଣ ଫୁଟାଉଥିଲା ବେଳେ ହଠତ୍ ବିସ୍ଫୋରଣ ହେବାରୁ ତାଙ୍କ ମୁହଁରେ ଆଘାତ ଲାଗିଥିଲା।

## ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ



ବଡ଼ମ୍ବା/ମାଣିଆବନ୍ଧ, ୧୩।୧୧ (ମାୟାଧର ମଲ୍ଲିକ/ ଅଖିଳ ସାହୁ )

ପ୍ରାଣଯୋଗ ପ୍ରତିଷ୍ଠାନ ଯଜ୍ଞ ମଣ୍ଡପରେ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୧୪୦ ତମ ନିର୍ବାଣ ଦିବସ ସୋମବାର ପାଳିତ ହୋଇଯାଇଛି । ଏହି ଅବସରରେ ନୃସିଂହ ବ୍ରହ୍ମଚାରୀଙ୍କ ପୌରୋହିତ୍ୟରେ ଦେବଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆଚରଣ ଶୁଦ୍ଧ ହେଲେ ମୋକ୍ଷ ମିଳିବ ଶୀର୍ଷକ ଏକ ଆଲୋଚନା ସଭା ହୋଇଥିଲା। ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଆଲୋଚନାରେ ଓଡ଼ିଶା ବେତାର ବିଭାଗ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ସୁନୀଲ କୁମାର ସାହୁ, ବନମାଳୀପୁର ମହିମା ଆଶ୍ରମର ଭକ୍ତ ଚରଣ ବେହେରା, ଦୀପକ ବେଜ, ମାଣିଆବନ୍ଧ କଲେଜର ଅଧ୍ୟାପକ ଖଗେଶ୍ୱର ମହାପାତ୍ର, ଆର୍ଯ୍ୟ ସମାଜର ଓମ୍ ପ୍ରକାଶ ପ୍ରଧାନ ଯୋଗଦାନ ଦେଇ ଦୟାନନ୍ଦଙ୍କ ଅବଦାନ ବିଷୟରେ କହିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧକ୍ଷା ପ୍ରବୀଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗୁରୁକୂଳ ଅଧକ୍ଷା ସ୍ନେହଲତା ସାହୁ, ଗୀତାଞ୍ଜଳୀ ମହାନ୍ତି, ବୈଜୟନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେମବିବାହ କରିବାରୁ ଝିଅକୁ ଶୁଦ୍ଧି ହେଲେ ବାପା

ମାହାଙ୍ଗା, ୧୩।୧୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନ ଉମର ଗ୍ରାମରେ ଝିଅ ପ୍ରେମ ବିବାହ କରିବାରୁ ବାପା ଶୁଦ୍ଧି ହୋଇଛନ୍ତି। ଏହି ଗ୍ରାମର ଜଣେ ବିଶ୍ୱଜିତ୍ ମହାପାତ୍ରଙ୍କ ଝିଅ ଗ୍ରାମର ଆକାଶ ବେହେରାଙ୍କୁ ପ୍ରେମ କରୁଥିଲେ। ଏହାକୁ ନେଇ ପୂର୍ବରୁ ୨ ପରିବାର ମଧ୍ୟରେ ମାରପିଟ୍ ହେବା ସହ ବଚସା ହୋଇଥିଲା। ଏନେଇ ଉଭୟ ପକ୍ଷରୁ ଥାନାରେ ମାମଲା ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ୧୧ ଦିନ ହେବ ସମ୍ପୃକ୍ତା ଝିଅ ନିଖୋଜ ହୋଇଯାଇଥିଲେ। ଏନେଇ ବିଶ୍ୱଜିତ ଭଦ୍ରେର୍ଶ୍ୱର ଥାନାରେ ଅଭିଯୋଗ କରିବା ପରେ ସୋମବାର ତାଙ୍କ ଝିଅଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ସେ କହିଛନ୍ତି, ସେ ସାବାଳିକା। ତାଙ୍କୁ କେହି ଅପହରଣ କରିନାହାନ୍ତି। ସେ ନିଜ ଇଚ୍ଛାରେ ଆକାଶଙ୍କୁ ବିବାହ କରିଛନ୍ତି। ଏହା ଜାଣିବା ପରେ ବିଶ୍ୱଜିତଙ୍କ ପରିବାର ସଦସ୍ୟ ଗାଁ ଲୋକଙ୍କୁ ଡାକି ଶୁଦ୍ଧି ହେବା ସହ ଭୋଜିଭାତ ଆୟୋଜନ କରିଛନ୍ତି।

## ପୂର୍ବଶତ୍ରୁତାରୁ ଗୋଷ୍ଠୀସଂଘର୍ଷ: ୪ଗୁରୁତର

- ମଝିସାହିର ୨୦୦ରୁ ଊର୍ଦ୍ଧ୍ୱ ଅତର୍କିତ ଆକ୍ରମଣ କରିଥିଲେ
- ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଆଠଗଡ଼,୧୩।୧୧(ସତ୍ୟ ପ୍ରସାଦ ରଥ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ବିଳମ୍ବିତ ରାତିରେ ଆଠଗଡ଼ ଥାନା ଅନ୍ତର୍ଗତ ବଡଭୂଇଁ ଗ୍ରାମର ଉପରସାହି ଓ ମଝିସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ବୋମାମାଡ଼ ହୋଇଛି। ଏଥିରେ ୧୦ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଉପର ସାହିର ଲକ୍ଷ୍ମୀଧର ଜେନା, ଜିତେନ୍ଦ୍ର ଜେନା, ଜଳଧର ଜେନା ଓ ପୁଷ୍ପଲତା ଜେନା । ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। ଏବେବି ଉତ୍ତେଜନା ପରିସ୍ଥିତି ଲାଗି ରହିଥିବାରୁ ଗ୍ରାମରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛତି।

ସୂଚନାଯୋଗ୍ୟ, ଗତ ଖୁଦୁରୁକୁଣୀ ଭସାଣି ସମୟରେ ବଡ଼ଭୂଇଁଗ୍ରାମର ମଝିସାହି ଓ ଉପରସାହି ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଭସାଣି ଉତ୍ସବକୁ ବନ୍ଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଭୟ ସାହି ମଧ୍ୟରେ ପୋଲିସ ଉପସ୍ଥିତିରେ ସମାଧାନ କରାଯାଇଥିଲା। ରବିବାର ସନ୍ଧ୍ୟାରେ ଦୀପାବଳୀ ପର୍ବ ଚାଲିଥିବା ବେଳେ ଉପରସାହିର କିଛି ଯୁବକ ମଝିସାହିକୁ ଯାଇଥିବାବେଳେ ମଝି ସାହିର ଏବଂ ଯୁବକ ଉପରସାହିର ଯୁବକମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

ପରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ସାହି ମଧ୍ୟରେ ସମାଧାନ କରି ଫେରି ଥିଲେ। ତେବେ ହଠାତ୍ ବିଳମ୍ବିତ ରାତି ପ୍ରାୟ ୧୨ଟାରେ ମଝିସାହିର ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ହାତରେ ବିଭିନ୍ନ ମାରଣାସ୍ତ୍ର,ଢେଲାପଥର, ବୋମା ଧରି ଉପରସାହି ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଘରେ ପଶି ଭଙ୍ଗାରୁଜା କରିଥିଲେ। ଢେଲାପଥର ମାଡ଼ ମାରିବାରୁ ୪ଟି ଘର ଭାଙ୍ଗିରୁଜି ଯାଇଥିବା ବେଳେ ବୋମାମାଡରେ ୧୦ ଜଣ ଆହତ ହୋଇଛନ୍ତି। ଖବର ପାଇ ଆଠଗଡ଼ ପୋଲିସ ଆସିବାରୁ ମଝିସାହିର ଲୋକେ ଫେରାର ହୋଇ ଯାଇଥିଲେ। ଖବର ଲେଖାହେବା ବଳକୁ ଉଭୟ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଘଟଣାସ୍ଥଳରେ ଆଠଗଡ଼ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଓଲ୍ଡିଂବେଳେ ନିଆଁଲାଗି ଜଳିଗଲା ୫ ବସ୍

ଭୁବନେଶ୍ୱର,୧୩।୧୧ (ସତ୍ୟଜିତ୍ ରାଉତ)

ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡ଼ାସ୍ଥିତ ଏକ ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ ଘଟି ୫ଟି ବସ୍ ଜଳିଯାଇଛି। ରବିବାର ଅପରାହ୍ନ ପ୍ରାୟ୨ଟା ବେଳେ ଏହି ଘଟଣା ଘଟିଥିଲା। ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ସେତେବେଳକୁ ବସ୍‌ଗୁଡିକ ପୋଡ଼ିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏପରିକି ଗ୍ୟାରେଜ୍‌ରେ ଥିବା ଅନ୍ୟ ସାମଗ୍ରୀ ମଧ୍ୟ ଆଂଶିକ ଜଳିଯାଇଥିବା ଜଣାପଡିଛି। ତେବେ ଏକ ବସ୍‌ରେ ଓଲ୍‌ଡିଂବେଳେ ନିଆଁ ଲାଗି ଅନ୍ୟ ବସ୍‌କୁ ବ୍ୟାପିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବସ୍‌ଗୁଡ଼ିକ ଗ୍ୟାରେଜ୍‌ରେ ମରାମତି ହେବା ପାଇଁ ରଖାଯାଇଥିଲା। କେତେକ ବସ୍‌ର ମରାମତି ଚାଲୁଥିଲା। ଏହି ସମୟରେ ହଠାତ୍ ଏକ ବସ୍‌ରେ ନିଆଁ ଲାଗିଯିବାରୁ କର୍ମଚାରୀମାନେ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ବସ୍‌ରେ ଥିବା ଦହନୀୟ ସାମଗ୍ରୀ ଓ ତେଲ ଆଦି ଯୋଗୁ ନିଆଁ ଭୟଙ୍କର ରୂପ ନେଇଥିଲା। ପ୍ରାୟ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବସ୍‌ଗୁଡ଼ିକ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଏପରିକି ଏହି ନିଆଁରୁ ନିର୍ଗତ ଧୂଆଁ ଆଖପାଖ ଅଞ୍ଚଳରେ ବ୍ୟାପି ଯାଇଥିଲା। ଖବର ପାଇ ତମାଣ୍ଡୋ ଫାୟାର ଷ୍ଟେଶନର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ।



## ସଂକ୍ଷେପରେ

### ଅଗ୍ନିକାଣ୍ଡ: ୪ ବଖରା ଭସ୍ମୀଭୂତ



ଗମ୍ଭାରୀମୁଣ୍ଡା,୧୩।୧୧(ଦିଲୀପ ସ୍ୱାଇଁ): ବାଣପୁର ଥାନା ଅଧୀନ ରାଣୀପଡ଼ା ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ପ୍ରେମଲତା ସାସମଲଙ୍କ ତିନି ବଖରା ଏବଂ କୁମୁଦିନୀ ସ୍ୱାଇଁଙ୍କ ବଖରାଏ ଘର ସହ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡଛି ବୋଲି ବାଣପୁର ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ଦାସ କହିଛନ୍ତି। ସରପଞ୍ଚ ଅକ୍ଷୟ ସେଠୀ, ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଅତିରିକ୍ତ ତହସିଲଦାର ସାଇନା ବେଗମ୍ ପ୍ରମୁଖ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଜରିପାଲ, ଚାଉଳ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରୀ ନିୟମ ମୁତାବକ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ବାଣପୁର ତହସିଲଦାର କହିଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

ବୋଲଗଡ଼,୧୩।୧୧(ଦେବବ୍ରତ ହୋତା): ବୋଲଗଡ଼ ଥାନା ଅଧୀନ ମଙ୍ଗଳା ମନ୍ଦିର ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଧୀନ ହିଞ୍ଜଳ ଗ୍ରାମର ରାଜେଶ ପ୍ରଧାନ(୨୦)। ତେବେ ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ମଙ୍ଗଳା ମନ୍ଦିର ଛକ ରାସ୍ତା ପାର୍ଶ୍ୱରେ ଥିବା ଏକ ସୋଲାର ଷ୍ଟ୍ରିଟ ଲାଇଟ ପାଖରେ ଏକ ବାଇକ୍ ସହ ଦୁଇଜଣ ଯୁବକ ଚେତାଶୂନ୍ୟ ହୋଇପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରି ତଦନ୍ତ ଚଳାଇଛି।

### ବାଇକ୍ ଦୁର୍ଘଟଣାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ବୋଲଗଡ଼,୧୩।୧୧(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳା ଗଣେଶ ବଜାରର ଜଣେ ଯୁବ ବ୍ୟବସାୟୀଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସାଗରଗୁଆଁ ପଞ୍ଚାୟତ ବେଣାଗାଡ଼ିଆ ଗ୍ରାମର ଗୋକୁଳ ଚନ୍ଦ୍ର ସାହୁ(୩୯)। ସୂଚନା ମୁତାବକ, ୫୭ନଂ. ଜାତୀୟ ରାଜପଥରେ ରବିବାର ରାତିରେ ଗୋକୁଳ ବାଇକରେ ବଜାର ଅଞ୍ଚଳରୁ ଯାଉଥିବା ବେଳେ ରାଜସୁନାଖଳା ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ତାଙ୍କୁ ଅନ୍ୟ ଏକ ବାଇକ୍ ଧକ୍କାଦେଇ ପଳାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିକଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜସୁନାଖଳା ଗଣେଶ ବଜାର ବଣିକ ସଂଘ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

ପୁରୀ, ୧୩।୧୧(ଅଜିତ ମହାନ୍ତି)

**ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର**

ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି କରି ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଙ୍ଗଠନ ପକ୍ଷରୁ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଙ୍ଗଠନର ସଭାନେତ୍ରୀ ଗଜଲକ୍ଷ୍ମୀ ରାୟ କହିଛନ୍ତି, ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରୁ ଦିବ୍ୟାଙ୍ଗ ଭକ୍ତମାନେ ପୁରୀ ଆସୁଛନ୍ତି। ମାତ୍ର ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ନାହିଁ। ଫଳରେ ଦିବ୍ୟାଙ୍ଗ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ନ କରିପାରି ମନଦୁଃଖରେ ଫେରୁଛନ୍ତି। ଦିବ୍ୟାଙ୍ଗମାନେ ଯେପରି ଶ୍ରୀମନ୍ଦିରକୁ ଯାଇ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି। ପୂର୍ବରୁ ଉତ୍ତରଦ୍ୱାର ପଟେ ବ୍ୟବସ୍ଥା କରାଯାଇଥିବାରୁ ତାହା କାର୍ଯ୍ୟକାରୀ କରାଯାଉ। ଦିବ୍ୟାଙ୍ଗମାନଙ୍କୁ ନେବା ଆଣିବା ପାଇଁ କିଛି ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରିବା ପାଇଁ ରାୟ ଦାବି କରିଛନ୍ତି। ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍ଘାଟନ ପରେ ଉତ୍ତର ଦ୍ୱାର ଦେଇ ଦିବ୍ୟାଙ୍ଗଙ୍କ ନିମନ୍ତେ ଦର୍ଶନ ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରାକୁ ନଜରରେ ରଖି ଦିବ୍ୟାଙ୍ଗଙ୍କ ଦର୍ଶନ ସ୍ୱତନ୍ତ୍ର ଏସ୍‌ଓପି ଦ୍ୱାରା କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଦାସ ସୂଚନା ଦେଇଛନ୍ତି। ଦର୍ଶନ ବ୍ୟବସ୍ଥା ସହ ଅନ୍ୟ ସୁବିଧା ମଧ୍ୟ ଦିବ୍ୟାଙ୍ଗଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ଭୁବନେଶ୍ୱର ଉପକଣ୍ଠ କନ୍ଦଲେଇ ଆଦିବାସୀ ପଲ୍ଲୀର ବନବାସୀମାନେ ବେଲୁନ୍ ଫୁଟାଇ ଦୀପାବଳି ପାଳନ କରୁଛନ୍ତି।

## ବାଣ ବଦଳରେ ବେଲୁନ୍ ଫୁଟାଇଲେ

ପୁରୁଣା ଭୁବନେଶ୍ୱର,୧୩।୧୧(ସୁବାସ ଚନ୍ଦ୍ର ପ୍ରଧାନ): ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା କନ୍ଦଲେଇ ଆଦିବାସୀ ପଲ୍ଲୀର ବନବାସୀମାନେ ସ୍ୱଚ୍ଛ ଓ ସବୁଜ ଦୀପାବଳି ପାଳନ କରି ପ୍ରକୃତିପ୍ରେମର ବାର୍ତ୍ତା ଦେଇଛନ୍ତି। 'ପ୍ରଦୂଷଣ ମୁକ୍ତ ଶବ୍ଦ ଓ ବାୟୁ, ସବୁଜ ଦୀପାବଳି ବଢ଼ାଏ ଆୟୁ'ର ସନ୍ଦେଶ ଦେଇଥିଲେ। ବାଣ ବଦଳରେ ବେଲୁନ୍ ଫୁଟାଇବା ସହ ଦୀପ ଜାଳି ଉତ୍ସବକୁ ପାଳନ କରିଥିଲେ। ସାମାଜିକ ଅନୁଷ୍ଠାନ ଚିନ୍ମୟୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ପଲ୍ଲୀରେ ଏହି ସବୁଜ ଦୀପାବଳି ଉତ୍ସବର ଆୟୋଜନ କରାଯାଇଥିଲା। ପରିବେଶବିତ୍ ସୁଶାନ୍ତ ସାହୁଙ୍କ 'ବାଣ ବଦଳରେ ବେଲୁନ୍' ଚିନ୍ତାଧାରାକୁ ବନବାସୀମାନେ ସ୍ୱାଗତ କରିବା ସହ ପ୍ରଶଂସା କରିଥିଲେ। ଅନୁଷ୍ଠାନ ପକ୍ଷରୁ ମିଠେଇ, ଜିଲାପି, ଚକୋଲେଟ୍, ବିସ୍କୁଟ ଆଦି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିନ୍ମୟୀ ଫାଉଣ୍ଡେଶନର ପ୍ରତିଷ୍ଠାତା ସନ୍ତୋଷୀ ଜୈନ, ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ, 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ସୁବାସ ଓଝା ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀଙ୍କ ଭବିଷ୍ୟତ କାମନା କରିଥିଲେ।

## ନିଶାମୁକ୍ତ ହୋଇ ସୁସ୍ଥ ଜୀବନ ବିତାଇବାକୁ ଆହ୍ୱାନ

ଭୁବନେଶ୍ୱର, ୧୩।୧୧(ଅସମାପିକା ସାହୁ)

ଦୀପାବଳି ଓ କାଳୀ ପୂଜା ଅବସରରେ ଗ୍ୟାଷ୍ଟ୍ରୋ ଓ ଲିଭର୍ କେୟାର୍ ଫାଉଣ୍ଡେଶନ ଏବଂ ଜେନେସିସ୍ ହିଲିଂ ସେଣ୍ଟର ପକ୍ଷରୁ ପଟିଆସ୍ଥିତ ନିଶା ମୁକ୍ତି କେନ୍ଦ୍ରଠାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲିଭର କେୟାର ଫାଉଣ୍ଡେଶନର ମୁଖ୍ୟ ପ୍ରଫେସର ଡା. ମନୋଜ ସାହୁ ଏବଂ ଜେନେସିସ୍ ହିଲିଂ ସେଣ୍ଟର୍‌ର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱଜିତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନ ଅନ୍ତେବାସୀଙ୍କ ଫାଇବର-ସ୍କାନ୍, ହେପାଟାଇଟିସ୍ ଆଦି ପରୀକ୍ଷା କରାଯାଇଥିଲା। ଏଥିସହିତ ଡ୍ରଗ୍‌ସ ଓ ମଦ୍ୟପାନ ଆଦି ନିଶା ସେବନ ଦ୍ୱାରା କିଭଳି ମଣିଷ ଶରୀର ଓ ଯକୃତ ବା ଲିଭର୍ କ୍ଷତିଗ୍ରସ୍ତ ହୋଇଥାଏ ଡା. ସାହୁ ସେ ନେଇ ଅନ୍ତେବାସୀଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ନିଶାରୁ ମୁକ୍ତ ହୋଇଥିବା ଅନ୍ତେବାସୀମାନେ ଡା. ସାହୁଙ୍କ ସହିତ ସିଧାସଳଖ ଆଲୋଚନା କରି ସୁସ୍ଥ ଜୀବନଚର୍ଯ୍ୟା ପାଇଁ ଆବଶ୍ୟକ ଜୀବନ ଶୈଳୀ ଉପରେ ବୁଝିଥିଲେ। ନିଶାରୁ ଆରୋଗ୍ୟ ହୋଇଥିବା ହିଲିଂ ସେଣ୍ଟରର କେତେଜଣ ଅନ୍ତେବାସୀ ନିଶା ଦ୍ୱାରା ହେଉଥିବା ବିଭିନ୍ନ ଅସୁବିଧା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଏଥିସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ 'ସୁସ୍ଥ ଲିଭର ପାଇଁ ଆମେ ଛାଡ଼ିବା ନିଶା.....ମିଳି ମିଶି ଗଢ଼ିବା ସମୃଦ୍ଧ ଓଡ଼ିଶା....'କୁ ସମସ୍ତେ ଏହାକୁ ବେଶ୍ ଉପଭୋଗ କରିଥିଲେ। ଏହି ଅବସରରେ ନିଶାମୁକ୍ତ ହୋଇ ସୁସ୍ଥ ଜୀବନ ଅତିବାହିତ କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବାକୁ ଡା. ସାହୁ ଆହ୍ୱାନ ଦେଇଥିଲେ।

# ଆଜିଠୁ ବ୍ଲକ କାର୍ଯ୍ୟାଳୟ ଘେରିବ ଭାଜପା

ଖୋର୍ଦ୍ଧା,୧୩।୧୧(ପ୍ରଭାତ ପାଣିଗ୍ରାହୀ)

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅଗଣତାନ୍ତ୍ରିକ ଓ ଅଣରାଜନୈତିକ ପଦ୍ଧତିରେ ରାଜ୍ୟରେ ଶାସନ ଚାଲୁଛି। ପଞ୍ଚାୟତରୁ ବ୍ଲକ, ଜିଲାସ୍ତରରୁ ସଚିବାଳୟ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି ଓ ପିସି କାରବାର ହେଉଛି। ଗ୍ରାମ ସଭା ହେଉନାହିଁ। ପଞ୍ଚାୟତରେ ସରପଞ୍ଚ ଏବଂ ସମିତିସଭ୍ୟଙ୍କ କ୍ଷମତାକୁ ସଙ୍କୁଚିତ କରି ଦିଆଯାଇଛି। ସରକାରଙ୍କ ଯୋଜନା କେବଳ ବିଜ୍ଞାପନରେ ସୀମିତ। ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ବିରୋଧରେ ମଙ୍ଗଳବାରଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସୋମବାର ଡାକବଙ୍ଗଳାଠାରେ ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ୨୦ହଜାର ଟଙ୍କା ଲାଞ୍ଚ ନ ଦେଲେ ଆବାସ ଯୋଜନାରେ ଘର ମିଳୁନି। ସେହିପରି ୧ହଜାର ଟଙ୍କା ନ ଦେଲେ ଭତ୍ତା ମିଳୁନି, ୫ ହଜାର ଟଙ୍କା ନ ଦେଲେ ରାଶନକାର୍ଡ ମିଳୁନି। ସରପଞ୍ଚ, ସମିତିସଭ୍ୟମାନେ ପଦମର୍ଯ୍ୟାଦା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି ବୋଲି କହିବା ସହ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ଦାୟିତ୍ୱରେ ରହିଥିବା ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଉଛନ୍ତି।

## ମୁକ୍ତେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ବେଢ଼ା ପରିକ୍ରମା

ଟାଙ୍ଗୀ,୧୩।୧୧(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ମୁକ୍ତେଶ୍ୱର ଦେବଙ୍କ ପୀଠରେ କାର୍ତ୍ତିକ ମାସ ସୋମବାର ପାଇଁ ମହିଳା ବ୍ରତଧାରୀଙ୍କ ପ୍ରବଳ ସମାଗମ ହୋଇଥିଲା। ଶତାଧିକ ମହିଳାମାନେ ମୁକ୍ତେଶ୍ୱର ଦେବଙ୍କ ପଛେ ପଛେ ତିନି ଥର ବାଦ୍ୟଯନ୍ତ୍ର, ହରିବୋଲ, ହୁଳହୁଳି ଦେଇ ବେଢା ପରିକ୍ରମା କରିଥିଲେ। ପରେ ରନ୍ଧା ଯାଇଥିବା ପ୍ରସାଦ ପାଇ ଘରକୁ ଫେରିଥିଲେ।

## ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ମେଧାବୀ ପ୍ରତିଯୋଗିତା

ଟାଙ୍ଗୀ,୧୩।୧୧(ରଘୁନାଥ ସାହୁ)

ସମାଜସେବୀ ସ୍ୱର୍ଗତ ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୋମବାର ବିଭିନ୍ନ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କୁ ନେଇ କ୍ରୀଡା ଓ ଶୈକ୍ଷିକ ସ୍ତରରେ ବିଭିନ୍ନ ବିଭାଗରେ ମେଧାବୀ ଚୟନ ନିମନ୍ତେ ଏକ ମେଧାବୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଇଚ୍ଛାପୁର ସ୍ଥିତ ଦଶହରା ପଡ଼ିଆରେ କ୍ରୀଡ଼ା ପ୍ରତିଯୋଗିତା ଓ ସ୍ମୃତି ସଂସଦ ସଭାଗୃହରେ ଶୈକ୍ଷିକ ସ୍ତରରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗଦେଇ ଦୌଡକୁଦ, ସାଇକେଲ ଚାଳନା, ଶୈକ୍ଷିକ ସ୍ତରରେ ଚିତ୍ରାଙ୍କନ, ହସ୍ତାକ୍ଷର, ସାଧାରଣ ଜ୍ଞାନ, ତର୍କ, ପ୍ରବନ୍ଧ ଆଦି ଉପରେ ସିନିୟର, ଜୁନିୟର ଓ ସବ ଜୁନିୟରସ୍ତରରେ ଭାଗନେଇଥିଲେ। ଏହି ପ୍ରତିଯୋଗିତାରେ ବିଚାରକଭାବେ ସାମ୍ବାଦିକ ପ୍ରଦୋଷ କୁମାର ଦାସ, ପୂର୍ଣ୍ଣ ଚନ୍ଦ୍ର ମର୍ଦ୍ଦରାଜ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଶ୍ରୀଲୋକନାଥ ଦେବମାନସିଂହ ହାଇସ୍କୁଲର ପ୍ରଧାନ ଶିକ୍ଷକ କୁନା ମହନ୍ତ, ନାଚୁଣୀର ବ୍ରିଟି ବାର୍ଡ ଇଂଲିଶ ମିଡିୟମ ସ୍କୁଲର ଅଧ୍ୟକ୍ଷ ସୁରେଶ କୁମାର ଦାଶ, ସାମ୍ବାଦିକ ସଂଗ୍ରାମ କୁମାର ରଣା ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ମେଧାବୀଙ୍କୁ ଚୟନ କରିଥିଲେ। ଆସନ୍ତା ୧୮ ତାରିଖରେ ହେବାକୁ ଥିବା ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ୮ମ ବାର୍ଷିକ ଶ୍ରାଦ୍ଧବାର୍ଷିକୀ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯିବ ବୋଲି ସ୍ମୃତି ସଂସଦ ପକ୍ଷରୁ କୁହାଯାଇଛି।

# ଫସଲ ସ୍ଥିତି ପରଖିଲେ ଜିଲା କୃଷି ଅଧିକାରୀ

ବୋଲଗଡ଼,୧୩।୧୧(ଦେବବ୍ରତ ହୋତା)

ନିଅଣ୍ଟିଆ ବର୍ଷା ଓ ଜଳସେଚନ ଅଭାବରୁ ବୋଲଗଡ଼ ବ୍ଲକ ଅଞ୍ଚଳର ହଜାର ହଜାର ଏକର ଚାଷଜମିର ଧାନକେଣ୍ଡା ଶୁଖିଗଲାଣି। ପ୍ରାୟ ୮୦ ପ୍ରତିଶତ ଧାନ ଫସଲ ନଷ୍ଟ ହୋଇଥିବା ଚାଷୀ ନେତା ଓ ଚାଷୀଙ୍କ ପକ୍ଷରୁ କୁହାଯାଉଥିବା ବେଳେ ଏନେଇ ସ୍ଥାନୀୟ ତହସିଲଦାର ଓ କୃଷି ଅଧିକାରୀଙ୍କୁ ଅବଗତ କରାଯିବା ସହ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଅଞ୍ଚଳକୁ ମରୁଡି ଘୋଷଣା, ଜଳସେଚନ ସୁବିଧା ଓ କ୍ଷତିପୂରଣ ସହ ବୀମାରାଶି ପ୍ରଦାନ ଆଦି ଦାବି କରାଯାଇଛି। ତେବେ ବୋଲଗଡ ବ୍ଲକର ଫସଲ ସ୍ଥିତି ପରଖିବା ପାଇଁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ଖୋର୍ଦ୍ଧା ଜିଲା କୃଷି ଅଧିକାରୀ ଶରତ କୁମାର ପରିଡ଼ା, ବୋଲଗଡ ବ୍ଲକ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ, ସହକାରୀ କୃଷି ଅଧିକାରୀ ତିରୁପତି ସିନିପିନି, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସମେତ ଅରଖପଲି ଓ ସଂପୁର ସେବା ସମବାୟ ସମିତି ସଭାପତି ପ୍ରମୁଖ ୧୯ଟି ପଞ୍ଚାୟତ ଅଞ୍ଚଳର ଚାଷଜମି ବୁଲି ଦେଖିଥିଲେ।



କୃଷି ଅଧିକାରୀ ଫସଲର ସ୍ଥିତି ପରଖୁଛନ୍ତି।

# ଭିଏଚ୍‌ପିର ବିରୋଧ, କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ଖୋର୍ଦ୍ଧା,୧୩।୧୧(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ୨୦୨୩-୨୪ରେ ଷଷ୍ଠ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ପ୍ରଶ୍ନପତ୍ରରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ କାଳ୍ପନିକ ବୋଲି ଦର୍ଶାଯାଇଛି। ଅତୀତରେ ରାମରାଜ୍ୟ ବୋଲି କିଛି ନ ଥିଲା। ପ୍ରଶ୍ନପତ୍ରରେ ଶ୍ରୀରାମଙ୍କ ବିରୋଧରେ ଏଭଳି ତଥ୍ୟ ଛପାଯାଇଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ବିଶ୍ୱହିନ୍ଦୁ ପରିଷଦ(ଭିଏଚପି) ଏହାର ତୀବ୍ର ସମାଲୋଚନା କରିଛି। ଏଭଳି ବିଭ୍ରାନ୍ତିକର ଏବଂ ହିନ୍ଦୁଙ୍କ ଆରାଧ୍ୟ ଦେବତା ଶ୍ରୀରାମଙ୍କୁ ଅପମାନିତ କରାଯାଇଛି। ଏଥିରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ଗିରଫ ଦାବିରେ ଭିଏଚ୍‌ପି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଭଳି ତ୍ରୁଟି ପାଇଁ ଶିକ୍ଷା ବିଭାଗ ହିନ୍ଦୁ ସମାଜ ଆଗରେ କ୍ଷମା ପ୍ରାର୍ଥନା କରୁ। ନଚେତ ଆଗାମୀ ଦିନରେ ଭିଏଚପି ରାଜରାସ୍ତାକୁ ଓହ୍ଲାଇବା ସହ ଶିକ୍ଷାବିଭାଗକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦେଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଶ୍ରୀରାମଙ୍କୁ କାଳ୍ପନିକ ଦର୍ଶାଇ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଥିବା ବେଳେ ଅନୁଚ୍ଛେଦକୁ ପଢି ୫ଟି ପ୍ରଶ୍ନର ଉତ୍ତର ଦେବାକୁ ଦର୍ଶାଯାଇଛି। କଳ୍ପନାପ୍ରସୂତ ଅତୀତ ରାମରାଜ୍ୟ କଥା ଉଦ୍ଧାର କରି ଏମାନେ ପୁଣି ସେହି ରାମରାଜ୍ୟକୁ ଫେରିଯିବାକୁ ଚାହାନ୍ତି। ପ୍ରଥମତଃ ଅତୀତରେ ରାମ ରାଜ୍ୟ ନ ଥିଲା, ଖାଲି ପଶ୍ଚାତମୁଖୀ ପରାଜିତ ଲୋକଙ୍କ ରଙ୍ଗୀନ ଚଷମା ଭିତରେ ଏହା ଦେଖାଦେଇଥାଏ। ଦ୍ୱିତୀୟତଃ ଆଧୁନିକ ଯୁଗର ଦୋଷାବଳୀ ଏମାନଙ୍କ ଆଖିରେ ଅତିରଞ୍ଜିତ ହୋଇ ଦେଖାଯାଏ ଓ ତାହାର ଉପକାରିତା ଏମାନେ ପୂରାପୂରି ଭୁଲି ଯାଆନ୍ତି ବୋଲି ଲେଖାଯାଇଛି। ଅନ୍ୟପକ୍ଷରେ ସାରା ଦେଶ ଆଗାମୀ ଜାନୁୟାରୀ ୨୨ରେ ଅଯୋଧ୍ୟାରେ ରାମମନ୍ଦିର ଉଦ୍‌ଘାଟନ ପାଇଁ ଅପେକ୍ଷା କରିଥିବା ବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା ଓ ପ୍ରଶ୍ନପତ୍ର କରୁଥିବା ଓଏଭିଏସ ଶିଶୁଙ୍କ ମଧ୍ୟରେ ଭ୍ରାନ୍ତଧାରଣା ସୃଷ୍ଟି କରୁଛନ୍ତି। ଏହା ଶ୍ରୀରାମଙ୍କ ଆସ୍ଥା, ଭାରତୀୟ ସଂସ୍କୃତି, ପରମ୍ପରା, ଐତିହାସିକ ପୃଷ୍ଠଭୂମି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଧାର୍ମିକ ଭାବନା ପ୍ରତି ଷଡ଼ଯନ୍ତ୍ର ଚାଲିଛି। ଏଥିରେ ସମ୍ପୃକ୍ତ ଥିବ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଭିଏଚପି ଜିଲା ସମ୍ପାଦକ ପ୍ରଦୀପ କୁମାର ସ୍ୱାଇଁ, ବଜରଙ୍ଗ ଜିଲା ସଂଯୋଜକ ନୃତ୍ୟଜିତ ଚମ୍ପତି, ଅଜିତ ସିଂ, ହୃଷିକେଶ ବେହେରା, ପଦ୍ମଲୋଚନ ପ୍ରଧାନ, ତୋଫାନ ମହାରଣା, ରାଜିବ ଦାସ, ଭାବଗ୍ରାହୀ ବଳିୟାରସିଂ, ଗୋବିନ୍ଦ ସାହୁଙ୍କ ସମେତ ଏକାଧିକ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭିଏଚପିର କର୍ମକର୍ତ୍ତାମାନେ।

**ଓଏଭି ୬ଷ୍ଠ ଶ୍ରେଣୀ ଷାଣ୍ମାସିକ ପ୍ରଶ୍ନପତ୍ରରେ ତ୍ରୁଟି ପ୍ରସଙ୍ଗ**







ବିଭିନ୍ନ ସ୍ଥାନରେ କାଳୀପୂଜା : ପୁରୀ ବଡଶଙ୍ଖ ବ୍ୟବସାୟୀ ସଂଘ । ପୁରୀ ବାଲିନୋଳିଆ ସାହି ଭାରତମଣି କ୍ଲବ । ଅସ୍ତରଙ୍ଗରେ ମା' ଶ୍ୟାମାକାଳୀ ପୂଜା ପାଉଛନ୍ତି ।



ଚାରିଛକ ପୂଜା ମଣ୍ଡପ ।



କାକଟପୁର



କୋଣାର୍କ



ପୁରୀ ରେଲୱେଷ୍ଟେସନ ଅଟୋଚାଳକ ସଂଘ ।

**ସଂକ୍ଷେପରେ**

## ଶ୍ୟାମାକାଳୀ ପୂଜା ପାଇଁ ଅସ୍ତରଙ୍ଗ ଚଳଚଞ୍ଚଳ

**ଅସ୍ତରଙ୍ଗ, ୧୩।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):** ଅସ୍ତରଙ୍ଗ ମା' ଶ୍ୟାମାକାଳୀଙ୍କ ଧରାବତରଣ ଅବସରରେ ସୁସଜ୍ଜିତ ହୋଇଛି ପୂଜା ମଣ୍ଡପ। ପବିତ୍ର କାଳୀପୂଜାକୁ ନେଇ ଅସ୍ତରଙ୍ଗ ବ୍ଲକର ନଗର ଓ ଅସ୍ତରଙ୍ଗ ଗ୍ରାମରେ ପୂଜା ହେଉଛି ମା ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି। ସୁନ୍ଦର ତୋରର ସହ ସୁସଜ୍ଜିତ ରଙ୍ଗୀନ ଆଲୋକରେ ଝଟକୁଛି ମା'ଙ୍କ ମଣ୍ଡପ। ଷୋଡଶ ଉପଚାର ପୂଜା, ଚକ୍ଷୁଦାନ ଏବଂ ମଧ୍ୟରାତ୍ରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଛି। ମା'ଙ୍କ ମଣ୍ଡପରେ ସନ୍ଧ୍ୟାରୁ ମନ୍ତ୍ରପାଠରେ ପ୍ରକମ୍ପିତ ହୋଇଥିଲା ମଣ୍ଡପ। ପୂଜା ଦେଖିବାକୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂଜା କମିଟି ତରଫରୁ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ମହାଳୟା ପାଳିତ

**କଣାସ, ୧୩।୧୧ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅଧୀନ ପୁରପଲ୍ଲୀର ପ୍ରତି ପରିବାରରେ ମହାଳୟା ଶ୍ରାଦ୍ଧୋତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତି ପରିବାରରେ ପିତୃ ପୁରୁଷଙ୍କ ପାଇଁ ବ୍ରାହ୍ମଣଙ୍କ ଦ୍ୱାରା ଶ୍ରାଦ୍ଧ ପକାଇବା ପରେ କାଉଁରିଆ କାଠି ଜାଳି ପିତୃ ପୁରୁଷଙ୍କୁ ଡାକୁଥିବା ଦେଖିବାକୁ ମିଳିଥିଲା। ସେହିପରି ବ୍ଲକର ଦୟାବିହାରଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ରହୁଥିବା ବାଳାଶ୍ରମ, ଜରାନିବାସ, ଅନ୍ଧ, ମୂକ, ବଧିର, ଉଜ୍ଜ୍ୱଳା, ସ୍ୱଧାର, ମାନସିକ ଅନଗ୍ରସର ଅନ୍ତେବାସୀ ଦୀପାବଳି ଉତ୍ସବ ନିଜ ନିଜ ୟୁନିଟ୍‌ରେ ଦୀପ ଜାଳି ପାଳନ କରିଥିଲେ। ଗାଁ ଗହଳିର ପ୍ରତିପରିବାରରେ ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜ୍ଜା ହୋଇଥିବାବେଳେ ବିଭିନ୍ନ ଦେବାଳୟ ମଧ୍ୟରେ ରଙ୍ଗ ବେରଙ୍ଗର ଆଲୋକସଜ୍ଜା ହୋଇଥିଲା।

# ମହାଭୈରବୀ ବେଶରେ ଦର୍ଶନ ଦେଲେ ଦକ୍ଷିଣକାଳୀ

**ସାକ୍ଷୀଗୋପାଳ, ୧୩।୧୧ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ଶାସନ ଗ୍ରାମ ରବିବାର ମା' ଦକ୍ଷିଣକାଳୀଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଥିଲା। ବିଳମ୍ବିତ ରାତିରେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା, ହୋମ, ପ୍ରାଣ ପ୍ରତିଷ୍ଠା, ଜୀବନ୍ୟାସ, ମହାଭୈରବୀ ବେଶ, ଜପ, ବାମାଙ୍ଗୀପୂଜା, ଉପଚାର, ଆଳତି, ନୈବେଦ୍ୟ ଆଦି ଅନୁଷ୍ଠିତ ହୋଇଥିଲା। ମା'ଙ୍କର ଅତିପ୍ରିୟ ମହାପ୍ରସାଦ ଲାଗି, ପୋଡ଼ାବଳି ଅର୍ପଣ କରାଯାଇଥିଲା। ସ୍ୱତନ୍ତ୍ର ଯନ୍ତ୍ର ସ୍ଥାପନ, ତନ୍ତ୍ରପୂଜା ପରେ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ବୀରଗୋବିନ୍ଦପୁରରେ ମା' ଦକ୍ଷିଣକାଳୀ, ବୀରପ୍ରତାପପୁରରେ ମା' କାମରୂପା ଏବଂ ସମଯାଜପୁରରେ ମା' ଉଗ୍ରତାରା ୩ ଭଉଣୀ ଭାବେ ପୂଜା ପାଉଥିବବେଳେ ବିସର୍ଜନ ଶୋଭାଯାତ୍ରାରେ ତିନି ଦେବୀଙ୍କ ମିଳନ ଚନ୍ଦନପୁରଠାରେ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରାଙ୍କ ସମେତ ଅତିରିକ୍ତ



ଏସ୍‌ପି, ୩ ଡିଏସ୍‌ପି, ୮ ଇନ୍ସପେକ୍ଟର, ୯୦ ଜଣ କନଷ୍ଟେବଲ ଓ ଗୃହରକ୍ଷୀ, ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ସହିତ ଆଶୁଚିକିତ୍ସା, ପାନୀୟଜଳ, ପରିମଳ, ବିଦ୍ୟୁତ, ପାର୍କିଂ ବ୍ୟବସ୍ଥା ହୋଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ନିମନ୍ତେ ଏକ ଟିମ୍ ସହ ଅଧିକାରୀ ମନୋଜ ପାତ୍ର ଉପସ୍ଥିତ ଥିଲେ। ସ୍ଥାନୀୟ ତହସିଲଦାର ଜୟନ୍ତ କୁମାର ଜୟ ସିଂ ଏବଂ ବିଡିଓ ଲିପ୍ସା ରାୟ ଉପସ୍ଥିତ ଥିଲେ। ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ମନ୍ଦିର ପରିଚାଳନା କମିଟି, ଗ୍ରାମ କୋଠ ସଭାପତି, ସମ୍ପାଦକ, ଗ୍ରାମର ଯୁବକ ସଂଘ କର୍ମକର୍ତ୍ତାଙ୍କ ଉଦ୍ୟମ ରହିଥିଲା।

# ବାବା ପଶ୍ଚିମେଶ୍ୱର ପୀଠରେ କ୍ଷୀରସାଗର ମେଳା

**ଅସ୍ତରଙ୍ଗ, ୧୩।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):**

**ସହସ୍ରାଧିକ ଲିଟର କ୍ଷୀରରେ ସ୍ନାନ କଲେ ପ୍ରଭୁ**

ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମରେ ଅନ୍ୟତମ ଶୈବପୀଠ ବାବା ପଶ୍ଚିମେଶ୍ୱର। ପବିତ୍ର ଶ୍ୟାମାକାଳୀ ପୂଜା ଓ ଦୀପାବଳୀ ଅବସରରେ ଏଠାରେ ଆୟୋଜିତ ହୋଇଥାଏ କ୍ଷୀର ସାଗର ମେଳା। ଚଳିତବର୍ଷ ହଜାର ହଜାର ଲିଟର କ୍ଷୀରରେ ସ୍ନାନ କରିଛନ୍ତି ବାବା ପଶ୍ଚିମେଶ୍ୱର। ଘଣ୍ଟ, ଘଣ୍ଟା ହୁଳହୁଳି ଓ ଶଙ୍ଖ ଧ୍ୱନିରେ କମ୍ପି ଉଠିଥିଲା ମନ୍ଦିର ପରିସର। ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ ଯାଦବମାନେ ଏଥିରେ ସାମିଲ ହୋଇଥିଲେ। ଦୀର୍ଘବର୍ଷ ଧରି ଆୟୋଜିତ କ୍ଷୀର ସାଗର ମେଳା ଦେଖିବାକୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ବଳକା କ୍ଷୀରରେ ଖିରି ପ୍ରସ୍ତୁତ କରାଯାଇ ପ୍ରସାଦ ଭାବେ ଶ୍ରଦ୍ଧାଳୁ ମାନଙ୍କୁ ବଣ୍ଟାଯାଇଥାଏ।

# ମଙ୍ଗଳାଙ୍କ ନିକଟରେ ଜଳିଲା ୧୬ ଫୁଟ୍‌ର ମହମବତି



**ଅସ୍ତରଙ୍ଗ, ୧୩।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):**

ପବିତ୍ର ଦୀପାବଳି ଅବସରରେ କାକଟପୁର ମା' ମଙ୍ଗଳାଙ୍କ ନିକଟରେ ପ୍ରଜ୍ୱଳିତ ହେଲା ୧୬ ଫୁଟ୍‌ର ମହମବତୀ। କରୋନା ମହାମାରୀ ସମୟରୁ ଅସ୍ତରଙ୍ଗ ବ୍ଲକ କୁଣ୍ଡେଶ୍ୱର ଗ୍ରାମର ସତ୍ୟପ୍ରିୟ ଦାସ, ପ୍ରତାପ ମହାନ୍ତି ଓ କିଛି ସହଯୋଗୀ ମାନସିକ ରଖି ୨୦୨୦ ମସିହାରୁ କାକଟପୁର ମଙ୍ଗଳାଙ୍କ ନିକଟରେ ଦୀପାବଳି ଦିନ ମହମବତୀ ପ୍ରଜ୍ୱଳନ କରିଆସୁଛନ୍ତି। ଚଳିତ ବର୍ଷ ସେମାନେ ମା' ମଙ୍ଗଳାଙ୍କ ମନ୍ଦିର ପରିସରରେ ୧୬ ଫୁଟ୍‌ର ମହମବତୀ ପ୍ରଜ୍ୱଳନ କରିଛନ୍ତି। ଏହାକୁ ତିଆରି କରିବାକୁ ୭୫ କେଜି ମହମ ସହ ୧୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୦ ମସିହାରେ ୪ ଫୁଟ, ୨୦୨୧ରେ ୮ ଫୁଟ, ୨୦୨୨ରେ ୧୨ ଫୁଟ୍‌ର ମହମବତୀ ପ୍ରଜ୍ୱଳନ କରାଯାଇଥିଲା। ମନ୍ଦିର ସେବାୟତ ତାପସ ଦୀକ୍ଷିତ ବିରାଟ ମହମବତୀରେ ଦୀପ ପ୍ରଜ୍ୱଳନ କରିଥିଲେ।

# ଷୋଡ଼ଶ ଉପଚାରରେ ପୂଜା ପାଇଲେ ମା' କାଳୀ

**ଚାରିଛକ/ କୋଣାର୍କ, ୧୩।୧୧ (ଶିଶିର ସ୍ୱାଇଁ/ ଜ୍ୟୋତିରାଜ ମହାନ୍ତି)**

ଚାରିଛକ ନିକଟ ଭୋଦର ଓ ପୋଡ଼ପଡ଼ାଠାରେ ପ୍ରସିଦ୍ଧ ମା' କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ପ୍ରତିବର୍ଷ ଭଳିଚଳିତବର୍ଷ ସ୍ୱତନ୍ତ୍ର ନୀତିନିୟମ ଅନୁସାରେ ଘଟ ପ୍ରତିଷ୍ଠା କରାଯାଇ ପୂଜା କାର୍ଯ୍ୟ କରାଯାଇଥିଲା। ଦୀପାବଳି ମଧ୍ୟରାତ୍ରରେ ଭୋଦର ମା' କାଳୀଙ୍କ ପାଖରେ କ୍ଷୀରରୁ ଛାଗ ପ୍ରସ୍ତୁତ କରି ଛାଗ ସହିତ ପାଣି କଖାରୁ, ବୁଢା କାକୁଡିକୁ ବଳି ଦିଆଯାଇଥିଲା। ପୋଡ଼ପଡ଼ାଠାରେ ଶ୍ରଦ୍ଧାଳୁ ବୋଦା ଆଣି ସମର୍ପଣ କରି ନେଇଥିବା ଦେଖିବାକୁ ମିଳିଥିଲା। ଏହି ଦୁଇ ସ୍ଥାନରେ ଲୋକଙ୍କ ଭିଡ଼ ହେବାର ଦେଖି ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ମାନସିକଧାରୀ ଆସି ମା' କାଳୀଙ୍କୁ ଦର୍ଶନ କରିଥିଲେ। ଏହି କାଳୀପୂଜାରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଆସି ମା' କାଳୀଙ୍କୁ ଦର୍ଶନ କରିବା ସହ ଅଞ୍ଚଳର ମଙ୍ଗଳ କାମନା କରିଥିଲେ। ଏହି କାଳୀପୂଜା ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ପୂଜା କମିଟି ସଦସ୍ୟମାନେ ଶୃଙ୍ଖଳା ରକ୍ଷା ନେଇ ସହଯୋଗ କରିଥିଲେ। ସେହିପରି କୋଣାର୍କରେ ରବିବାର କାଳୀପୂଜା ମହାସମାରୋହରେ ପାଳିତ ହୋଇଯାଇଛି। କୋଣାର୍କ ଡାକ୍ତରଖାନା ଛକସ୍ଥିତ କାଳୀମନ୍ଦିର ପରିସରରେ ମା' କାଳୀଙ୍କ ସ୍ୱତନ୍ତ୍ର ପୂଜା ନୀତି ସମ୍ପାଦିତ ହୋଇଛି। ରବିବାର ସୂର୍ଯ୍ୟୋଦୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ପଣ୍ଡିତ ବିଭୂତି ଭୂଷଣ ରଥ, ଆଲୋକ ପାଢ଼ୀ, ରବିନାରାୟଣ ନନ୍ଦଙ୍କ ଦ୍ୱାରା ମା'କାଳୀଙ୍କ ପୂଜାନୀତି ସମ୍ପାଦିତ ହେବା ପରେ ମଧ୍ୟରାତ୍ରରୁ ମନ୍ତ୍ରଧ୍ୱନି, ହୋମଯଜ୍ଞ କରାଯାଇ ଅହୋରାତ୍ର ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଛି। ରମେଶ ଜେନା କର୍ତ୍ତାଭାବେ ମା' କାଳୀଙ୍କ ପୂଜା ନୀତି ତୁଲାଇଥିଲେ। ସୋମବାର ମଧ୍ୟାହ୍ନରେ ଶ୍ରଦ୍ଧାଳୁଙ୍କ ପାଇଁ ମା' କାଳୀଙ୍କ ଅନ୍ନକୂଟରେ ଅନ୍ନପ୍ରସାଦ ପାଇବାକୁ ବ୍ୟବସ୍ଥା ମନ୍ଦିର ପରିସରରେ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ସମବେତ ହୋଇ ପ୍ରସାଦ ସେବନ କରିଥିଲେ। କାଳୀପୂଜା କମିଟିରେ ମନ୍ଦିର ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସଭାପତି ଦୁଃଶାସନ ନାୟକଙ୍କ ସମେତ କର୍ମକର୍ତ୍ତା ସୁଶାନ୍ତ ବେଉରା, ରାମକୃଷ୍ଣ ମହାନ୍ତି, କୋଷାଧ୍ୟକ୍ଷ ନୀହାର ରଞ୍ଜନ ବେଉରା, ବାବୁଲି ନାୟକ, ସୁବାସ ବେଉରା ପ୍ରମୁଖ ମା'ଙ୍କ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ସୁନାଦୁବ ପକ୍ଷରୁ ବୃଦ୍ଧାଶ୍ରମରେ ଦୀପାବଳି ପାଳିତ

**କଟକ, ୧୩।୧୧ (ଶିଳ୍ପା ପ୍ରିୟଦର୍ଶିନୀ)**

ସାମାଜିକ ଅନୁଷ୍ଠାନ ସୁନାଦୁବ ପକ୍ଷରୁ କଟକ ନରାଜ ସ୍ଥିତ ଶ୍ରଦ୍ଧା ଓ ସାଧନା ବୃଦ୍ଧାଶ୍ରମଠାରେ ରବିବାର ପବିତ୍ର ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ମଞ୍ଜୁଲତା ଜେନା, ଗୀତାରାଣୀ ଦାଶ, ଇନ୍ଦିରା ନାୟକ, ବବିତାଦାସ ମହାପାତ୍ର ଓ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ମଧ୍ୟରେ ଶୁଖିଲା ଖାଦ୍ୟ, ଲଡୁ ବଣ୍ଟନ କରିବା ସହ ଦୀପ ଜାଳି ବାଣ ଫୁଟାଇ ଆନନ୍ଦ ଉଲ୍ଲାସରେ ଉତ୍ସବ ପାଳନ କରିଥିଲେ ।





ପ୍ରଦୂଷଣମୁକ୍ତ ଦୀପାବଳି ପାଳନ କରିବା ପାଇଁ ପୁରୀ ପୌରପାଳିକା ପକ୍ଷରୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବେଳାଭୂମିରେ ଶିଳ୍ପୀ ରଞ୍ଜନ ଗାଙ୍ଗୁଲିଙ୍କ ବାଲୁକା କଳା ।

## ଶ୍ୟାମାକାଳୀ ପୂଜା ପାଳିତ

**କାକଟପୁର, ୧୩।୧୧ (ଶୁଭଦର୍ଶନ ମିଶ୍ର):** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଉତ୍ତର ଦ୍ୱାରରେ ଥିବା ମା' ଶ୍ୟାମାକାଳୀଙ୍କ ପୂଜା ପାଳିତ ହୋଇଯାଇଛି। ରବିବାର ବାଲଧୂପ ପରେ ସର୍ବସାଧାରଣଙ୍କ ଦର୍ଶନ କରାଯାଇଥିଲା। ମଧ୍ୟାହ୍ନରେ ସଙ୍କୁଡି ଭୋଗ ଲାଗି କରାଯାଇଥିଲା। ମନ୍ଦିରର ବାହାର ଓ ଭିତରକୁ ବିଭିନ୍ନ ସୁଗନ୍ଧିତ ଫୁଲରେ ସଜ୍ଜିତ କରାଯାଇ ମା'ଙ୍କର ବେଶ କରାଯାଇଥିଲା। ରାତ୍ରିର ବିଳମ୍ବିତ ପ୍ରହରରୁ ହୋମ ଯଜ୍ଞ, ସପ୍ତଶତି ଚଣ୍ଡୀପାଠ, ଘୃତାହୁତି ସହିତ ମା'ଙ୍କୁ ଆବାହନ କରାଯାଇଥିଲା। ମା' ଶ୍ୟାମାକାଳୀଙ୍କ ପୂଜାରେ ୨ ଦିନ ଧରି ହୋମ ଯଜ୍ଞ, ଅଷ୍ଟମ ପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ କରାଯାଇଥିଲା। ମନ୍ଦିର ତତ୍ତ୍ୱାବଧାରକ ରବୀନ୍ଦ୍ର ନାଥ ଦୀକ୍ଷିତ ସମସ୍ତ କାର୍ଯ୍ୟ ତୁଲାଇଥିଲେ । ଆଗାମୀ ଦିନରେ ଟ୍ରଷ୍ଟ ଗଠନ କରାଯାଇ ଭକ୍ତଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମାତୃପ୍ରସାଦ ଦୀକ୍ଷିତ ଓ ଅକ୍ଷୟ ପ୍ରସାଦ ପଣ୍ଡା କହିଛନ୍ତି ।

# ଜରାଶ୍ରମ ଅନ୍ତେବାସୀଙ୍କ ସହ ଦୀପାବଳି ପାଳିଲେ

**ପିପିଲି, ୧୩।୧୧ (ପ୍ରଭାତ କୁମାର ମହାପାତ୍ର):**

ପିପିଲି ଅଲାରପୁର ହରଦୁର୍ଗା ୟୁଥ କ୍ଲବର ସଦସ୍ୟମାନେ ପବିତ୍ର ଦୀପାବଳି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ପିପିଲିସ୍ଥିତ ଜରାଶ୍ରମର ଅନ୍ତେବାସୀଙ୍କ ସହ ଦୀପାବଳି ପର୍ବ ପାଳନ କରି ବୃଦ୍ଧାବୃଦ୍ଧଙ୍କ ମୁହଁରେ ହସ ଫୁଟାଇଛନ୍ତି କ୍ଲବ୍‌ର ସଦସ୍ୟମାନେ। କ୍ଲବର ସଦସ୍ୟମାନେ ଜରାଶ୍ରମରେ ୩୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ କମଳ ବଣ୍ଟନ କରିବା ସହ ସମସ୍ତଙ୍କୁ ମିଠା ଖୁଆଇ ଆନନ୍ଦ ଉଲ୍ଲାସରେ ଦୀପାବଳି ପାଳନ କରିଛନ୍ତି। ଅନ୍ତେବାସୀଙ୍କ ସହ ଦୀର୍ଘ ସମୟ ଭାବ ବିନିମୟ ହେବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ କରିଥିଲେ ଯୁବକମାନେ। ପରେ ସମସ୍ତଙ୍କ ହାତରେ ଦୀପ ଓ



ଅଲାରପୁର ହରଦୁର୍ଗା ୟୁଥ କ୍ଲବର ସଦସ୍ୟମାନେ ଜରାଶ୍ରମ ଅନ୍ତେବାସୀଙ୍କ ସହ ଦୀପାବଳି ପାଳନ କରୁଛନ୍ତି ।

କ୍ୟାଣ୍ଡେଲ ଲଗାଇ ଦୀପାବଳି ପର୍ବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ରାଜକିଶୋର ସ୍ୱାଇଁ ଯୋଗ ଦେଇଥିବା ବେଳେ ହରଦୁର୍ଗା ୟୁଥ କ୍ଲବର ସଭାପତି ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ପାଦକ ଅଶ୍ୱିନୀ କୁମାର ସାହୁ ଓ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ। ହରଦୁର୍ଗା ୟୁଥ କ୍ଲବର ଏଭଳି ନିଆରା ପ୍ରୟାସକୁ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

# ଡାଇବେଟିସ୍ ଓ ଜୀବନଶୈଳୀ




**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଡାଇବେଟିସ୍ ଯଦି ଜଟିଳ ଆକାର ଧାରଣକରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ, ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି କୁହାଯାଏ। ତେଣୁ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଜରୁରୀ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୧୪କୁ 'ବିଶ୍ୱ ଡାଇବେଟିସ୍ ଦିବସ' ଭାବେ ପାଳନ କରାଯାଇଆସୁଛି।

ସୂଚନାଯୋଗ୍ୟ, ଆନ୍ତର୍ଜାତିକ ମଧୁମେହ ସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ୧୯୯୧ରେ ପ୍ରଥମେ ଏହି

## ବିଶ୍ୱ ମଧୁମେହ ଦିବସ

ଦିବସ ପାଳନ କରାଯିବାର ପରିକଳ୍ପନା କରାଯାଇଥିଲା। ପରେ ୨୦୦୬ରେ ଜାତିସଂଘର ସାଧାରଣ ପରିଷଦରେ ଏହି ଦିବସ ପାଳନ କରାଯିବା ଲାଗି ସ୍ଥିର କରାଯାଇଥିଲା। ୧୪ ନଭେମ୍ବରରେ ଏହି ଦିବସ ପାଳନ କରାଯିବାର ଏକ ବିଶେଷତ୍ୱ ରହିଛି। ୧୯୯୨ରେ ଚାର୍ଲ୍ସ ବେଷ୍ଟଙ୍କ ସହ ମିଶି ଫେଡ୍‌ରିକ୍ ବାଣ୍ଟିଙ୍ଗ୍ ଡାଇବେଟିସ୍‌କୁ ନିୟନ୍ତ୍ରଣ କରିବା ଲାଗି ଇନ୍‌ସୁଲିନ୍ ଆବିଷ୍କାର କରିଥିଲେ। ତେଣୁ ଏହାକୁ ମନେରଖିବା ପାଇଁ ବାଣ୍ଟିଙ୍ଗ୍‌ଙ୍କ ଜନ୍ମଦିନ (୧୪ ନଭେମ୍ବର)କୁ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି।

### ଇନ୍‌ସୁଲିନ୍

ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ତା'ଛଡ଼ା ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନାହିଁ। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମକରି ଶରୀରରେ ପୃଥୁଳତାକୁ ହ୍ରାସ କରିଦେଲେ ଡାଇବେଟିସ୍ ରୋଗୀଙ୍କ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା କମି ସ୍ୱାଭାବିକ ସ୍ତରକୁ ଆସିଯିବା ସୁଗମ ହୋଇଥାଏ।

### ଏ ବର୍ଷର ସ୍ଲୋଗାନ୍...

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ 'ବିଶ୍ୱ ମଧୁମେହ ଦିବସ' ପାଳନ କରାଯାଉଛି। ଡାଇବେଟିସ୍‌କୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ଚଳିତ ବର୍ଷ ଏହି ଅବସରରେ ସ୍ଲୋଗାନ୍ ରହିଛି 'ଆକ୍ସେସ୍ ଟୁ ଡାଇବେଟିସ୍ କେୟାର'। ଯେଉଁମାନେ ଡାଇବେଟିସ୍‌ରେ ପୀଡ଼ିତ ସେମାନଙ୍କର ଠିକ୍ ଯତ୍ନ ନେବା ଆବଶ୍ୟକ। ନ ହେଲେ ହୁଏତ ସେମାନେ ଡାଇବେଟିସ୍ କାରଣରୁ ଅନ୍ୟ ରୋଗ ଦ୍ୱାରା ମଧ୍ୟ ଆକ୍ରାନ୍ତ ହୋଇପାରନ୍ତି। ପ୍ରାଥମିକ ସ୍ତରରୁ ଯଦି ଏହାର ପ୍ରତିକାର ବ୍ୟବସ୍ଥା ନ କରିବା, ତେବେ ଭବିଷ୍ୟତରେ ଏହା ଆମର ଅଧିକ କ୍ଷତି କରିବାର ସମ୍ଭାବନା ସୃଷ୍ଟି କରିବ। ତେଣୁ ଆମକୁ ଏ ଦିଗରେ ଯଥେଷ୍ଟ ଯତ୍ନଶୀଳ ହେବାକୁ ପଡ଼ିବ।

# ବିଜୟଙ୍କ ସହ ଦୀପାବଳି ପାଳିଲେ ତମନ୍ନା

ମୁମ୍ବାଇ



ବି-ଟାଉନରେ ଅଭିନେତ୍ରୀ ତମନ୍ନା ଭାଟିଆ ଏବଂ ବିଜୟ ବର୍ମାଙ୍କ ସମ୍ପର୍କକୁ ନେଇ ଖୁବ୍ ଆଲୋଚନା ହେଉଛି। ବିଜୟ ତାଙ୍କ ପ୍ରେମକୁ ଖୋଲାଖୋଲି ପ୍ରକାଶ କରିବା ପରେ ସେମାନେ ଏବେ ପ୍ରଶଂସକଙ୍କ ପସନ୍ଦର ଯୋଡ଼ି ପାଲଟିଛନ୍ତି। ଏବେ ଦୁହିଁଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ; ଯାହାକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ବଲିଉଡ ଅଭିନେତ୍ରୀ ଶିଲ୍ପା ଶେଟ୍ଟୀଙ୍କ ଘରେ ଏକ ଦୀପାବଳି ପାର୍ଟିରେ ତାରକାଙ୍କ ସମାବେଶ ହୋଇଥିଲା। ଏଥିରେ ବି-ଟାଉନର ଅନେକ ବଡ଼ ବଡ଼ ତାରକା ଯୋଗଦେଇଥିଲେ। ତେବେ ପାର୍ଟିରେ ବିଜୟ- ତମନ୍ନାଙ୍କ ଏଣ୍ଟ୍ରି ବେଶ୍ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଦୁହେଁ ହାତ ଧରାଧରି ହୋଇ ପାର୍ଟିରେ ଏଣ୍ଟ୍ରି କରିଥିଲେ। ଦୀପାବଳିକୁ ଉପଭୋଗ କରିବାକୁ ଦୁହେଁ ପାରମ୍ପରିକ ଶୈଳୀର ପୋଷାକ ପିନ୍ଧିଥିଲେ। ପାର୍ଟିରେ ଅଧିକାଂଶ ସମୟ ଦୁହେଁ ପରସ୍ପରର ହାତ ଧରାଧରି ହୋଇ ବୁଲୁଥିବାର ମଧ୍ୟ ଦେଖିବାକୁ ମିଳିଥିଲା। ଏଥିସହ ଉଭୟ ଏକାଠି ଦୀପାବଳି ପାଳିଥିଲେ। ତେବେ ତମନ୍ନା ୨୦୦୫ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ରଜନୀକାନ୍ତଙ୍କ ଅଭିନୀତ 'ଜେଲର'ରେ ତମନ୍ନା ନଜରକୁ ଆସିଥିଲେ। ଏହାପରେ ସେ 'ଭୋଲା ଶଙ୍କର' ଏବଂ ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ବନ୍ଦ୍ରା'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ୨ଟି ଫିଲ୍ମ ମଧ୍ୟ ରହିଛି। ଏଥିସହ ସେ ଟେଲିଭିଜନ ଏବଂ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର- ୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୯.୧୧.୨୦୨୩ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/**<br>**୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘ୍ନ ବେହେରା, **୩) ଶତ୍ରୁଘ୍ନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହଡାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | ଶ୍ରୀ ଶତ୍ରୁଘ୍ନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୧,୭୨,୦୦୦/- / ଟ.୧,୧୭,୦୦୦/- / ଟ.୧୨,୦୦୦/- | ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୨. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/**<br>**୧) ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ | ଶ୍ରୀ ଦୁର୍ଗା ମାଧବ ପଣ୍ଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୩. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/**<br>**୧) ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୩) ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ(ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁନ୍ଦା, ମେନ୍ ରୋଡ୍, ସୁକୁନ୍ଦା, ବ୍ରହ୍ମପୁର, କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- | ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୪. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/**<br>**୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରୀଷ୍ଣ ପଣ୍ଡିତ, ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରୀଷ୍ଣ ପଣ୍ଡିତ, ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | ସରୋଜିନୀ ପଣ୍ଡିତ(ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- | ୦୩.୦୮.୨୦୧୯ ସୁଦ୍ଧା ଟ.୨୨,୧୬,୪୦୬/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୫. | **ବେଲଗୁଣ୍ଠା ଶାଖା, ଫୋନ୍: ୮୮୪୭୮୯୧୫୪୭ /**<br>**୧) ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ,ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ବିହୁତି,** ପିତା: ସନ୍ୟାସୀ ବିହୁତି, ପୋ/ଥାନା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ପିନ୍-୭୬୧୧୨୦ | ପ୍ରମୋଦ କୁମାର ଆରୁଖଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୫,୦୦୦/- / ଟ.୬୬,୦୦୦/- / ଟ.୭,୦୦୦/- | ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୬. | **ବେଲଗୁଣ୍ଠା ଶାଖା, ଫୋନ୍: ୮୮୪୭୮୯୧୫୪୭ /**<br>**୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | ବାସନ୍ତୀ ଶତପଥୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୪,୦୦,୦୦୦/- / ଟ.୨,୪୦,୦୦୦/- / ଟ.୨୪,୦୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୭. | **ବେଲଗୁଣ୍ଠା ଶାଖା, ଫୋନ୍: ୮୮୪୭୮୯୧୫୪୭ /**<br>**୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା- କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | ରବିନ୍ଦ୍ରନାଥ ସେଠୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୪୦,୦୦୦/- / ଟ.୨,୧୪,୦୦୦/- / ଟ.୨୨,୦୦୦/- | ୨୪.୦୪.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୮. | **ବ୍ରହ୍ମପୁର ଶାଖା-୩, ଫୋନ୍: ୭୫୦୬୮୦୭୨୫୮/**<br>**୧) ମେସର୍ସ ଶ୍ରୀ ଜଗନ୍ନାଥ ଫୁଡ୍ ପ୍ରୋସେସିଙ୍ଗ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସଂଯୁକ୍ତା ଦାସ,** ସ୍ୱାମୀ: ଶ୍ରୀ ପଦ୍ମ ଚରଣ ଦାସ, ପ୍ଲଟ୍ ନଂ.: ୩୦୫/୩୧୫୨, ଖାତା ନଂ.: ୬୩୦/୧୧୦୫, ରେଭିନ୍ୟୁ ମୌଜା: ହୁଗଳାପଟା, ତହସିଲ: ବ୍ରହ୍ମପୁର ୧ ଏବଂ ୨, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀମତୀ ସଂଯୁକ୍ତା ଦାସ(ସ୍ୱତ୍ୱାଧିକାରୀ),** ସ୍ୱାମୀ: ଶ୍ରୀ ପଦ୍ମ ଚରଣ ଦାସ, ଖଳାସି ସାହି,ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୩) ଶ୍ରୀ ପଦ୍ମ ଚରଣ ଦାସ,** ପିତା: ଶ୍ରୀ ରାମନାଥ ଦାସ, ଖଳାସି ସାହି, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀ ପଦ୍ମ ଚରଣ ଦାସ,** ପିତା: ଶ୍ରୀ ରାମନାଥ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୦୫/୩୧୫୨, ଖାତା ନଂ.: ୬୩୦/୧୧୦୫, ରେଭିନ୍ୟୁ ମୌଜା: ହୁଗୁଳାପଟା, ତହସିଲ: ବ୍ରହ୍ମପୁର ୧ ଏବଂ ୨, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୩୪ ଡିସିମିଲି ୪/୧୦ ଯାହା ୧୫୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପିତାମ୍ବର ଦାଶଙ୍କ ଜମି, ପଶ୍ଚିମ:ସର୍ଭେ ନଂ.: ୩୦୫ର ଜମି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ଉତ୍ତର: ସର୍ଭେ ନଂ.: ୩୦୫ର ଜମି | ଟ.୧୮,୫୪,୦୦୦/- / ଟ.୧,୮୬,୦୦୦/- / ଟ.୧୯,୦୦୦/- | ୦୫.୦୭.୨୦୨୨ ସୁଦ୍ଧା ଟ.୨୩,୭୫,୦୦୦/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୯. | **କୁଲ୍ଲାଡ ଶାଖା, ଫୋନ୍: ୭୯୭୮୦୭୯୧୩୬ /**<br>**୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, **୨) ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ପିନ୍-୭୬୧୧୩୧ | **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘ୍ନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା<br>**୨) ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ,ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୧) ଟ.୧୧,୬୬,୦୦୦/- / ଟ.୧,୨୦,୦୦୦/- / ଟ.୧୨,୦୦୦/-<br>୨) ଟ.୫,୮୫,୦୦୦/-/ ଟ.୬୦,୦୦୦/-/ ଟ.୬,୦୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୮,୯୪,୧୦୫.୭୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୦. | **ଛତ୍ରପୁର ଶାଖା-୨, ଫୋନ୍: ୯୮୬୧୦୧୪୪୯୦ /**<br>**୧) ମେସର୍ସ ଲକ୍ଷ୍ମୀ କାସ୍ୟୁ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ବି. ମାଦେୟା ପାତ୍ର,** ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୨) ବି. ମାଦେୟା ପାତ୍ର,** ପିତା: ୰ ବି. ଚନ୍ଦ୍ର ପାତ୍ର, ସା.: ବ୍ରାହ୍ମଣିଆପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୩) ବି. କାମେଶ୍ୱ ପାତ୍ର, ୪) ବି. ଲକ୍ଷ୍ମମା,** ସ୍ୱାମୀ: ୰ ବି. ଚନ୍ଦ୍ର ପାତ୍ର, ସା.: ବ୍ରାହ୍ମଣିଆପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୫) ବି. ଚନ୍ଦ୍ର ପାତ୍ର,** ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୬) ବି. ତାମେୟା ପାତ୍ର,** ପିତା: ୰ ବି. ଚନ୍ଦ୍ର ପାତ୍ର, ସା.: ବ୍ରାହ୍ମଣିଆ ପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, **୭) ବି. ନଗମ୍ମା ପାତ୍ର,** ପିତା: ୰ ବି. ଚନ୍ଦ୍ର ପାତ୍ର, ସା.: ଗୋଳାବନ୍ଧ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦ | **୧) ବି. ମାଦେୟା ପାତ୍ର (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଏବଂ ଗୃହ ଯାହାର ସା: ବ୍ରାହ୍ମଣିଆପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖତିୟାନ ନଂ.: ୨୧୬/୩୬୩, ପ୍ଲଟ୍ ନଂ.: ୯୬୩/୧୯୦୫, କ୍ଷେତ୍ର: ଏକର ୦.୩୮୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବି. ହାଡିଆଦା ପାତ୍ର ଏବଂ ଅନ୍ୟମାନଙ୍କ ଜମି, ପଶ୍ଚିମ: ବି. ଚନ୍ଦ୍ର ପାତ୍ର ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ସତ୍ୟମ୍ମାଙ୍କ ଜମି, ଦକ୍ଷିଣ: ରାସ୍ତା ଏବଂ ରେଲ୍‌ୱେ ଜମି<br>**୨) ବି. ଚନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ସା: ବ୍ରାହ୍ମଣିଆପଲ୍ଲୀ, ଭାୟା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖତିୟାନ ନଂ.: ୮୩, ପ୍ଲଟ୍ ନଂ.: ୧୨୪୬/୧୫୩୮, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବି. ରମୟା ପାତ୍ରଙ୍କ ଗୃହ, ପଶ୍ଚିମ: ବି. ମାଦେୟା ପାତ୍ର ଏବଂ ଅନ୍ୟମାନଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଡି. ସନ୍ୟାସୀ ପାତ୍ରଙ୍କ ସମ୍ପତ୍ତି | ୧) ଟ.୨୫,୧୦,୦୦୦/- / ଟ.୨,୫୧,୦୦୦/- / ଟ.୨୬,୦୦୦/-<br>୨) ଟ.୫,୦୫,୦୦୦/- / ଟ.୫୧,୦୦୦/- / ଟ.୫,୫୦୦/- | ୦୧.୦୮.୨୦୧୮ ସୁଦ୍ଧା ଟ.୩୧,୧୯,୦୫୫.୫୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୧. | **ଛତ୍ରପୁର ଶାଖା-୨, ଫୋନ୍: ୯୮୬୧୦୧୪୪୯୦ /**<br>**ଋଣଗ୍ରହୀତାମାନେ: ୧) ମେସର୍ସ ଆଜମର୍ କାସ୍ୟୁ ପ୍ରଡ୍‌କ୍ଟସ୍, ସ୍ୱତ୍ୱାଧିକାରୀ: ଆକବର ବେଗ୍,** ପିତା: ସାହାଜାହାନ ବେଗ୍, **୨) ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ଉଭୟଙ୍କ ଠିକଣା- ସା: ବଜରଙ୍ଗ ନଗର, ଜେଲ ରୋଡ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ସା: ବଜରଙ୍ଗ ନଗର, ଜେଲ ରୋଡ, ଛତ୍ରପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩୭/୪୫୩୭, ଖାତା ନଂ.: ୪୪୧/୨୯୫୦, ରେଭିନ୍ୟୁ ମୌଜା: ଛତ୍ରପୁର, ତହସିଲ: ଛତ୍ରପୁର, ସା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଡ୍ରେନ୍, ଉତ୍ତର: ପ୍ଲଟ୍ ନଂ.: ୨୯ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୧ ଜମି | ଟ.୪୬,୩୫,୦୦୦/- / ଟ.୪,୬୩,୫୦୦/- / ଟ.୪୭,୦୦୦/- | ୨୮.୦୮.୨୦୨୨ ସୁଦ୍ଧା ଟ.୫୫,୧୮,୪୬୮.୨୩ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୨. | **ନୟାଗଡ ଶାଖା-୧, ଫୋନ୍: ୮୦୯୨୧୨୧୭୩୭ /**<br>**୧) ଜଗନ୍ନାଥ ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ନନ୍ଦ ନନ୍ଦନ ଦାଶ, ୨) ଶ୍ରୀ ନନ୍ଦ ନନ୍ଦନ ଦାଶ,** ଉଭୟଙ୍କ ଠିକଣା- ସା: ହୋଲ୍ଡିଂ ନଂ.: ୧୧୧, ଓଲ୍ଡ ଏଲ୍‌ଆଇସି ବିଲ୍ଡିଂ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ନୟାଗଡ-୭୫୨୦୬୯, **୩) ଶ୍ରୀମତୀ ନନ୍ଦିତା ମହାପାତ୍ର (ଗ୍ୟାରେଣ୍ଟିଦାତା),** ସ୍ୱାମୀ: ଶ୍ରୀ ଭୂଷଣ ମହାପାତ୍ର, ସା: ଗାନ୍ଧୀ ମାର୍ଗ, ନୟାଗଡ, **୪) ଶ୍ରୀମତୀ କବିତା ଭାଲୋଟିଆ (ଗ୍ୟାରେଣ୍ଟିଦାତା),** ସ୍ୱାମୀ: ଶ୍ରୀ ଦୀନେଶ କୁମାର ଭାଲୋଟିଆ, ସା: ଯଦୁମଣୀ ନଗର, ନୟାଗଡ-୭୫୨୦୬୯ | ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦୩/୨୬୬୩, ଖାତା ନଂ.: ୨୪୭/୨୪୬, କ୍ଷେତ୍ର: ଏକର୦.୦୮୦ଡିସିମିଲି, ମୌଜା: ନବଘନପୁର, ତହସିଲ: ନୟାଗଡ- ୫୦୭, ଜିଲ୍ଲା: ନୟାଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ଜମି, ପଶ୍ଚିମ: ବିନିତା କୁମାରୀ ପାତ୍ର, ଉତ୍ତର: ପ୍ରଭାତ କୁମାର ସାହୁ, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା | ଟ.୪,୪୨,୦୦୦/- / ଟ.୪୪,୫୦୦/- / ଟ.୫,୦୦୦/- | ୧୭.୧୦.୨୦୧୯ ସୁଦ୍ଧା ଟ.୨୦,୭୬,୮୪୯/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୩. | **ନୀଳକଣ୍ଠନଗର ଶାଖା,ଫୋନ୍: ୭୮୯୪୫୨୯୨୭୨/**<br>**୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/ ୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୮,୬୫,୦୦୦/- / ଟ.୮୭,୦୦୦/- / ଟ.୯,୦୦୦/- | ୩୧.୦୩.୨୦୨୦ ସୁଦ୍ଧା ଟ.୧୮,୩୩,୦୩୫.୪୬ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୪. | **ରମ୍ଭା ଶାଖା, ଫୋନ୍: ୮୭୭୦୪୧୩୦୦୫ /**<br>**୧) ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, **୨) ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, **୩) ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍‌ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଦକ୍ଷିଣ: ଯୋଗୀ ମହାପାତ୍ର,ଉତ୍ତର: ରାସ୍ତା | ଟ.୧୧,୮୦,୦୦୦/- / ଟ.୧,୧୮,୦୦୦/- / ଟ.୧୨,୦୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୨,୫୩,୭୨୦.୦୭ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୫. | **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୦୪୦୨୬୨୪୨୧ /**<br>**୧(କ) ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୦୩ **(ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା)** | ଶ୍ରୀ ଧୋବା ରାଉଳଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୮,୪୮,୦୦୦/- / ଟ.୮୫,୦୦୦/- / ଟ.୮,୫୦୦/- | ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୬. | **ଗୋସାଣୀନୂଆଗାଁ ଶାଖା, ଫୋନ୍: ୯୯୦୩୮୨୦୧୦୨/**<br>**୧) ମୁକ୍ତା ଦାସ,** ସ୍ୱାମୀ: ବନ ଦାସ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, **୨) ଚନ୍ଦ୍ରକଳା ରାଉତ,** ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, **୩) କେଦାର ରାଉତ,** ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | **ମୁକ୍ତା ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବିଜିପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର.୦.୦୦୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମ ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା | ଟ.୬,୨୦,୦୦୦/- / ଟ.୬୨,୦୦୦/- / ଟ.୭,୦୦୦/- | ୧୩.୦୭.୨୦୨୨ ସୁଦ୍ଧା ଟ.୨,୬୦,୧୯୮.୨୭ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୭. | **ଗୋବରା ଶାଖା, ଫୋନ୍: ୭୮୯୫୩୫୮୨୯୫ /**<br>**ଋଣଗ୍ରହୀତା: ଶ୍ରୀ ସରୋଜ କୁମାର ନାୟକ,** ପିତା: ରମେଶ ଚନ୍ଦ୍ର ନାୟକ, ସା: ବିଞ୍ଝଣା, ପୋ.: ଲୁଣିପଡା ଶାସନ, ଥାନା: ଗାଙ୍ଗପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୩, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ କନକ ଲତା ନାୟକ,** ସ୍ୱାମୀ: ଶ୍ରୀ ସରୋଜ କୁମାର ନାୟକ, ସା: ବିଞ୍ଝଣା, ପୋ.: ଲୁଣିପଡା ଶାସନ, ଥାନା: ଗାଙ୍ଗପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୩, ଓଡିଶା | **ଶ୍ରୀ ସରୋଜ କୁମାର ନାୟକଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୨୨, ଖାତା ନଂ.: ୪୫୪/୭୭, ମୌଜା: ବିଞ୍ଝଣା, ତହସିଲ: ବେଲଗୁଣ୍ଠା, ସା: ବିଞ୍ଝଣା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର : ଏକର୦.୦୪୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବ୍ୟାକ୍ ୟାର୍ଡ ରୋଡ୍, ପଶ୍ଚିମ: ରାସ୍ତା, ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ସରକାରୀ ଜମି | ଟ.୧୪,୭୫,୦୦୦/- / ଟ.୧,୪୭,୫୦୦/- / ଟ.୧୫,୦୦୦/- | ୨୭.୦୨.୨୦୨୧ ସୁଦ୍ଧା ଟ.୯,୨୭,୬୬୭.୫୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୧୮. | **ଦିଗପହଣ୍ଡି ଶାଖା, ଫୋନ୍: ୯୫୬୦୩୫୩୫୫୫ /**<br>**ଋଣଗ୍ରହୀତା: ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨/ **ଗ୍ୟାରେଣ୍ଟିଦାତା: ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ | ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ଟ.୧୪,୦୫,୦୦୦/- / ଟ.୧,୪୧,୦୦୦/- / ଟ.୧୫,୦୦୦/- | ୧୦.୧୦.୨୦୨୨ ସୁଦ୍ଧା ଟ.୧୧,୪୯,୧୦୬.୬୭ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୮.୧୧.୨୦୨୩ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ / ଯାହାଙ୍କ ସପକ୍ଷରେ ଅମାନତ ରାଶି ପୈଠ: କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକାଉଣ୍ଟ ନଂ.: ୦୦୮୫୧୧୧୦୦୦୦୦୪୩୨, IFSC Code: UBIN0800856, ଫୋନ୍ ନଂ.: ୬୨୮୯୨୪୬୪୯୨**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୭.୧୧.୨୦୨୩ ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ**

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ:୧୩.୧୧.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୧୧।୨୦୨୩

| ୫,୪୩, ୩୦୩ ଟଙ୍କା | |
|---|---|
| ସୁନା | ୦.୬୦୦ ଗ୍ରାମ୍ |
| ରୁପା | ୪୩.୭୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ୧୩୪ତମ ଜୟନ୍ତୀ, ରେଳଷ୍ଟେଶନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- କଲ୍‌ଚରାଲ୍ ଫେଷ୍ଟ ୨୦୨୩, ଷ୍ଟିୱାର୍ଟ ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଫନ ଫିଏଷ୍ଟା, କେଦାରଗୌରୀ ବିହାର, ରବି ଟକିଜ୍, ପୂର୍ବାହ୍ନ ୧୦ଟା।
- ଓରିଶା ଷ୍ଟେଟ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି ପକ୍ଷରୁ ଷ୍ଟେଟ ଲେଭଲ ଡ୍ରାମା କମ୍ପିଟିଶନ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୨ଟା ୩୦।
- ସ୍ୱାଭିମାନ ପକ୍ଷରୁ ଅଞ୍ଜଳି ଇଣ୍ଟରନ୍ୟାଶନାଲ ଚିଲ୍‌ଡ୍ରେନ୍ସ ଆଣ୍ଡ ୟୁଥ୍ ଫେଷ୍ଟିଭାଲ ଉଦ୍‌ଘାଟନୀ, କଳାଭୂମି, ଅପରାହ୍ନ ୫ଟା।
- ଗବେଷଣା ଗ୍ରନ୍ଥ 'ଓଡ଼ିଶୀ ସଙ୍ଗୀତ ବାରିଧି' ଉନ୍ମୋଚନ ସମାରୋହ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ୩୪ତମ ଶିଶୁ ମେଳା ଉଦ୍‌ଘାଟନୀ, ଏକାମ୍ର ହାଟ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**
- ଶିଶୁ ମହୋତ୍ସବ ସେଫାଳି ପାଳନ, ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର, ପୂର୍ବାହ୍ନ ସାଢ଼େ ୧୦ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନର ପ୍ରଥମ ଦିନ, ବାଲିଅନ୍ତାର ଆରାଧ୍ୟ ଦେବତା ଶ୍ରୀ ନିକୁଞ୍ଜ ବିହାରୀ ମନ୍ଦିର ପରିସର, ସନ୍ଧ୍ୟା ୭ଟା।

**ଟିଗିରିଆ**
- ନୂଆପାଟଣା ସେବା ସମବାୟ ସମିତିରେ ସମବାୟ ସପ୍ତାହ ଆରମ୍ଭ, ନୂଆପାଟଣା ସେବା ସମବାୟ ସମିତି ପରିସର, ପୂର୍ବାହ୍ନ ୧୦ଟା।

# ୩ ଭାଷାରେ ମିଳିବ ସ୍ୱର୍ଗଦ୍ୱାର ସୂଚନା

**ୱେବ୍‌ସାଇଟ୍ ଲୋକାର୍ପିତ**
- ପ୍ଲେ ଷ୍ଟୋର୍ ମାଧ୍ୟମରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ସ୍ୱର୍ଗଦ୍ୱାର ଆପ୍
- ସଂସ୍କାର ସେବକଙ୍କୁ ବିବାହ, ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ

ପୁରୀ, ୧୩।୧୧ (ଅଜିତ ମହାନ୍ତି)

ଦୀପାବଳି ଅବସରରେ ରବିବାର ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ସ୍ୱର୍ଗଦ୍ୱାର ନୂତନ ୱେବ୍‌ସାଇଟ୍ ସ୍ୱର୍ଗଦ୍ୱାର ଡଟ୍ କମ୍ ଲୋକାର୍ପଣ ହୋଇଛି। ସ୍ୱର୍ଗଦ୍ୱାର ପରିସରରେ ଏହି ୱେବ୍‌ସାଇଟ୍‌କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଲୋକାର୍ପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱର୍ଗଦ୍ୱାର ସେବା ସମିତି ଆବାହକ ସମ୍ପାଦକ ତଥା ଉପଜିଲାପାଳ ଭବତାରଣ ସାହୁ, ବିଜୟ ରାମାନୁଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ, ହିନ୍ଦୀ ଓ ଇଂଲିଶ ତିନୋଟି ଭାଷାରେ ଏହି ୱେବ୍‌ସାଇଟ୍‌ରେ ତଥ୍ୟ ଉପଲବ୍ଧ ରହିଛି। ଏହି ୱେବ୍‌ସାଇଟ୍ ମାଧ୍ୟମରେ ସ୍ୱର୍ଗଦ୍ୱାରରେ ସଂସ୍କାର ସେବା ନେବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଆବଶ୍ୟକ ତଥ୍ୟ ଅପ୍‌ଲୋଡ୍ କରି ବିଭିନ୍ନ ସେବା ପାଇପାରିବେ। ବର୍ତ୍ତମାନ ପରୀକ୍ଷାମୂଳକ ଭାବେ ଏହା ଲଞ୍ଚ୍ କରାଯାଇ ଥିବାବେଳେ ଆବଶ୍ୟକତା ଅନୁଯାୟୀ ଏଥିରେ ପରିବର୍ତ୍ତନ କରାଯିବ। ଏଥିସହିତ ଖୁବ୍‌ଶୀଘ୍ର ସ୍ୱର୍ଗଦ୍ୱାର ଆପ୍ ମଧ୍ୟ ପ୍ଲେ ଷ୍ଟୋର୍ ମାଧ୍ୟମରେ ଉପଲବ୍ଧ ହେବ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି। ସ୍ୱର୍ଗଦ୍ୱାର ସେବକମାନଙ୍କୁ ନୂତନ ପୋଷାକ ବିତରଣ ସହ ବାର୍ଷିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେବା ସମିତି ତରଫରୁ ଦୀନବନ୍ଧୁ ନାୟକ, ସୁକାନ୍ତ ମୁଖୀ ଏବଂ ୱେବ୍ ଡିଜାଇନର ରାଜେଶ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୪ଜଣ ସଂସ୍କାର ସେବକଙ୍କୁ ଦଶହଜାର ଟଙ୍କା ଲେଖାଏ ବିବାହ ଓ ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱର୍ଗଦ୍ୱାର ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ ପରିଚାଳନା କରିଥିବାବେଳେ ମୁଖ୍ୟ ସେବକ ବ୍ରଜକିଶୋର ସାହୁ, କନିଷ୍ଠ ସେବକ ସନ୍ତୋଷ ଶେଖର ମହାନ୍ତି, ରାଜେନ୍ଦ୍ର କୁମାର ଦାସ, ବିଶ୍ୱନାଥ ହରିଚନ୍ଦନ ଓ ସୁମନ୍ତ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



ୱେବ୍‌ସାଇଟ୍‌କୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଲୋକାର୍ପଣ କରୁଛନ୍ତି।




ସୁନୟନା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ପଦ୍ମାବତୀ ଉତ୍ସବରେ ବିଶିଷ୍ଟ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ ଅତିଥିମାନେ 'ପଦ୍ମାବତୀ ସମ୍ମାନ' ପ୍ରଦାନ କରୁଛନ୍ତି।

## ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ନେଇ ଆଲୋଚନା

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

ଖୋର୍ଦ୍ଧାଠାରେ ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ପ୍ରତିଷ୍ଠା ପୂର୍ବରୁ ସୋମବାର ସମ୍ପୃକ୍ତ ଅଂଶୀଦାରଙ୍କ ସହ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ବସିଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ ଓ ପାଇକ ସଂଗଠନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଏକାଡେମୀ ଓ ଗବେଷଣା କେନ୍ଦ୍ରକୁ ଅତ୍ୟନ୍ତ ପ୍ରାସଙ୍ଗିକ ତଥା ଚିରସ୍ଥାୟୀ କରିବା ପାଇଁ ବିଭିନ୍ନ ଜିଲାରେ ଗଢିଉଠିଥିବା ପାଇକ ସଂଗଠନ, ଏହାର ସଭାପତି, ସମ୍ପାଦକ ଓ ପାଇକଗୁରୁଙ୍କଠାରୁ ଗଠନ ମୂଳକ ମତାମତ ଗ୍ରହଣ କରାଯାଇଥିଲା। ଏହି ମତାମତକୁ ଭିତ୍ତିକରି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ମେଣ୍ଢାଶାଳରେ ହାତୀ ଉତ୍ପାତ

ବାରଙ୍ଗ, ୧୩।୧୧ (ଲିଙ୍ଗରାଜ ରାଉତ)

ଚନ୍ଦକା ଜଙ୍ଗଲରୁ ରବିବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ମେଣ୍ଢାଶାଳ ବଜାର ନିକଟରେ ଥିବା ସେବା ସମବାୟ ସମିତି ସଭାପତି ମହେନ୍ଦ୍ର ପ୍ରଧାନଙ୍କ ହରିପୁର ମୌଜା ଧାନଜମିରେ ପଶି ଧାନ ଖାଇଛି। ହାତୀ ପାଦଚିହ୍ନରୁ ଜଣାପଡ଼ିଛି ଯେ, ଡେରାସ ବନ୍ଧଠାରୁ ମେଣ୍ଢାଶାଳ ପର୍ଯ୍ୟନ୍ତ ପିଚୁରାସ୍ତାରେ ହାତୀଟି ଆସି ହ୍ରଦ ପୋଖରୀଠାରେ ଥିବା ସି ଫୁଡ୍ ମୁଖ୍ୟ ଫାଟକ ପାଖରେ ଛିଡ଼ା ହୋଇଥଲା। କୌଣସିମତେ ଫେରିବା ରାସ୍ତା ନ ପାଇ ଧାନ ବିଲଦେଇ ଫାର୍ମ ପାଚେରି କଡ଼େକଡ଼େ ପୁଣି ଯାମୁଝରି ଗହୀର ଦେଇ ଫେରିଯାଇଥିଲା। ସେହି ସମୟରେ ରାସ୍ତାରେ କେହି ଯାତାୟାତ କରୁ ନ ଥିବାରୁ ହାତୀଟି ନିର୍ଦ୍ୱନ୍ଦ୍ୱରେ ଚାଲିଆସିଥିବା ଜଣାପଡିଛି।

## ମହାକାଳପଡ଼ା ସିଏଚ୍‌ସି ପାଇଁ ୧୨ କୋଟି ମଞ୍ଜୁର

**ଭୁବନେଶ୍ୱର, ୧୩।୧୧ (ଅସମାପିକା ସାହୁ):** କେନ୍ଦ୍ରାପଡା ଜିଲା ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ର ନୂତନ ଓପିଡି ଏବଂ ଆଇପିଡି କୋଠା ନିର୍ମାଣ ପାଇଁ ରାଜ୍ୟ ସରକାର ୧୨ କୋଟି ୮୪ଲକ୍ଷ ୬୬ ହଜାର ଟଙ୍କାର ବ୍ୟୟ ଅଟକଳର ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଦେଶନାମା ଜାରି ହୋଇଛି। କେଉଁ କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ ହେବ ସେ ନେଇ ଚିଠି ଦିଆଯାଇଛି। ଏହାଠାରୁ ଅଧିକ ଖର୍ଚ୍ଚ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପ ସହ ଅନୁଦାନ ମଞ୍ଜୁରୀ ନିମନ୍ତେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସାବ୍ୟସାଚୀ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ହଷ୍ଟେଲରୁ ମିଳିଲା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ଖୋର୍ଦ୍ଧା, ୧୩।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ତରାବୋଇସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ହଷ୍ଟେଲ ରୁମ୍‌ରୁ ସୋମବାର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଆଇଟି ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ରୀ ସାରା ସମ୍ପୂର୍ଣ୍ଣା ମହାନ୍ତି। ତାଙ୍କ ଘର ପୁରୀ ଜିଲା କାକଟପୁର କନ୍ଦଳପୁର ଗ୍ରାମରେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ସମୟରେ ମୃତଦେହର ସ୍ଥିତିକୁ ଦେଖିବା ପରେ ଡାକ୍ତର ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରିଥିଲେ। ପୋଲିସ ଆମ୍ବୁଲାନ୍ସରେ ମୃତଦେହକୁ ଏମ୍ସ ପଠାଇ ତଦନ୍ତ ଚଳାଇଛି। ଅନ୍ୟପଟେ ମୃତାଙ୍କ ପରିବାର ସାରାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ସାରାଙ୍କୁ ହତ୍ୟା କରାଯାଇଛି ବୋଲି ବାପା ସନ୍ଦୀପ ମହାନ୍ତି ଗଣମାଧ୍ୟମ ଆଗରେ ଅଭିଯୋଗ ଆଣିଛନ୍ତି।

ସନ୍ଦୀପ କହିଛନ୍ତି ଯେ, ରବିବାର ତଥା ଦୀପାବଳି ରାତିରେ ସାରା ଏବଂ ତାଙ୍କ ରୁମ୍‌ମେଟ୍ ସହ ଭିଡିଓ କଲରେ କଥା ହୋଇଥିଲେ। ସୋମବାର ସକାଳେ ମଧ ସାରା ଘରଲୋକଙ୍କ ସହ କଥା ହୋଇଥିଲେ। ଅପରାହ୍ନରେ ତାଙ୍କ ମାମୁ ମୋତେ କଲ କରି କହିଲେ ଯେ, ସାରା ଦେହ ଖରାପ ଅଛି, କଲେଜ କର୍ତ୍ତୃପକ୍ଷ ମେଡିକାଲ ନେଇଛନ୍ତି। ଖବରପାଇ ଅପରାହ୍ନ ୪ଟାରେ ପହଞ୍ଚିବା ବେଳକୁ ଝିଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଲି। ଝିଅର ବେକରେ ଓ ପାଦରେ ଦାଗ ରହିଛି। ସାରା ଆତ୍ମହତ୍ୟା କରିଥିବା କୁହାଯାଇଥିବା ବେଳେ ଉକ୍ତ ରଶିକୁ ଖଣ୍ଡ ଖଣ୍ଡ କରି ଦିଆଯାଇଛି, ପୁଣି ରଶି ସରୁ ହୋଇଥିବାରୁ ଝିଅର ଓଜନ ତାହାକୁ ସମ୍ଭାଳିପାରିବ ନାହିଁ। ତେଣୁ ସାରାଙ୍କୁ ହତ୍ୟା କରାଯାଇଛି ବୋଲି ବାପା ସନ୍ଦୀପ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏନେଇ କଲେଜ ଅଧକ୍ଷ କହିଛନ୍ତି ଯେ, ସୋମବାର ମଧ୍ୟାହ୍ନରେ ହଷ୍ଟେଲରୁ ଖବରପାଇବା ପରେ ସାରାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିଲା। ଡାକ୍ତର ତାଙ୍କୁ ଅକ୍ସିଜେନ ଦେଉଥିବା ବେଳେ ଇସିଜି ମଧ କରିଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜଟଣୀ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାର ତଦନ୍ତ କରୁଛି ବୋଲି ସେ କହିଛନ୍ତି।



ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୂର୍ଯ୍ୟକାନ୍ତ



@ ସରୋଜ



@ ସୁନୀଲ



@ ତପନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୫ ଲକ୍ଷ ଲେଖାଏ କ୍ଷତିପୂରଣ ଦେବେ ସରକାର

**ପ୍ରଶାସନିକ ନିଷ୍କ୍ରିୟତା ଅଭିଯୋଗ ମାମଲା**

କଟକ, ୧୩।୧୧ (କାର୍ତ୍ତିକ ସାହୁ)

ପ୍ରଶାସନିକ ନିଷ୍କ୍ରିୟତା ହେତୁ ସରକାରୀ ଚାକିରି ପାଇଁ ଆବେଦନ କରିବା ବୟସ ଅତିକ୍ରାନ୍ତ ହୋଇଥିବାରୁ ରାଜ୍ୟ ସରକାର ଆବେଦନକାରୀମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବେ। ହାଇକୋର୍ଟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏ ସମ୍ପର୍କିତ ମାମଲାର ରାୟ ପ୍ରକାଶ କରି ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ କ୍ଷତିପୂରଣ ରାଶି ଆସନ୍ତା ୧ ମାସ ମଧ୍ୟରେ ଆବେଦନକାରୀମାନଙ୍କୁ ମିଳିବା ଉଚିତ୍ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ବଲାଙ୍ଗୀର କୃଷି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଚୁକ୍ତିଭିତ୍ତିକ ଗାଁ କୃଷକ କର୍ମୀ ପଦବୀ ନିମନ୍ତେ ୨୦୧୩ ମସିହା ଅକ୍ଟୋବର ୪ ତାରିଖ ବିଜ୍ଞାପନ ଆଧାରରେ ହୋଇଥିବା ନିଯୁକ୍ତି ପ୍ରକ୍ରିୟାକୁ ହାଇକୋର୍ଟ ଖାରଜ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ୨୦୦୮ ମସିହାରେ ଅଦାଲତ ଆଦେଶ ଉଲଙ୍ଘନ ଘଟଣାରେ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ଭୁଲ୍ ନୀତି ଯୋଗୁ ସରକାରୀ ଚାକିରି ନିମନ୍ତେ ସେମାନଙ୍କ ଆବେଦନ ବୟସସୀମା ଅତିକ୍ରାନ୍ତ ହୋଇଥିଲା। ଆବେଦନକାରୀ ସୁଧୀର କୁମାର ସାହୁ, ଶମ୍ଭୁ ପ୍ରସାଦ ବିଶ୍ୱାଳ, କୋଦଣ୍ଡ ଭୂଷଣ ସେଲ୍‌ମାଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ କରାଯାଇଥିଲା।

## ୪ଜଣ ଡାକ୍ତରଙ୍କୁ 'ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

ଡା. କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ ବର୍ଷ ପାଇଁ ୪ଜଣ ଡାକ୍ତରଙ୍କୁ ସମ୍ମାନିତ କରାଯିବ। ସମାଜ ପ୍ରତି ଉଲ୍ଲେଖନୀୟ ସେବା ପାଇଁ ଡା. ନୀଳକଣ୍ଠ ମିଶ୍ର, ଡା. ସୁଶିଲ କୁମାର ମହାନ୍ତି, ଡା. ଯଯାତି କେଶରୀ ପାଢ଼ୀ ଓ ଡା. ପ୍ରଭାତ କୁମାର ଦାଶଙ୍କୁ 'ଡାକ୍ତର କବି ପ୍ରସାଦ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଆସନ୍ତା ୧୯ ତାରିଖରେ ବୁଦ୍ଧମନ୍ଦିର ସଭା ଗୃହରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ଦିଆଯିବ। ପ୍ରଦାନ କରାଯିବ। ପରିଷଦର ସଭାପତି ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

**ଆଜି ଶିଶୁ ଦିବସ**

# ସମାଜସେବାରେ ସମର୍ପିତା ସାନ୍ଭି

ଭୁବନେଶ୍ୱର, ୧୩।୧୧ (ଅନୁରାଧା ମହାରଣା)

ସମାଜସେବା, ଆଉ ପରିବେଶ ସୁରକ୍ଷା। ଯେଉଁ କଥା ପ୍ରାପ୍ତ ବୟସ୍କମାନେ ଭାବି ପାରନ୍ତିନାହିଁ, ସେପରି କିଛି ଚିନ୍ତା କରି ତାହାକୁ କାର୍ଯ୍ୟରେ କରିଦେଖାଇଛନ୍ତି ସାନ୍ଭି। କଅଁଳ ବୟସରୁ ସମାଜସେବା ତଥା ଶିଶୁ ସୁରକ୍ଷା ପାଇଁ ସେ ନିଜକୁ ସମର୍ପଣ କରିଛନ୍ତି। ପଣ୍ଡିତ ଜବାହର ଲାଲ ନେହେରୁଙ୍କ ଜୟନ୍ତୀ ତଥା ପବିତ୍ର ଶିଶୁ ଦିବସ ଅବସରରେ ଏମିତି ଜଣେ ପ୍ରତିଭାବାନ୍ ଶିଶୁଙ୍କ ସମ୍ପର୍କରେ...। ଭୁବନେଶ୍ୱର ହଂସପାଳ ଅଞ୍ଚଳର କୁନିଝିଅ ହେଉଛନ୍ତି ସାନ୍ଭିପ୍ରିୟା ସାମଲ। ବୟସ ୮ବର୍ଷ। ଚତୁର୍ଥ ଶ୍ରେଣୀରେ ପଢୁଥିବା ସାନ୍ଭି ମାତ୍ର ୪ ବର୍ଷ ବୟସରୁ ମାତାପିତାଙ୍କ ପ୍ରେରଣାରେ ସମାଜସେବା ତଥା ପରିବେଶ ସୁରକ୍ଷା ପ୍ରତି ମନ ବଳାଇଥିଲେ। ରାଜ୍ୟରେ କୌଣସି ଶିଶୁ ପ୍ରତି ଅନ୍ୟାୟ ଅତ୍ୟାଚାର ହୋଇଥିବା ଶୁଣିଲେ ସେ ବିବ୍ରତ ହୋଇପଡ଼ନ୍ତି। ଶିଶୁ ନିର୍ଯାତନାରେ ରୋକ ଲଗାଇବା ତଥା ଶିଶୁ ସୁରକ୍ଷା ପାଇଁ ସେ ବିଭିନ୍ନ ସମୟରେ ହାତରେ ପ୍ଲାକାର୍ଡ ଧରି ସଚେତନତା ସୃଷ୍ଟି କରୁଥିବା ଦେଖିବାକୁ ମିଳେ। ସେହିପରି ନଦୀପଠାରେ ଅଳିଆ ଆବର୍ଜନା ଦେଖିଲେ, ପାଠପଢ଼ା ବାଦ୍ ଟିକେ ସମୟ ପାଇଲେ ନଦୀପଠା ସଫେଇ କରିବାକୁ ବାହାରି ପଡ଼ନ୍ତି। ନଦୀ ପଠାରେ ପଡ଼ିରହିଥିବା ପ୍ଲାଷ୍ଟିକ୍, ପଲିଥିନ ଭଳି ଜଳପ୍ରଦୂଷଣକାରୀ ଆବର୍ଜନା ନିଷ୍କାସନ କରନ୍ତି। ଟାଙ୍ଗରା ଭୂଇଁରେ ବୃକ୍ଷରୋପଣ କରି ସବୁଜିମା ଭରିବା ପାଇଁ ଚେଷ୍ଟା କରନ୍ତି। କୌଣସି ପର୍ବପର୍ବାଣି ହେଉ ବା ନିଜ ଜନ୍ମଦିବସରେ ନୂଆ ପୋଷାକ ପିନ୍ଧିବା ପାଇଁ କେବେ ଅଳି କରନ୍ତି ନାହିଁ। ବରଂ ବିଭିନ୍ନ ବୃଦ୍ଧାଶ୍ରମ ବା ଅନାଥାଶ୍ରମର ଅନ୍ତେବାସୀଙ୍କୁ କିଛି ଉପହାର ଦେଇ ସେ ଖୁସି ହୁଅନ୍ତି। ପ୍ରଦୂଷଣ ମୁକ୍ତି, ଶିଶୁ ସୁରକ୍ଷା, ବିଭିନ୍ନ ରୋଗର ନିରାକରଣ ନେଇ ସଚେତନତା ବାର୍ତ୍ତା ବାଣ୍ଟିଥା'ନ୍ତି। ସାନ୍ଭି ଜଣେ ମେଧାବୀ ଛାତ୍ରୀ ହୋଇଥିବାବେଳେ ତାଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ୪୦ରୁ ଅଧିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ ତଥା ସମ୍ମାନିତ କରାଗଲାଣି। ଚିତ୍ରକଳା, ନୃତ୍ୟ, ସଙ୍ଗୀତ, ବକ୍ତୃତା ଓ ଅଭିନୟ ସବୁଥିରେ ପାରଙ୍ଗମ ସାନ୍ଭି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବଡ଼ ହୋଇ ଜଣେ ଡାକ୍ତର ହେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ମାନବସେବା ପାଇଁ ଅଧିକ ସୁଯୋଗ ମିଳିପାରିବ ବୋଲି ସେ କହନ୍ତି। ସମାଜସେବା ପ୍ରତି ଝିଅର ଏପରି ମନୋଭାବ ପାଇଁ ଗର୍ବ ଅନୁଭବ କରୁଥିବା ବାପା ଶୁଭକାନ୍ତ ସାମଲ ଓ ମା' ସସ୍ମିତା ସାମଲ କହନ୍ତି।






ଶିଶୁ ନିର୍ଯାତନା ବନ୍ଦ ଓ ପରିବେଶ ସୁରକ୍ଷା ପାଇଁ ସଚେତନ କରୁଛନ୍ତି ସାନଭିପ୍ରିୟା।

## ରଶ୍ମିରଞ୍ଜନ ରାଉରକେଲା ଜିଲା କଂଗ୍ରେସ ସଭାପତି

**ଭୁବନେଶ୍ୱର,(ସୁନିତ୍ ମିଶ୍ର):** ରାଉରକେଲା ଜିଲା କଂଗ୍ରେସ କମିଟି ସଭାପତି ଦେବବ୍ରତ ବିହାରୀ ସ୍ୱାସ୍ଥ୍ୟଗତ କାରଣରୁ ଅସୁସ୍ଥ ଅଛନ୍ତି। ସେଥିଲାଗି ସେ ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବଦଳରେ ବରିଷ୍ଠ ନେତା ରଶ୍ମିରଞ୍ଜନ ପାଢ଼ୀଙ୍କୁ ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ କମିଟିର ଆଡହକ ସଭାପତି ଭାବେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ରଶ୍ମିରଞ୍ଜନ ପାଢ଼ୀ ସଭାପତି ଭାବେ ନିଜ ଦାୟିତ୍ୱ ସୋମବାରଠାରୁ ନିର୍ବାହ କରିବେ। କଂଗ୍ରେସ ସଙ୍ଗଠନକୁ ମଜଭୁତ ଓ କ୍ରିୟାଶିଳ କରିବା ପାଇଁ ପିସିସି ସଭାପତି ଆଶାପୋଷଣ କରୁଥିବା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି।

## ୧ରେ କଂଗ୍ରେସର 'ତୁଳସୀ ଯାତ୍ରା'

**ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର):** ନବୀନ ସରକାର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରି ହୋଇ ଛିଡ଼ା ହେଉଛନ୍ତି। ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରର ଗଣତି, ମଣତି ଓ ମରାମତି ଏବଂ ବେଦାନ୍ତ ଅଧିକୃତ ଜମି ଫେରସ୍ତ ସମେତ ୬ଟି ଦାବି ନେଇ ଆସନ୍ତା ୧ ତାରିଖରେ କଂଗ୍ରେସ ତୁଳସୀ ଯାତ୍ରା କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଉପରୋକ୍ତ ୬ଟି ଦାବି ନେଇ ଦଳ ପକ୍ଷରୁ ଗତ ୧୬ ତାରିଖରେ ପୁରୀରେ ବିଶାଳ ସମାବେଶ ଓ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଏହାସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ ସରକାର ଦାବି ପୂରଣ ନ କରିବାରୁ ଗତ ୯ ତାରିଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରିଥିଲା। ଯେହେତୁ ପ୍ରଦେଶ କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା, ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ, ସେହିକ୍ରମରେ ଆସନ୍ତା ୧ରେ ତୁଳସୀ ଯାତ୍ରା କରାଯିବ ବୋଲି ଶରତ କହିଛନ୍ତି। ଶରତ ଆହୁରି କହିଛନ୍ତି, ରାଜ୍ୟର ସମସ୍ତ ବ୍ଲକ ଓ ନଗରର ସାଧାରଣ ଜନତା, ଜଗନ୍ନାଥ ପ୍ରେମୀ, ଭକ୍ତ, ଶ୍ରଦ୍ଧାଳୁ, ଯୁବତୀ, ଯୁବକମାନଙ୍କଠାରୁ ତୁଳସୀ ସଂଗ୍ରହ କରାଯିବ। ଜିଲା କଂଗ୍ରେସ ସଭାପତିଙ୍କ ତତ୍ତ୍ୱାବଧାନରେ ନଗର/ବ୍ଲକ ସଭାପତିମାନେ ବୁଥ, ୱାର୍ଡ ଓ ପଞ୍ଚାୟତ ସଭାପତିଙ୍କ ଜରିଆରେ ତୁଳସୀ ସଂଗ୍ରହ କରିବେ। ପ୍ରତି ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗୋଟିଏ ଲେଖାଏ ଗାଡ଼ିରେ ସଂଗୃହୀତ ତୁଳସୀକୁ ଡିସେମ୍ବର ୧ ସୁଦ୍ଧା ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନକୁ ଅଣାଯିବ। ସେଦିନ ସାରା ରାଜ୍ୟରୁ ସଂଗୃହୀତ ତୁଳସୀ ଏବଂ ସଜ ତୁଳସୀ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ତୁଳସୀ ଯାତ୍ରା କରାଯିବ ବୋଲି ସେ କହିଛନ୍ତି।

# ଆଜିଠୁ ଭାଜପାର ସବୁ ବ୍ଲକରେ ଜନଆକ୍ରୋଶ

**ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)**

ଆବାସ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପାଇଖାନା, ପାନୀୟ ଜଳ, ରାଶନ, ଭତ୍ତା ପାଇଁ ରାଜ୍ୟର ଗରିବ ଲୋକଙ୍କ ଉଦ୍ଦେଶ୍ୟରେ ଆସୁଥିବା ଟଙ୍କାକୁ ଶାସକ ଦଳ ନେତାମାନେ ମିଳିମିଶି ଖାଇଯାଉଛନ୍ତି। ମୋଦି ସରକାରଙ୍କ ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନ ସୁପାରିସ ଆଧାରରେ ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରତ୍ୟେକ ପଞ୍ଚାୟତକୁ କେନ୍ଦ୍ର ସରକାର ସିଧାସଳଖ ଟଙ୍କା ପଠାଇଛନ୍ତି। ହେଲେ ମନ୍ଦ ଉଦ୍ଦେଶ୍ୟ ରଖି ଓ ଅନୈତିକ ଭାବେ ବିଜେଡି ନେତାଙ୍କୁ ପୋଷିବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ କରି ଏହି ଟଙ୍କା ହଡପ କରିଛନ୍ତି। ତେଣୁ ରାଜ୍ୟରେ ଚାଲିଥିବା ଦୁର୍ନୀତି ବିରୋଧରେ ମଙ୍ଗଳବାରଠାରୁ ୧୮ ତାରିଖ ପର୍ଯ୍ୟନ୍ତ ସବୁ ବ୍ଲକ ଓ ପୌରାଞ୍ଚଳରେ ଭାଜପା ଜନଆକ୍ରୋଶ କାର୍ଯ୍ୟକ୍ରମ କରିବ ବୋଲି ଭାଜପା ନେତା ରାଜେନ୍ଦ୍ର ପଣ୍ଡା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜେନ୍ଦ୍ର କହିଛନ୍ତି, ଏହା ବ୍ୟତୀତ ଅତୀତରେ 'ଆମ ଗାଁ ଆମ ବିକାଶ' ଏବଂ ବର୍ତ୍ତମାନ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନା ନାଁରେ ହଜାର ହଜାର କୋଟି ଟଙ୍କା ହଡପ କରାଯାଉଛି। ବ୍ଲକ କାର୍ଯ୍ୟାଳୟ 'ପିସି ସଂଗ୍ରହ କେନ୍ଦ୍ର' ପାଲଟିଛି। ଦୁର୍ନୀତିର ପରିମାଣ ଏତେ ବ୍ୟାପକ ହୋଇସାରିଛି ଯେ, ଓଡ଼ିଶା ବିକାଶ ପଥରେ ନୁହେଁ ବରଂ ବିନାଶ ପଥରେ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି।

# କଂଗ୍ରେସ ନେତା ମିଛ କୁହନ୍ତି: ଶିବରାଜ

**ଭୋପାଳ,୧୩।୧୧:** ଚଳିତମାସ ୧୭ରେ ହେବ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ। ଆଉ ଏଥିପାଇଁ କଂଗ୍ରେସ ଓ ଭାଜପା ପ୍ରଚାରକୁ ଜୋରଦାର କରୁଛନ୍ତି। ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୋପୁରଠାରେ ଏକ ନିର୍ବାଚନୀ ରାଲିରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀଙ୍କ ଉପରେ ଖୁବ ବର୍ଷିଛନ୍ତି। ଶିବରାଜ କହିଛନ୍ତି, ମନେରଖ କଂଗ୍ରେସ ଏକ ମିଛୁଆ ଦଳ। ଏହି ଦଳର ନେତା ମିଛକୁ ନେଇ ରାଜନୀତି କରନ୍ତି। ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ଲୋକଙ୍କୁ ମିଛ କୁହନ୍ତି ଆଉ ପ୍ରତିଦିନ ମୋତେ ଗାଳି କରନ୍ତି। ମୁଁ ସେମାନଙ୍କ ସ୍ୱପ୍ନରେ ମଧ୍ୟ ଆସେ। ପ୍ରିୟଙ୍କା କୁହନ୍ତି ମୁଁ କଂସ ମାମୁ। 'ମାମୁ ଏହା କରିଥିଲେ, ମାମୁ ତାହା କରିଥିଲେ'। ସେମାନଙ୍କ ମିଛଜାଲରେ ପଡ଼ନ୍ତୁ ନାହିଁ କାରଣ ସେମାନେ ଏହି ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ଯାଉଛନ୍ତି । ଯଦି କଂଗ୍ରେସ ଆସେ, ଯେଉଁମାନେ ମୋ ଝିଅ, ବନ୍ଧୁ ଏବଂ ଭଉଣୀଙ୍କ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ ସେମାନେ ଟଙ୍କା ଜମା ବନ୍ଦ କରିବେ।



ବେଙ୍ଗାଲୁରୁଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ମୁଖ୍ୟ ଏଚ୍.ଡି. ଦେବେଗୌଡ଼ା ନବନିଯୁକ୍ତ କର୍ଣାଟକ ଭାଜପା ସଭାପତି ବିଜୟେନ୍ଦ୍ର ୟେଦୁରପ୍ପାଙ୍କୁ ସ୍ୱାଗତ କରୁଛନ୍ତି

# 'ଜନହିତକର ଯୋଜନା କାର୍ଯ୍ୟକାରୀ କର'

### ବିଜେଡି କର୍ମୀ ସମ୍ମିଳନୀରେ କର୍ମକର୍ତ୍ତାଙ୍କୁ ପରାମର୍ଶ

**ବାଲେଶ୍ୱର, ୧୩।୧୧(ମାନସ ବିଶ୍ୱାଳ)**

ବାଲେଶ୍ୱର ସଦର ବ୍ଲକ ଅଧୀନ ଆଲୁମେଦା ପଞ୍ଚାୟତରେ ବିଜୟ ମଲ୍ଲିକଙ୍କ ଆବାହକତ୍ୱରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଯଯାତି ଦାସ ଯୋଗ ଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଚାଷଜମିରୁ ଜଳ ନିଷ୍କାସନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କର୍ମୀମାନେ ଅନୁରୋଧ କରିଥିଲେ। ଜିଲା ଉପସଭାପତି ଦାସ ଆମ ଓଡ଼ିଶା, ନବୀନ ଓଡ଼ିଶାରେ ଅନ୍ତର୍ଭୁକ୍ତ ସମସ୍ତ ଜନହିତକର ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।



ବିଜେଡି କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତା ଓ କର୍ମୀ।

ଏହାସହ ଯୁବକମାନଙ୍କୁ ଜନହିତକର କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଆସନ୍ତା ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ କରିବାକୁ ଶପଥ ନେଇଥିଲେ। ବୈଠକରେ ବିଶ୍ୱନାଥ ପଟ୍ଟାୟତ, ଭୀମଚରଣ ପଟ୍ଟାୟତ, ବେଣୁଧର ଗିରି, ବ୍ରଜମୋହନ ପାଢ଼ୀ, ଭାଗିରଥ ପରିଡ଼ା, ନୀଳକଣ୍ଠ ମଲ୍ଲିକଙ୍କ ସମେତ ବରିଷ୍ଠ ନେତା ବିଜୟ ଭୂୟାଁ, ଠୁଙ୍ଗ ମହାକୁଡ଼, ବିଜୁ ଯୁବ ଜନତା ଉପସଭାପତି ଜାତୀଶ ଦାସ, ରାଜେନ୍ଦ୍ର ବିଶ୍ୱାଳ ଏବଂ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି କାର୍ଯ୍ୟାଳୟ ଘେରିବାକୁ ଚେତାବନୀ

### ଡମ୍ପିଂୟାର୍ଡ ସ୍ଥାନାନ୍ତର ଦାବିରେ ନଗର ଉନ୍ନୟନ ସଚିବଙ୍କୁ ଦାବିପତ୍ର ଦେଲା ଭାଜପା

**ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର):** ବିଏମ୍‌ସି କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ରାଜଧାନୀବାସୀଙ୍କ ଜୀବନ ବର୍ତ୍ତମାନ ଦୟନୀୟ ହୋଇପଡ଼ିଛି। ରାଜଧାନୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଗାଡକଣସ୍ଥିତ 'ଅସ୍ଥାୟୀ ଡମ୍ପିଂୟାର୍ଡ' ବର୍ତ୍ତମାନ 'ସ୍ଥାୟୀ ଡମ୍ପିଂୟାର୍ଡ'ରେ ପରିଣତ ହୋଇଛି। ଏଥିରୁ ନିର୍ଗତ ଅସହ୍ୟ ଦୁର୍ଗନ୍ଧ ପାଇଁ ସ୍ଥାନୀୟବାସିନ୍ଦାଙ୍କ ଜୀବନ ଅତିଷ୍ଠ ହୋଇପଡିଛି। ଏହି ଅଞ୍ଚଳରେ ପ୍ଲାନେଟାରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ, ସୈନିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ଇଷ୍ଟକୋଷ୍ଟ ରେଲୱେ ଅଫିସ, ମେଡିକାଲ, ସରକାରୀ ଓ ଘରୋଇ କଲୋନୀ ଆଦି ରହିଛି। ଏହାଦ୍ୱାରା ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧମାନେ ଅସୁସ୍ଥ ହୋଇପଡୁଛନ୍ତି । ଭାଜପା ପ୍ରତିନିଧି ଦଳ ଡମ୍ପିଂୟାର୍ଡ ପରିଦର୍ଶନ କରି ବାସ୍ତବ ସ୍ଥିତି ନିରୀକ୍ଷଣ କରିବା ସହ ଗତ ୪ ତାରିଖରେ ଧାରଣାରେ ବସିଥିଲା। ତଥାପି ସମାଧାନ ପାଇଁ କେହି କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ପରିପ୍ରେକ୍ଷୀରେ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ସଚିବଙ୍କୁ ଭେଟି ତୁରନ୍ତ ଡମ୍ପିଂୟାର୍ଡ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି । ବିପର୍ଯ୍ୟସ୍ତ ପରିମଳ ଓ ମହାନଗର ନିଗମର ମହାଦୁର୍ନୀତିକୁ ନେଇ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


## QUOTATION CALL NOTICE
### ORMAS, ZILLA PARISHAD CAMPUS, NABARANGPUR

Sealed quotations are invited from potential supplied, tent house and electrical decorators, Video Graphers, Printers, Security Service Agency, CCTV Suppliers, LED TV, Food Supplier to take up different works for organizing Mondei - Pallishree Mela - 2023, Nabarangpur on the occasion of Mondei from 10th to 14th December, 2023. The different quotation call notice has been issued vide Qtn. No. 585, 586, 587, 588, 589, 590, 591 dated 09.11.2023. The tender papers are available at the website of **www.nabarangpur.nic.in**.
The last date of submitting quotation is 15.11.2023 by 3.00 P.M. The sealed quotations will be received through Speed Post/Regd. Post of the Postal Department only (other means of receipt of quotation will be summarily rejected). For more details, please visit: **www.nabarangpur.nic.in**.

**Sd./- CDO-cum-EO, Zilla Parishad, Nabarangpur**


# ଫସିରହିଥିବା ଶ୍ରମିକଙ୍କ ଉଦ୍ଧାର ନେଇ ଧାମିଙ୍କ ସହ କଥାହେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର):** ଉତ୍ତରାଖଣ୍ଡର ଉତ୍ତରକାଶୀରେ ନିର୍ମାଣାଧୀନ ଟନେଲରେ ଫସି ରହିଥିବା ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ କଥା ହୋଇଛନ୍ତି। ଧର୍ମେନ୍ଦ୍ର ଏ ସମ୍ପର୍କରେ ଟୁଇଟ୍ କରି କହିଛନ୍ତି ଯେ, ଉତ୍ତରକାଶୀରେ ନିର୍ମାଣାଧୀନ ଟନେଲରେ ଫସି ରହିଥିବା ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ କଥା ହେଇଛନ୍ତି। ଉତ୍ତରାଖଣ୍ଡ ସରକାର ସବୁ ପ୍ରକାର ସାହାଯ୍ୟ ସହଯୋଗ ସହ ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେଉଛନ୍ତି। ସମସ୍ତ ଶ୍ରମିକ ସୁରକ୍ଷିତ ଅଛନ୍ତି ବୋଲି ସେ ଆଶ୍ୱସ୍ତ କରିଛନ୍ତି। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଛତିଶଗଡ଼ରେ ଧର୍ମେନ୍ଦ୍ରଙ୍କ ପ୍ରଚାର



**ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ନିଜର ବିଶ୍ୱସନୀୟତା ହରାଇଛି ବୋଲି ସୋମବାର ଛତିଶଗଡ଼ର ରାୟପୁର ସମେତ ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଭାଜପା ପ୍ରାର୍ଥୀ ପୁରନ୍ଦର ମିଶ୍ରଙ୍କ ସମର୍ଥନରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଭାଜପା ପ୍ରତି ଜନତାଙ୍କ ଉତ୍ସାହ ଦେଖି କଂଗ୍ରେସର କ୍ରୋଧ ଆହୁରି ବଢ଼ିଯାଇଛି। ଚାଷୀ, ଗରିବ, ଜନଜାତି, ପଛୁଆ, ମହିଳା, ଯୁବକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା କଂଗ୍ରେସର କୁଶାସନ ଶେଷ ହେବାକୁ ଯାଉଛି। ଛତିଶଗଡ଼ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ଉପରେ ଜନତାଙ୍କ ଗ୍ୟାରେଣ୍ଟି ଓ ବିଶ୍ୱାସ ରହିଛି। ରାୟପୁରର ଆକାଶବାଣୀ ବସ୍ତିରେ ଓଡ଼ିଆ ଲୋକଙ୍କୁ ସମ୍ବୋଧିତ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ମୋଦି ସରକାରରେ ପିଏମ୍ ଆବାସ ସମେତ ଅନେକ କଲ୍ୟାଣକାରୀ ଯୋଜନା ଲୋକଙ୍କ ଜୀବନଶୈଳୀ ପରିବର୍ତ୍ତନ କରିଛନ୍ତି। ପଛୁଆ ବର୍ଗଙ୍କୁ ସମ୍ବିଧାନ ଅନୁମୋଦିତ ଅଧିକାର ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। ଛତିଶଗଡ଼ରେ ଭାଜପା ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଛତିଶଗଡ଼ବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ଛତିଶଗଡ଼ବାସୀ କଂଗ୍ରେସର ପରାଜୟ ସୁନିଶ୍ଚିତ କରିଛନ୍ତି। ସେମାନଙ୍କ ମୂଲ୍ୟବାନ ଭୋଟ ଦେଇ ରାଜ୍ୟରେ ସରକାର ବଦଳାଇବାକୁ ଲୋକେ ସଂକଳ୍ପ ନେଇଛନ୍ତି। ବିଗତ ୫ ବର୍ଷର କଂଗ୍ରେସ ନେତୃତ୍ୱାଧୀନ ରାଜ୍ୟ ସରକାର ସବୁଥିରେ ବିଫଳ ହୋଇ କେବଳ ଲୋକଙ୍କୁ ଠକିଛନ୍ତି। ଏହାର ପ୍ରଭାବ ନିର୍ବାଚନ ଫଳାଫଳରେ ଦେଖିବାକୁ ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପଦ୍ମଫୁଲରେ ଭୋଟ୍ ଦେଇ ଭାଜପାକୁ ଜିତାଇବାକୁ ଜନସାଧାରଣଙ୍କୁ ଧର୍ମେନ୍ଦ୍ର ନିବେଦନ କରିଛନ୍ତି।


## Government Of Odisha
## OFFICE OF THE PANCHAYAT SAMITI, DEOGAON
### INVITATION FOR BIDS

E-mail ID- ori-deogaon@nic.in

No. i-464

**Detail Tender Call Notice No.06/DGN/2023-24**

| Sl. No. | Name of work | Approximate value of work | Class of Contractor | Concerned office with Head qrs. | Security E.M.D. (Rs.) | Tender Paper Cost (Rs.) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Infrastructure Development of work at Chandipahad under Desandh GP of Deogaon Block | Civil - Rs.55,65,359/- | "B" Class | Panchayat Samiti, Deogaon | 56,000/- | 10,000/- + GST @ 18% | 06 (Six) Calendar Months |

**1.** The tender Call Notice, DTCN with Tender document can be downloaded from the District Portal (http://www.balangir.nic.in) from **dt.14.11.2023 to dt.29.11.2023. 2.** The tender document completing in all respect will be received in the Office of the Block Development Officer, Deogaon till dt.29.11.2023 up to 5.00 P.M. through Regd./Speed Post only in Official address of Block Development Officer, Deogaon. The document must be super scribed the Name & Tender Call Notice Number. The tender document received after 5.00 PM of dt.29.11.2023 will not be considered. In case of any postal delay or non-received of Tender Document the authority shall not be held responsible. **3.** The Bids will be opened on the **Dt. 30.11.2023 at 11.30 AM** in the office of the undersigned, in the presence of the members of tender committee of **Panchayat Samiti Office, Deogaon**, bidders or their authorized agents attend at the Office Chamber of **Block Development Officer, Deogaon**. **4.** Further details can be seen from the website portal (http://www.balangir.nic.in).

OIPR- 19253/11/0008/2324

**Sd./- Block Development Officer, Deogaon**


### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅସମ୍ଭାଳ ବାୟୁ...

ଦୀପାବଳିରେ ଏହା ୨୧୪.୯୫କୁ ବୃଦ୍ଧି ପାଇଥିଲା। ଭୁବନେଶ୍ୱରର ଲିଙ୍ଗରାଜ ଅଞ୍ଚଳରେ ୧୧ ତାରିଖରେ ପ୍ରଦୂଷଣ ମାତ୍ରା ୧୩୦.୫୧ ଥିବାବେଳେ ଦୀପାବଳି ଦିନ ଏହା ୨୪୩.୨୩ ରହିଥିଲା। ପଟିଆ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ୧୦୬ରୁ ବଢ଼ି ୨୧୧ ହୋଇଥିଲା।

ସୋମବାର ମଧ୍ୟ ଏହାର ପ୍ରଭାବ ଜାରି ରହିଥିଲା। ଦିନ ତମାମ ପ୍ରଦୂଷଣ ରାଜ୍ୟର ବିଭିନ୍ନ ଭାଗରେ ଅନୁଭୂତ ହୋଇଥିଲା। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରେକର୍ଡ ଅନୁଯାୟୀ ସୋମବାର ସନ୍ଧ୍ୟା ସୁଦ୍ଧା ଅନୁଗୋଳରେ ଏକ୍ୟୁଆଇ ୩୪୮ ଥିବାବେଳେ ଭୁବନେଶ୍ୱରରେ ୩୭୨, କଟକ ୩୪୮, ଯାଜପୁର ୩୪୧, କେନ୍ଦୁଝର ୩୦୦, ରାଜଗାଙ୍ଗପୁରରେ ୨୩୭ ଥିଲା। ବାୟୁମଣ୍ଡଳରେ ଏକ୍ୟୁଆଇ ୦ରୁ ୫୦ ରହିଲେ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଭଲ। ୫୧ରୁ ୧୦୦ ସାମାନ୍ୟ ଭଲ, ୧୦୧ରୁ ୨୦୦ ପ୍ରଦୂଷିତ, ୨୦୧ରୁ ୩୦୦ ସ୍ୱାସ୍ଥ୍ୟ ପାଇଁ ହାନିକାରକ, ୩୦୧ରୁ ୪୦୦ ବହୁତ ଖରାପ ଏବଂ ୪୦୧ରୁ ୫୦୦ ସ୍ୱାସ୍ଥ୍ୟ ପାଇଁ ଅତି ବିପଜ୍ଜନକ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକଙ୍କ କହିବା ଅନୁଯାୟୀ ବାୟୁମଣ୍ଡଳରେ ଏକ୍ୟୁଆଇ ୩୦୦ ଉପରକୁ ଚାଲିଗଲେ ଅତ୍ୟନ୍ତ ହାନିକାରକ ହୋଇଥାଏ। ଏଥିପ୍ରତି ଜନସାଧାରଣ ସଚେତନ ହେବା ଜରୁରୀ। ପରିବେଶ ସୁସ୍ଥ ରଖିବାକୁ ଏସ୍‌ପିସିବି ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି। ଭୁବନେଶ୍ୱର କିମ୍ବା କଟକରେ ସେଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ଦୀପାବଳି ଥିବାରୁ ବାୟୁ ପ୍ରଦୂଷଣ ସ୍ତର କିଛି ମାତ୍ରାରେ ବଢ଼ି ଯାଇଛି। ଆଉ ଦିନେ ଦୁଇଦିନ ପରେ ତାହା ପୁଣି ଖସି ଆସିବ।

## ୨୪ ଘଣ୍ଟାରେ...

ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେତେକ ସ୍ଥାନରେ ୭୦ରୁ ୧୦୦ ମିଲିମିଟର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପ ପ୍ରଭାବରେ ନଭେମ୍ବର ୨୦ ତାରିଖ ଯାଏ ଉପକୂଳ ଜିଲାରେ ହାଲ୍କା ବର୍ଷା ଲାଗି ରହିବ।

ସମ୍ଭାବ୍ୟ ଲଘୁଚାପ ଯୋଗୁ ରାଜ୍ୟରେ ପାରଦ ପୁଣି ଉପରମୁହାଁ ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋରାପୁଟରେ ସର୍ବନିମ୍ନ ୧୨.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟାନ୍ୟ ଅଞ୍ଚଳରେ ତାପମାତ୍ରା ୧୫ରୁ ୨୨ ଡିଗ୍ରୀ ମଧ୍ୟରେ ରହିଛି।

## ଅଭିନେତ୍ରୀ ମୌସୁମୀ...

ଗତ ୬ ମାସ ତଳେ ମୌସୁମୀ ଶେୟାର ମାର୍କେଟ୍‌ରେ ବିନିଯୋଗ କରିବାକୁ ବନସ୍ମିତାଙ୍କୁ ୫.୦୮ ଲକ୍ଷ ଟଙ୍କା ଦେଇଥିଲେ। କିଛିଦିନ ପରେ ମୌସୁମୀ ଉକ୍ତ ସମାନ ପରିମାଣର ଟଙ୍କା ଫେରସ୍ତ ନେଇଥିଲେ। ଏହାପରେ ବନସ୍ମିତାଙ୍କଠାରୁ ଅଧିକ ଟଙ୍କା ଆଦାୟ କରିବାକୁ ଧମକ ଦେବା ଆରମ୍ଭ କରିଥିଲେ। ଟଙ୍କା ନ ଦେଲେ ସେ ତାଙ୍କୁ ବଦନାମ କରିବେ ବୋଲି ଧମକ ଦେଇଥିଲେ। ଏନେଇ ବନସ୍ମିତା ଗତ ସେପ୍ଟେମ୍ବରରେ ଇନ୍‌ଫୋସିଟି ଥାନାରେ ମୌସୁମୀଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗର ତଦନ୍ତ ସମୟରେ ମୌସୁମୀ ଆଗକୁ ଏପରି କୌଣସି କାର୍ଯ୍ୟ କରିବେ ନାହିଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ମୌସୁମୀ ଚନ୍ଦକା ଥାନାରେ ବନସ୍ମିତାଙ୍କ ବିରୋଧରେ ଏକ ମିଥ୍ୟା ମାମଲା ରୁଜୁ କରାଇବା ସହ ଗଣମାଧ୍ୟମରେ ତାଙ୍କ ସହ ପରିବାର ବିରୋଧରେ ଟିପ୍ପଣୀ ଦେଇଥିଲେ। ଏଥିସହ ବନସ୍ମିତା ଓ ତାଙ୍କ ପରିବାର ଲୋକଙ୍କୁ ମୌସୁମୀ ପୁଣି ହତ୍ୟା ଧମକ ଦେବା ଆରମ୍ଭ କରିଥିଲେ। ବନସ୍ମିତାଙ୍କୁ ଏକ ଗାଡ଼ି ସବୁବେଳେ ପିଛା କରିବା ସହ ଧମକପୂର୍ଣ୍ଣ ମେସେଜ୍ ମୋବାଇଲକୁ ଆସୁଥିବା ନେଇ ବନସ୍ମିତା ପୁଣି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଅକ୍ଟୋବର ୨୮ରେ ଆଇପିସି ଦଫା ୩୮୫, ୨୯୪, ୫୦୬, ୫୦୭ରେ ଏକ ମାମଲା (ନଂ.୩୫୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତା ମୌସୁମୀଙ୍କୁ ଏହି ମାମଲାରେ ପୋଲିସ ୪୧ ସିଆର୍‌ପିସିରେ ନୋଟିସ୍ ଦେଇ ଛାଡ଼ିଥିଲା। ହେଲେ ସେ ଏହି ନୋଟିସକୁ ଉଲ୍ଲଂଘନ କରି ବନସ୍ମିତାଙ୍କ ବିରୋଧରେ ସମାନ ଆଚରଣ ପ୍ରଦର୍ଶନ ଜାରି ରଖିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛି।

ଉଲ୍ଲେଖଯୋଗ୍ୟ, ଅଭିନେତ୍ରୀ ମୌସୁମୀ ଓଡ଼ିଆ ସିନେମା 'ଗଡବଡ୍', ୨୦୧୪ ଫିଅର୍ ଅଫ୍ ଦି ଇଅର୍, ଚୁମ୍‌କି ଏବଂ ହିନ୍ଦୀ ସେନେମା 'ରକି ଔର୍ ରାନିକି ପ୍ରେମ୍ କହାନୀ'ରେ ଅଭିନୟ କରିଛନ୍ତି।

## ଉତ୍ତରକାଶୀରେ ସୁଡ଼ଙ୍ଗ...

ସୁରକ୍ଷିତ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପାଇପ୍‌ଲାଇନ୍ ଜରିଆରେ ସେମାନଙ୍କ ପାଖକୁ ଖାଦ୍ୟ, ପାଣି ଓ ଅକ୍ସିଜେନ୍ ପଠାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସୋମବାର ଦୁର୍ଘଟଣାସ୍ଥଳ ଗସ୍ତ କରି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଶ୍ରମିକମାନଙ୍କ ଉଦ୍ଧାର ଲାଗି ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଥିବା ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରମିକମାନଙ୍କ ଉଦ୍ଧାର କାର୍ଯ୍ୟରେ ପୋଲିସ, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଅନ୍ୟାନ୍ୟ ସଂସ୍ଥାର କର୍ମଚାରୀ ଓ ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଇଛି।

ଖବର ଅନୁଯାୟୀ ରବିବାର ଭୋର ପ୍ରାୟ ୪ଟା ବେଳେ ୪.୫ କିଲୋମିଟର ଦୀର୍ଘ ଟନେଲ ମଧ୍ୟରୁ ୧୫୦ ମିଟର ଭୁଶୁଡ଼ି ପଡ଼ିଥିଲା। ଚାର୍‌ଧାମ୍ ରୋଡ୍ ପ୍ରୋଜେକ୍ଟ ଅଧୀନରେ ଏହି ଟନେଲ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଉକ୍ତ ସୁଡ଼ଙ୍ଗ କାର୍ଯ୍ୟକାରୀ ହେଲେ ଉତ୍ତରକାଶୀରୁ ଯମୁନେତ୍ରୀ ଧାମକୁ ରାସ୍ତା ୨୬ କିଲୋମିଟର ହ୍ରାସ ପାଇବ।

## ମୟୂରଭଞ୍ଜର ୩...

ରାଜୁ ନାଏକ। ଅପରପକ୍ଷରେ ନବରଙ୍ଗପୁର ଜିଲାର ୨ଜଣ ଶ୍ରମିକ ହେଲେ ତପନ ମଣ୍ଡଳ ଓ ଭଗବାନ ବାତ୍ରା। ଫସିଥିବା ଶ୍ରମିକମାନେ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ଅଧୀନରେ କାମ କରୁଥିଲେ। ଗତ ଜୁନ୍ ୧ତାରିଖରୁ ମୟୂରଭଞ୍ଜର ୩ଶ୍ରମିକ କାମ କରିବାକୁ ଉତ୍ତରାଖଣ୍ଡ ଯାଇଥିଲେ। ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ଫସିରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରହିଛି। ପ୍ରତିକୂଳ ପରିସ୍ଥିତି ଯୋଗୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଥିବା ସେଠାରେ କାମ କରୁଥିବା ବେଡ଼ାକୁଦର ଗ୍ରାମର କ୍ଷୀରୋଦ ନାଏକ କହିଛନ୍ତି। ତେବେ ଫସିରହିଥିବା ଶ୍ରମିକଙ୍କ ସମ୍ପର୍କରେ ସବିଶେଷ ସୂଚନା ମିଳି ପାରୁ ନ ଥିବାରୁ ସେମାନଙ୍କ ପରିବାର ଲୋକେ ହତୋତ୍ସାହିତ ହୋଇପଡ଼ିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସ୍ଥିତି ଉପରେ ନଜର ରଖିଛନ୍ତି।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: ୧୭୮୧୯ - IND-II-PH-1165 ତାରିଖ: ୧୦।୧୧।୨୦୨୩

### ବିଜ୍ଞାପନ

No. CAD-2832: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଭି.ସି. ଆଇ କେମିକାଲ୍‌ସ ପ୍ରାଇଭେଟ ଲିମିଟେଡ୍ ଓଡ଼ିଶାର ଯାଜପୁର ଜିଲ୍ଲା ଦାନଗଦି ତହସିଲ ଅନ୍ତର୍ଗତ କଳିଙ୍ଗ ନଗର ଇଣ୍ଡଷ୍ଟ୍ରିଆଲ ଅଞ୍ଚଳସ୍ଥିତ ଯଖପୁରା ଏବଂ କଛାରୀଗାଁ ଗ୍ରାମରେ ୧.୦ ଏଲ୍‌ଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେସନ ପ୍ରକଳ୍ପ ସ୍ଥାପନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣି'' ତା୨୦।୧୦।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ତ୍ରିଜଙ୍ଗା ମୌଜାସ୍ଥିତ ଦାନଗଦି ଭବନଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦ ପତ୍ର ଯଥା "The Times of India" ଏବଂ ''ଧରିତ୍ରୀ''ରେ ତା୧୯।୦୯।୨୦୨୩ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ତା୨୦।୧୦।୨୦୨୩ରିଖ ଦିନ ପ୍ରବଳ ଜନ ବିରୋଧ ଯୋଗୁଁ ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୨୯।୧୧।୨୦୨୩ରିଖ ଯାଜପୁର ଜିଲ୍ଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ତ୍ରିଜଙ୍ଗା ମୌଜାସ୍ଥିତ ଦାନଗଦି ଭବନଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ–ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୯।୧୧।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ତ୍ରିଜଙ୍ଗା ମୌଜାସ୍ଥିତ ଦାନଗଦି ଭବନଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କଳିଙ୍ଗନଗର, ଯାଜପୁର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗନଗର, ଯାଜପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./– ସଦସ୍ୟ ସଚିବ**

OSPCB-PH-MISC-0057-2023/11/2023
OIPR-08012/11/0134/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଅନୁଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୧୩।୧୧

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୩୨୬ (୩୨୫.୫୮) ପଏଣ୍ଟ ଖସି (କମି) ୬୪,୯୩୪ (୬୪,୯୩୩.୮୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୮୨(୮୨.୦୦) ପଏଣ୍ଟ ହ୍ରାସ ଘଟି ୧୯,୪୪୪ (୧୯,୪୪୩.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୭%



ଭୁବନେଶ୍ୱର,୧୩।୧୧ (ଅଭୟ ଦାଶ)

ଗତ କିଛି ମାସ ହେଲା/ହେବ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟୁଛି। ଏପରିକି କ୍ରମାଗତ ୪ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଦେଖିବାକୁ ମିଳିଛି, ବିଶେଷ କରି ଘରୋଇ ବଜାରରେ ଖାଦ୍ୟ ସାମଗ୍ରୀର ଦର ହ୍ରାସ ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ସ୍ଥିରତା ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ହୋଇଛି। ଅପରପକ୍ଷରେ ଚଳିତ ବର୍ଷ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%ରେ ରହିଛି ବୋଲି ସୋମବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ ବା ଏନ୍ଏସଓ) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%ରେ ରହିଥିଲାବେଳେ ଚଳିତ ବର୍ଷ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୨% ଥିଲା। ସେହିଭଳି ୨୦୨୩ ଅଗଷ୍ଟରେ ୫.୦୨% ଥିଲା ୬.୮୩% ଏବଂ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭.୪୪% ରହିଥିଲା। ଯାହା ଦୀର୍ଘ ୧୫ ମାସର ସର୍ବୋଚ୍ଚ ବୋଲି ଏନଏସଓ ପକ୍ଷରୁ କୁହାଯାଇଥିଲା। ସେହିପରି ଖୁଚୁରା ମୁଦ୍ରାସ୍ଫୀତି ହାର ୨୦୨୩ ଜୁଲାଇ ପରଠାରୁ କ୍ରମାଗତ ଭାବେ ହ୍ରାସ ପାଉଛି, ଏପରିକି ଲଗାତର ୪ର୍ଥ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଦେଖିବାକୁ ମିଳିଛି, ଖାଦ୍ୟ ସାମଗ୍ରୀ ମୂଲ୍ୟରେ ହ୍ରାସ ଯୋଗୁ ୨୦୨୩ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%କୁ ଖସିଛି ବୋଲି ମନ୍ତ୍ରଣାଳୟ (କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨୦୨୩ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୬୧% ରହିଛି, ଯାହାକି ୨୦୨୩ ସେପ୍ଟେମ୍ବରରେ ୬.୬୨% ରହିଥିଲା। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୧୨% ରହିଥିବାବେଳେ ସହରାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୭୧% ରହିଛି।

ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବରରେ ଡାଲି ଦର ବୃଦ୍ଧି ହୋଇଥିବାବେଳେ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଦର ପରିବର୍ତ୍ତନ ହୋଇଛି।

# କୁବେର ଅପ୍ଟିକାଲର ଏକ୍ସକ୍ଲୁସିଭ ଆଉଟଲେଟ୍



ଭୁବନେଶ୍ୱର,୧୩।୧୧

ସ୍ମାର୍ଟସିଟି ଭୁବନେଶ୍ୱରର ଜଣାଶୁଣା ଆଇ ୱେରିଂ ବ୍ରାଣ୍ଡ୍ କୁବେର ଅପ୍ଟିକାଲର ନୂତନ ୟୁନିଟ ତଥା ଏକ୍ସକ୍ଲୁସିଭ ଆଉଟଲେଟ ‘ ନ୍ୟୁ ଅପ୍ଟିଲା ଆଣ୍ଡ ଆଇ କ୍ଲିନିକ’ ନିକଟରେ ୟୁନିଟ-୪ (ପୁରୀ ଗ୍ରାମ୍ୟ ବ୍ୟାଙ୍କ ଶାଖା ଭୌମନଗର) ଠାରେ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଧାୟକ ସୁରେଶ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୩୬ର କର୍ପୋରେଟର ଅଲିଅଲୀ ମଲ୍ଲିକଙ୍କ ସମେତ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. କଳ୍ପତରୁ ମହାପାତ୍ର, ଡା. ବି. କେ. ପାଣି ଏବଂ କୁବେର ଅପ୍ଟିକାଲର ପ୍ରବନ୍ଧ ନିର୍ଦ୍ଦେଶକ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କୁବେର ଅପ୍ଟିକାଲର ପ୍ରବନ୍ଧ ନିର୍ଦ୍ଦେଶକ ବିଜୟ କୁମାର ବିଶ୍ୱାଳ କହିଥିଲେ, ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ସାମଗ୍ରୀ ଯୋଗାଇବା ସହିତ ସୁଲଭ ମୂଲ୍ୟରେ ସେବା ପ୍ରଦାନ କରିବାକୁ ଆମେ ସର୍ବଦା ପ୍ରୟାସ କରିଆସିଛୁ।


## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦିୱାଲି ଧମାକା
ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797


### ପାଠକଙ୍କ ପାଇଁ ସୂଚନା:

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ମିଶ୍ର
ଚକେଇଶିଆଣି, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୫୩
ତିରୋଧାନ: ୦୪।୧୧।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା ।
—:ଶୋକସନ୍ତପ୍ତ:—
ବନ୍ଧୁ ଓ ପରିବାରବର୍ଗ ।
ଧ-୧୭୮୩


# ମଣପୁରମର ଦ୍ୱିତୀୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୩।୧୧

ଦେଶର ପ୍ରମୁଖ ଘରୋଇ ଅର୍ଥଲଗାଣକାରୀ କମ୍ପାନୀ ମଣପୁରମ ଫାଇନାନ୍ସ ଲିମିଟେଡର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର ଆଗାମୀ କାର୍ଯ୍ୟକଳାପ ଓ କାରବାର ସାଙ୍ଗକୁ ନୂତନ ସୁବିଧା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏପରିକି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ (ଜୁଲାଇ ପହିଲାରୁ ସେପ୍ଟେମ୍ବର ଶେଷ) ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ କାରବାର ଶେଷ ସୁଦ୍ଧା କମ୍ପାନୀ ମୋଟ ୫୬୧ କୋଟି ଟଙ୍କାର ନେଟ ଲାଭ ହାସଲ କରିଥିବାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ କାରବାରଠାରୁ ପ୍ରାୟ ୧୩% (୧୨.୬%) ଅଧିକ କାରବାର କରିଛି। ସେହିଭଳି ଗତ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ କମ୍ପାନୀ ମୋଟ ୪୧୦ କୋଟିର ନେଟ ଲାଭ କରିଥିଲା। ଏ ସମ୍ପର୍କରେ ମଣପୁରମ ଫାଇନାନ୍ସ ଲିମିଟେଡର ଏମଡି ତଥା ସିଇଓ ଭି.ପି. ନନ୍ଦକୁମାର କହିଥିଲେ, ଆମେ କ୍ରମାଗତ ଭାବେ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛୁ। ଏପରିକି ୨ୟ ତ୍ରୈମାସରେ କମ୍ପାନୀ ଉତ୍ସାହଜନକ କାରବାର ସହିତ ଲାଭବାନ ମଧ୍ୟ ହୋଇଛି।

# ଶ୍ରେଷ୍ଠତା ପ୍ରଦର୍ଶନକୁ ଗୁରୁତ୍ୱ




ଭୁବନେଶ୍ୱର,୧୩।୧୧

ଓଡ଼ିଶା ଖଣି ନିଗମ (ଓଡ଼ିଶା ମାଇନିଂ କର୍ପୋରେଶନ ବା ଓଏମ୍ସି) ର ନୂତନ ପଦକ୍ଷେପ ‘ୟୁରୋପୀୟ ଫାଉଣ୍ଡେଶନ ଫର୍ କ୍ୱାଲିଟି ମ୍ୟାନେଜମେଣ୍ଟ (ଇଏଫକ୍ୟୁଏମ୍) କାର୍ଯ୍ୟାନ୍ୱୟ’କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଏମସି ଅଧକ୍ଷ ତଥା ଇସ୍ପାତ ଏବଂ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏମ୍ସିର ଏମଡି ବଳୱନ୍ତ ସିଂହ, ନିର୍ଦ୍ଦେଶକ (ଅର୍ଥ) ସତ୍ୟଜିତ ମହାନ୍ତି, ନିର୍ଦ୍ଦେଶକ (ପରିଚାଳନା) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ପ୍ରୋଜେକ୍ଟ ଓ ପ୍ଲାନିଂ) କ୍ଷୀରୋଦ ଚନ୍ଦ୍ର ବ୍ରହ୍ମାଙ୍କ ସମେତ କାର୍ଯ୍ୟକାରୀ ସହଯୋଗୀ ସଙ୍ଗଠନ ଅଧିକାରୀ ନୀଳାଦ୍ରି ଭଟ୍ଟାଚାର୍ଯ୍ୟ ଏବଂ ନିତେଶ ଜୈନ ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ କରି ନିଗମର ବିକାଶମୂଳକ ତଥା ଯୁଗାନ୍ତକାରୀ ଯାତ୍ରାକୁ ଆହୁରି ସୁଦୃଢ କରିବା ସହିତ ଓଏମସିକୁ ବିଶ୍ୱସ୍ତରରେ ପରିଚିତ କରାଇବା ସହ ବିଶ୍ୱର ପ୍ରସିଦ୍ଧ କମ୍ପାନୀମାନଙ୍କ ମଧ୍ୟରେ ସ୍ଥାନ ଦେବା ଏବଂ ବ୍ୟବସାୟ ଓ ପରିଚାଳନା ଲକ୍ଷ୍ୟ ହାସଲ କରିବା ପାଇଁ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ଇଏଫକ୍ୟୁଏମ୍ ଫ୍ରେମୱାର୍କ ଲାଗୁ କରିଛି। ଏ ସମ୍ପର୍କରେ ଓଏମସିର ଅଧକ୍ଷ କହିଛନ୍ତି, ପ୍ରତିଷ୍ଠା ପରଠାରୁ ଓଏମସି ଅନେକ ସଫଳତା ହାସଲ କରିଛି। ଓଏମସିକୁ ଏକ ବିଶ୍ୱସ୍ତରୀୟ କମ୍ପାନୀ ହେବା ପାଇଁ ଏକ ବିଶ୍ୱସ୍ତରୀୟ ବ୍ୟବସାୟିକ ଉତ୍କର୍ଷ ଢାଞ୍ଚାକୁ ପଥ ପ୍ରଦର୍ଶକ ନୀତି ଭାବେ ଗ୍ରହଣ କରିଥିବାରୁ ସେ ଅଭିନନ୍ଦନ ଜଣାଇଥିଲେ। ସେହିଭଳି ଓଏମସିର ଏମଡି ବଳବନ୍ତ ସିଂହ କହିଥିଲେ, ଗତବର୍ଷ ୩୦ନିୟୁତ ଟନ୍ କଞ୍ଚାମାଲ ଉତ୍ପାଦନ ସହିତ ଓଏମସିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୫,୦୦୦ କର୍ମଚାରୀ କାର୍ଯ୍ୟରତ ଏବଂ ସରକାରଙ୍କ ୫-ଟି ପଦକ୍ଷେପ ଦ୍ୱାରା ଏହା ଅନୁପ୍ରାଣିତ ହୋଇଛି। ଓଡ଼ିଶା ଏକ ରୂପାନ୍ତରଣ ଯାତ୍ରା ଦେଇ ଗତି କରୁଛି, ଏହି ପରିବର୍ତ୍ତନ ପାଇଁ ଓଏମସି ଏକ ବିଶ୍ୱସ୍ତରୀୟ ବ୍ୟବସାୟିକ ଉତ୍କର୍ଷ ଢାଞ୍ଚା ଗ୍ରହଣ କରିବାକୁ ଚାହୁଁଥିଲା, ଯାହା ପାଇଁ ଆଜି ଏକ ମାଇଲଖୁଣ୍ଟ ହୋଇଛି,କାରଣ ଆମେ ଓଏମସିରେ ଇଏଫଜେଡଏମ କାର୍ଯ୍ୟାନ୍ୱୟନକୁ ଗ୍ରହଣ କରିବାକୁ ଆରମ୍ଭ କରିଛୁ। ଅପରପକ୍ଷରେ ନିର୍ଦ୍ଦେଶକ (ଏଚଆର) ଆଲୋକ କୁମାର ପାଲ ସ୍ୱାଗତ ଅଭିଭାଷଣ ସହିତ ଓଏମସିର ନୂତନ ପଦକ୍ଷେପ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇଏଫଜେଡଏମର ସିଇଓ ରସେଲ ଏବଂ ଡେପୁଟି ସିଇଓ ଜିଆନଲୁକା ମୁଲେ ଭିସି ଜରିଆରେ ଯୋଗ ଦେଇଥିଲେ।

# ଏଚ୍ଆଇପିପିର ନୂତନ ଅଭିଯାନ

ଭୁବନେଶ୍ୱର,୧୩।୧୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ‘ହୋଣ୍ଡା ଇଣ୍ଡିଆ ପାୱାର୍ ପ୍ରଡକ୍ଟସ’(ଏଚ୍ଆଇପିପି) ଲିମିଟେଡର ନୂତନ ଅଭିଯାନ ‘ହୋଣ୍ଡା ଫେଷ୍ଟିଭାଲ ଧମାକା’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ରାଣ୍ଡର ୱାଟର ପମ୍ପ, ଟିଲର୍ସ, ବ୍ରଶ କଟର, ଇଞ୍ଜିନ ଆଦି ଉପରେ ଆକର୍ଷଣୀୟ ଅଫର ସହିତ ଏଚ୍ଆଇପିପର ପ୍ରମାଣିତ ଲାଇନଅପ୍ କୃଷିଜାତ ଦ୍ରବ୍ୟ ଉପରେ ଆକର୍ଷଣୀୟ ରିହାତି ଭାବେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସେହିଭଳି କମ୍ପାନୀ ଗ୍ରାହକ ପ୍ରଥମ ବ୍ରାଣ୍ଡ ହେବାର ଆଭିମୁଖ୍ୟକୁ ସୁଦୃଢ଼ କରିଛି ଏବଂ ପାର୍ବଣ ଋତୁରେ ଉତ୍ସାହ ବଢ଼ାଇବା ପାଇଁ ବ୍ରାଣ୍ଡର ବ୍ୟାପକ କୃଷିଜାତ ଦ୍ରବ୍ୟ ପାଇଁ ଅପୂର୍ବ ସୁବିଧା ଏବଂ ପୁରସ୍କାର ଅଫର ଆଣିଛି। ଏପରିକି ଏହି ସ୍ୱତନ୍ତ୍ର ରିଟେଲ ପଦକ୍ଷେପ ସହିତ ଗ୍ରାହକମାନେ ବ୍ୟାପକ କୃଷି ଏବଂ ନିର୍ମାଣ ପୋର୍ଟଫୋଲିଓରୁ ଚୟନ ଉତ୍ପାଦ ସହିତ ମାଗଣା ଉପହାର ଜିତିବାର ସୁଯୋଗ ମଧ୍ୟ ପାଇବେ। ଅପରପକ୍ଷରେ ପାର୍ବଣ ଋତୁକୁ ଆହୁରି ରୋମାଞ୍ଚକର କରିବା ପାଇଁ କମ୍ପାନୀ ସ୍କ୍ରାଚ କାର୍ଡ ପ୍ରଦାନ କରୁଛି, ଯାହା ଗ୍ରାହକଙ୍କୁ ଅନ୍ୟ ଧମାକା ଉପହାର ଜିତିବାର ସୁଯୋଗ ପ୍ରଦାନ କରିବ। ଯାହା ଏକ ଆଣ୍ଡ୍ରଏଡ ସ୍ମାର୍ଟଫୋନ,ଏଲଇଡି ଟିଭି, ସ୍ମାର୍ଟୱାଚ ଆଦି ହୋଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ୨୦୨୩ ନଭେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ଉକ୍ତ ଅଭିଯାନ ପାନ୍ ଇଣ୍ଡିଆରେ ସକ୍ରିୟ ରହିବ ଏବଂ ଦେଶର କୃଷି ଏବଂ ନିର୍ମାଣ ସମ୍ପ୍ରଦାୟ ତଥା ଅନ୍ୟାନ୍ୟ ଆବେଦନକାରୀଙ୍କୁ ସାହାଯ୍ୟ କରିବ।


## Classified Everyday 0674-2580101, 2549949


REAL ESTATE

SALE

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75265

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357. D-75264

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି - 9937417899. D-75256

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60’ road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/- ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894. D-75260

North & West facing 2, 700 sqft (60’x45’) Freehold corner GA plot in Saheed Nagar, Bhubaneswar- 9937041033. D-74598

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100 ft ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656




Newly healthcare benefited SPA experience therapist in Bhubaneswar. Contact: 9938843929. D-75167

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75057

Relax, Refresh your body, Mind at Saikrupa Spa with best therapies. 8984068077. D-1696

AFFIDAVIT

By virtue of an affidavit before Executive Magistrate, Bhubaneswar, I have changed my name ‘Swarupa Ranjan Mohanty’ to ‘Swarup Mohanty’ and declare that ‘Swarupa Ranjan Mohanty’ & ‘Swarup Mohanty’ is one & same person. D-1778

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଅଧ୍ୟାପକଙ୍କ ପିଏଚ୍. ଡି. ଲାଭ



ହରିଶ୍ଚନ୍ଦ୍ର ଦେବ ଧନ୍ଦାମୂଳକ ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟ, ପଣସପଦା, ପୁରୀରେ ବରିଷ୍ଠ ଅଧ୍ୟାପକ ଭାବେ କାର୍ଯ୍ୟରତ ଡକ୍ଟର ଗୋଲକ ବିହାରୀ ପଲାଇ କିଟ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶାରୁ ଇଂରାଜୀ ସାହିତ୍ୟରେ ପିଏଚ୍.ଡି. ଲାଭ କରିଛନ୍ତି। ସେ କିଟ୍ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରଫେସର ଡକ୍ଟର ଦୀପାଞ୍ଜଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଡକ୍ଟର ପଲାଇଙ୍କର ସନ୍ଦର୍ଭ “Cultural Heritage of Sri Jagannath: A Study with Reference to Mysticism and Spiritualism” ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବାଜୀ ସରଗର୍‌ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ପଲାଇ ପୁରୀ ଜିଲ୍ଲା କଣାସ ବ୍ଲକ ଆଳିବାଡ ଗ୍ରାମର ଶ୍ରୀମତୀ ସୁବାସିନୀ ପଲାଇ ଓ ଶ୍ରୀ ଜଗନ୍ନାଥ ପଲାଇଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ନିଜ ପିତାମାତା ଏବଂ ଶିକ୍ଷକ ଶ୍ରୀ ତ୍ରିଲୋଚନ ପ୍ରଧାନ, ଶ୍ରୀ ସୁକାନ୍ତ କୁମାର ଦଳାଇ, ପ୍ରଫେସର ଅଚ୍ୟୁତ ସାମନ୍ତ, ପ୍ରଫେସର ସସ୍ମିତାରାଣୀ ସାମନ୍ତ, ପ୍ରଫେସର ଏସ୍. ନନ୍ଦ, ପ୍ରଫେସର ଏସ୍. ସି. ସ୍ୱାଇଁ, ପ୍ରଫେସର ଆର୍. ଏନ୍. ସୁବୁଦ୍ଧି, ପ୍ରଫେସର ସୁଶାନ୍ତ ତ୍ରିପାଠୀ, ଡଃ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।
ଧ-୬୧୦୧୬



### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜନ୍ମଦିନ ଶୁଭେଚ୍ଛା



ଅନୁଭା ସାହୁ
ସାହାପୁର,ଗେଡ଼ମା, କେନ୍ଦୁଝର
ଆଜି ତୋର ଦଶମ ଜନ୍ମଦିନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ସେ ତୁମକୁ ସୁସ୍ଥ ଓ ଯଶସ୍ୱୀ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମା, ଜେଜେ ବାପା, ଜେଜେ ମା, ଅକା, ଆଇ ମାମୁ, ମାଇଁ, ଉଜ୍ଜ୍ୱଳ, ହର୍ଷିତା, ଅଭି, ହାପି, ବାପି, ଦେବସ୍ମିତା, ରୁଦ୍ର, ଅନନ୍ୟା, ଖୁସି, ତରଣୀସେନ ଓ ସମସ୍ତ ପରିବାରବର୍ଗ ।
ଧ-୧୭୭୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ମୃତ

ଚମ୍ପୁଆ, ୧୩।୧୧ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାଳିକାପ୍ରସାଦ ନିକଟ ଗାଡ଼ାସାହିଠାରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାରଦ ମୁଣ୍ଡା(୫୫)। ସୂଚନା ଅନୁଯାୟୀ, ନାରଦ ସୋମବାର ନିଜ ଧାନ ବିଲରୁ ଗାଡ଼ାସାହିକୁ ଫେରୁଥିଲେ। ବାଟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ବନ ବିଭାଗ ଅଧିକାରୀ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାପାଙ୍କ ଠେଙ୍ଗା ମାଡ଼ରେ ପୁଅ ମୃତ

କେନ୍ଦୁଝର, ୧୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଦୀପାବଳି ଦିନ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କେନ୍ଦୁଝର ସହର ଏଲ୍‌ଆଇସି କଲୋନି ନିକଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ବାପାଙ୍କ ଠେଙ୍ଗା ମାଡ଼ରେ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାନସ ନାଏକ(୧୮)। ପୋଲିସ ଅଭିଯୁକ୍ତ ବାପା ମହାବୀର ନାଏକ(୪୫)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ରବିବାର ମହାବୀର ଯାତ୍ରା ବୁଲିବାକୁ ଯିବାକୁ ମାନସଙ୍କୁ ଟଙ୍କା ମାଗିଥିଲେ। ମାନସ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମହାବୀର ଉତ୍କ୍ଷିପ୍ତ ହୋଇ ଏକ ବାଉଁଶ ଠେଙ୍ଗାରେ ପୁଅଙ୍କୁ ମାଡ଼ ମାରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ମାନସଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବ୍ରହ୍ମପୁରରେ ଜାଲନୋଟ କାରବାର, ୨ ଅଟକ

ବ୍ରହ୍ମପୁର, ୧୩।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରେ ଜାଲନୋଟ କାରବାର ହୋଇଥିବା ଜଣାପଡ଼ିଛି। ବୈଦ୍ୟନାଥପୁର ପୋଲିସ ହାତରେ ଏକ ବଡ଼ ଧରଣର ର୍‍ୟାକେଟ୍ ଧରାପଡିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ପୋଲିସ ସମ୍ପୂର୍ଣ୍ଣ ଜାଲନୋଟ ର୍‍ୟାକେଟ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଅଟକ ୨ଜଣଙ୍କୁ ପଚରାଉଚରା ଜାରି ରହିଛି। ସୂଚନା ଅନୁଯାୟୀ, କବିସୂର୍ଯ୍ୟନଗର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ କେତେଜଣ ଅପହରଣ କରି ନେଇଥିଲେ। ସଂପୃକ୍ତ ବ୍ୟକ୍ତି ଜଣକ କିଛି ଲୋକଙ୍କ ଠାରୁ ୩୦ଲକ୍ଷ ଟଙ୍କା ନେଇଥିଲେ ଏବଂ ତା'ବଦଳରେ ୩ଗୁଣ ଜାଲ୍ ନୋଟ୍ ଦେବାକୁ ଡିଲ୍ ହୋଇଥିଲା। ତେବେ ବ୍ୟକ୍ତି ଜଣଙ୍କ ଟଙ୍କା ଫେରାଇ ନ ଥିଲେ କି ଜାଲ୍ ନୋଟ୍ ମଧ୍ୟ ଦେଇନଥିଲେ। ଯାହାଫଳରେ ଟଙ୍କା ଦେଇଥିବା କିଛି ବ୍ୟକ୍ତି ତାଙ୍କୁ ଅପହରଣ କରି ନେଇଥିଲେ। ଘଟଣାକୁ ନେଇ କବିସୂର୍ଯ୍ୟନଗର ଥାନାରେ ଏତଲା ହୋଇଥିଲା। ପୋଲିସ ଅପହୃତଙ୍କୁ ଉଦ୍ଧାର କରିବା ସହ ଅପହରଣ କରିଥିବା ବ୍ୟକ୍ତିଙ୍କୁ ଧରିଥିଲା। ଏ ସବୁର ତଦନ୍ତ ପରେ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଜାଲ୍ ନୋଟ ଡିଲ୍ ହୋଇଥିବା ଜଣାପଡିଥିଲା। ତଦନ୍ତରେ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ଅଭିଯୁକ୍ତଙ୍କ ପରିଚୟ ଗୋପନୀୟ ରଖାଯାଇଛି ବୋଲି ପୋଲିସ କହିଛି।

# ଦୀପାବଳୀ ପାଳିଲେ, ବଡ଼ବଡୁଆ ଡାକିଲେ

ପୁରୀ, ୧୩।୧୧ (ଅଜିତ୍ ମହାନ୍ତି)



ଶ୍ରୀମନ୍ଦିର ସମ୍ମୁଖରେ ରବିବାର ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ବଡୁଆ ଡାକୁଛନ୍ତି।

ଦୀପାବଳି ଅମାବାସ୍ୟା ଅବସରରେ ରବିବାର ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଓ ବାଣ ଫୁଟାଇ ଦୀପାବଳି ପାଳନ କରିବା ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିଛନ୍ତି। ଏଥିପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ତେବେ ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖ ଏବଂ ଆଖପାଖ ସ୍ଥାନରେ କାଉଁରିଆ କାଠି ଜାଳିବା ଉପରେ କଟକଣା ଜାରି କରାଯାଇଥିଲା। ଏଥିଲାଗି ଶ୍ରଦ୍ଧାଳୁଙ୍କ ନିମନ୍ତେ ମଙ୍ଗୁ ମଠ ନିକଟରେ ସ୍ଥାନ ନିରୂପଣ କରାଯାଇଥିଲା। ସେହି ସ୍ଥାନରେ ଶ୍ରଦ୍ଧାଳୁମାନେ କାଉଁରିଆ ଜାଳି ବଡବଡୁଆ ଡାକିଥିଲେ।

ପୌରାଣିକ ମତବାଦ ଅନୁଯାୟୀ, ପିତୃପକ୍ଷ ଓ ମହାଳୟାରେ ଯେଉଁମାନେ ନିଜ ପିତୃପୁରୁଷଙ୍କୁ କୌଣସି କାରଣରୁ ପିଣ୍ଡ ଦେଇପାରି ନ ଥାନ୍ତି, ସେମାନେ ଦୀପାବଳି ଅମାବାସ୍ୟା ତିଥିରେ ପିତୃପୁରୁଷଙ୍କୁ ପିଣ୍ଡ ଦାନ କରିବାର ପରମ୍ପରା ରହିଛି। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ବଡ଼ ବଡୁଆ ଡାକିବା ସହ ପୟା ଶ୍ରାଦ୍ଧ ଦେଇଥାନ୍ତି। ରବିବାର ଦୀପାବଳିରେ ଶ୍ରଦ୍ଧାଳୁମାନେ କାଉଁରିଆ କାଠି ଜାଳିବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଅପରପକ୍ଷରେ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ ସମୁଦ୍ରକୂଳରେ ଅଘଟଣ ଏଡ଼ାଇବା ଲାଗି ଲାଇଫଗାର୍ଡ ନିୟୋଜିତ ରହିଥିଲେ। ସେହିପରି ଅଗ୍ନିକାଣ୍ଡ ମୁକାବିଲା ନିମନ୍ତେ ଅଗ୍ନିଶମ ବାହିନୀ ସଜାଗ ରହିଥିଲେ। ଶ୍ରୀମନ୍ଦିର ଚାରିପାଖକୁ ନୋ ଭେଇକିଲ୍ ଜୋନ୍ ଘୋଷଣା କରାଯାଇଥିଲା। ମରିଚିକୋଟ ଛକଠାରୁ କୌଣସି ଯାନବାହାନକୁ ଶ୍ରୀମନ୍ଦିର ଆଡ଼କୁ ଛଡ଼ାଯାଇ ନ ଥିଲା। ପୁରୀ ସହରର ଅନେକ ଲୋକ ସେମାନଙ୍କ ସାହିରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ କାଉଁରିଆ ଜାଳି ବଡ଼ବଡିଆ ଡାକିଥିଲେ। ସନ୍ଧ୍ୟା ହେବା ମାତ୍ରେ ବିଭିନ୍ନ ବାଣ ଶବ୍ଦରେ ସହର କମ୍ପି ଉଠିଥିଲା। ଲୋକେ ବିଭିନ୍ନ ଆଲୋକ ମାଳାରେ ଘରଗୁଡ଼ିକୁ ସଜାଇଥିଲେ। ପ୍ରଶାସନ ପକ୍ଷରୁ ରାତି ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ବାଣ ଫୁଟାଇଥିଲେ।

### ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଲେ ବିଦେଶୀ

ରବିବାର ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡଠାରେ ହିନ୍ଦୁ ରୀତିନୀତି ଅନୁଯାୟୀ ଜଣେ ବିଦେଶୀ କାଉଁରିଆ ଜାଳି ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଉଥିବା ଦେଖିବାକୁ ମିଳିଥିଲା। ଏପରିକି ପୂଜାର୍ଚ୍ଚନା ସମୟରେ ବ୍ରାହ୍ମଣ ବୋଲୁଥିବା ମନ୍ତ୍ରକୁ ସେ ଉଚ୍ଚାରଣ କରିଥିଲେ। ଏହି ସମୟରେ ସେଠାରେ ଥିବା ଶ୍ରଦ୍ଧାଳୁମାନେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

### ମଦ ପିଇବାକୁ ଟଙ୍କା ନ ଦେବାରୁ ଦାଦାଙ୍କୁ ହତ୍ୟା

ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)

ମଦ ପିଇବାକୁ ଟଙ୍କା ନ ଦେବାରୁ କାଠଫାଳିଆରେ ପିଟି ଜଣେ ଯୁବକ ତାଙ୍କ ଦାଦାଙ୍କୁ ହତ୍ୟା କରିଛନ୍ତି। ଜୟପୁର ସଦର ଥାନା ଅନ୍ତର୍ଗତ ଡୁଙ୍ଗୁରିଗୁଡା ଗ୍ରାମରେ ଘଟିଥିବା ଏହି ହତ୍ୟାକାଣ୍ଡ ସାଧାରଣରେ ଆଲୋଡ଼ନ ଖେଳାଇ ଦେଇଛି। ଅଭିଯୁକ୍ତ ପୁତୁରାଙ୍କୁ ପୋଲିସ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି। ଖବରରୁ ଜଣାପଡିଛି, ଡୁଙ୍ଗୁରିଗୁଡା ଗ୍ରାମର ମଧୁ ନାୟକ (୨୫) ମିସ୍ତ୍ରି ରୂପେ କାର୍ଯ୍ୟ କରୁଥିବା ତାଙ୍କ ଦାଦା ରାମଚନ୍ଦ୍ର ନାୟକ ପେପର ମିଲ ଛକ ଆଡୁ ଚାଲି ଚାଲି ଆସୁଥିବା ବେଳେ ତାଙ୍କୁ ମଦ ପିଇବା ପାଇଁ ଶହେ ଟଙ୍କା ମାଗିଥିଲେ। ସେ ମନା କରିବାରୁ ମଧୁ ଏକ କାଠଫାଳିଆରେ ରାମଚନ୍ଦ୍ରଙ୍କ ମୁଣ୍ଡକୁ ଖୁବ୍ ଜୋରରେ ପିଟି ଦେଇଥିଲେ। ଏଥିରେ ରାମଚନ୍ଦ୍ର ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ରାମଚନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ରାମଚନ୍ଦ୍ରଙ୍କ ବାପା ଚୈତନ୍ୟ ସଦର ଥାନାରେ ଅଭିଯୋଗ କରିବାରୁ ପୋଲିସ ହତ୍ୟା ମାମଲା ରୁଜୁ କରି ମଧୁଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କାଠଫାଳିଆ ଜବତ କରିଛି।

## କଟକରୁ ଅପହୃତ ଯୁବକ ଢେଙ୍କାନାଳରୁ ଉଦ୍ଧାର

ଢେଙ୍କାନାଳ, ୧୩।୧୧ (ରତନ ନାୟାର)



ଗୁରୁତର ଡୋଳେଶ୍ୱର।





ଜବତ ହୋଇଥିବା କାର୍।

କଟକରେ ସାମାନ୍ୟ ଦୁର୍ଘଟଣା ପରେ ଜଣେ ବାଇକ୍ ଆରୋହୀ ଯୁବକଙ୍କୁ କାର୍‌ରେ ଅପହରଣ କରିନେଇଥିବା ୨ ଯୁବକଙ୍କୁ ଶନିବାର ରାତିରେ ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ପୋଲିସ ଧରିବା ସହ ଅପହୃତ ଯୁବକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ଅଭିଯୁକ୍ତ ୨ ଯୁବକ ଢେଙ୍କାନାଳ ସଦର ଥାନା ମଙ୍ଗଳପୁର ଗ୍ରାମର ଶକ୍ତିପ୍ରସାଦ ପରିଡ଼ା ଓ ସାରିଓ ଗ୍ରାମର ନରେଶ ନାଏକଙ୍କୁ ଭାପୁର ଫାଣ୍ଡି ପୋଲିସ କଟକ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଛି। ଘଟଣାରେ ବ୍ୟବହୃତ କାର୍ (ନଂ. ଓଡି୦୨-ସିଏମ୍-୯୮୯୯)କୁ କଟକ ସଦର ଥାନା ପୋଲିସ ଜବତ କରିଛି।

ଘଟଣାରୁ ଜଣାପଡିଛି, ଅନୁଗୋଳ ଜିଲା ପାଲଲହଡ଼ା ଥାନା ଖାରବେଡ଼ା ଗ୍ରାମର ଡୋଳେଶ୍ୱର ନାୟକ(୨୭) କଟକ ସିଡିଏ ସେକ୍ଟର-୮ରେ ରହି ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ କାମ କରୁଛନ୍ତି। ଶନିବାର ସେ କାମସାରି ନିଜ ମୋଟର ସାଇକେଲରେ ରାତି ପ୍ରାୟ ୧୨ଟା ବେଳେ ଘରକୁ ଫେରୁଥିବା ବେଳେ କଟକ ସଦର ଥାନା ଅଧୀନ ବାଲିକୁଦା-ତ୍ରିଶୁଳିଆ ରାସ୍ତାର ବେଲଭ୍ୟୁ ଛକଠାରେ ଏକ କାର୍‌ରେ ମୋଟର ସାଇକେଲ ପିଟି ଦେଇଥିଲେ। ଦୁର୍ଘଟଣା ପରେ କାର୍‌ରେ ଥିବା ଢେଙ୍କାନାଳ ସଦର ଥାନା ଅଞ୍ଚଳର ଶକ୍ତିପ୍ରସାଦ ଓ ନରେଶ ଉତ୍କ୍ଷିପ୍ତ ହୋଇ ଡୋଳେଶ୍ୱରଙ୍କୁ ମାଡ଼ମାରିବା ସହ ୩ଟି ଫୋନ୍ ମଧ୍ୟରୁ ୨ଟି ଫୋନ୍ ଓ ୧୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏହାପରେ ତାଙ୍କୁ କାର୍‌ରେ ଢେଙ୍କାନାଳ ଅଭିମୁଖେ ନେଇଯାଇଥିଲେ। ତାଙ୍କ ବାଇକ୍‌କୁ ମଧ୍ୟ ନେଇଯାଇଥିଲେ। ସୁଯୋଗ ଦେଖି ଡୋଳେଶ୍ୱର ତାଙ୍କ ନିକଟରେ ଥିବା ଆଉ ଏକ ଫୋନରୁ ସାଙ୍ଗ ଶେଖର ପ୍ରସାଦଙ୍କୁ ହ୍ୱାଟ୍‌ସ୍‌ଆପ୍ ମାଧ୍ୟମରେ ଲାଇଭ୍ ଲୋକେଶନ ପଠାଇବା ସହ ଢେଙ୍କାନାଳ ଆଡକୁ ତାଙ୍କୁ ଅପହରଣ କରି ନିଆଯାଉଥିବା ଜଣାଇଥିଲେ। ଡୋଳେଶ୍ୱରଙ୍କ ସାଙ୍ଗ ଶେଖର ପ୍ରସାଦ ତୁରନ୍ତ କଟକ ସଦର ଥାନାକୁ ଅବଗତ କରିଥିଲେ। ଏହାପରେ କଟକ ସଦର ଥାନା ପୋଲିସ ଢେଙ୍କାନାଳ ପୋଲିସକୁ ଖବର ଦେଇଥିଲେ। ତୁରନ୍ତ ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ଢେଙ୍କାନାଳ ସଦର ଥାନା ନର୍ମିରୋ ନିକଟରେ ଉକ୍ତ କାର୍‌କୁ ଜବତ କରିବା ସହ ଅପହୃତ ଡୋଳେଶ୍ୱରଙ୍କୁ ଉଦ୍ଧାର କରିଥିଲେ। କାର୍‌ରେ ଥିବା ୨ ଅଭିଯୁକ୍ତଙ୍କୁ ଧରିଥିଲେ। ଖବରପାଇ କଟକ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ଡୋଳେଶ୍ୱର କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଟ୍ରାକ୍ଟରରେ ପିଟିହୋଇ ବାଇକ୍ ଆରୋହୀ ମୃତ

**ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର**

କୋଷାଗୁମୁଡ଼ା, ୧୩।୧୧ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଅଧୀନ କୋଷାଗୁମୁଡା-କୋଡ଼ିଙ୍ଗା ମୁଖ୍ୟରାସ୍ତା ନୂଆବନ୍ଧ ନିକଟରେ ଟ୍ରାକ୍ଟର ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବିଏମ୍ ସେମଳା ପଞ୍ଚାୟତ ଦୂରାଗାଁ ଗ୍ରାମର ବାଇକ ଆରୋହୀ ଚନ୍ଦ୍ର ମାଝି(୨୫)।

ମିଳିଥିବା ସୂଚନାନୁଯାୟୀ ଦୂରାଗାଁ ଗ୍ରାମର ଚନ୍ଦ୍ର ମାଝି ଓ ଚନ୍ଦ୍ରସେନା ମାଝି ବାଇକ୍ (ଓଡି-୧୦ପି-୭୩୮୫) ଯୋଗେ ରବିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ କୋଷାଗୁମୁଡ଼ା-କୋଡ଼ିଙ୍ଗା ମୁଖ୍ୟ ରାସ୍ତାଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି-୨୪ସି-୪୦୭୮) ନୂଆବନ୍ଧ ରାସ୍ତା ନିକଟରେ ଛିଡ଼ାହୋଇଥିଲା। ଅନ୍ଧାର ରାସ୍ତାରେ ବାଇକଟି ଆସି ଟ୍ରାକ୍ଟରକୁ ପଛପଟୁ ଧକ୍କାଦେଇଥିଲା। ଘଟଣାସ୍ଥଳରେ ଚନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ଚନ୍ଦ୍ରସେନାଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହାପରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କୋଷାଗୁମୁଡ଼ା ପୋଲିସ ୧୬୮/୨୩ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୋଷାଗୁମୁଡ଼ା ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କୋଷାଗୁମୁଡ଼ା ଥାନା ଏଏସ୍‌ଆଇ ରାମଚନ୍ଦ୍ର କୋଣ୍ଡାଗିରି ସୂଚନା ଦେଇଛନ୍ତି।

### ନବଜାତ ଶିଶୁକନ୍ୟାଙ୍କୁ ଝୁଣି ମାରିଦେଲା କୁକୁର

ଅନୁଗୋଳ, ୧୩।୧୧ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ସଦର ଥାନା ଶରଧାପୁର ଗାଁ ରାସ୍ତାର ଏକ ପରିତ୍ୟକ୍ତ ସ୍ଥାନରେ ରବିବାର କେହି ଫୋପାଡ଼ି ଦେଇଥିବା ଏକ ନବଜାତ ଶିଶୁକନ୍ୟାଙ୍କୁ କୁକୁର ଝୁଣି ମାରିଦେଇଛି। ସ୍ଥାନୀୟ ଲୋକେ ଓ ଜଣେ ସାମାଜିକକର୍ମୀ କୁକୁର ମୁହଁରୁ ଶିଶୁକନ୍ୟାଟିକୁ ଉଦ୍ଧାର କରିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲା। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ସାଢେ ୩ଟାରେ ଶରଧାପୁର ରାସ୍ତାରେ ଏକ ନବଜାତ ଶିଶୁକନ୍ୟାଙ୍କୁ ବୁଲା କୁକୁର ଝୁଣି ଖାଉଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସେମାନେ ପିଛା କରିବାରୁ ଶିଶୁକନ୍ୟାଙ୍କୁ ଛାଡ଼ି କୁକୁର ପଳାଇ ଯାଇଥିଲା। ସେତେବେଳକୁ ଶିଶୁକନ୍ୟାର ମୃତ୍ୟୁ ହୋଇ ସାରିଥିଲା। ତୁରନ୍ତ ୧୦୮ ଆମ୍ବୁଲାନ୍ସ ଓ ପୋଲିସକୁ ଖବର ଦିଆଯାଇଥିଲା। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଲୋକେ ଜଣେ ସାମାଜିକ କର୍ମୀଙ୍କୁ ଖବର ଦେଇଥିଲେ। ସାମାଜିକ କର୍ମୀ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

### ୨ ସୁପାରିକିଲର ଗିରଫ

**ହତ୍ୟା ଅଭିଯୁକ୍ତଙ୍କୁ ହତ୍ୟା ଘଟଣା**

କାମାକ୍ଷାନଗର, ୧୩।୧୧ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ବାରୁଆ (କା) ସମିତି ସଭ୍ୟ ଦୀପକ ମାହନ୍ତଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଥିବା କନ୍ତିଓପୁଟସାହି ଗ୍ରାମର ନିର ଓରଫ ନିରାକାର ସାହୁଙ୍କ ହତ୍ୟା ଘଟଣାରେ ପୋଲିସକୁ ସଫଳତା ମିଳିଛି। ପୋଲିସ ଗତ ଅକ୍ଟୋବର ୨୫ ରାତିରେ ସୁପାରି ଦେଇଥିବା ଦିବ୍ୟଦର୍ଶନ ମାହନ୍ତଙ୍କୁ ଗିରଫ କରିଥିଲା। ଏବେ ରବିବାର ରାତିରେ ପୋଲିସ ୨ ସୁପାରି କିଲରଙ୍କୁ ଧରିଛି। ଗିରଫ ୨ ସୁପାରି କିଲର ହେଲେ ରାକେଶ ନାଥ ଓ ସହଯୋଗୀ ଦେବ ବ୍ରଜ ବୋଲି ସୋମବାର ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ବାପା ଦୀପକଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ରାକେଶ ଓ ସହଯୋଗୀଙ୍କୁ ଦିବ୍ୟଦର୍ଶନ ୬ ଲକ୍ଷ ଟଙ୍କା ସୁପାରି ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

୨୦୨୧ ସେପ୍ଟେମ୍ବର ୨୪ରେ ସମିତି ସଭ୍ୟ ଦୀପକଙ୍କୁ ସହଯୋଗୀଙ୍କ ସହ ମିଶି ନିର ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ତେଣୁ ଦୀପକଙ୍କ ପୁଅ ଦିବ୍ୟଦର୍ଶନ ସହଯୋଗୀଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ତ୍ରୀ ଜାନକୀ ସାହୁ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ବାଣ ଫୁଟାଇ ପାପୁଲି ହରାଇଲେ ୨

**୯ ଆହତ**

ଭଦ୍ରକ/ତିହିଡ଼ି, ୧୩।୧୧ (ସନାତନ ରାଉତ/ସଞ୍ଜିତ ବଳ)

ଦୀପାବଳିରେ ବାଣ ଫୁଟାଇବା ବେଳେ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ବିସ୍ଫୋରଣରେ ୨ଜଣ ପାପୁଲି ହରାଇଥିବା ବେଳେ ୯ଜଣ ଆହତ ହୋଇଛନ୍ତି। ସେହିପରି ପୁରୁଣାବଜାର ଥାନା ଅଧୀନ ଶଙ୍କରପୁର ସାହିରେ ଘର ଉପରେ ରକେଟ୍ ବାଣ ପଡ଼ି ଗୁଲାମ ରବାନୀଙ୍କ ୨ ବଖରା ଘର ଜଳିଯାଇଛି। ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଆରସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତ(୧୬) ଓ ପୀରହାଟ ଥାନା ବାମନବିନ୍ଧା ପଞ୍ଚାୟତ କାନପୁର ଗ୍ରାମର ଗଣେଶ୍ୱର ବେହେରା(୩୬) ବାଣ ଫୁଟାଇବା ବେଳେ ତାଙ୍କ ହାତରେ ବାଣ ଫୁଟି ପାପୁଲି ନଷ୍ଟ ହୋଇଯାଇଛି। ସେହିପରି ଅଟକ ପଞ୍ଚାୟତ ନନ୍ଦପୁର ଗ୍ରାମର ଚକ୍ରଧର ମହାରଣା(୨୨)ଙ୍କ ଆଙ୍ଗୁଳି ଓ ଉତ୍ତରବାହା ଗ୍ରାମର ସତ୍ୟକାନ୍ତ ସାହୁ(୨୨)ଙ୍କ ପାପୁଲି ପୋଡ଼ିଯାଇଛି। ୪ ଆହତଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ଆହତମାନେ ହେଲେ ବନ୍ତ ବ୍ଲକ ସରମରା ଗ୍ରାମର ରଶ୍ମିରଞ୍ଜନ ନାୟକ(୧୨), ଧାମନଗର ବ୍ଲକ ଜାହାଙ୍ଗୀର ଗ୍ରାମର ଅମୂଲ୍ୟ କୁମାର ସେଠୀ, ବାସୁଦେବପୁର ବ୍ଲକ ସୁଗୋର ପୁତୁ ନାୟକ, ଭଦ୍ରକ ବ୍ଲକ ଅଧୀନ କେଦାରପୁର ପଞ୍ଚାୟତ ଜିତାନଗା ଗ୍ରାମର ଅଂଶୁମାନ ସାହୁ, ଚରମ୍ପା ଗୁଣ୍ଡୁଣିଆ ବଜାରର ଶଶିକାନ୍ତ ନାୟକ, ଦୋଳସାହିର ଆଦିତ୍ୟ ନାଥ ଓ ଭଦ୍ରକ ବ୍ଲକ ନଛିପୁରର ଲିପ୍ସା ବିଶ୍ୱାଳ। ସେମାନଙ୍କ ମଧ୍ୟରୁ ଅଂଶୁମାନ ଓ ଆଦିତ୍ୟ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

### ଶୁଦ୍ଧିକ୍ରିୟା ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ

ଦେବଗଡ଼, ୧୩।୧୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଲ ଗ୍ରାମରେ ଏକ ଶୁଦ୍ଧିକ୍ରିୟା ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୧୮ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ୮ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୮ରୁ ଊର୍ଦ୍ଧ୍ୱ କଣ୍ଢେଲସ୍ଥିତ ଏକ ଘରୋଇ ନର୍ସିଂହୋମ୍ ଓ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଅନ୍ୟ କେତେ ଜଣ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଛନ୍ତି। କଣ୍ଢେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ସସ୍ମିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଚିକିତ୍ସକ ଦଳ ଘରକୁ ଘର ବୁଲି ଆକ୍ରାନ୍ତଙ୍କୁ ଚିକିତ୍ସା କରୁଛନ୍ତି। ସୂଚନା ଅନୁଯାୟୀ, ଏକ ସପ୍ତାହ ପୂର୍ବେ କଣ୍ଢେଲ ଲୁହୁରାସାହିର ବିଜୟ ଲୁହୁରାଙ୍କ ମୃତ୍ୟୁ ଘଟିଥିଲା। ରବିବାର ଶୁଦ୍ଧିକ୍ରିୟା ଭୋଜି ଥିବା ବେଳେ ବନ୍ଧୁ ବାନ୍ଧବ ପରିଜନଙ୍କ ସମେତ ଉକ୍ତ ଗ୍ରାମବାସୀ ଯୋଗଦେଇ ଭୋଜି ଖାଇଥିଲେ। ରାତି ପ୍ରାୟ ୧୦ଟାରେ ଗ୍ରାମବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ଅସୁସ୍ଥ ହାଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ କେତେକ ଚିକିତ୍ସା ନିମନ୍ତେ କଣ୍ଢେଲସ୍ଥିତ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅପରାହ୍ନ ୪ଟା ମଧ୍ୟରେ ମୁଖ୍ୟ ଚିକିତ୍ସାଳୟରେ ମୋଟ ୨୮ ଆକ୍ରାନ୍ତଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ (ରାତି ୮.୩୦) ୮ ଜଣ ସୁସ୍ଥ ହୋଇ ନିଜ ନିଜ ଘରକୁ ଫେରିଯାଇଛନ୍ତି। କଣ୍ଢେଲ ଗ୍ରାମର ଟିକେଶ୍ୱର ଲୁହୁରା, ବିଦେଶୀ ଲୁହୁରା, ପାଣ୍ଡୁ ଲୁହୁରା, ରଚିତା ଲୁହୁରା, ରୋଜି ଲୁହୁରା, ସୁବାସ ଚନ୍ଦ୍ର ଲୁହୁରା, ଯଶୋଦା ଲୁହୁରା, ସବିତା ଲୁହୁରା, ଖୁସି ଲୁହୁରା, ମାମିନା ଲୁହୁରା, ଜୁଲି ଲୁହୁରା, ଅଞ୍ଜନା ଲୁହୁରା, ନନ୍ଦିନୀ ଲୁହୁରା, ସାଗରିକା ଲୁହୁରା, ସାଇ ଲୁହୁରା, ଶ୍ରୀଦେବୀ ଲୁହୁରା, ସ୍ୱିଟି ଲୁହୁରା ଓ ବିମଳ ଲୁହୁରା ପ୍ରମୁଖ ଅନ୍ୟ ୧୮ ଜଣ ଏବେ ମଧ୍ୟ ଚିକିତ୍ସାଧିନ ଥିବା ଜଣାପଡିଛି। ପରିସ୍ଥିତି ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଛି ଏବଂ ସମସ୍ତ ଆକ୍ରାନ୍ତ ବିପଦମୁକ୍ତ ଥିବା ସୂଚନା ମିଳିଛି।

## ୱାଗନ ବ୍ଲାଷ୍ଟିଂରେ ଲୋକେ ଥରହର

**ଅନାବାଦି ଜଙ୍ଗଲ ଜମିରୁ କଳାପଥର ଲୁଟ୍**

ଯାଜପୁର, ୧୩।୧୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ କିଛି ଦିନର ନୀରବତା ପରେ ପୁଣି କଳାପଥର ଲୁଟ୍ ଜୋର ଧରିଛି। ଖଣି ଓ ରାଜସ୍ୱ ବିଭାଗ ମିଳିତ ଭାବେ ଏହି ଲୁଟ୍‌କୁ ରୋକିବାକୁ ସରକାର ନିଷ୍ପତ୍ତି ନେଇଥିବାବେଳେ ଓଲଟା ତାହା ବଢ଼ିବାରେ ଲାଗିଛି। ଜରିମାନା ଭୟରେ ଲିଜ୍‌ଧାରୀମାନେ ସରକାରୀ ସ୍ୱୀକୃତି ଅଞ୍ଚଳକୁ ବାଦ୍ ଦେଇ ପାଖ ଖାଦାନଗୁଡ଼ିକରୁ ଏକାଧିକ ମେଶିନ ଲଗାଇ ଦୈନିକ ବହୁ ଲକ୍ଷ ଟଙ୍କାର କଳାପଥର ଲୁଟ୍ କରୁଥିବା ଅଭିଯୋଗ ହେଉଛି। ସେଥିମଧ୍ୟରୁ ଢେଙ୍କାନାଳ ଜିଲା ସୀମାନ୍ତ ବାରମାଣ ଓ ବରଡ଼ା ମୌଜାର ପ୍ରାୟ ୧୦୦ ଏକର ଅନାବାଦି ଜଙ୍ଗଲ ଜମିରୁ ୱାଗନ ବ୍ଲାଷ୍ଟିଂ କରି କଳାପଥର ଉତ୍ତୋଳନ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏଥିରେ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱାମୀ ୧୦ ଜଣଙ୍କୁ ନିୟୋଜିତ କରି ଦୈନିକ ପ୍ରାୟ ୨୦ ଲକ୍ଷ ଟଙ୍କାର କଳାପଥର ଉତ୍ତୋଳନ କରୁଛନ୍ତି। ବିନା ଟ୍ରାନଜିଟ୍ ପାସ୍ (ଟିପି)ରେ ଉତ୍ତୋଳିତ କଳାପଥର ଆଖପାଖ ଅଞ୍ଚଳରେ ଥିବା କ୍ରଶରଗୁଡ଼ିକରେ ଜମା ହୋଇଥିବା ତାହାର ପ୍ରମାଣ ବୋଲି ଅଞ୍ଚଳବାସୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଉଚ୍ଚ କ୍ଷମତା ସମ୍ପନ୍ନ ୱାଗନ ବ୍ଲାଷ୍ଟିଂ ଯୋଗୁ ଖାଦାନଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ଅଞ୍ଚଳବାସୀଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି ବୋଲି ମତପ୍ରକାଶ ପାଇଛି।

ବେଆଇନ କଳାପଥର କାରବାର ଉପରେ ୨୦୨୨-୨୩ ବର୍ଷ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୨୨ ଜଣ ଲିଜ୍‌ଧାରୀଙ୍କଠାରୁ ୩୨୦ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି। ତେବେ କେତେକ ଜରିମାନା ବିରୋଧରେ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ତାହା ଆଦାୟ ହୋଇ ପାରିନାହିଁ। ତହସିଲ ପ୍ରଶାସନ ପକ୍ଷରୁ ଜରିମାନା ଦେଇ ପାରି ନଥିବା ବ୍ୟକ୍ତିମାନଙ୍କୁ ଆଉ କୌଣସି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇ ନାହିଁ। ତେବେ ସେମାନେ ପୂର୍ବ ଅଭ୍ୟାସ ଛାଡ଼ି ପାରି ନ ଥିବାରୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ବେଆଇନ ଭାବେ କଳାପଥର ଲୁଟ୍ ଜାରି ରଖିଛନ୍ତି। ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱାମୀଙ୍କ ନେତୃତ୍ୱରେ ଧର୍ମଶାଳା ତହସିଲ ଅନ୍ତର୍ଗତ ବାରମାଣ ଓ ବରଡ଼ା ମୌଜାରେ



ଆଲୋକ, କୈଳାସ, ମଧୁ, ବାଦଲ, ଶିବୁନା, ଭୀମ, କଳାକାର, ଋଷି, ତପନ, ରମାକାନ୍ତ ପ୍ରମୁଖଙ୍କୁ ନିୟୋଜିତ ହୋଇ ସରକାରଙ୍କ ଅନେକ କୋଟି ଟଙ୍କାର ରାଜସ୍ୱ ହାନି କରୁଥିବା ଅଭିଯୋଗ ହେଉଛି। ଏଥିରେ ଜଙ୍ଗଲ ଓ ପରିବେଶ, ମାଇନିଂ ପ୍ଲାନ, ୱାଗନ ଡ୍ରିଲିଂ ପ୍ରଭୃତି ଅନୁମତି ନ ଥାଇ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ବେଆଇନ ଖନନ ଜାରି ରହିଛି। ୱାଗନ ବ୍ଲାଷ୍ଟିଂ ବନ୍ଦ ନ ହେଲେ ଏଠାରେ ଜୀବନଜୀବିକା ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଛି। ୱାଗନ ବ୍ଲାଷ୍ଟିଂ ଯୋଗୁ ବଡ଼ ବଡ଼ ପୋଖରୀ ସୃଷ୍ଟି ହୋଇଛି। ଏହାସହ ୧୫୦ରୁ ୨୫୦ ଫୁଟ ଗଭୀର ପର୍ଯ୍ୟନ୍ତ ଭୂତଳ ଜଳସ୍ତରରେ ବିଭିନ୍ନ ରାସାୟନିକ ପଦାର୍ଥ ମିଶୁଥିବାରୁ ପାନୀୟ ଜଳ ବିଷାକ୍ତ ହେଉଛି। ଏହାକୁ ବ୍ୟବହାର କରି ଗ୍ରାମବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି। ଜନବସତିଠାରୁ ୫୦୦ ମିଟର ଦୂର ମଧ୍ୟରେ ୱାଗନ ଡ୍ରିଲିଂ ନ କରିବାକୁ ସରକାରୀ ଭାବେ କଟକଣା କରାଯାଇଛି। କିନ୍ତୁ ଏହାକୁ ଭ୍ରୁକ୍ଷେପ ନ କରି ପଥର ବ୍ୟବସାୟୀମାନେ ୱାଗନ ଡ୍ରିଲିଂ କରିଚାଲିଛନ୍ତି। ଫଳରେ ଅଞ୍ଚଳରେ ମୃଦୁ ଭୂମିକମ୍ପ ଭଳି ସ୍ଥିତି ସୃଷ୍ଟି ହେଉଛି। ବାରମାଣ ଓ ବରଡ଼ା ମୌଜା ଅଞ୍ଚଳରେ ପ୍ରାୟ ୧୦ଟି ପଥର ଖାଦାନରେ ନିୟମିତ ଭାବରେ ୱାଗନ ଡ୍ରିଲିଂ କରାଯାଇ ପଥର ଉତ୍ତୋଳନ କରାଯାଉଛି। ୨୦୦ରୁ ୩୦୦ ଫୁଟ ପର୍ଯ୍ୟନ୍ତ ଗାତ କରାଯାଇ ସେଥିରେ ଆମୋନିଆ, ପଟାସ, ଗନ ପାଉଡର ପ୍ରଭୃତି ରାସାୟନିକ ଦ୍ରବ୍ୟ ଭର୍ତ୍ତି କରି ମେଶିନ ସାହାଯ୍ୟରେ ୱାଗନ ଡ୍ରିଲିଂ ହେଉଛି ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ କଳାପଥର ନିୟନ୍ତ୍ରଣ କରିବାକୁ କ୍ଲଷ୍ଟରରେ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ଭଦ୍ରକ କ୍ଲଷ୍ଟର ଅଧୀନରେ ଯାଜପୁର ଜିଲା ଯାଉଛି। ଏଥିରେ ଖଣି ବିଭାଗର ମାଇନିଂ ଅଫିସର ନେତୃତ୍ୱ ନେଉଛନ୍ତି। ତେଣୁ ଏହି ବେଆଇନ କଳାପଥର ଉତ୍ତୋଳନ ଅଭିଯୋଗ ଉପରେ ସେମାନଙ୍କ ସହଯୋଗ ନିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।





ନେଦରଲାଣ୍ଡ ବିପକ୍ଷରେ ଉଇକେଟ ନେବାପରେ ଉଲ୍ଲସିତ ବିରାଟ କୋହଲି।

# ୯-୦, ଭାରତ ଅପରାଜେୟ

**ବେଙ୍ଗାଲୁରୁ, ୧୩।୧୧(ପି.ଟି.)**

ଶ୍ରେୟସ ଆୟର ଓ ଲୋକେଶ ରାହୁଲଙ୍କ ଶତକ ବଳରେ ରବିବାର ଦୀପାବଳିରେ ଭାରତୀୟ କ୍ରିକେଟ ଦଳ ନେଦରଲାଣ୍ଡକୁ ୧୬୦ ରନରେ ପରାସ୍ତ କରିଛି। ଟପ୍ ସ୍କୋରର ଆୟରଙ୍କ ଅପରାଜିତ ୧୨୮ ଓ ଲୋକାଲ ବୟ ଲୋକେଶଙ୍କ ୧୦୨ ରନ୍ ବଳରେ ଭାରତ ୫୦ ଓଭରରେ ୪ ଉଇକେଟ ହରାଇ ୪୧୦ ରନ୍ ସ୍କୋର କରିଥିଲା। ଜବାବରେ ନେଦରଲାଣ୍ଡ ୪୭.୫ ଓଭରରେ ୨୫୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଏହା ସହିତ ୯ଟି ଯାକ ଗ୍ରୁପ୍ ମ୍ୟାଚକୁ ଜିତି ନେବା ସହ ଭାରତ ୧୮ ପଏଣ୍ଟ ସହ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହି ଅପରାଜେୟ ଭାବେ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି।

ରବିବାର ଭାରତ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଥର ପାଇଁ ବିଶ୍ୱକପରେ ଭାରତର ଟପ୍-୫ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲେ। ଶୁବମନ ଗିଲ୍(୫୧), ରୋହିତ ଶର୍ମା(୬୧) ଓ ବିରାଟ କୋହଲି(୫୧) ରନ୍ କରିଥିବା ବେଳେ ରାହୁଲ ଓ ଆୟର ଏହାକୁ ଶତକରେ ପରିଣତ କରିଥିଲେ। ଏହା ସହ ବିଶ୍ୱକପରେ ପ୍ରଥମ ଦଳ ଭାବେ ଭାରତର ଟପ୍-୫ ଖେଳାଳି ଅର୍ଦ୍ଧଶତକ ମାରିବା ରେକର୍ଡ କରିଥିଲେ। ଚମତ୍କାର ବ୍ୟାଟିଂ ବଳରେ ଭାରତ ୪୧୦ ରନ୍‌ର ବିଶାଳ ସ୍କୋର କରିଥିଲା। ଏହାପରେ ଭାରତୀୟ ବୋଲର ମାନେ ଶୃଙ୍ଖଳିତ ବୋଲିଂ କରିବା ସହିତ ନେଦରଲାଣ୍ଡକୁ ୨୫୦ ରନ୍‌ରେ ସୀମିତ ରଖିଥିଲେ। ପ୍ରଥମ ଥର ପାଇଁ ବିରାଟ କୋହଲି, ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ ଓ ଶୁବମନ ଗିଲ୍‌ଙ୍କୁ ବୋଲିଂ କରୁଥିବାର ଦେଖିବାକୁ ମିଳିଥିଲା। ଏପରି କି କୋହଲି ଓ ରୋହିତ ଅନ୍ତିମ ଦୁଇ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ଶୁବମନ ଗିଲ୍ ଓ ରୋହିତ ଶର୍ମା ପ୍ରଥମ ଉଇକେଟରେ ମାତ୍ର ୭୧ ବଲ୍‌ରେ ୧୦୦ ରନ୍ ଯୋଡ଼ିଥିଲେ। ୩୨ ବଲ୍ ଖେଳି ୩ ଚୌକା ଓ ୪ ଛକା ମାରିଥିବା ଗିଲ୍ ୧୨ତମ ଓଭରରେ ପ୍ୟାଭିଲିୟନ ଫେରିଥିଲେ। ଏହାର ୫ ଓଭର ପରେ ଅଧିନାୟକ ରୋହିତ ଶର୍ମା ୬୪ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ୫୪ ବଲ୍‌ର ଏହି ଇନିଂସରେ ୮ ଚୌକା ଓ ୨ ଛକା ସାମିଲ ଥିଲା। ପୂର୍ବତନ ଭାରତୀୟ ଅଧିନାୟକ ତଥା ଷ୍ଟାର ବ୍ୟାଟର ବିରାଟ କୋହଲି ୫୧ ରନ୍ କରି ଆଉଟ ହୋଇଥିଲେ। ଦିନିକିଆ କ୍ୟାରିୟରର ୫୦ତମ ଶତକ ଲକ୍ଷ୍ୟରେ ରହିଥିବା କୋହଲିଙ୍କ ୫୦ତମ ଶତକ ଦେଖିବା ପାଇଁ ବେଙ୍ଗାଲୁରୁ ଦର୍ଶକ ଏକତ୍ର ହୋଇଥିବା ବେଳେ ରିଓଲ୍ଫ ଭାନ୍ ଡର ମରୱେଙ୍କୁ କଟ୍ ମାରିବା ପ୍ରୟାସରେ କୋହଲି ବୋଲ୍ଡ ହୋଇଥିଲେ। ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଥିଲେ ମଧ୍ୟ ଏହାର ଭରଣା କରିଥିଲେ ଆୟର ଓ ରାହୁଲ। ଉଭୟ ୪ର୍ଥ ଉଇକେଟରେ ୨୦୮ ରନ୍ ଯୋଡ଼ିଥିଲେ। ଅନ୍ତିମ ୧୦ ଓଭରରେ ଉଭୟ ଖେଳାଳି ୧୨୨ ରନ୍ ଯୋଡ଼ିଥିଲେ। ୯୪ ବଲ୍ ଖେଳିଥିବା ଆୟର ୧୨୮ ରନ୍ କରି ଶେଷ ଯାଏ ଅପରାଜିତ ରହିଥିବା ବେଳେ ମାରିଥିଲେ ୧୦ ଚୌକା ଓ ୫ ଛକା। ଲୋକାଲ ବୟ ରାହୁଲ ୬୪ ବଲ୍ ଖେଳି ୧୧ ଚୌକା ଓ ୪ ଛକା ମାରି ୧୦୨ ରନ୍ କରିଥିଲେ। ରାହୁଲ ପ୍ରଥମ ୩୦ ବଲରୁ ୨୬ ରନ୍ କରିଥିବା ବେଳେ ଅନ୍ତିମ ୩୩ ବଲ୍‌ରୁ ୭୬ ରନ ସ୍କୋର କରିଥିଲେ। ନେଦରଲାଣ୍ଡ ପକ୍ଷରୁ ବାସ ଡି ଲିଡ୍ ୨ ଉଇକେଟ ନେଇଥିବା ବେଳେ ରିଓଲ୍ଫ ଭାନ୍ ଡର ମରୱେ ଓ ପଲ୍ ଭାନ୍ ମିକେରାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୪୧୧ ରନ୍‌ର ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ନେଦରଲାଣ୍ଡ ଦ୍ୱିତୀୟ ଓଭରରେ ହିଁ ପ୍ରଥମ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ମାକ୍ସ ଓଡଡ୍(୩୦), କଲିନ୍ ଆକର୍‌ମ୍ୟାନ୍(୩୫), ସିବ୍ରାଣ୍ଡ ଏଙ୍ଗଲବ୍ରେଚ୍(୪୫) ପ୍ରମୁଖ ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିଥିଲେ। ଆନ୍ଧ୍ରଜନ୍ମିତ ତେଜା ନିଡାମନୁରୁ ୫୪ ରନ୍ କରିବା ସହ ଦଳ ପକ୍ଷରୁ ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବିରାଟ କୋହଲି ଓ ରୋହିତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କୋହଲି ଦୀର୍ଘ ୮ ବର୍ଷ ପରେ ଏକ ଅନ୍ତର୍ଜାତୀୟ ଉଇକେଟ ନେଇ ବେଙ୍ଗାଲୁରୁ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୪୧୦/୪(ଶ୍ରେୟସ ଆୟର-୧୨୮*, ଲୋକେଶ ରାହୁଲ-୧୦୨, ରୋହିତ ଶର୍ମା-୬୧, ଶୁବମନ ଗିଲ୍-୫୧, ବିରାଟ କୋହଲି-୫୧, ବାସ୍ ଡି ଲିଡ୍-୨/୮୨, ରିଓଲ୍ଫ ଭାନ୍ ଡର ମରୱେ-୧/୫୩, ପଲ୍ ଭାନ୍ ମିକେରାନ୍-୧/୯୦)। ନେଦରଲାଣ୍ଡ ୪୭.୩ ଓଭରରେ ୨୫୦/୧୦(ତେଜା ନିଡାମନୁରୁ-୫୪, କଲିନ୍ ଆକର୍‌ମ୍ୟାନ୍-୩୫, ସିବ୍ରାଣ୍ଡ ଏଙ୍ଗଲବ୍ରେଚ-୪୫, ଯଶପ୍ରୀତ୍ ବୁମ୍‌ରା-୨/୩୩, ମହମ୍ମଦ ସିରାଜ-୨/୨୯, କୁଲଦୀପ ଯାଦବ-୨/୪୧, ରବୀନ୍ଦ୍ର ଜାଡେଜା-୨/୪୯)।

## ବିଶ୍ୱକପରେ କ୍ରମାଗତ ବିଜୟରେ ରେକର୍ଡ

ବିଶ୍ୱକପରେ କ୍ରମାଗତ ବିଜୟର ରେକର୍ଡ ନିଜ ନାମରେ କରିଛନ୍ତି ରୋହିତ ଶର୍ମା। ପୂର୍ବରୁ ଭାରତ ୨୦୦୩ ବିଶ୍ୱକପରେ ଭାରତ କ୍ରମାଗତ ୮ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ତେବେ ୨୦ ବର୍ଷ ପରେ ଚଳିତ ସଂସ୍କରଣରେ ଭାରତ କ୍ରମାଗତ ୯ ବିଜୟ ହାସଲ କରିବା ସହିତ ନିଜ ରେକର୍ଡକୁ ଅତିକ୍ରମ କରିଛି। ଏହା ପୂର୍ବରୁ ୨୦୧୫ ଦିନିକିଆ ବିଶ୍ୱକପରେ ଭାରତ କ୍ରମାଗତ ୭ ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ସେହିପରି ୨୦୧୧ ଦିନିକିଆ ବିଶ୍ୱକପରେ ଭାରତ କ୍ରମାଗତ ୪ ମ୍ୟାଚ୍‌ରେ ବିଜୟୀ ହେବାର ରେକର୍ଡ କରିଥିଲା।



ଦୁଇ ଶତକ ହାସଲକାରୀ ଲୋକେଶ ରାହୁଲ ଓ ଶ୍ରେୟସ ଆୟର।

## ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୩।୧୧(ପି.ଟି.):** ଭାରତୀୟ କ୍ରିକେଟ ଦଳର ଚମତ୍କାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱକପର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ୧୬୦ ରନ୍‌ରେ ନେଦରଲାଣ୍ଡକୁ ପରାସ୍ତ କରିବା ପରେ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରେୟସ ଆୟରଙ୍କ ଅପରାଜିତ ୧୨୮ ଓ ଲୋକେଶ ରାହୁଲଙ୍କ ୧୦୨ ରନ୍ ବଳରେ ଭାରତ କ୍ରମାଗତ ନବମ ବିଜୟ ହାସଲ କରିଥିଲା।୧୮ ପଏଣ୍ଟ ସହ ଟେବୁଲ୍ ଟପ୍ପର ରହିଥିବା ଭାରତ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ସେମି ଫାଇନାଲ ଖେଳିବ।

'ଭାରତୀୟଙ୍କ ପାଇଁ ଦୀପାବଳିକୁ ଆହୁରି ସ୍ୱତନ୍ତ୍ର କରିଥିବାରୁ ଆମ କ୍ରିକେଟ ଦଳକୁ ଶୁଭେଚ୍ଛା। ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ବିଜୟ ପାଇଁ ଦଳକୁ ଢେର ସାରା ବଧେଇ। ଦକ୍ଷତା ଓ ଦଳଗତ ପ୍ରଦର୍ଶନର ଚମତ୍କାର ଉଦାହରଣ ଦେଖାଇଥିବା ଭାରତୀୟ କ୍ରିକେଟ ଦଳକୁ ସେମି ଫାଇନାଲ ପାଇଁ ଶୁଭେଚ୍ଛା' ବୋଲି ଏକ୍ସରେ ଲେଖିଥିଲେ ମୋଦି।

# ଭାରତୀୟ ଦଳର ଏକାଧିକ ରେକର୍ଡ

**ବେଙ୍ଗାଲୁରୁ, ୧୩।୧୧(ପି.ଟି.)**

ରବିବାର ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ୧୬୦ ରନ୍‌ରେ ବିଜୟୀ ହେବା ସହିତ ଏକାଧିକ ରେକର୍ଡ ନିଜ ନାମରେ କରିଛି। ଏହି ରେକର୍ଡ ଗୁଡ଼ିକ ଉପରେ ଏକ ନଜର

➤ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଚଳିତବର୍ଷ ୬୦ ଛକା ମାରିବା ସହ ୨୦୧୫ରେ ଏବି ଡି'ଭିଲର୍ସ ମାରିଥିବା ୫୮ ଛକାର ରେକର୍ଡକୁ ଭାଙ୍ଗିଛନ୍ତି।

➤ବିଶ୍ୱକପର ଏକ ସଂସ୍କରଣରେ ଅଧିନାୟକ ଭାବରେ ସର୍ବାଧିକ ୨୪ ଛକା ମାରିଛନ୍ତି। ଏହାପୂର୍ବରୁ ଇଂଲଣ୍ଡର ଇଅନ ମୋର୍ଗାନ(୨୨)ଙ୍କ ନାମରେ ରହିଥିଲା।

➤ଚଳିତବର୍ଷ ରୋହିତ ଶର୍ମା-ଶୁବମନ ଗିଲ୍ ପଞ୍ଚମ ଥର ପାଇଁ ଶତକୀୟ ଭାଗୀଦାରି କରିଛନ୍ତି।

➤ଭାରତୀୟ ଅଧିନାୟକ ଭାବରେ ରୋହିତ ୫୦୩ ରନ୍ କରିବା ସହିତ ସର୍ବାଧିକ ରନ୍ କରିବାରେ ସୌରଭ ଗାଙ୍ଗୁଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ୨୦୦୩ରେ ଗାଙ୍ଗୁଲି ୪୬୫ ରନ୍ ସ୍କୋର କରିଥିଲେ।

➤ରୋହିତ ଶର୍ମା ଦୁଇଟି ବିଶ୍ୱକପରେ ୫୦୦+ ସ୍କୋର କରିବାର ରେକର୍ଡ କରିବା ସହ ସଚିନ୍ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଏହା ସହିତ ବିଶ୍ୱର ପ୍ରଥମ ଖେଳାଳି ଭାବରେ ସେ କ୍ରମାଗତ ସଂସ୍କରଣରେ ୫୦୦ରୁ ଅଧିକ ରନ୍ କରିଛନ୍ତି।

➤ବିରାଟ କୋହଲି ଦିନିକିଆ ବିଶ୍ୱକପରେ ୧୪ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୧ ଅର୍ଦ୍ଧଶତକ ସହିତ ତେନ୍ଦୁଲକର ତାଙ୍କଠାରୁ ଆଗରେ ଅଛନ୍ତି।

➤ଚଳିତ ସଂସ୍କରଣରେ ୭ ଅର୍ଦ୍ଧଶତକ ସହିତ କୋହଲି ସଚିନ୍ ତେନ୍ଦୁଲକର ଓ ଶାକିବ ଅଲ ହସନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।

➤ଦିନିକିଆ ବିଶ୍ୱକପରେ ପ୍ରଥମ ଥର ପାଇଁ ଭାରତର ଟପ୍-୫ ଖେଳାଳି ଅର୍ଦ୍ଧଶତକ ହାସଲ କରିଛନ୍ତି।

➤ବିଶ୍ୱକପରେ ଭାରତର ଦ୍ରୁତତମ ଶତକ ରେକର୍ଡ କରିଛନ୍ତି ଲୋକେଶ ରାହୁଲ। ରୋହିତ ଶର୍ମା ୬୩ ବଲରେ ଶତକ କରିଥିବା ବେଳେ ନେଦରଲାଣ୍ଡ ବିପକ୍ଷରେ ୬୨ ବଲରେ ଶତକ ହାସଲ କରିଥିଲେ ରାହୁଲ।

➤ଚଳିତ ସଂସ୍କରଣରେ ଭାରତୀୟ ବ୍ୟାଟର ୨୦ଥର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ପୂର୍ବରୁ ଭାରତୀୟ ଦଳର ଖେଳାଳି ୨୦୧୯ ସଂସ୍କରଣରେ ୧୯ ଅର୍ଦ୍ଧଶତକ ହାସଲ କରିଥିଲେ।

➤ବିଶ୍ୱକପରେ ଚତୁର୍ଥ ଉଇକେଟରେ ଭାରତର ସର୍ବାଧିକ ୨୦୮ ରନ୍‌ର ପାର୍ଟନରଶିପ କରିଛନ୍ତି ଶ୍ରେୟସ୍ ଆୟର ଓ ଲୋକେଶ ରାହୁଲ। ୨୦୧୫ରେ ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନା ଜିମ୍ବାୱେ ବିପକ୍ଷରେ ଅବିଭାଜିତ ୧୯୬ ରନ୍ ଯୋଡିଥିଲେ।

# ସେମିଫାଇନାଲ ଚାପ ରହିବ:ଦ୍ରାବିଡ୍

**ବେଙ୍ଗାଲୁରୁ, ୧୩।୧୧(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ସେମି ଫାଇନାଲ ମ୍ୟାଚ୍ ପାଇଁ ଭାରତୀୟ କ୍ରିକେଟ ଦଳ ଉପରେ ଚାପ ରହିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍। ବୁଧବାରର ମ୍ୟାଚ୍ ଉଭୟ ଦଳ ପାଇଁ ସମାନ ଭାବରେ ଚାପ ସୃଷ୍ଟି କରିବ ତେଣୁ ଏହାକୁ ସ୍ୱୀକାର କରିବାରେ କୌଣସି ଅସୁବିଧା ନାହିଁ ବୋଲି ଦ୍ରାବିଡ କହିଛନ୍ତି। କ୍ରିକେଟରେ କୌଣସି ମ୍ୟାଚ ଆପଣଙ୍କୁ ଶତ ପ୍ରତିଶତ ଗ୍ୟାରେଣ୍ଟି ପ୍ରଦାନ କରି ନ ଥାଏ। ତେଣୁ ଆମକୁ ଶ୍ରେଷ୍ଠ ପ୍ରସ୍ତୁତି ସହ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ନିରନ୍ତର ଭାବେ ଆମେ ଏହା କରିବା ସହିତ ୯ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛୁ। ଆଉ ଥରେ ଏଭଳି କରିବା ଦ୍ୱାରା ଆମେ ଫାଇନାଲରେ ପହଞ୍ଚି ପାରିବୁ। ବର୍ତ୍ତମାନ ସମସ୍ତେ ଭାରତୀୟ ଦଳର ପ୍ରଶଂସା କରୁଥିବା ବେଳେ ଗୋଟିଏ ଖରାପ ମ୍ୟାଚ୍ ହିଁ ସମସ୍ତଙ୍କ ମତାମତ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ। ତେବେ ଟୁର୍ନାମେଣ୍ଟର ଶେଷ ଆଡକୁ ଶ୍ରେୟସ ଆୟର ଫର୍ମକୁ ଫେରିବା ଆମ ପାଇଁ ଶୁଭ ସଙ୍କେତ ବୋଲି ଦ୍ରାବିଡ୍ କହିଛନ୍ତି। ଆୟର ଭାରତୀୟ ମଧ୍ୟକ୍ରମ ବ୍ୟାଟିଂର ମେରୁଦଣ୍ଡ। ବିଗତ ୧୦ ବର୍ଷ ମଧ୍ୟରେ ଆମକୁ ୪ ନମ୍ବର ସ୍ଥାନରେ ମିଳିଥିବା ଶ୍ରେଷ୍ଠ ବ୍ୟାଟର ହେଉଛନ୍ତି ଆୟର। ତେଣୁ ସେ ଫର୍ମକୁ ଫେରିବା ଦ୍ୱାରା ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ଦ୍ରାବିଡ୍।



ରାହୁଲ ଦ୍ରାବିଡ୍

# ଟକର, ଇଲିଙ୍ଗଓର୍ଥଙ୍କୁ ଅମ୍ପାୟରିଂ ଦାୟିତ୍ୱ

**ଦୁବାଇ, ୧୩।୧୧ (ପି.ଟି.)**

ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ ରଡ୍ ଟକର ଓ ରିଚାର୍ଡ ଇଲିଙ୍ଗଓର୍ଥ। ସେହିପରି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ନୀତୀନ ମେନନ ଓ ରିଚାର୍ଡ କେଟଲବୋରୋ ଅମ୍ପାୟରିଂ କରିବେ। ପ୍ରଥମ ସେମିଫାଇନାଲ ମୁମ୍ବାଇରେ ନଭେମ୍ବର ୧୫ରେ ଏବଂ ଦ୍ୱିତୀୟଟି ନଭେମ୍ବର ୧୬ରେ କୋଲକାତାରେ ଖେଳାଯିବ। ସୂଚନାଯୋଗ୍ୟ, ପୂର୍ବରୁ ୨୦୧୯ ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲରେ ଇଲିଙ୍ଗଓର୍ଥ ଜଣେ ଫିଲ୍ଡଅମ୍ପାୟର ଥିଲେ। ଏଥିରେ ନ୍ୟୁଜିଲାଣ୍ଡ ୧୮ ରନରେ ବିଜୟ ଲାଭ କରିଥିଲା। ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଟକର ତୃତୀୟ ଅମ୍ପାୟର ରହିଥିଲେ। ଭାରତ ବନାମ ନ୍ୟୁଜିଲାଣ୍ଡ ମ୍ୟାଚରେ ଟକର ତାଙ୍କ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିବେ। ଟକର ୨୦୦୯ ଜାନୁୟାରୀରେ ତାଙ୍କର ପ୍ରଥମ ଦିନିକିଆ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କର ଏହି ଐତିହାସିକ ମ୍ୟାଚରେ ଜୋଏଲ ୱିଲସନ ତୃତୀୟ ଅମ୍ପାୟର ଏବଂ ଆଡ୍ରିଆନ ହୋଲ୍ଡଷ୍ଟକ୍ ଚତୁର୍ଥ ଅମ୍ପାୟର ଏବଂ ଆଣ୍ଡି ପାଇକ୍ରଫ୍ଟ ମ୍ୟାଚ ରେଫରି ଦାୟିତ୍ୱରେ ରହିବେ। କେଟେଲବୋରୋ ମଧ୍ୟ ଏହି ବିଶ୍ୱକପ୍ ବେଳେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଅଫିସିଆଲ ଭାବେ ଶତକହାସଲ କରିସାରିଛନ୍ତି। କୋଲକାତାରେ ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସେ ତାଙ୍କ ସଂଖ୍ୟା ବୃଦ୍ଧି କରିବେ। କେଟଲବୋରୋ ତାଙ୍କ ଶତକ ମାଇଲଖୁଣ୍ଟ ଅକ୍ଟୋବର ୨୧ରେ ନେଦରଲାଣ୍ଡ ବନାମ ଶ୍ରୀଲଙ୍କା ମ୍ୟାଚରେ ହାସଲ କରିଛନ୍ତି। ଏହା ତାଙ୍କର କ୍ରମାଗତ ତୃତୀୟ ବିଶ୍ୱକପ୍ ଯେଉଁଠାରେ ତାଙ୍କୁ ଏକ ସେମିଫାଇନାଲରେ ଦେଖିବାକୁ ମିଳିବ। ତାଙ୍କ ସହିତ ଫିଲ୍ଡରେ ଯୋଗଦେବେ ଭାରତର ମେନନ, ଯାହାଙ୍କର ଏହା ପ୍ରଥମ ବିଶ୍ୱକପ୍। କ୍ରିସ୍ ଗାଫାନି ତୃତୀୟ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଅନ୍ୟ ମ୍ୟାଚ ଅଫିସିଆଲମାନେ ହେଲେ ମାଇକେଲ ଗଫ୍ (ଚତୁର୍ଥ ଅମ୍ପାୟର) ଓ ଜାଭାଗଲ ଶ୍ରୀନାଥ(ମ୍ୟାଚ ରେଫରି)।



ରିଚାର୍ଡ ଇଲିଙ୍ଗଓର୍ଥ ଓ ରଡ୍ ଟକର।

**ଭାରତ-ନ୍ୟୁଜିଲାଣ୍ଡ ସେମିଫାଇନାଲ**

# ପାକିସ୍ତାନ ବୋଲିଂ କୋଚ୍‌ରୁ ମୋର୍କେଲଙ୍କ ଇସ୍ତଫା

**ଲାହୋର, ୧୩।୧୧ (ପି.ଟି.)**

ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସର ମୋର୍ନ ମୋର୍କେଲ ସୋମବାର ପାକିସ୍ତାନ କ୍ରିକେଟ ଟିମ୍ ବୋଲିଂ କୋଚ୍‌ରୁ ତାଙ୍କର ଇସ୍ତଫା ପ୍ରଦାନ କରିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହିତ ହୋଇଥିବା ତାଙ୍କ ଚୁକ୍ତି ମିଆଦ ଶେଷ ହୋଇ ନ ଥିଲା। ଭାରତରେ ଚାଲିଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରୁ ପାକିସ୍ତାନ ଦଳ ବିଦାୟ ନେବାର ଦୁଇ ଦିନ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବାବର ଆଜାମଙ୍କ ନେତୃତ୍ୱାଧୀନ ପାକିସ୍ତାନ ବିଶ୍ୱକପ୍‌ରେ ଖେଳିଥବବା ୯ଟି ମ୍ୟାଚରୁ ୫ଟିରେ ପରାଜୟ ବରଣ କରିଛି। କୋଲକାତାଠାରେ ଇଂଲଣ୍ଡ ବିପକ୍ଷ ଶେଷ ମ୍ୟାଚ ୯୩ ରନରେ ପରାଜିତ ହୋଇଛି। ଆଇପିଏଲ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟ ସହ ତାଙ୍କ ଚୁକ୍ତି ସରିବା ପରେ ମୋର୍କେଲ ଗତ ଜୁନ୍ ମାସରେ ଏକ ୬ ମାସିଆ ଚୁକ୍ତି ସହ ପାକିସ୍ତାନ ଦଳ ସହ ଯୋଗ ଦେଇଥିଲେ। ପାକିସ୍ତାନ ବୋଲିଂ କୋଚ୍ ଭାବେ ସେ ପ୍ରଥମେ ଦଳ ସହ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଶ୍ରୀଲଙ୍କା ଟୁର୍‌ରେ ଯାଇଥିଲେ। ଆଗକୁ ଡିସେମ୍ବର ୧୪ରୁ ୨୦୨୪ ଜାନୁୟାରୀ ୭ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ ଠିକଣା ସମୟରେ ନୂଆ ବୋଲିଂ କୋଚ୍‌ଙ୍କୁ ନିଯୁକ୍ତି ଦେବ ବୋଲି ପିସିବି ପକ୍ଷରୁ ସୋମବାର ପ୍ରକାଶ କରାଯାଇଛି। ମୋର୍କେଲଙ୍କ ସ୍ଥାନରେ ପୂର୍ବତନ ଫାଷ୍ଟ ବୋଲର ଉମର ଗୁଲ୍‌ଙ୍କୁ ନିଯୁକ୍ତି ମିଳିପାରେ ଶୁଣାଯାଉଛି। ଗୁଲ୍ ଅତୀତରେ ଜାତୀୟ ଦଳ ପାଇଁ କାମଚଳା ଦାୟିତ୍ୱ ତୁଲାଇଛନ୍ତି। ସେ ପୂର୍ବରୁ ଆଫଗାନିସ୍ତାନ ଦଳ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ପାକିସ୍ତାନ ୫ମସ୍ଥାନ ସହ ସେମିଫାଇନାଲ ପ୍ରବେଶ କରିବାରେ ବିଫଳ ହେବାପରେ ବହୁ ପୂର୍ବତନ କ୍ରିକେଟର ବାବର ଆଜାମଙ୍କୁ ଅଧିନାୟକ ପଦବୀରୁ ହଟାଇବା ସହ ଦଳରେ ବ୍ୟାପକ ପରିବର୍ତ୍ତନ କରିବା ଲାଗି ଦାବି କରିଥିଲେ। ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ବିପକ୍ଷ ମ୍ୟାଚ ହାରିବା ସହ ଆଫଗାନିସ୍ତାନଠାରୁ ମଧ୍ୟ ପରାଜୟ ବରଣ କରିଥିଲା।



ମୋର୍ନ ମୋର୍କେଲ

# ଟାଇଟ୍ ପୋଷାକ ପିନ୍ଧୁଥିଲେ

**ନିଜ ଫିଗରକୁ ଆକର୍ଷଣୀୟ କରିବା ଲାଗି ଅଧିକାଂଶ ମହିଳା ଟାଇଟ୍ ପୋଷାକ ପିନ୍ଧିବାକୁ ଭଲ ପାଆନ୍ତି। ହେଲେ ସ୍ଲିମ୍ ଫିଟ୍ ଲୁକ୍ ଦେଉଥିବା ଏଭଳି ପୋଷାକ ବିଭିନ୍ନ ଶାରୀରିକ ସମସ୍ୟାର ବି କାରଣ ସାଜିଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ...**



- ଆଟ୍ରାକ୍ଟିଭ୍ ଲୁକ୍ ପାଇବା ନିଶାରେ ବର୍ତ୍ତମାନ ଅଧିକାଂଶ ମହିଳା ଟାଇଟ୍ କୁର୍ତ୍ତି, ଜିନ୍ସ, ଜେଗିଙ୍ଗ୍ସ, ଅନ୍ୟାନ୍ୟ ପ୍ୟାଣ୍ଟ ଦୀର୍ଘ ସମୟ ପିନ୍ଧୁଛନ୍ତି। ଟାଇଟ୍ ପ୍ୟାଣ୍ଟ ବିଶେଷକରି ସ୍କିନି ଜିନ୍ସ ପିନ୍ଧିଲେ ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଯାହାକି କଷ୍ଟଦାୟକ ହେବା ସହ ଆରୋଗ୍ୟ ହେବାକୁ ଅଧିକ ସମୟ ମଧ୍ୟ ଲାଗିଥାଏ।
- ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଗରମରେ ଝାଳ ଲାଗି କୁଣ୍ଡେଇହେବା ସହ ଘିମିରିଠାରୁ ଆରମ୍ଭକରି ବିଭିନ୍ନ ଫଙ୍ଗାଲ ଇନ୍‌ଫେକ୍ସନ ହେବା ଆଶଙ୍କା ବଢ଼ିଥାଏ।
- ଟାଇଟ୍ ପୋଷାକ ଅଧିକ ସମୟ ପିନ୍ଧିବା ଦ୍ୱାରା ଚର୍ମ ଏବଂ ସ୍ନାୟୁ ସଙ୍କୁଚିତ ହୋଇଥାଏ। ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟ ଦେଖାଦେଉଛି।



- ଏକ ଗବେଷଣା ରିପୋର୍ଟ ମୁତାବକ ସର୍ବଦା ଟାଇଟ୍ ପୋଷାକ ବିଶେଷକରି ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ହେବାର ମଧ୍ୟ ଆଶଙ୍କା ରହିଛି।
- କେବଳ ପୋଷାକ କାହିଁକି, ଫିଗରକୁ ଅଧିକ ହାଇଲାଇଟ୍ କରିବା ଲାଗି ଅନେକ ମହିଳା ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ବା ଅନ୍ତର୍ବସ୍ତ୍ର ମଧ୍ୟ ବ୍ୟବହାର କରିଥାନ୍ତି। ହେଲେ ଏହି ଅଭ୍ୟାସ ଯୋଗୁ ଭବିଷ୍ୟତରେ ଅନେକଙ୍କଠାରେ ବ୍ରେଷ୍ଟ କ୍ୟାନ୍‌ସରର ଆଶଙ୍କା ବୃଦ୍ଧି ପାଇଥାଏ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗର୍ଭାବସ୍ଥାରେ ପେଟ ପତଳା ଲାଗିବା ଆଳରେ ଟାଇଟ୍ ପୋଷାକ ପିନ୍ଧିଲେ ମା' ସହ ଗର୍ଭସ୍ଥ ଶିଶୁ ଉଭୟଙ୍କ ଲାଗି କ୍ଷତିକାରକ।

# ମହିଳା ଓ ମଧୁମେହ

– ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀ

**ଏ ବର୍ଷର ବାର୍ତ୍ତା**

ନଭେମ୍ବର ୧୪କୁ ସାରା ପୃଥିବୀରେ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି। ଏହା ଆନ୍ତର୍ଜାତିକ ମଧୁମେହ ଫାଉଣ୍ଡେଶନ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ମିଳିତ ଆନୁକୂଲ୍ୟରେ ୨୦୦୬ ମସିହାରୁ ପାଳିତ ହୋଇ ଆସୁଛି। ମଧୁମେହ ରୋଗର ଅବ୍ୟର୍ଥ ଔଷଧ 'ଇନ୍‌ସୁଲିନ୍'ର ଉଦ୍ଭାବକ ସାର୍ ଫ୍ରେଡେରିକ୍ ବାଣ୍ଟିଂ ଓ ଚାଲର୍ସ ବେଷ୍ଟଙ୍କର ଜନ୍ମଦିନକୁ ସମ୍ମାନ ଦେଇ ଏହା ପାଳନ କରାଯାଉଛି। ସବୁବର୍ଷ ପରି ଏ ବର୍ଷର ବିଷୟବସ୍ତୁ ହେଉଛି 'ଆକ୍ସେସ୍ ଟୁ ଡାଇବେଟିସ୍ କେୟାର୍' ଏହି ଦିବସର ଲକ୍ଷ୍ୟ ହେଉଛି , ମଧୁମେହ ରୋଗର ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ଓ ଏହାର ଯତ୍ନ ଓ ଚିକିତ୍ସା ତଥା ଲକ୍ଷଣ ବିଷୟରେ ସମସ୍ତଙ୍କୁ ସଚେତନ କରାଇବା।





**ମହିଳାମାନେ ସାରା ପରିବାରର ଦାୟିତ୍ୱ ନେଇଥାନ୍ତି। ତେଣୁ ସୁସ୍ଥ ରହିବା ଲାଗି ସେମାନେ ନିଜ ସହ ପରିବାରର ସମସ୍ତଙ୍କୁ ତଟକା ଫଳ ଓ ସୁଷମଖାଦ୍ୟ ରାନ୍ଧି ଖାଇବାକୁ ଦେବା ସହ ବ୍ୟାୟାମ ତଥା ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା ଆବଶ୍ୟକ। ସେମାନଙ୍କ ସଚେତନତା ଓ ପ୍ରଚେଷ୍ଟା ହିଁ ମଧୁମେହ ଭଳି ଜଟିଳ ରୋଗକୁ ବହୁ ପରିମାଣରେ ଏଡ଼ାଇ ଦେଇପାରିବ ଏବଂ ଏଥିରୁ ଉପୁଜୁଥିବା ସଙ୍କଟଜନକ ପରିସ୍ଥିତିରୁ ରକ୍ଷା କରିପାରିବ...**



ସାରା ବିଶ୍ୱରେ ବର୍ତ୍ତମାନ ୫୩.୭ କୋଟି ଲୋକ ମଧୁମେହ ରୋଗ ଭୋଗୁଛନ୍ତି। ତନ୍ମଧ୍ୟରୁ ଅଧିକାଂଶ ଲୋକ ଟାଇପ୍-୨ ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ । ଏହା ୨୦୩୦ରେ ୬୯.୩ କୋଟି ଓ ୨୦୪୦ରେ ୭୮.୩ କୋଟିରେ ପହଞ୍ଚିବ । ପରିସଂଖ୍ୟାନରୁ ଜଣାଯାଇଛି ଯେ, ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି । ପୁରୁଷମାନଙ୍କ ଭଳି ମହିଳାମାନେ ମଧ୍ୟ ମଧୁମେହ ରୋଗରେ ବେଶି ଆକ୍ରାନ୍ତ ହେଉଛନ୍ତି । ଏବେ ସୁଦ୍ଧା ପ୍ରାୟ ୨୦ କୋଟି ମହିଳା ମଧୁମେହ ରୋଗ ଭୋଗୁଛନ୍ତି ଏବଂ ୨୦୪୦ ସୁଦ୍ଧା ଏହା ୩୧.୩ କୋଟିରେ ପହଞ୍ଚିବ । ପ୍ରତ୍ୟେକ ୫ ମହିଳା ମଧୁମେହ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ୨ଜଣ ମହିଳା ମଧୁମେହ ରୋଗୀ, ପ୍ରଜନନ ବୟସ ସୀମା ମଧ୍ୟରେ ଥାଆନ୍ତି ଏବଂ ସେମାନଙ୍କର ସଂଖ୍ୟା ପ୍ରାୟ ୫ କୋଟି । ବିଶ୍ୱରେ ମହିଳାମାନଙ୍କ ମୃତ୍ୟୁର ପ୍ରମୁଖ କାରଣ ମଧ୍ୟରୁ ମଧୁମେହ ରୋଗ ଅନ୍ୟତମ ଯେଉଁଥିରେ ବର୍ଷକୁ ୨୦ ଲକ୍ଷ ମହିଳା ମୃତ୍ୟୁବରଣ କରିଥାନ୍ତି । ଟାଇପ୍-୨ ମହିଳା ମଧୁମେହ ରୋଗୀମାନେ ତାଙ୍କ ସମବୟସ୍କ ମହିଳାମାନଙ୍କ ଠାରୁ ୧୦ ଗୁଣ ଅଧିକ କରୋନାରି ହାର୍ଟ ଡିଜିଜ୍ ବା ହୃତ୍‌ପିଣ୍ଡ ଧମନୀଜନିତ ରୋଗରେ ପୀଡ଼ିତ ହୁଅନ୍ତି । ୧୫ ରୁ ୪୫ ବର୍ଷ ବୟସ ମଧ୍ୟରେ ସାଧାରଣତଃ ସେମାନେ ସ୍ତ୍ରୀ ହର୍‌ମୋନ୍ ଇଷ୍ଟ୍ରୋଜେନ୍‌ର ପ୍ରଭାବରୁ ରକ୍ଷାପାଉଥିବା ବେଳେ ମଧୁମେହ ମହିଳା ରୋଗୀମାନଙ୍କର ଏ ସୁରକ୍ଷା କବଚଟି ନ ଥାଏ ।

**ଗର୍ଭାବସ୍ଥାରେ ମଧୁମେହ:** ଟାଇପ୍-୧ ମହିଳା ମଧୁମେହ ରୋଗୀଙ୍କର ଗର୍ଭନଷ୍ଟ ଓ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବା ଆଶଙ୍କା ଅଧିକ ଥାଏ । ଭାରତରେ ମଧୁମେହ ରୋଗର ଆକଳନ ଅନୁଯାୟୀ ପ୍ରତ୍ୟେକ ୭ ଶିଶୁ ମଧ୍ୟରୁ ଜଣେ ଶିଶୁ ଗର୍ଭାବସ୍ଥାରେ ମଧୁମେହ ରୋଗ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଗର୍ଭାବସ୍ଥାରେ ମଧୁମେହ ରୋଗୀମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ମା' ପ୍ରସବର ୫ ରୁ ୧୦ ବର୍ଷ ମଧ୍ୟରେ ଟାଇପ୍-୨ ମଧୁମେହ ରୋଗ ଭୋଗିଥାନ୍ତି।

ଯେଉଁ ଗର୍ଭବତୀଙ୍କର ମଧୁମେହ ରୋଗ ବା ରକ୍ତରେ ଶର୍କରା ଅଧିକ ହୋଇଥାଏ, ସେମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ମହିଳାଙ୍କର ବୟସ ୩୦ ବର୍ଷରୁ କମ୍ ହୋଇଥାଏ। ଗର୍ଭାବସ୍ଥାରେ ମଧୁମେହ ରୋଗୀଙ୍କ ମଧ୍ୟରୁ ଅଧିକାଂଶ ମହିଳା ନିମ୍ନ ବା ନିମ୍ନ ମଧ୍ୟବିତ୍ତ ପରିବାରର, ଯେଉଁଠାରେ ମା'ର ଯତ୍ନ ଠିକ୍ ଭାବେ ନିଆଯାଇପାରେ ନାହିଁ । ବିଶେଷକରି ଗର୍ଭାବସ୍ଥାରେ ମଧୁମେହ ରୋଗ ହେଲେ ଏହା ମା' ଓ ଶିଶୁ ଉଭୟଙ୍କୁ ବିଶେଷ କ୍ଷତି ପହଞ୍ଚାଇଥାଏ । ଏହା ସାଧାରଣତଃ ୨ ପ୍ରକାର-

୧.ଆଗରୁ ମଧୁମେହ ରୋଗ ଥାଇ ଗର୍ଭଧାରଣ ।

୨. ଗର୍ଭାବସ୍ଥା ଯୋଗୁ ମଧୁମେହ ରୋଗ ।

ତେଣୁ ସୁରକ୍ଷା ଦୃଷ୍ଟିରୁ ଗର୍ଭାବସ୍ଥାରେ ସ୍କ୍ରିନିଂ ଜରୁରୀ । ଏହାଛଡ଼ା ଗର୍ଭଧାରଣ ପୂର୍ବରୁ ପରାମର୍ଶ ବା ପ୍ରିନାଟାଲ କାଉନ୍‌ସେଲିଂ ମଧ୍ୟ ଆବଶ୍ୟକ। ଯଦି ଆଗରୁ ମଧୁମେହ ରୋଗ ଥାଏ, ତେବେ ଗର୍ଭଧାରଣ ପୂର୍ବରୁ ବ୍ଲଡ୍‌ସୁଗାର ନିୟନ୍ତ୍ରଣ କରିବା ଆବଶ୍ୟକ। ଯେଉଁମାନଙ୍କର ଗର୍ଭଧାରଣର ୩ ମାସ ମଧ୍ୟରେ ବ୍ଲଡ୍‌ସୁଗାର ବେଶି ଥାଏ, ସେମାନଙ୍କର ବିକଳାଙ୍ଗ ଶିଶୁ ହେବା ରିସ୍କ ଅଧିକ ଥାଏ । ଗର୍ଭାବସ୍ଥାରେ ମଧ୍ୟ ସ୍କ୍ରିନିଂ ଖୁବ୍ ଜରୁରୀ ଯଥା ଯେଉଁ ମହିଳାମାନଙ୍କର ବୟସ ୩୦ ବର୍ଷରୁ ବେଶି ହୋଇଥାଏ, ମୋଟା ମହିଳା, ଯେଉଁ ମହିଳାଙ୍କର ପରିବାରରେ ବାପା, ମା', କୌଣସି ସମ୍ପର୍କୀୟ ବା ଭାଇଭଉଣୀଙ୍କର ମଧୁମେହ ରୋଗର ଇତିହାସ ଥାଏ, ଯେଉଁମାନଙ୍କର ଆଗରୁ ବେଶି ଓଜନର ଶିଶୁ ହୋଇଥାଏ, ଆଗରୁ ଗର୍ଭରେ ମୃତ୍ୟୁ, ବିକଳାଙ୍ଗ ଶିଶୁ, ପ୍ରସବ ପରେ ଶିଶୁମୃତ୍ୟୁ ଆଦିର ଇତିହାସ ଥାଏ, ବାରମ୍ବାର ଗର୍ଭନଷ୍ଟ ହୋଇଥାଏ, ଗର୍ଭରେ ବେଶି ପାଣି ଜମିଥାଏ ଓ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ହୋଇଥାଏ ଏବଂ ବାରମ୍ବାର ପରିସ୍ରା ସଂକ୍ରମଣ ଓ ସାଦା ସ୍ରାବ ହୋଇଥାଏ ସେମାନଙ୍କର ୭୫ ଗ୍ରା. ଗ୍ଲୁକୋଜ ଖାଇ ରକ୍ତରେ ଶର୍କରାର ପରିମାଣ ମପାଯାଇଥାଏ । ଯାହାଙ୍କର ୧୪୦ ମି.ଗ୍ରା.ରୁ ବେଶି ଥାଏ, ତାକୁ ମଧୁମେହ ରୋଗ ପାଇଁ ସ୍କ୍ରିନିଂ କରାଯାଏ। ଏହାକୁ ଗ୍ଲୁକୋଜ୍ ଚାଲେଞ୍ଜିଂ ଟେଷ୍ଟ କୁହାଯାଏ। ଏହାଛଡ଼ା ସେମାନଙ୍କର ୩ମାସରେ, ପୁଣି ୫ ମାସ ପରେ ଟେଷ୍ଟ କରାଯାଇଥାଏ । ଶିଶୁର ହୃତ୍‌ପିଣ୍ଡର ବିକଳାଙ୍ଗତା ଚିହ୍ନଟ ପାଇଁ 'ଫିଟାଲ୍ ଇକୋ କାର୍ଡିଓ ଗ୍ରାମ୍' ୫ ମାସରେ କରାଯାଇଥାଏ।

**ଗର୍ଭାବସ୍ଥାରେ ମା' ପାଇଁ ବିପଦ**

ବାରମ୍ବାର ଗର୍ଭନଷ୍ଟ, ଉଚ୍ଚ ରକ୍ତଚାପ, ଗର୍ଭଥଳିରେ ବେଶି ପାଣି ଜମିବା, ଅପରିଣତ ପ୍ରସବ, ବ୍ୟାହତ ପ୍ରସବ, ସିଜରିଆନ୍ ସେକ୍ସନ ଏବଂ ପରେ କ୍ଷତ ସଂକ୍ରମଣ ଆଦି ଭୟ ଥାଏ ।

**ଶିଶୁ ପାଇଁ ଅସୁବିଧା**

ବିକଳାଙ୍ଗ ଶିଶୁ, ବଡ଼ ଶିଶୁ, ମୁଣ୍ଡ ନ ଥିବା ଶିଶୁ, ବଡ଼ ମୁଣ୍ଡ ଶିଶୁ, ହୃତ୍‌ପିଣ୍ଡରେ ଛିଦ୍ର, ବୃକ୍କ ତଥା ଖାଦ୍ୟନଳୀରେ ଛିଦ୍ର ଆଦି ହୋଇଥାଏ । ତେଣୁ ପ୍ରସବ ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ ।

**ପ୍ରତିଷେଧକ ବ୍ୟବସ୍ଥା:** ମହିଳା ମଧୁମେହ ରୋଗୀମାନେ ତେଲ, ଘିଅ, ଛଣାଛଣି ଓ ଚର୍ବିଜାତୀୟ ଖାଦ୍ୟ ନ ଖାଇ ଫଳ, ତଟକା ପନିପରିବା, ସନ୍ତୁଳିତ ଆହାର, ଶାରୀରିକ ବ୍ୟାୟାମ ତଥା ଜୀବନଶୈଳୀରେ ପରିବର୍ତ୍ତନ କଲେ ସବୁ ଜଟିଳତାରୁ ରକ୍ଷା ପାଇବେ ।

*– ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍‌ରୋଡ୍, କଟକ-୧୨*
*ମୋ-୯୪୩୭୦୫୫୦୦୭*

## ରିସ୍କ ଫ୍ୟାକ୍ଟର

ଏହାଛଡ଼ା ମହିଳା ମଧୁମେହ ରୋଗୀମାନେ ମାସିକ ଋତୁସ୍ରାବର ବିରତି ବା ମେନୋପଜ୍ ପରେ ନିଜ ଦେହର ଯତ୍ନ ନେବା ଆବଶ୍ୟକ। ହୃଦ୍‌ରୋଗ ଓ ହୃଦ୍‌ଘାତର ସବୁଠାରୁ ବଡ଼ ରିସ୍କ ଫ୍ୟାକ୍ଟର ହେଉଛି ମଧୁମେହ ରୋଗ । ମଧୁମେହ ରୋଗ ହୃତ୍‌ପିଣ୍ଡରେ ଥିବା ବୃହତ୍ ଧମନୀ ଓ କ୍ଷୁଦ୍ର ଧମନୀରେ ଜଟିଳତା ସୃଷ୍ଟି କରିଥାଏ। ତେଣୁ ହୃଦ୍‌ଘାତ ଓ ମସ୍ତିଷ୍କଘାତ (ଷ୍ଟ୍ରୋକ୍), ଡାଏବେଟିକ୍ ନେଫ୍ରୋପାଥି(କିଡ୍‌ନୀର ଜଟିଳତା), ଡାଏବେଟିକ୍ ରେଟିନୋପାଥି (ଆଖିରେ ଜଟିଳତା) ତଥା କାର୍ଡିଓମାଇପାଥି (ହୃତ୍‌ପିଣ୍ଡରେ ଜଟିଳତା) ହୋଇଥାଏ ।



ସୌନ୍ଦର୍ଯ୍ୟ

# ହୋମ୍‌ମେଡ୍ ଗ୍ଲୋ ପ୍ୟାକ୍



**ଗ୍ଲୋଇଂ ସ୍କିନ୍ ସବୁବେଳେ ଆକର୍ଷଣୀୟ ଲାଗିଥାଏ। ହେଲେ ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷଣ ଆଦିର ପ୍ରଭାବରେ ଅନେକଙ୍କ ତ୍ୱଚା ରୁକ୍ଷ ଓ ଡଲ୍ ହୋଇଯାଉଛି। ଯାହାକୁ ଦୂରକରିବା ଲାଗି ସେମାନେ ବିଉଟିପାର୍ଲର ଯିବାଠୁ ବିଭିନ୍ନ ଦାମୀ ବିଉଟି ପ୍ରଡକ୍ଟ ବ୍ୟବହାର କରିବାକୁ ପଛାଉନାହାନ୍ତି। ହେଲେ ଆପଣ ଚାହିଁଲେ କେତୋଟି ଘରୋଇ ଫେସ୍ ପ୍ୟାକ୍ ବ୍ୟବହାରକରି ନିଜ ତ୍ୱଚାର ଗ୍ଲୋ ବଢ଼ାଇପାରିବେ...**



**ହନି ଆଣ୍ଟିଅକ୍ସିଡାଣ୍ଟ ହାଇଡ୍ରେଶନ ମାସ୍କ:** ଗୋଟେ ଚାମଚ ମହୁରେ, ଗୋଟେ ଚାମଚ ଦହି, ଅଧାଚାମଚ ଲେମ୍ବୁରସ, ୧/୪ ଚାମଚ ହଳଦୀଗୁଣ୍ଡ ପକାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହା ମହୁରେ ପ୍ରସ୍ତୁତ ହୋଇଥିବାରୁ ତ୍ୱଚା ପୋଡ଼ିବା ସମସ୍ୟା ଦେଖାଦିଏ ନାହିଁ। ହଳଦୀରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ମହୁରେ ଥିବା ଭିଟାମିନ୍ ବି ତ୍ୱଚାକୁ ସଫ୍ଟ ଏବଂ ଗ୍ଲୋଇଂ କରାଇଥାଏ। ସପ୍ତାହରେ ୨-୩ ଥର ଏହାକୁ ଲଗାଇଲେ ଭଲ। ତେବେ ଡ୍ରାଏ ସ୍କିନ୍ ପାଇଁ ଏହି ପ୍ୟାକ୍ ବେଶ୍ ଉପକାରୀ।

**ଅମୃତଭଣ୍ଡା ପ୍ୟାକ୍:** ଅଧକପ୍ ପାଚିଲା ଅମୃତଭଣ୍ଡା ପେଷ୍ଟ ନେଇ ସେଥିରେ ଅଧାଚାମଚ ଚନ୍ଦନ ପାଉଡର, ଆବଶ୍ୟକ ଅନୁସାରେ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଭଲଭାବେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ଥର ଏହିପ୍ୟାକ୍‌ଲଗାଇଲେ ସ୍କିନ୍ ଟୋନ୍ ସହ ଗ୍ଲୋ ବି ବଢ଼ିବ।

**ମୁଲତାନୀ ମାଟି, ଆଲୋଭେରା, ଦହି ପ୍ୟାକ୍:** ୧ ଚାମଚ ମୁଲତାନୀ ମାଟି, ୧ ଚାମଚ ଆଲୋଭେରା ଜେଲ୍, ୧ ଚାମଚ ଦହିକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଘଷି ଭଲ ଭାବେ ଧୋଇଦିଅନ୍ତୁ। ଏହା ଟ୍ୟାନ୍ ଦୂରକରି ତ୍ୱଚାକୁ ଉଜ୍ଜ୍ୱଳ ଓ ଦାଗମୁକ୍ତ କରିଥାଏ।

ଖାଦ୍ୟରୁଚି

# ଇଡ୍‌ଲି ୬୫

**ଆବଶ୍ୟକ ସାମଗ୍ରୀ:** ୫ଟି ଇଡ୍‌ଲି, ଲାଲ୍ ଲଙ୍କା ପାଉଡର ଅଧା ଚାମଚ, ଜିରା ପାଉଡର ୧/୪ ଚାମଚ, ଚାଉଳଗୁଣ୍ଡ ୧ ଚାମଚ, ଦହି ୨ ଚାମଚ, ସୋରିଷ ୧ ଚାମଚ, ପାନମଧୁରୀ ୧/୨ ଚାମଚ, ୧ ଇଞ୍ଚ ଅଦା ଛୋଟ କଟାହୋଇଥିବା, ୪ କୋଳା ରସୁଣ ଛୋଟ କଟା ହୋଇଥିବା, ଭୃସଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧/୨ ଚାମଚ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗୋଲମରିଚ ପାଉଡର ୧/୪ ଚାମଚ, କଟା ଧନିଆ ପତ୍ର, ଛାଣିବା ପାଇଁ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଇଡ୍‌ଲିଗୁଡ଼ିକୁ ୪-୫ ଖଣ୍ଡ କରି କାଟି ଦିଅନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଦହି, ଚାଉଳଗୁଣ୍ଡ, ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମକରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ, କଟା ଅଦା, କଟା ରସୁଣ, ଭୃସଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣାହୋଇଥିବା ଇଡ୍‌ଲି ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଇଡ୍‌ଲି ୬୫। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆପତ୍ର ପକାଇ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ Bhubaneswar, Tuesday, November 14/ 2023

# ଦୀପାଙ୍କ ଡବଲ୍‌ରେ ଓଡ଼ିଶା ବିଜୟୀ

**ସୁନ୍ଦରଗଡ଼,୧୩।୧୧**
**(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଷ୍ଟାଡିୟମଠାରେ ୨୮ତମ ବରିଷ୍ଠ ମହିଳା ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇ ଟୁର୍ନାମେଣ୍ଟର ପ୍ରଥମ ଦିନରେ ଓଡ଼ିଶା ଓ ଗୋଆ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଗୋଆ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ

**ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ**

ହୋଇଥିଲା। ଏଥିରେ ଗୋଆ ୩-୧ଗୋଲରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ଅରୁଣାଚଳ ପ୍ରଦେଶର ୟୁମଲାମ ଲାଲି ୧୨ମିନିଟରେ ଏକ ମାତ୍ର ଗୋଲ ଦେଇଥିଲେ। ଏହାର ୭ ମିନିଟ ପରେ ଗୋଆ ପକ୍ଷରୁ କରିସ୍ମା ପୁରୁଷୋତ୍ତମ ସୋରଭୋଇକର ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ୍ତରାଳ ସ୍ଥିତିକୁ ଆଣିଥିଲେ। ତେବେ ପର୍ଲ ଫର୍ଣ୍ଣାଣ୍ଡେସ ୪୪ମିନିଟ ଓ ୭୮ମିନିଟରେ ୨ ଗୋଲ ଦେଇ ଗୋଆକୁ ବିଜୟୀ କରିଥିଲେ। ସେହିପରି ଅପରାହ୍ନରେ ଓଡ଼ିଶା ଓ ମେଘାଳୟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ଘରୋଇ ଦଳ ୩-୧ରେ ଜିତି ନେଇଥିଲା। ଓଡ଼ିଶା ତରଫରୁ ଦୀପା ନାୟକ (୩୨ଓ ୫୩ମିନିଟ) ଡବଲ୍ ଗୋଲ ଦେଇଥିବା ବେଳେ ମାଳତୀ ମୁଣ୍ଡା ୩୫ମିନିଟରେ ଗୋଟିଏ ଗୋଲ କରିଥିଲେ। ମେଘାଳୟ ପକ୍ଷରୁ ସୁନାଲିଣ୍ଡା ଲରେନ୍ ୫୧ ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଉଭୟ ଦଳ ତରଫରୁ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ଖେଳକୁ ସର୍ବଭାରତୀୟ ଫୁଟ୍‌ବଲ ମହସଂଘ(ଏଆଇଏଫ୍‌ଏଫ୍) ମ୍ୟାଚ କମିଶନର, ରେଫରିମାନେ ପରିଚାଳନା କରିଥିଲେ। ଇ ଗ୍ରୁପ୍‌ରେ ସାମିଲ ଥିବା ଓଡ଼ିଶା, ଗୋଆ, ଗୁଜରାଟ, ମେଘାଳୟ ଓ ଅରୁଣାଚଳ ପ୍ରଦେଶର ମୋଟ ୫ଟି ଦଳ ସାମିଲ ହୋଇଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଓଡ଼ିଶା ଓ ଅରୁଣାଚଳ ପ୍ରଦେଶ ଏବଂ ଅପରାହ୍ନ ୨.୩୦ରେ ଗୁଜରାଟ ଓ ମେଘାଳୟ ମଧ୍ୟରେ ମ୍ୟାଚ ହେବ। କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ମେରୀଜନ ବାଗେ, ପୌଷଚନ୍ଦ୍ର ପଟେଲ, ଜୟ ଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ନିତ୍ୟ କୁମାର ବଳ, ଅଜୟ ବହିଦାର, ରୋମାଞ୍ଚ ଭୈଷାଲ, ପ୍ରଶାନ୍ତ ପଟେଲ, ଆଶିଷ ଦେ, ଶ୍ୟାମ ନନ୍ଦନ, ସହାୟପ୍ରସାଦ ନାଏକ, ସୁଶୀଲ ପଟେଲ, ବୀରମିତ୍ର କାଲୋ, ଶିଶିର ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ ଆୟୋଜିତ ହେଉଛି।



ଓଡ଼ିଶା ଓ ମେଘାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ଦୀପ ରଞ୍ଜନଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

ଟୋକିଓରେ ହୁଲିକ ଦାଇହାତ୍‌ସୁ ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଦୀପ୍ ରଞ୍ଜନ ବିଷୋୟୀ ଡବଲ୍ସରେ ରୌପ୍ୟ

**ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ**

ପଦକ ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ଅନ୍ୟତମ ଭାରତୀୟ ଖେଳାଳି ମନୋଜ ସରକାରଙ୍କୁ ୨୧-୧୬, ୨୧-୧୮ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ସେ ସେମିଫାଇନାଲରେ ୟୁକ୍ରେନର ଓଲେକଜାଣ୍ଡର ଚିରକୋଭଙ୍କୁ ୨୨-୨୦, ୨୧-୧୯, ୨୧-୧୭ରେ ହରାଇ ଦେଇଥିଲେ। ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ମନିଷା ରାମଦାସ ଯୋଡି କ୍ୱାର୍ଟର ଫାଇନାଲରେ ଚାଇନାର ୟାଙ୍ଗ୍ ଜିଆନୟୁଆନ ଓ ୟାଙ୍ଗ୍ କ୍ୟୁ ଜିଆଙ୍କଠାରୁ ୧୪-୨୧, ୨୧-୧୫, ୧୬-୨୧ରେ ପରାସ୍ତ ହୋଇଥିଲେ। ଡବଲ୍ସରେ ଦୀପ ରଞ୍ଜନ ବିଶୋଇ ଓ ମନୋଜ ସରକାର ଯୋଡି ଫାଇନାଲରେ ନିଜ ଦେଶର ନିହାଲ ଗୁପ୍ତା ଓ ନବୀନ ଶିବକୁମାରଙ୍କଠାରୁ ୧୯-୨୧, ୨୧-୧୮, ୧୭-୨୧ ରେ ହାରି ଯାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଅନ୍ୟ ୨ ପ୍ରତିଯୋଗୀ ଶୁଭ୍ରଜିତ ମହାରଣା ଓ ଦିଲେଶ୍ୱର ରାଓ ଭଲ ପ୍ରଦର୍ଶନ କରିପାରି ନ ଥିଲେ।



ଦୀପ୍ ରଞ୍ଜନ ବିଷୋୟୀ ଓ ପ୍ରମୋଦ ଭଗତ।

# ଭାରତୀୟ ମହିଳା ଦଳରେ ୪ ଓଡ଼ିଆ

**ଭୁବନେଶ୍ୱର,୧୩।୧୧**
**(ସରୋଜ ଜେନା)**

ନେପାଳ ସିରିଜ ପାଇଁ ସୋମବାର ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ମହାସଂଘ(କାବି) ପକ୍ଷରୁ ୧୭ ଜଣିଆ ମହିଳା ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ନେପାଳ ସହିତ ପ୍ରଥମ ଥର ପାଇଁ ଏକ ଦ୍ୱିପାକ୍ଷିକ ସିରିଜ ଆୟୋଜନ କରାଯାଉଛି। ଡିସେମ୍ବର ୧୧ରୁ ୧୫ ମଧ୍ୟରେ ମୁମ୍ବାଇରେ ୫ଟି ଯାକ ଟି୨୦ ମ୍ୟାଚ୍ ଖେଳାଯିବ। ଓଡ଼ିଶାରୁ ଝିଲି ବିରୁଆ, ଫୁଲ ସୋରେନ୍, ବାସନ୍ତୀ ହାଁସଦା ଓ ପଦ୍ମିନୀ ଟୁଡୁ ଏହି ଦଳରେ ସାମିଲ ଅଛନ୍ତି। ଏହା ସହ ୪ ଜଣ ଖେଳାଳି ସିମରନଜିତ କୌର, ସୁନୀତା ସାରଥେ, ଗୀତା ମାହତୋ ଓ କାବ୍ୟା ଏନ୍ ଆର ପ୍ରଥମ ଥର ପାଇଁ ଭାରତୀୟ ଦଳକୁ ଡାକରା ପାଇଛନ୍ତି। ଏହି ସିରିଜ୍ ପୂର୍ବରୁ ମହାରାଷ୍ଟ୍ରର ସିବିଡି ବେଲାପୁରରେ ଏକ ୨୨ ଦିନିଆ

**ଦୃଷ୍ଟିବାଧିତ କ୍ରିକେଟ**

କ୍ୟାମ୍ପ ଅନୁଷ୍ଠିତ ହେବ। ନଭେମ୍ବର ୨୮ ତାରିଖରେ ଏହି ଦଳର ଅଧିନାୟକ ଓ ଉପ ଅଧିନାୟକଙ୍କ ନାମ ଘୋଷଣା କରାଯିବ।

ଭାରତୀୟ ଦଳ: ବର୍ଷା ୟୁ (ବି-୧), ଭାଲାସାନାଇନି ରାଭାନି (ବି-୧), ସିମୁ ଦାସ (ବି-୧), ପଦ୍ମିନୀ ଟୁଡୁ (ବି-୧), କିଲ୍ଲାକା ସନ୍ଧ୍ୟା(ବି-୧), ପ୍ରିୟା (ବି-୧), ସାନ୍ଦ୍ରା ଡେଭିସ୍ କରିମାଲିକ୍କାଲ (ବି-୨), ବାସନ୍ତୀ ହାଁସଦା(ବି-୨), ସୁନୀତା ସାରଥେ (ବି-୨), ସିମରନଜିତ୍ କୌର (ବି-୨), ସୁଷମା ପଟେଲ (ବି-୩), ଏମ. ସତ୍ୟବତୀ (ବି-୩), ଫୁଲ ସୋରେନ୍ (ବି-୩), ଝିଲି ବିରୁଆ (ବି-୩), ଗଙ୍ଗା ସମ୍ଭାଜୀକଦମ (ବି-୩), ଗୀତା ମାହାତୋ (ବି-୩), କାବ୍ୟା ଏନ୍. ଆର. (ବି-୩)।



ଭାରତୀୟ ଦଳରେ ସ୍ଥାନ ପାଇଥିବା ୪ ଓଡ଼ିଆ।

# ହଲ୍ ଅଫ୍ ଫେମ୍‌ରେ ଇଦୁଲ୍‌ଜୀ, ସେହ୍ୱାଗ



ଡାଏନା ଇଦୁଲଜୀ

**ଦୁବାଇ, ୧୩।୧୧ (ପି.ଟି.)**

ପୂର୍ବତନ ଅଧିନାୟକ ଡାଏନା ଇଦୁଲଜୀ ଭାରତର ପ୍ରଥମ ମହିଳା କ୍ରିକେଟର ଭାବେ ଆଇସିସି ହଲ୍ ଅଫ୍ ଫେମ୍ ତାଲିକାରେ ସ୍ଥାନ ପାଇଛନ୍ତି। କ୍ରିକେଟ ଖେଳରେ ଉଲ୍ଲେଖନୀୟ ସଫଳତା ପାଇଁ କିମ୍ବଦନ୍ତୀ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ଓ ଶ୍ରୀଲଙ୍କାର ବିଶ୍ୱକପ୍ ବିଜେତା ଅରବିନ୍ଦ ଡି' ସିଲ୍‌ଭାଙ୍କ ନାମ ମଧ୍ୟ ଏଥିରେ ସ୍ଥାନ ପାଇଛି। ଇଦୁଲ୍‌ଜୀ ତାଙ୍କ ଖେଳ କ୍ୟାରିୟରରେ ଭାରତୀୟ ଦଳ ଅଧିନାୟିକାଥିବା ବେଳେ ମହିଳା କ୍ରିକେଟର ଜଣେ ମାର୍ଗଦର୍ଶକ ଥିଲେ। ଖେଳ କ୍ୟାରିୟର ଶେଷ ହେବା ପରେ ସେ ଜଣେ ଦକ୍ଷ ପ୍ରଶାସକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୬୭ ବର୍ଷୀୟା ଇଦୁଲ୍‌ଜୀ ୧୯୭୬ରୁ ୧୯୯୩ମଧ୍ୟରେ ୫୪ ମ୍ୟାଚ ଖେଳିଛନ୍ତି। ସେ ଜଣେ ଧିମା ରକ୍ଷଣଶୀଳ ସ୍ପିନର ଥିଲେ ଏବଂ ୧୦୦ରୁ ଊର୍ଦ୍ଧ୍ୱ ଉଇକେଟ ଅକ୍ତିଆର କରିଥିଲେ। ଇଦୁଲ୍‌ଜୀ ୨୦ ଟେଷ୍ଟ ଖେଳି ୪୦୪ ରନ ସ୍କୋର କରିଥିଲେ। ସେ ୨୫.୭୭ ଆଭରେଜରେ ୬୩ ଉଇକେଟ ଅକ୍ତିଆର କରିଥିଲେ। ସେ ୩୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୧୧ ରନ କରିବା ସହ ୧୬.୮୪ ଆଭରେଜରେ ୪୬ ଉଇକେଟ ହାସଲ କରିଛନ୍ତି।

# ଭାରତ ପକ୍ଷରୁ ଖେଳିବେ ଓଡ଼ିଶାର ସୁବ୍ରତ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଫେଡେରେଶନ (ଆଇବିଏଓ୍ୱଏଫ୍)ର ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ କାତାରର ଦୋହାଠାରେ ଆରମ୍ଭ ହେବ। କାତାର ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର

**ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍**

ଫେଡେରେଶନ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ତାରକା ଖେଳାଳି ସୁବ୍ରତ ଦାସ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ୨୪ ତାରିଖରେ ଶେଷ ହେବ। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ସୁବ୍ରତ ସିନିୟର ସ୍ତରରେ ଆଇବିଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଛନ୍ତି। ଏହା ପୂର୍ବରୁ ଆଶୁତୋଷ ପାଢ଼ୀ ଜୁନିୟର ବର୍ଗରେ ଆଇବିଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣର ସୁଯୋଗ ପାଇଥିଲେ। ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସୁବ୍ରତଙ୍କୁ ଶୁଭକାମନା ଜଣାଯାଇଛି।




# ଜୋକୋଭିଚ ବର୍ଷ ଶେଷ ନମ୍ବର ୱାନ

**ତୁରିନ୍, ୧୩।୧୧ (ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଏଟିପି ଫାଇନାଲ୍ସରେ ହେଲ୍‌ଗର ରୁନ୍‌ଙ୍କୁ ୭-୬ (୪), ୬-୭ (୧), ୬--୩ ସେଟ୍‌ରେ ପରାସ୍ତ କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ଏହି ମ୍ୟାଚ ୩ ଘଣ୍ଟାରୁ ଅଧିକ ସମୟ ଖେଳାଯାଇଥିଲା। ଏହି ବିଜୟ ଦ୍ୱାରା ବର୍ଷ ଶେଷ ର୍‍ୟାଙ୍କିଙ୍ଗ ତାଲିକାରେ ସର୍ବାଧିକ ନମ୍ବର ୱାନ ଖେଳାଳି ହେବାରେ ତାଙ୍କ ନାମରେ ରହିଥିବା ରେକର୍ଡ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସୋମବାର ଅପରାହ୍ନରେ ଏଟିପି ସଭାପତି ଆଣ୍ଡ୍ରିଆ ଗଡେଞ୍ଜି ତାଙ୍କର ଏହି ସଫଳତା ପାଇଁ ଜୋକୋଭିଚ୍‌ଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସର୍ବୀୟ ଖେଳାଳି ପରେ ତାଙ୍କର ଦଳର କୋଚ, ଫିଜିକାଲଟ୍ରେନର ଏବଂ ପରିବାର ସଦସ୍ୟମାନଙ୍କ ସହିତ ମିଳିତ ଫଟୋ ଉଠାଇଥିଲେ। ୩୬ ବର୍ଷୀୟ ଜୋକୋଭିଚ୍ ଦୁଇ ବର୍ଷ ପୂର୍ବେ ପିଟ୍ ସାମ୍ପ୍ରାସ (୬ବର୍ଷ ନମ୍ବର ୱାନ)ଙ୍କ ନାମରେ ରହିଥିବ ରେକର୍ଡକୁ ଭଙ୍ଗ କରିଦେଇଥିଲେ। କାର୍ଲୋସ ଅଲକାରାଜ ଏହି ସମ୍ମାନ ଗତବର୍ଷ ଲାଭ କରିଥିଲେ। କିନ୍ତୁ ଜୋକୋଭିଚ ଚଳିତବର୍ଷ ୪ଟି ପ୍ରମୁଖ ଟାଇଟଲ ମଧ୍ୟରୁ ୩ଟିରେ ବିଜୟ ଲାଭ ସହ ୱିମ୍ବେଲଡନରେ ଅଲକାରାଜଙ୍କଠାରୁ ହାରି ରନର୍ସ ଅପ୍ ହୋଇ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ଜୋକୋଭିଚ୍ କହିଛନ୍ତି, ତାଙ୍କ ଜୀବନ ଓ କ୍ୟାରିୟରର ଏହି ପର୍ଯ୍ୟାୟରେ ନମ୍ବର ୱାନ ବାସ୍ତବିକ୍ ଖୁବ୍ ଆନନ୍ଦର ବିଷୟ। ଏହି ଟୁର୍ନାମେଣ୍ଟ ପରେ ୪୦୦ ସପ୍ତାହ ପାଇଁ ନମ୍ବର ୱାନ ର୍‍ୟାଙ୍କିଙ୍ଗରେ ରହିବାରେ ଜୋକୋଭିଚ୍ ପ୍ରଥମ ଖେଳାଳି ହେବେ। ତାଙ୍କ ପଛକୁ ଫେଡେରର (୩୧୦) ରହିଛନ୍ତି। ଏହି ଦୁଇଜଣଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ଖେଳାଳି ୩୦୦ ଡେଇଁ ପାରି ନାହାନ୍ତି।



ନୋଭାକ୍ ଜୋକୋଭିଚ୍

## ୬ ବଲ୍‌ରେ ୬ ଉଇକେଟ

**ଗୋଲ୍ଡକୋଷ୍ଟ, ୧୩।୧୧ (ପି.ଟି.):** ଗ୍ୟାରେଥ ମୋର୍ଗାନ ୬ ବଲ୍‌ରେ ୬ ଉଇକେଟ ନେଇ ଇତିହାସ ରଚିଛନ୍ତି। ଅଷ୍ଟ୍ରେଲିଆର ତୃତୀୟ ଡିଭିଜନ ଲିଗ୍‌ରେ ଖେଳୁଥିବା ସମୟରେ ଗ୍ୟାରେଥ ଏହି ରେକର୍ଡ କରିଛନ୍ତି। ୪୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ମୁଦ୍‌ଗିରାବା ନେରାଙ୍ଗ ଡିଷ୍ଟ୍ରିକ୍ଟ କ୍ରିକେଟ କ୍ଲବ ଅଧିନାୟକ ମୋର୍ଗାନ ୬ ବଲ୍‌ରେ ୬ ଉଇକେଟ ନେଇଛନ୍ତି। ଗୋଲ୍ଡକୋଷ୍ଟ ପ୍ରିମିୟର ଲିଗ୍‌ରେ ସର୍ଫର୍ସ ପାରାଡାଇଜ୍ ବିପକ୍ଷରେ ସେ ଏହି ରେକର୍ଡ କରିଛନ୍ତି। ୧୭୮ ରନ୍‌ର ପିଛା କରୁଥିବା ପାରାଡାଇଜ୍ ୪ ଉଇକେଟ ହରାଇ ୧୭୪ ରନ୍ କରିଥିଲା। ମୋର୍ଗାନ ବୋଲିଂ କରିବାକୁ ଆସି ୬ ବଲ୍‌ରେ ୬ ଉଇକେଟ ନେବା ସହିତ ଦଳକୁ ବିଜୟୀ କରିଥିଲେ।

# ସର୍ବଭାରତୀୟ ସିଭିଲ ସର୍ଭିସ କ୍ରିକେଟ ପାଇଁ ଓଡ଼ିଶା ଦଳ ଚୟନ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

ନୂଆଦିଲ୍ଲୀଠାରେ ହେବାକୁ ଥିବା ସର୍ବଭାରତୀୟ ସିଭିଲ ସର୍ଭିସ କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳର ଚୟନ ଶିବିର ହାଇଟେକ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ କୋଚ ଲଳିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସିଭିଲ ସର୍ଭିସ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ପଦ୍ମ ଚରଣ ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଓଡ଼ିଶା ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୋଟ ୨୬ ଖେଳାଳି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୬ ଖେଳାଳି ମନୋନୀତ ହୋଇଥିଲେ। ଏମାନେ ଅନ୍ୟ ଅଫିସିଆଲଙ୍କ ସହିତ ଡିସେମ୍ବରରେ ପ୍ରତିଯୋଗିତାରେ ଭାଗ ନେବାପାଇଁ ନୂଆଦିଲ୍ଲୀ ଗସ୍ତ କରିବେ ବୋଲି ଓଡ଼ିଶା ସଚିବାଳୟ କ୍ରିକେଟ ସଂଘର ସାଧାରଣ ସମ୍ପାଦକ ସଂଜୀବ କୁମାର ମିଶ୍ର ସୂଚନା ଦେଇଛନ୍ତି।



ଓଡ଼ିଶା ସିଭିଲ ସର୍ଭିସ କ୍ରିକେଟ ଦଳ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ